# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ମାର୍ଚ୍ଚ ୧୩/୨୦୧୯ (୧୬ ପୃଷ୍ଠା ) Sambalpur, Wednesday, March 13 / 2019 ★★

୧୫୩ ଭାଗ ୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





ଧରିତ୍ରୀ
DHARITRI
ବୁଧବାର, ୧୩ ମାର୍ଚ୍ଚ, ୨୦୧୯



କେନ୍ଦ୍ର ସରକାର କଶ୍ମୀର ପ୍ରସଙ୍ଗର ସମାଧାନ ଚାହୁଁଥିଲେ ଲୋକଙ୍କୁ ବିଚ୍ଛିନ୍ନତାବାଦୀଙ୍କଠାରୁ ଅଲଗା କରନ୍ତୁ।

-ସୀତାରାମ ୟେଚୁରୀ,
ସିପିଆଇଏମ୍ ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ପୁଅ ବରୁଣଙ୍କୁ ପିଲ୍‌ଭିଟ୍ ଆସନ ଛାଡିବେ ମାନେକା



**ନୂଆଦିଲ୍ଲୀ,୧୨।୩ :** ଆସନ୍ତା ଲୋକ ସଭା ନିର୍ବାଚନରେ ଭାଜପା ନେତା ବରୁଣ ଗାନ୍ଧୀ ପିଲିଭିଟ୍ ଆସନରୁ ଲଢ଼ିବେ ବୋଲି ଜଣଯାଇଛି। କେନ୍ଦ୍ର ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ଏହା ନିର୍ବାଚନୀ କ୍ଷେତ୍ର ହୋଇଥିବାବେଳେ ସମ୍ପ୍ରତି ଉତ୍ତରପ୍ରଦେଶର ରାଜନୈତିକ ପାଣିପାଗକୁ ଦୃଷ୍ଟିରେ ରଖି ସେ ତାଙ୍କ ପୁଅ ବରୁଣଙ୍କୁ ଏହି ଆସନ ଛାଡ଼ିବାକୁ ମାନସିକସ୍ତରରେ ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ସୁଲତାନପୁର ନିର୍ବାଚନ ମଣ୍ଡଳୀରୁ ବରୁଣ ପ୍ରାର୍ଥୀ ହୋଇଆସୁଥିବାବେଳେ ଏଥର ଏସ୍‌ପି-ବିଏସ୍‌ପି ମେଣ୍ଟ ଏବଂ କଂଗ୍ରେସର ଦମ୍‌ଦାର ନିର୍ବାଚନୀ ପ୍ରସ୍ତୁତି ତାଙ୍କ ପାଇଁ ଯେ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ମାନେକା ଅନୁଭବ କରିଛନ୍ତି। ଅମେଠିରୁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଲଢ଼ିବେ ବୋଲି ଘୋଷଣା କରିଥିବାବେଳେ ସୁଲତାନପୁରରେ ସେ ଜଣେ ଦକ୍ଷ ନେତାଙ୍କୁ ଛିଡ଼ା କରିବେ। ତେଣୁ ବରୁଣଙ୍କ ପରାଜୟକୁ ଭୟ କରି ମାନେକା ପିଲ୍‌ଭିଟ୍ ଆସନ ତାଙ୍କୁ ଛାଡ଼ିବାକୁ ନିଷ୍ପତ୍ତି କରିଥିବା କୁହାଯାଉଛି। ଏପରି ସ୍ଥଳେ ମାନେକା ହରିୟାଣାର କର୍ଣ୍ଣାଲ୍‌ରୁ ଛିଡ଼ା ହେବେ ବୋଲି ଚର୍ଚ୍ଚା ହେଉଛି।

### ଜେଇଏମ୍ ମୁଖ୍ୟଙ୍କୁ କ୍ଲିନ୍ ଚିଟ୍ ଦେଇଥିଲେ ଡୋଭାଲ୍

**ନୂଆଦିଲ୍ଲୀ,୧୨।୩:** ଏକ ନିର୍ବାଚନ ରାଲିରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଜୈଶ୍-ଇ-ମହମ୍ମଦ ମୁଖ୍ୟଙ୍କୁ 'ମାସୁଦ୍ ଆଝାର ଜୀ' ସମ୍ବୋଧନ କରିବା ପରେ ଏହାକୁ ନେଇ ଏବେ ହଇଚଇ ସୃଷ୍ଟି ହୋଇଛି। ଭାଜପା ନେତୃବୃନ୍ଦ ରାହୁଲଙ୍କ ଏଭଳି ମନ୍ତବ୍ୟକୁ କଡ଼ା ସମାଲୋଚନା କରିଥିବାବେଳେ ଜୈଶ୍ ମୁଖ୍ୟ ଆଝାରଙ୍କୁ ଭାଜପା ନେତୃତ୍ୱାଧୀନ ସରକାର ଜେଲ୍‌ରୁ ମୁକ୍ତ କରିଥିବା କଂଗ୍ରେସ ପକ୍ଷରୁ ଜବାବ୍ ଦିଆଯାଇଛି। ଏପରି କି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଭାଜପା ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ବିରୋଧ କରିଥିବାବେଳେ ୧୯୯୯ ଆଇସି-୮୧୪ ବିମାନ ଅପହରଣ ଘଟଣା ପରେ ଆଝାରଙ୍କୁ ଏକ ସ୍ୱତନ୍ତ୍ର ବିମାନରେ କାନ୍ଦାହାର ନେଇ ଛାଡ଼ିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆଝାରଙ୍କ ସମେତ ତାଙ୍କର ୨ ସହଯୋଗୀଙ୍କୁ ମୁକ୍ତି ନେଇ ଯେଉଁ ବିମାନ ଅପହରଣ ଷଡ଼ଯନ୍ତ୍ର ରଚାଯାଇଥିଲା ତାହାକୁ ତତ୍କାଳୀନ ଭାଜପା ସରକାର ଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହୋଇଥିବା ଡୋଭାଲ୍ ୨୦୧୦ରେ ଏକ ସାକ୍ଷାତ୍‌କାରରେ ସ୍ୱୀକାର କରିଥିବା କଂଗ୍ରେସ କହିଛି।

### ସରକାରୀ ୱେବ୍‌ସାଇଟ୍‌ରୁ ହଟିଲା ପ୍ରଧାନମନ୍ତ୍ରୀଙ୍କ ଫଟୋ

**ନୂଆଦିଲ୍ଲୀ,୧୨।୩ :** ନିର୍ବାଚନୀ କାର୍ଯ୍ୟସୂଚୀ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ସରକାରୀ ୱେବ୍‌ସାଇଟ୍‌ରେ କଟକଣା ଜାରି ହୋଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ୱେବ୍‌ସାଇଟ୍‌ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ମନ୍ତ୍ରୀମାନଙ୍କ ଫଟୋ ହଟାଯାଇଛି। ଏପ୍ରିଲ୍ ୧୧ ତାରିଖରୁ ଲୋକ ସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ କେତେକ ମନ୍ତ୍ରୀ ଏହି ଆଚରଣ ବିଧିକୁ ପାଳନ କରି ନ ଥିବା ମଧ ଜଣାଯାଇଛି। ନିର୍ବାଚନ କମିଶନ ନିର୍ବାଚନୀ ତାରିଖ ଘୋଷଣା କରିବା ପରେ କ୍ୟାବିନେଟ୍ ସଚିବ ଏବଂ ରାଜ୍ୟର ମୁଖ୍ୟ ସଚିବ ଏବଂ ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି)କୁ ସରକାରୀ ୱେବ୍‌ସାଇଟ୍‌ରୁ ମନ୍ତ୍ରୀ, ବିଧାୟକଙ୍କ ଫଟୋ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ।




### ଇତିହାସର ଆଇନାରେ
### ମାର୍ଚ୍ଚ ୧୩ର ପ୍ରମୁଖ ଘଟଣା

୧୯୯୭ ମାର୍ଚ୍ଚ ୧୩ରେ ଇଣ୍ଡିଆନ୍ ମିଶ୍‌ନାରିଜ୍ ଅଫ୍ ଚାରିଟି ମଦର ଟେରେସାଙ୍କ ଉତ୍ତରାଧିକାରୀ ଭାବେ ସିଷ୍ଟର ନିର୍ମଳାଙ୍କୁ ଚୟନ କରିଥିଲା। ଉକ୍ତ ଚାରିଟି ହେଉଛି ରୋମାନ କ୍ୟାଥଲିକ୍‌ର ଏକ ଧର୍ମୀୟ ସଂଗଠନ

୨୦୧୬ ମାର୍ଚ୍ଚ ୧୩ରେ ତୁର୍କୀର କେନ୍ଦ୍ରୀୟ ଆଙ୍କାରାରେ ବିସ୍ଫୋରଣ ଯୋଗୁ ୩୭ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨୭ ଆହତ ହୋଇଥିଲେ।

# ବିରୋଧୀ ମହାମେଣ୍ଟକୁ ଝଟକା

- କଂଗ୍ରେସ ସହ କୌଣସି ରାଜ୍ୟରେ ମେଣ୍ଟ କରିବନି ବିଏସ୍‌ପି: ମାୟାବତୀ
- ବିହାରରେ ସହଯୋଗୀଙ୍କ ଉପରେ ନିର୍ଭରଶୀଳ ନୋହୁଁ: କଂଗ୍ରେସ
- କଂଗ୍ରେସର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଲା ଆର୍‌ଜେଡି

**ନୂଆଦିଲ୍ଲୀ/ଲକ୍ଷ୍ନୌ/ପାଟନା,୧୨।୩**

ଏପ୍ରିଲ ୧୧ରେ ଆରମ୍ଭ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ମହାମେଣ୍ଟକୁ ଲାଗିଛି ଶକ୍ତ ଝଟକା। ବହୁଜନ ସମାଜ ପାର୍ଟି (ବିଏସ୍‌ପି) କୌଣସି ରାଜ୍ୟରେ କଂଗ୍ରେସ ସହିତ ମେଣ୍ଟ କରିବ ନାହିଁ ବୋଲି ମଙ୍ଗଳବାର ଘୋଷଣା କରିଛି। ସେପଟେ ବିହାରରେ ସହଯୋଗୀଙ୍କ ଉପରେ ନିର୍ଭରଶୀଳ ନୁହେଁ ବୋଲି କଂଗ୍ରେସ କହିଛି। ସେହିପରି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମଧ କଂଗ୍ରେସ ସହ ମେଣ୍ଟ କରିବାକୁ ସ୍ପଷ୍ଟ ମନା କରିଦେଇଛି। ଫଳରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ଚାଲିଥିବା ମହାମେଣ୍ଟର ଭବିଷ୍ୟତକୁ ନେଇ ଉଠିଛି ପ୍ରଶ୍ନବାଚୀ।

ନୂଆଦିଲ୍ଲୀରେ ବିଭିନ୍ନ ରାଜ୍ୟର ବିଏସ୍‌ପି ନେତାଙ୍କୁ ସମ୍ବୋଧିତ କରି ଦଳର ସୁପ୍ରିମୋ ମାୟାବତୀ କହିଛନ୍ତି, କଂଗ୍ରେସ ସହିତ ତାଙ୍କ ଦଳ କୌଣସି ରାଜ୍ୟରେ ମେଣ୍ଟ କରିବନାହିଁ।


ମାୟାବତୀ

ଉତ୍ତରପ୍ରଦେଶ(ୟୁପି)ରେ ସମାଜବାଦୀ ପାର୍ଟି (ଏସ୍‌ପି) ସହ ପ୍ରାକ୍ ନିର୍ବାଚନୀ ମେଣ୍ଟ 'ପାରସ୍ପରିକ ସମ୍ମାନ' ଉପରେ ପର୍ଯ୍ୟବସିତ। ଦୁଇ ଦଳର ଉଦ୍ଦେଶ୍ୟ ଭଲ ଥିବାରୁ ୟୁପିରେ ଭାଜପାକୁ ହରାଇବା ପାଇଁ ଏସ୍‌ପି–ବିଏସ୍‌ପି ମେଣ୍ଟ ପର୍ଯ୍ୟାପ୍ତ। ବିଏସ୍‌ପି ସହିତ ଅନେକ ଦଳ ମେଣ୍ଟ କରିବାକୁ ଆଗ୍ରହୀ। କିନ୍ତୁ ବିଏସ୍‌ପି ଆନ୍ଦୋଳନକୁ କ୍ଷତି ପହଞ୍ଚାଇ ରାଜନୈତିକ ଫାଇଦା ସେ ଚାହୁଁନାହାନ୍ତି। ଅହମଦାବାଦରେ ସିଡବ୍ଲ୍ୟୁସି ବୈଠକ ଚାଲିଥିବାବେଳେ ମାୟାବତୀଙ୍କ ଏହି ଘୋଷଣା କଂଗ୍ରେସ ନେତୃତ୍ୱଙ୍କୁ ଅଡୁଆରେ ପକାଇଛି। ପ୍ରକାଶ ଯେ, ୟୁପିର ୮୦ ଆସନ ମଧ୍ୟରୁ ଏସ୍‌ପି ୩୭, ବିଏସ୍‌ପି ୩୮ଟିରେ ଲଢ଼ିବା ପାଇଁ ସ୍ଥିର ହୋଇଛି। ସେହିପରି ମେଣ୍ଟ ଅଜିତ୍ ସିଂଙ୍କ ରାଷ୍ଟ୍ରୀୟ ଲୋକ ଦଳକୁ ୩ ଆସନ ଦେଇଛି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଅମେଠି ଏବଂ ଉପା ଅଧକ୍ଷା ସୋନିଆ ଗାନ୍ଧୀଙ୍କ ରାଏବରେଲି ଆସନରେ ପ୍ରାର୍ଥୀ ଦିଆଯିବ ନାହିଁ ବୋଲି ମେଣ୍ଟ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଛି।

ଇତିମଧ୍ୟରେ ବିହାରର ମହାମେଣ୍ଟରେ ମତଭେଦ ସୃଷ୍ଟି ହୋଇଛି। କଂଗ୍ରେସ ବିଧାୟକ ଦଳ ନେତା ସଦାନନ୍ଦ ସିଂ କହିଛନ୍ତି, ତାଙ୍କ ଦଳ ରାଜ୍ୟରେ ଅନ୍ୟ ସହଯୋଗୀଙ୍କ ଉପରେ ନିର୍ଭରଶୀଳ ନୁହେଁ। ଆସନ ବୁଝାମଣା ନ ହେଲେ ମଧ କଂଗ୍ରେସର କିଛି ଅସୁବିଧା ହେବ ନାହିଁ। ଏହାକୁ ନେଇ ଭାଜପାକୁ ହରାଇବା ସକାଶେ କଂଗ୍ରେସର ପ୍ରତିଶ୍ରୁତିବଦ୍ଧତା ଉପରେ ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପ୍ରଶ୍ନ ଉଠାଇଛି । ଆର୍‌ଜେଡି ରାଷ୍ଟ୍ରୀୟ ଉପାଧକ୍ଷ ଶିବାନନ୍ଦ ତିୱାରୀ କହିଛନ୍ତି, କଂଗ୍ରେସ କାହା ବିରୋଧରେ ଲଢ଼େଇ କରୁଛି ତାହା ମନେରଖିବା ଉଚିତ। କଂଗ୍ରେସ ଭାଜପାକୁ ହରାଇବାକୁ ଚାହୁଁଛି ନା ଗୈରିକ ଦଳକୁ କ୍ଷମତାଚ୍ୟୁତ କରିବାକୁ ଉଦ୍ୟମ କରୁଥିବା ଦଳଗୁଡ଼ିକ ବିରୋଧରେ ଲଢ଼େଇ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଏଏପି ସହ ମେଣ୍ଟକୁ କଂଗ୍ରେସର ନା



**ଚଣ୍ଡିଗଡ଼,୧୨।୩**

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସହ ମେଣ୍ଟ କରିବାକୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ କଂଗ୍ରେସ ମନା କରିଦେଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି, ସାଧାରଣ ନିର୍ବାଚନରେ ଏଏପି ସହ କଂଗ୍ରେସ ମେଣ୍ଟ କରିବ ନାହିଁ। ପଞ୍ଜାବରେ କଂଗ୍ରେସ କୌଣସି ଦଳର ସହଯୋଗ ଚାହୁଁନାହିଁ କି କାହା ସହିତ ମେଣ୍ଟ ପାଇଁ ଆଲୋଚନା ମଧ କରୁନାହିଁ।




ନୂଆଦିଲ୍ଲୀରେ ଖବରଦାତା ସମ୍ମିଳନୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଏଏପି ନେତା ଗୋପାଳ ରାଏ।

## ବହିଷ୍କୃତ ଟିଏମ୍‌ସି ଏମ୍‌ପି, ୨ ବିଧାୟକ ଭାଜପାରେ ମିଶିଲେ



**ନୂଆଦିଲ୍ଲୀ,୧୨।୩**

ବହିଷ୍କୃତ ଟିଏମ୍‌ସି ଏମ୍‌ପି ଅନୁପମ ହାଜରାଙ୍କ ସମେତ ପଶ୍ଚିମବଙ୍ଗର ୨ ବିଧାୟକ ମଙ୍ଗଳବାର ଭାଜପାରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ଦଳର ପଶ୍ଚିମବଙ୍ଗ ପ୍ରଭାରୀ କୈଳାଶ ବିଜୟବର୍ଗିୟା ଏବଂ ବରିଷ୍ଠ ନେତା ମୁକୁଲ ରୟଙ୍କ ଉପସ୍ଥିତିରେ ହାଜରା, କଂଗ୍ରେସର ବଗଡ଼ା ବିଧାୟକ ଦୁଲାଲ ଚନ୍ଦ୍ର ବାର ଏବଂ ହବିବ୍‌ପୁରର ସିପିଏମ୍ ବିଧାୟକ ଖଗେନ ମୁର୍ମୁ ଦଳରେ ସାମିଲ୍ ହୋଇଛନ୍ତି। ୨୦୧୪ରେ ବୋଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ି ଜିତିଥିବା ହାଜରାଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପ ନେଇ ଜାନୁଆରୀ ୯ରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ଟିଏମ୍‌ସିରୁ ତାଙ୍କୁ ବହିଷ୍କାର କରାଯାଇଥିଲା। ଏହି ୩ ନେତାଙ୍କ ସମେତ ପଶ୍ଚିମ ବଙ୍ଗ ସଂଖ୍ୟାଲଘୁ ସମ୍ପ୍ରଦାୟର ଅନେକ ସଦସ୍ୟ ଭାଜପାରେ ମିଶିଥିବା ଜଣାଯାଇଛି।


ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଟିଏମ୍‌ସି ପ୍ରାର୍ଥୀ ତାଲିକା ଦେଖାଉଛନ୍ତି।

## ଇସିଙ୍କ କଥା ଶୁଣୁନି କେନ୍ଦ୍ର

**ନିର୍ବାଚନୀ ପାଣ୍ଠି**

- ୩ ଆଇନରେ ସଂଶୋଧନ ରାଜନୈତିକ ଚାନ୍ଦାର ସ୍ୱଚ୍ଛତାକୁ ପ୍ରଭାବିତ କରିବ
- ୨୦୧୭ରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ନିର୍ବାଚନ କମିଶନ
- ଚିଠି ପାଇଥିବା ସ୍ୱୀକାର କରିଥିଲା ଆଇନ ମନ୍ତ୍ରଣାଳୟ
- ହେଲେ ଅଣଦେଖା କରିଥିଲା ଅର୍ଥ ମନ୍ତ୍ରଣାଳୟ



**ନୂଆଦିଲ୍ଲୀ,୧୨।୩**

ରାଜନୈତିକ ଦଳଗୁଡ଼ିକ ପାଇଁ ପାଣ୍ଠି ଯୋଗାଡ଼ ଲାଗି ଉଦ୍ଦିଷ୍ଟ ଇଲେକ୍ଟୋରାଲ ବଣ୍ଡକୁ ନେଇ ନିର୍ବାଚନ କମିଶନ (ଇସି) ୨୦୧୭ରେ ଏକାଧିକ ପ୍ରସଙ୍ଗ ଉଠାଇଥିଲେ। ଇସି ଏ ସମ୍ପର୍କରେ ଅସନ୍ତୋଷ ବ୍ୟକ୍ତ କରି ଆଇନ ମନ୍ତ୍ରଣାଳୟକୁ ପତ୍ର ଲେଖିଥିଲେ। କିନ୍ତୁ ୨ ବର୍ଷ ହେଲା କେନ୍ଦ୍ର ସରକାର ଏହା ଉପରେ କର୍ଣ୍ଣପାତ କରୁନାହାନ୍ତି। ନିର୍ବାଚନୀ ସ୍ୱଚ୍ଛତା ଓ ସଂସ୍କାର ଲାଗି ଉଦ୍ୟମ ଚଳାଇଥିବା ଜଣେ କର୍ମୀ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଇସିଙ୍କ ପତ୍ର ସମ୍ପର୍କରେ ମନେପକାଇଦେଇଛନ୍ତି।

ସୂଚନା ଅଧିକାର (ଆର୍‌ଟିଆଇ) କର୍ମୀ କୋମୋଡୋର ଲୋକେଶ କେ. ବାତ୍ରା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରାଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ନିର୍ବାଚନୀ ପାଣ୍ଠି ଏବଂ ଅର୍ଥ ଆଇନ, ୨୦୧୭ରେ ସଂଶୋଧନ ପାଇଁ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଇସି ପ୍ରଶ୍ନ ଉଠାଇଥିଲେ। ଏହାସହ ସଂଶୋଧନଗୁଡ଼ିକ ରାଜନୈତିକ ଚାନ୍ଦାରେ ସ୍ୱଚ୍ଛତା ପାଇଁ ଚାଲିଥିବା ଉଦ୍ୟମକୁ ଝଟକା ବୋଲି ଇସି କହିଥିଲେ। ୨୦୧୭ ବଜେଟରେ ରାଜନୈତିକ ଦଳଗୁଡ଼ିକର ପାଣ୍ଠି ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଲାଗି ନରେନ୍ଦ୍ର ମୋଦି ସରକାରଙ୍କ ପ୍ରସ୍ତାବିତ ୪ ସୂତ୍ରୀ କାର୍ଯ୍ୟସୂଚୀ ଉପରେ ପ୍ରତିକ୍ରିୟା ରଖି ଇସି କହିଥିଲେ, ଆୟକର ଆଇନ, ଲୋକ ପ୍ରତିନିଧି ଆଇନ, ୧୯୫୧ ଏବଂ କମ୍ପାନୀ ଆଇନ, ୨୦୧୩ରେ କେତେକ ନିର୍ଦ୍ଦିଷ୍ଟ ସଂଶୋଧନ କରାଯିବା ଦ୍ୱାରା ଦଳଗୁଡ଼ିକ ପାଇଁ ରାଜନୈତିକ ଚାନ୍ଦାର ସ୍ୱଚ୍ଛତା ଉପରେ ଗଭୀର ପ୍ରଭାବ ପକାଇବ। ଏହି ୩ ଆଇନରେ ସଂଶୋଧନ ଅଣାଯିବା ଦ୍ୱାରା ଦଳଗୁଡ଼ିକର ଚାନ୍ଦାରେ ସ୍ୱଚ୍ଛତା ରହି ନ ପାରେ ବୋଲି ମଧ ଇସି ଏଥିରେ ଟିପ୍ପଣୀ ଦେଇଥିଲେ। ପ୍ରସ୍ତାବିତ ସଂଶୋଧନ ପରେ କେବଳ ରାଜନୈତିକ ଚାନ୍ଦା ଦେବା ପାଇଁ ଭୂତ କମ୍ପାନୀଗୁଡ଼ିକ ଗଢ଼ିବା ଉଠିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କମ୍ପାନୀଗୁଡ଼ିକୁ ନିଜ ଲାଭ ଓ କ୍ଷତି ଷ୍ଟେଟ୍‌ମେଣ୍ଟରେ ରାଜନୈତିକ ଚାନ୍ଦାକୁ ସାର୍ବଜନୀନ ନ କରିବା ପାଇଁ ଅନୁମତି ଦେବାର ତାତ୍ପର୍ଯ୍ୟ ସ୍ୱଚ୍ଛତା ସହ ସାଲିସ କରିବା ବୋଲି ଇସି ସେତେବେଳେ କେନ୍ଦ୍ରକୁ ସଚେତନ କରାଇଥିଲେ। ଇସିଙ୍କ ଅସନ୍ତୋଷକୁ ଯଥାର୍ଥ ବୋଲି ଆଇନ ମନ୍ତ୍ରଣାଳୟ ମାନିଥିବା ସତ୍ତ୍ୱେ ଅର୍ଥ ମନ୍ତ୍ରଣାଳୟ ଏହାକୁ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି ବାତ୍ରା କହିଛନ୍ତି।

## ଫୁର୍‌ସତ


### ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁକୁ ପୂରିଲା ୩୦ ବର୍ଷ





**ନୂଆଦିଲ୍ଲୀ/ୱାଶିଂଟନ:** ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ(ୱାର୍ଲ୍ଡ ୱାଇଡ୍ ୱେବ୍)କୁ ମଙ୍ଗଳବାର ୩୦ ବର୍ଷ ପୂରଣ ହୋଇଛି। ୧୯୮୯ ମାର୍ଚ୍ଚ ୧୨ରେ ଏହା ସ୍ଥାପିତ ହୋଇଥିଲା। ଏନେଇ ଗୁଗୁଲ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଡୁଡଲ୍ ପ୍ରସ୍ତୁତ କରାଯାଇଛି। ଏଭଳି ୱେବସାଇଟ୍ ସହିତ ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍ ମିଳିତ ଭାବେ କାର୍ଯ୍ୟ କରି ବେଶ୍ ସଫଳତା ହାସଲ କରିପାରିଛି। ଇଣ୍ଟରନେଟ୍ ଅନେକ ପୂର୍ବରୁ ଆସିଥିଲେ ମଧ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଆସିବା ପରେ ଏହାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଥିଲା। ଏହାକୁ ଇଂଲଣ୍ଡ ବାସିନ୍ଦା ଟିମ୍ ବର୍ନର ପ୍ରସ୍ତୁତ କରିଥିଲେ।

### ହକିଙ୍ଗ୍‌ଙ୍କ ସ୍ମୃତିରେ 'ବ୍ଲାକ୍ ହୋଲ୍' କଏନ୍ ଜାରି

**ଲଣ୍ଡନ:** ବ୍ରିଟେନ୍‌ର ରୟାଲ୍ ମିଣ୍ଟ୍ ବିଶିଷ୍ଟ ପଦାର୍ଥବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗ୍‌ଙ୍କ ସ୍ମୃତିରେ ଏକ ନୂତନ 'ବ୍ଲାକ୍ ହୋଲ୍' କଏନ୍ ଜାରି କରିଛି। ବିଶ୍ୱ ପ୍ରସିଦ୍ଧ ତାତ୍ତ୍ୱିକ ପଦାର୍ଥବିଜ୍ଞାନୀଙ୍କ ମଧ୍ୟରୁ ଅନ୍ୟତମ ହକିଙ୍ଗ୍ ୭୬ବର୍ଷ ବୟସରେ ୨୦୧୮ ମାର୍ଚ୍ଚ ୧୪ରେ ପରଲୋକ ଗମନ କରିଥିଲେ। ବିଶ୍ୱର ବିଶିଷ୍ଟ ବୈଜ୍ଞାନିକ ଆଇଜାକ୍ ନିଉଟନ୍ ଓ ଚାର୍ଲସ ଡାରୱିନ୍‌ଙ୍କ ସହିତ ତାଙ୍କୁ ତୁଳନା କରାଯାଇପାରେ। ତାଙ୍କର ଅନ୍ୟତମ ମହାନ୍ ଆବିଷ୍କାର ହେଉଛି ବ୍ଲାକ୍ ହୋଲ୍ ବା କୃଷ୍ଣ ଗର୍ତ୍ତ। ଆଇନଷ୍ଟାଇନ୍‌ଙ୍କ ସାଧାରଣ ଆପେକ୍ଷିକ ତତ୍ତ୍ୱ ଏବଂ କ୍ୱାଣ୍ଟମ୍ ମେକାନିକ୍ସର ପ୍ରୟୋଗାତ୍ମକ ମିଶ୍ରଣରୁ ବ୍ଲାକ୍ ହୋଲ୍ ରହସ୍ୟ ଉନ୍ମୋଚନ ହୋଇଛି। ଏହା ସମ୍ପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ ନୁହେଁ। ବରଂ ଏଥିରୁ ବିକିରଣ ସୃଷ୍ଟିହୁଏ। ଅର୍ଥାତ୍ ଏହା ବାଷ୍ପୀଭୂତ ହୋଇ ଅବଶେଷରେ ବିଲୀନ ହୋଇଯାଏ ବୋଲି ହକିଙ୍ଗ୍ ପ୍ରମାଣିତ କରିଛନ୍ତି। ଉଭୟ ସୁନା ଓ ରୁପାରେ ପ୍ରସ୍ତୁତ ଏହି ମୁଦ୍ରାଗୁଡ଼ିକର ମୂଲ୍ୟ ୫୫ରୁ ୭୯୫ ପାଉଣ୍ଡ ମଧ୍ୟରେ ରଖାଯାଇଛି। ଷ୍ଟିଫେନ୍ ହକିଙ୍ଗ୍ ବିଜ୍ଞାନର ଜଣେ ମହାନ୍ ରାଷ୍ଟ୍ରଦୂତ ଥିଲେ ବୋଲି ରୟାଲ ମିଣ୍ଟର ଉପଭୋକ୍ତା ନିର୍ଦ୍ଦେଶକ ନିକୋଲା ହାୱେଲ୍ ପ୍ରକାଶ କରିଛନ୍ତି ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୩.୦ |
| ଚାନ୍ଦବାଲି | ୩୫.୮ | ୨୪.୩ |
| କଟକ | ୩୬.୮ | ୨୨.୮ |
| ପାରାଦ୍ୱୀପ | ୩୦.୬ | ୨୫.୪ |
| ଭୁବନେଶ୍ୱର | ୩୭.୦ | ୨୩.୬ |
| ଗୋପାଳପୁର | ୩୧.୪ | ୨୪.୭ |
| ପୁରୀ | ୩୨.୬ | ୨୫.୮ |
| ଅନୁଗୋଳ | ୩୭.୭ | ୨୧.୦ |
| ବାରିପଦା | ୩୩.୦ | ୨୩.୦ |
| ଝାରସୁଗୁଡ଼ା | ୩୬.୪ | ୨୧.୦ |
| କେନ୍ଦୁଝର | ୩୪.୬ | ୨୦.୮ |
| ସମ୍ବଲପୁର | ୩୬.୬ | ୨୧.୯ |
| ସୁନ୍ଦରଗଡ଼ | ୩୬.୦ | ୧୫.୫ |
| ହୀରାକୁଦ | ୩୫.୬ | ୨୧.୮ |
| ତାଳଚେର | ୩୯.୨ | ୨୧.୩ |
| ଭବାନୀପାଟଣା | ୩୭.୫ | ୨୪.୭ |
| ବଲାଙ୍ଗୀର | ୩୬.୫ | ୨୧.୫ |
| କୋରାପୁଟ | ୩୪.୪ | ୧୬.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୭.୫ | ୨୨.୨ |
| ମାଲକାନଗିରି | ୩୮.୦ | ୨୦.୨ |
| ସୋନପୁର | ୩୫.୦ | ୧୯.୮ |
| ଦାରିଙ୍ଗିବାଡ଼ି | ୩୪.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## 'ବାଣ ତୁଳନାରେ ଯାନବାହନ ଅଧିକ ପ୍ରଦୂଷଣ ସୃଷ୍ଟିକାରୀ'

**ନୂଆଦିଲ୍ଲୀ:** ପରିବେଶରେ ମୋଟରଯାନଗୁଡିକ ଅଧିକ ପ୍ରଦୂଷଣ ସୃଷ୍ଟି କରୁଥିବାବେଳେ ବାଣ ପ୍ରସ୍ତୁତକାରୀ ଶିଳ୍ପ ପଛରେ ଲୋକେ କାହିଁକି ପଡିଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଆତସବାଜି ଏବଂ ଅଟୋମୋବାଇଲ ଦ୍ୱାରା ଆନୁପାତିକ ପ୍ରଦୂଷଣ ମାତ୍ରା ଉପରେ ଏକ ତୁଳନାତ୍ମକ ଅଧ୍ୟୟନ କରିବା ପାଇଁ ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ବାଣ ତିଆରି ଶିଳ୍ପ ବନ୍ଦ କରିଦେଲେ ଲୋକମାନେ ଜୀବିକା ହରାଇବେ। ଦେଶରେ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏହା କୋର୍ଟ ଚାହାନ୍ତି ନାହିଁ। ବାଣ କାରଖାନା ଏବଂ ଯାନବାହନ ଦ୍ୱାରା ପୃଥକ୍ ଭାବେ କେତେ ମାତ୍ରାରେ ବାୟୁ ପ୍ରଦୂଷଣ ହେଉଛି ତାହାର ଏକ ତୁଳନାତ୍ମକ ଅଧ୍ୟୟନ କରାଯାଇଛି କି ବୋଲି ସୁପ୍ରିମକୋର୍ଟର ବିଚାରପତି ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଦାଲତରେ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ୍ ଏ.ଏନ୍.ଏସ୍ ନାଦକର୍ଣ୍ଣିଙ୍କୁ ଖଣ୍ଡପୀଠ କହିଲେ, ଆପଣମାନେ ବାଣ କାରଖାନା ପଛରେ ପଡିଛନ୍ତି। କିନ୍ତୁ ଯାନବାହନ ଦ୍ୱାରା ଅଧିକ ପ୍ରଦୂଷଣ ହେଉଥିବା ଜଣାପଡୁଛି। ଦେଶରେ ବାଣ କାରଖାନାଗୁଡିକ ଅଧିକ ପ୍ରଦୂଷଣ ସୃଷ୍ଟି କରୁଥିବା ଦର୍ଶାଇ ଏଗୁଡିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଏକ ଆବେଦନ କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ମତ ଦେଇଛନ୍ତି।



# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ମାର୍ଚ୍ଚ ୧୩/୨୦୧୯ | Sambalpur, Wednesday, March 13 / 2019 | ପୃଷ୍ଠା-୧




**ବାଷ୍ଟୋସଙ୍କ ଗୋଲରେ ମୁମ୍ବାଇ ବିଜୟୀ**

ରାଫେଲ ବାଷ୍ଟୋସଙ୍କ ଗୋଲ ବଳରେ ମୁମ୍ବାଇ ସିଟି ଇଣ୍ଡିଆନ ସୁପରଲିଗ୍ ସେମିଫାଇନାଲର ଦ୍ୱିତୀୟ ଚରଣ ମ୍ୟାଚରେ ଗୋଆ ଏଫସିକୁ ପରାସ୍ତ କରିଛି।

୧୦

୦୨

**ଶ୍ରୀଦେବୀଙ୍କୁ ଅନୁକରଣ ସହଜ ନୁହେଁ: ମାଧୁରୀ**

ଶ୍ରୀଦେବୀଙ୍କୁ ଅନୁକରଣ କରିବା ସହଜ ନୁହେଁ ବୋଲି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ପ୍ରକାଶ କରିଛନ୍ତି।



## କପି ପାଇଁ ସିସିଟିଭି କ୍ୟାମେରାକୁ ବିରୋଧ

■ **ଗଛ ତଳେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର**

ଦେବଗଡ,୧୨।୩(ସ୍ୱ.ପ୍ର.)

ପଶ୍ଚିମ ଓଡ଼ିଶାର ଅନ୍ୟତମ ପୁରାତନ ଦେବଗଡ ମହାବିଦ୍ୟାଳୟରେ ମଙ୍ଗଳବାର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ହୋଇଥିଲା। ହେଲେ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରାକୁ ବିରୋଧ କରିଥିଲେ କେତେକ ଛାତ୍ରୀଛାତ୍ର। ସେମାନେ ଗଛ ମୂଳେ ଓ ବାରଣ୍ଡାରେ ପରୀକ୍ଷା ଦେଇଥିଲେ। କପି କରିବାକୁ ସୁଯୋଗ ନ ମିଳିବାରୁ ଛାତ୍ରୀଛାତ୍ରମାନେ ଏଭଳି ଅଭିନବ ଉପାୟ ଅବଲମ୍ବନ କରିଥିବା କୁହାଯାଉଛି। ଏହି ଘଟଣା ସହର ସାରା ଚର୍ଚ୍ଚାର ବିଷୟ ହୋଇଛି। ଏହି ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଷୟରେ ୧୨୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୭ ପରୀକ୍ଷା ଦେଉଥିଲେ। କପି ପାଇଁ କୌଣସି ସୁଯୋଗ ନ ପାଇବାରୁ ପରୀକ୍ଷା ଚାଲିବାର ଏକ ଘଣ୍ଟା ପରେ ୪୪ ଛାତ୍ର ଓ ୨୪ ଛାତ୍ରୀ ☞ପୃଷ୍ଠା-୨


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguga Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE 12.03.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 84 | 137 | 147 |
| BLS | 85 | 139 | 149 |
| ANG | 82 | 135 | 145 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


■ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ବର୍ଷିଲେ ସୋନିଆ, ପ୍ରିୟଙ୍କା

# ଜାତୀୟ ନିରାପତ୍ତା ସହ ସାଲିସ କରୁଛନ୍ତି ମୋଦି



■ **ଫାସିବାଦୀ ବିଚାରଧାରାକୁ ପ୍ରତିହତ କରିବା ପାଇଁ ଯୁଦ୍ଧ ଜିତିବାକୁ ହେବ: ରାହୁଲ**

**ବିଫଳତାରୁ ଧ୍ୟାନ ହଟାଇବା ପାଇଁ ମୋଦି ଖେଳୁଛନ୍ତି 'ପୀଡ଼ିତ କାର୍ଡ': ସୋନିଆ**



**"ସାଧାରଣ ନିର୍ବାଚନରେ ନିଜ ଭୋଟକୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତୁ ମତଦାତା: ପ୍ରିୟଙ୍କା**

ଅହମଦାବାଦ,୧୨।୩(ପି.ଟି.)

୨୦୧୪ ସାଧାରଣ ନିର୍ବାଚନରେ ମିଛ ପ୍ରତିଶ୍ରୁତି ଦେଇ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କ୍ଷମତାସୀନ ହୋଇଥିଲା। ଅଧିକାଂଶ ପ୍ରତିଶ୍ରୁତି ଅପୂରଣ ହୋଇ ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୁଲ୍ ନୀତିଗୁଡ଼ିକର ଶିକାର ହୋଇଛନ୍ତି ଦେଶର ସାଧାରଣ ଜନତା। ଏଥିପାଇଁ ପ୍ରଧାନମନ୍ତ୍ରୀ ଜାତୀୟ ସ୍ୱାର୍ଥକୁ ନେଇ ରାଜନୀତି କରିବା ସହ 'ପୀଡ଼ିତ କାର୍ଡ' ଖେଳୁଛନ୍ତି। ସେ ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଜାତୀୟ ନିରାପତ୍ତା ସହ ସାଲିସ କରୁଛନ୍ତି ବୋଲି ମୋଦିଙ୍କ ରାଜ୍ୟ ଗୁଜରାଟରେ ମଙ୍ଗଳବାର କଂଗ୍ରେସ ସମାଲୋଚନା କରିଛି।

ଗୁଜରାଟରେ ୫୮ ବର୍ଷର ବ୍ୟବଧାନରେ ପ୍ରଥମଥର ପାଇଁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅହମଦାବାଦସ୍ଥିତ ସର୍ଦ୍ଦାର ପଟେଲ ଜାତୀୟ ସ୍ମାରକୀରେ ଆୟୋଜିତ ବୈଠକ ଆରମ୍ଭରେ ପୁଲଓ୍ୱାମା ଆକ୍ରମଣର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବରିଷ୍ଠ କଂଗ୍ରେସ ନେତା ତଥା ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ଏହି ଅବସରରେ ସୋନିଆ ପୂର୍ବର ଉପା ସରକାରଙ୍କ ସଫଳତା ସମ୍ପର୍କରେ ଅବତାରଣା କରିବା ସହ ଦେଶକୁ ନୂଆ ପଥ ପ୍ରଦର୍ଶନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ଆର୍‌ଏସ୍‌ଏସ୍ ଏବଂ ଭାଜପାର ଫାସିବାଦୀ, ଘୃଣ୍ୟ, କ୍ରୋଧୀ ଓ ବିଭାଜନବାଦୀ ବିଚାରଧାରାକୁ ପ୍ରତିହତ କରିବା ପାଇଁ ଯେତେ ତ୍ୟାଗ କଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେବ ନାହିଁ। ଏହି ଯୁଦ୍ଧ ଜିତିବାକୁ ହେବ।

ସେହିପରି ଉତ୍ତରପ୍ରଦେଶ (ପଶ୍ଚିମ) ପ୍ରଭାରୀ ଦାୟିତ୍ୱ ଗ୍ରହଣ କରିବାର ପ୍ରାୟ ୨ ମାସ ପରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଥମଥ ପାଇଁ ସିଡବ୍ଲ୍ୟୁସି ବୈଠକରେ ଯୋଗଦେଇଥିଲେ। ଗାନ୍ଧୀନଗରର ନିକଟସ୍ଥ ଅଦଲାଜ୍ ଗ୍ରାମରେ ଖବରଦାତାଙ୍କୁ ପ୍ରିୟଙ୍କା କହିଥିଲେ, ଦେଶରେ ଯାହାସବୁ ଚାଲିଛି ତାକୁ ନେଇ ସେ ମର୍ମାହତ। ନିଯୁକ୍ତି ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି କୁଆଡେ ଗଲା? ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଉଛି। ଯେଉଁଆଡ଼େ ଦେଖିଲେ ଘୃଣା ବିସ୍ତାର କରାଯାଉଥିବା ନଜରକୁ ଆସୁଛି। ଲୋକଙ୍କ ବ୍ୟାଙ୍କ ଖାତାରେ ୧୫ ଲକ୍ଷ ଟଙ୍କା ଲେଖାଏ ଜମା କରିବାକୁ ୨୦୧୪ରେ ଯେଉଁମାନେ ପ୍ରତିଶ୍ରୁତି ଦେଇଥିଲେ ସେହି ଅର୍ଥ ସମ୍ପର୍କରେ ସେମାନଙ୍କୁ ଲୋକେ ପ୍ରଶ୍ନ କରନ୍ତୁ। ଆଗାମୀ ସାଧାରଣ ନିର୍ବାଚନ ଆଉ ଏକ ସ୍ୱାଧୀନତା ସଂଗ୍ରାମ। ଏଥିରେ ମତଦାତା ସତର୍କ ହୋଇ ନିଜ ନିଜ ଭୋଟକୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତୁ। ଏହା ହିଁ ପ୍ରକୃତ ଦେଶଭକ୍ତିର ନିଦର୍ଶନ। କାରଣ ମତଦାତା ଏହି ଅସ୍ତ୍ରରେ କାହାରି କ୍ଷତି ନ କରି ନିଜେ ବଳଶାଳୀ ହୋଇପାରିବେ। ଏଥର ମହିଳାଙ୍କ ସୁରକ୍ଷା, ବେକାରି ଓ କୃଷି ସମସ୍ୟାକୁ ନେଇ ସାଧାରଣ ନିର୍ବାଚନ ଲଢ଼ାଯିବ ବୋଲି ପ୍ରିୟଙ୍କା କହିଥିଲେ। ଏହି ଅବସରରେ ପ୍ରିୟଙ୍କା ଏକାଧିକ ସ୍ଥାନରେ ଦଳୀୟ ☞ପୃଷ୍ଠା-୨



କଂଗ୍ରେସରେ ଯୋଗଦାନ ଅବସରରେ ହାର୍ଦ୍ଦିକ ପଟେଲଙ୍କୁ ରାହୁଲ ଗାନ୍ଧୀ ସ୍ୱାଗତ ଜଣାଉଛନ୍ତି।

## କଂଗ୍ରେସରେ ମିଶିଲେ ହାର୍ଦ୍ଦିକ

ଅହମଦାବାଦ,୧୨।୩

ପଟିଦାର ଆନ୍ଦୋଳନ ନେତା ହାର୍ଦ୍ଦିକ ପଟେଲ ମଙ୍ଗଳବାର କଂଗ୍ରେସରେ ଯୋଗଦେଇଛନ୍ତି। ଅହମଦାବାଦରେ କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲ୍ୟୁସି) ବୈଠକ ଚାଲିଥିବାବେଳେ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଉପସ୍ଥିତିରେ ହାର୍ଦ୍ଦିକ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ଗାନ୍ଧୀନଗରର ଅଦଲାଜରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ୨୫ ବର୍ଷୀୟ ପଟିଦାର ନେତା ହାର୍ଦ୍ଦିକ କହିଛନ୍ତି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଜଣେ ସଚ୍ଚୋଟ ନେତା। ସେ ଜଣେ ଏକଚ୍ଛତ୍ରବାଦୀ ଭଳି କାମ କରନ୍ତି ନାହିଁ। କଂଗ୍ରେସରେ ମିଶିବା ପରେ ସେ ଏହି ନିଷ୍ପତ୍ତିକୁ ଏକ ଉଚିତ ପଦକ୍ଷେପ ଭାବେ ଅଭିହିତ କରି ଗୁଜରାଟର ୬ କୋଟି ଜନସାଧାରଣଙ୍କ ପାଇଁ ଭଲ ଭାବେ କାମ କରିପାରିବେ ବୋଲି କହିଛନ୍ତି।

## ନୂଆ ନିୟମ ପ୍ରାର୍ଥୀଙ୍କୁ ଅଡୁଆ

■ **ସର୍ବଦଳୀୟ ବୈଠକ ଡାକିଲେ ନିର୍ବାଚନ ଅଧିକାରୀ**

■ **ଆପରାଧିକ ପୃଷ୍ଠଭୂମି ଜଣାଇବାକୁ ବାଧ**

■ **୫ବର୍ଷର ଆୟକର ରିଟର୍ନ, ପାନ୍ ନମ୍ବର ବାଧ୍ୟତାମୂଳକ**

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ଆପରାଧିକ ମାମଲା ସାର୍ବଜନୀନ ହେବ। କେଉଁ ପ୍ରାର୍ଥୀ ବିରୋଧରେ କେତେ ମାମଲା ଥାନା କିମ୍ବା କୋର୍ଟରେ ବିଚାରାଧୀନ ରହିଛି ସେସବୁର ତଥ୍ୟ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଗଣମାଧ୍ୟମରେ ପ୍ରକାଶ କରିବାକୁ ପଡ଼ିବ। ପ୍ରାର୍ଥୀମାନେ ନିଜ ଉପରେ ଥିବା ସମସ୍ତ ମାମଲାକୁ ନାମାଙ୍କନପତ୍ର ଦାଖଲ ଆରମ୍ଭରୁ ପ୍ରଚାର ଶେଷ ଯାଏ ୩ଟି ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମରେ ପ୍ରକାଶ କରିବେ। ନିଜ ଖର୍ଚ୍ଚରେ ଏସବୁ ବିଜ୍ଞାପନ ଦେବେ। ଏବାବଦ ସମସ୍ତ ବ୍ୟୟକୁ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତାଲିକାରେ ଯୋଡ଼ାଯିବ। ପ୍ରଥମ ଥର ଲାଗି ଭାରତର ନିର୍ବାଚନ କମିଶନ ଫର୍ମ-୨୬ରେ ଏଭଳି ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ପ୍ରାର୍ଥୀମାନେ ନିଜର ସମସ୍ତ ବିବରଣୀ ପ୍ରାର୍ଥିପତ୍ର ଦାଖଲ କରିବା ବେଳେ ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

**ଆଜି ପ୍ରତିଶ୍ରୁତି, କାଲି ଧୂଆଁ**

**ଆଜିର ମନ୍ତବ୍ୟ**

"କଂଗ୍ରେସର ସଂସ୍କୃତି ଗାନ୍ଧିଜୀଙ୍କ ବିଚାରଧାରାର ପରିପନ୍ଥୀ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ବିଜେଡି ସଫାହେବା ନିଶ୍ଚିତ: ଅରୁଣ



■ **ବିଜୟ, ଦିଲୀପଙ୍କୁ ନେଇ ନୂଆ ଚର୍ଚ୍ଚା**

■ **ସପ୍ତାହେ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା**

■ **ବହୁ ନେତା ବିଜେଡି ଛାଡ଼ି ଭାଜପାରେ ମିଶିବେ**

■ **ମୋଦି ପୁରୀରୁ ପ୍ରାର୍ଥୀ ହେବା କଥା ସ୍ପଷ୍ଟ କଲେନି**

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

ଓଡ଼ିଶାରେ ସରକାର କରିବାକୁ ଯାଉଛି ଭାଜପା। ରାଜ୍ୟବାସୀଙ୍କ ମନରେ ଅଛି ଯେ, ଉଭୟ ରାଜ୍ୟ ଓ କେନ୍ଦ୍ରରେ ମୋଦି ସରକାର ଆସିବା ଦରକାର। ନବୀନ ପଟ୍ଟନାୟକଙ୍କ ସରକାରର ଶେଷ ସମୟ ଆସିଗଲାଣି। ସେମାନଙ୍କ ସବୁ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ଏଥର ହାରିବେ। ୨୦ବର୍ଷ କାଳ ଶାସନ ଭିତରେ ସେମାନଙ୍କ ଉପରେ ଯେଉଁଭଳି ଜନଆକ୍ରୋଶ ବୃଦ୍ଧି ପାଇଛି ତାହା ଜଳଜଳ ଦେଖାଯାଉଛି। ଏଥର ବିଜେଡି ସଫା ହୋଇଯିବା ନିଶ୍ଚିତ ବୋଲି ମଙ୍ଗଳବାର ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ କହିଛନ୍ତି। ଅନ୍ୟପଟେ ଆସନ୍ତା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ସପ୍ତାହେ ମଧ୍ୟରେ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବରିଷ୍ଠ ନେତା ଦାମୋଦର ରାଉତ, ☞ପୃଷ୍ଠା-୨

## କାହା ସହ ମେଣ୍ଟ କରିବ ନାହିଁ ବିଜେଡି



■ **ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଟିକେଟ୍: ନବୀନ**

ଭୁବନେଶ୍ୱର,୧୨।୩(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଏକୁଟିଆ ଲଢ଼ିବ। ବିଧାନସଭା ଓ ଲୋକ ସଭା ଆସନ ପାଇଁ କାହା ସହ ମେଣ୍ଟ କରିବ ନାହିଁ। ସେହିପରି ବିଜୟ ସମ୍ଭାବନା ଥିବା ପ୍ରାର୍ଥୀମାନଙ୍କୁ ହିଁ ଚୟନ କରାଯିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।


ଗତ ୫ ବର୍ଷରେ ବିଭିନ୍ନ କାରଣରୁ ଲୋକପ୍ରିୟତା ହରାଇଥିବା ବିଧାୟକଙ୍କୁ ଟିକେଟ୍ ମିଳିବ ନାହିଁ, ଯାହା ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୨୮ ବିଧାନସଭା ଆସନରୁ ପ୍ରାୟ ୧୨ଟି ଆସନରେ ନୂଆ ମୁହଁ ଦେବାକୁ ବିଜେଡି ଚିନ୍ତା କରୁଛି। ହେଲେ ପ୍ରାର୍ଥୀ ବଦଳିବା ପରେ ଯେପରି ବିଦ୍ରୋହ ଦେଖା ନ ଦିଏ, ସେଥିପ୍ରତି ବିଜେଡି ଦୃଷ୍ଟି ଦେଇଛି। ବିଦ୍ରୋହୀ ପ୍ରାର୍ଥୀ ଯେପରି ଭାଜପାକୁ ନ ଯିବେ, ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ ଲୋକ ସଭା(କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର) ଆସନରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ☞ପୃଷ୍ଠା-୨

■ ଖଣି କମ୍ପାନୀର ଦାମୀ ଗାଡ଼ି

# ବ୍ୟବହାର କରୁଛନ୍ତି ମନ୍ତ୍ରୀ, ବନ ଅଧିକାରୀ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ମନ୍ତ୍ରୀ ଓ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଖଣି କମ୍ପାନୀଗୁଡ଼ିକ ଦ୍ୱାରା ଦିଆଯାଇଥିବା ଦାମୀ ଗାଡ଼ି ବ୍ୟବହାର କରୁଛନ୍ତି। କିନ୍ତୁ ନିୟମ ରହିଛି ଯେ, କେବଳ ବୃକ୍ଷରୋପଣ ଓ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟରେ ଲଗାଇବା ପାଇଁ ବିଭାଗୀୟ ଅଧିକାରୀମାନେ କମ୍ପାନୀଗୁଡ଼ିକଠାରୁ ଗାଡ଼ି ଆଣିପାରିବେ। ଯେଉଁ କମ୍ପାନୀ ପାଇଁ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଉଥିବ, ତା'ର ଭିତ୍ତିଭୂମି ହିସାବରେ ବିଭାଗ ଗାଡ଼ି ମାଗିପାରିବ। କାରଣ, ଭିତ୍ତିଭୂମି ହିସାବରେ କାମ କରିବା ପାଇଁ କମ୍ପ୍ୟୁଟର ଓ ଜଗିବା ପାଇଁ ୱାଚର ଆଦି ମଗାଯାଇଥାଏ। ଏଠାରେ ଉଲ୍ଲେଖଯୋଗ୍ୟ, ଜଙ୍ଗଲ ସଂରକ୍ଷଣ ହେଉ କିମ୍ବା ବନ୍ୟଜନ୍ତୁ ସଂରକ୍ଷଣ, ଏଥିରେ କୌଣସି ଦାମୀ ଗାଡ଼ି ଲାଗିବାର ଆବଶ୍ୟକତା ନାହିଁ। ଯଦିଓ ଏଭଳି ଗାଡ଼ି କମ୍ପାନୀଗୁଡ଼ିକ ଦେଉଛନ୍ତି, ତେବେ ବିଭାଗୀୟ ଅଧିକାରୀମାନେ କିପରି ସେହି ଗାଡ଼ିଗୁଡ଼ିକୁ ନିଜର ଆବଶ୍ୟକତା ପାଇଁ ବ୍ୟବହାର କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଇଣ୍ଡିଆର ସଦସ୍ୟ ଡ. ବିଶ୍ୱଜିତ୍ ମହାନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, କାମ୍ପା ପ୍ରୋଜେକ୍ଟ ଜରିଆରେ ବିଭାଗ ପ୍ରତିବର୍ଷ ୪୦୦କୋଟି ଟଙ୍କା ଖର୍ଚ୍ଚ କରୁଛି। ହେଲେ ସେହି ଟଙ୍କାରେ ବିଭାଗୀୟ ଅଧିକାରୀମାନେ ☞ପୃଷ୍ଠା-୨



Information in reply to RTI application dated 10.12.18 of Sri Biswajit Mohanty
Vehicles provided by the user agency from 16.2.2016 to 12.12.2018
Keonjhar Forest Division

| Vehicle Registration Number | Type and Make of vehicle | Name of user agency who provided the same | Name of the diversion proposal/wildlife management plan against which the vehicle has been obtained | Purpose for which vehicle has been obtained from user agency. | Designation and name of the Officer to whom th vhicle has been allotted. |
|---|---|---|---|---|---|
| OD09H2538 | Bolero-Mahindra & Mahindra | M/s KJS Ahuluwalia | Site Specific Wildlife Conservation Plan of Nuagaon Iron Ore Mines | Protection duty | Forest Protection duty in Keonjhar Forest Division. |
| OD09H2539 | Bolero-Mahindra & Mahindra | | | | |
| OD02AAK4500 | LMV Innova Crystal 2.4-Toyota Kirloskar Motor Ltd | M/s TATA Steal Ltd. | Site Specific Wildlife Conservation Plan of Joda West Manganese Mines | Provision for Vehicle for the DFO. | As per Memo No. 1035 dt.4.2.17 of the Pr.C.C.F (WL) & CWLW, Odisha, Bhubaneswar, the vehicle handed over to Pr.CCF, Wildlife & CWLW vide this office memo No.899 dt.4.2.2017 for official use by the Hon'ble Minister, Forest & Environment Department, Odisha |

Public Information Officer
O/o the Divisional Forest Officer
Keonjhar Division

ଆର୍‌ଟିଆଇ ଜରିଆରେ ମିଳିଥିବା ତଥ୍ୟର ନକଲ।






ଯେଉଁ ଲୋକ ପ୍ରକୃତ ବୁଦ୍ଧିମାନ, ସେମାନେ ଶତ୍ରୁଠାରୁ ମଧ୍ୟ ଶିଖନ୍ତି। - ସୂର୍ଯ୍ୟଦେବ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁଡୁ
ପରିବାରବର୍ଗ


ବିନମ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Wanted bride for candidate 30, 5'7", working as Engineer at Hindustan Power Plant, Madhya Pradesh, Tanti/ Hansi community from Dhenkanal, Angul, Cuttack District. Contact: 9938444527. D-62085

କଂସାରି ପାତ୍ର ୨୮ କମ୍ପାନୀ ଚାକିରି ମାଟ୍ରିକ୍ ଚାକିରି କରିଥିବା ବ୍ୟବସାୟିକ ପାତ୍ରୀ ଆବଶ୍ୟକ। (No-Mediator). 7377316197. D-59926

Bride wanted for Karan IT Engineer in MNC, 31 years, 5'5". Preference-Corporate/ Bank Officer with professional/ Engineering Qualification. Contact: 8249566409, 9437442588. D-58058

Hindu divorcee Teli/ 39 yrs/ 5'6"/ B.Tech/ Rs 20 lakhs per annum seeks beautiful educated bride. Caste no bar. Mob: 9900176521. D-11573

Brahmin boy 1981 B.Tech MBA, Software MNC, Bangalore 24,00,000/-. 9238578590. D-66110

Khandayat boy age about 34yrs, working as Director of public limited company, salary per month 1.5 lakhs, Rasi: Dhanistha Kumbha (23/11) qualification: BSc, MBA, height 5'5" with sound health need a Khandayat girl age about 25-30 years, qualification: Masters or any professional qualification. To Email Id: muktikantabadu85@gmail.com. Mobile: 7681802625. D-65498

Widower groom Engineer 40, Cleark 42. (Caste-no-bar). Contact: 7873374269. D-65500

Wanted fair beautiful highly qualified bride above 29 for BM, Indusind Bank, Nimapara, 35/ 5'8". 9437130189. D-11597

Karan boy 1986, 5'10" B.Tech serving Software Engineer KPMG, Bangalore, "Sunasansar". 9937512659. D-11618

### GROOM WANTED

Beautiful Brahmin girl 1992, B.Tech software Engineer, MNC, Bangalore. 9437555525. D-58061

Beautiful Khandayat girl 1987 graduate requires service holder early marriage. 9439493111. D-66109

## Classified




### SALE

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741. D-11181

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita-9853150290. D-65383

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452. D-65854

Personal gharabari boundary plot near Sunderpada(Panchagaon) 60' road. 1500 sqft. at 600000/-. 9439489633, 7377738490. D-11550

### GENERAL

### SALE

Used Automatic mineral water bottle filling machine for sale. Contact: 9556078355. D-66406




Commercial space 1500 sqft. at Dindayal Bhawan, next to UCO Bank, Master Canteen available. Contact: Hindustan Jewellers, Bapuji Nagar, Bhubaneswar. D-65621

### ACCOMMODATION

Required 1500sqft. godown on rent near Bhubaneswar, Cuttack, Khurdha, Puri. Contact: 7411116589, 9938732257. D-66405

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LOST

ROR patta in original mouza, Bhagatpur, khata-75, Khantapada PS No II, along with other documents lost within Khantapada to Baleswar. If found contact: 9861245000. D-11632

### AFFIDAVIT

I Biswa Ranjan Das son of Rabindra Kumar Das resident of Bhubaneswar declare that Biswa Ranjan Das and Biswaranjan Das is one and the same person vide affidavit sworn before the Notary Public Bhubaneswar on 19 December 2018. D-66403

I Nalini Prava Das wife of Rabindra Kumar Das resident of Bhubaneswar declare that Nalini Prava Das and Nalini Prabha Das is one and the same person vide affidavit before the Notary Public Bhubaneswar on 19 December 2018. D-66404

### Marriage Wish



Santanu Barik
Baijayinti Barik
Unit-8, Bhubaneswar
Wishing you a life time of love and happiness. Wishing you happy married life.
complements from best friends
D-11624

### Marriage Wish



Karttika with Sandhyarani
Best wishes from family, friends & relatives
D-11617

## ଜନ୍ମଦିନ ଶୁଭେଚ୍ଛା



ଭିନମ୍ର ରୌନକ ଦାଶ
କୁବୁଲି ଟାଉନ, ଢେଙ୍କାନାଳ
ତୁମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ। ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ବାପା, ମା, ନନା, ବଡମାମା, ପାପୁ, ମାମା, ଅଜା, ଆଈ ଓ ଆତ୍ମୀୟସ୍ୱଜନ।
ଧ-୬୨୦୮୬


ପ୍ରଥମ ପୃଷ୍ଠାରୁ...

## ବିଜେଡି ସଫା ...

ବ୍ରଜ କିଶୋର ତ୍ରିପାଠୀ ଏବଂ ଖାରବେଳ ସ୍ୱାଇଁଙ୍କ ଭାଜପାରେ ଯୋଗଦାନ ପ୍ରସଙ୍ଗରେ ସେ କହିଛନ୍ତି, ବହୁତ ନେତା ବର୍ତ୍ତମାନ ଭାଜପା ଆସିବାକୁ ଚାହୁଁଛନ୍ତି। ଏନେଇ ସବୁଦିନ ଯୋଗାଯୋଗରେ ମଧ୍ୟ ରହୁଛନ୍ତି। ବିଜେଡି ଓ କଂଗ୍ରେସରେ ନେତାମାନେ ଏପଟସେପଟ ହେବା ଆରମ୍ଭ କରିଦେଲେଣି। ବିଜେଡିରେ ଏକ ପ୍ରକାର କମ୍ପନ ଆରମ୍ଭ ହୋଇଛି। ଆଗକୁ ସବୁ ଭଲ ଖବର ମିଳିବ। ବୈଜୟନ୍ତ ପଣ୍ଡା ଦଳରେ ମିଶିବା ପରେ ଓଡିଶାରେ ଖୁସିର ପରିବେଶ ଦେଖିବାକୁ ମିଳିଛି। ଆଗକୁ ଏହିଭଳି ଖୁସି ଦେଖିବାକୁ ମିଳିବ। ବହୁ ନେତା ଭାଜପାରେ ମିଶିବେ ବୋଲି ସିଂ କହିଛନ୍ତି। ଏହି ଅବସରରେ ୩ମାସ ତଳେ ଦଳ ଛାଡିଥିବା ଦିଲୀପ ରାୟ ଏବଂ ବିଜୟ ମହାପାତ୍ରଙ୍କ ପ୍ରସଙ୍ଗରେ ପ୍ରଶ୍ନ ପଚରାଯିବାରୁ ଅରୁଣ କହିଛନ୍ତି, ଆମକୁ କେହି ଛାଡ଼ି ଯାଇନାହାନ୍ତି। ସମସ୍ତେ ଆମ ସହିତ ଅଛନ୍ତି। ରାଜ୍ୟ ପ୍ରଭାରୀଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଦୁଇ ବରିଷ୍ଠ ନେତା ବିଜୟ ଏବଂ ଦିଲୀପ ଭାଜପା ଛାଡିବାର ଏତେଦିନ ପରେ ମଧ୍ୟ ଅନ୍ୟ ଦଳରେ ସାମିଲ ହୋଇନାହାନ୍ତି। ଏହି ଦୁଇ ନେତା ବିଜେଡିରେ ମିଶିବା ଖବର ଦୀର୍ଘଦିନ ଧରି ପ୍ରଚାର ହେବା ପରେ ଏବେ ସେଥିରେ ବ୍ରେକ୍ ଲାଗିଛି। ଏଭଳି ସ୍ଥିତିରେ କେହି ଆମକୁ ଛାଡି ଯାଇନାହାନ୍ତି ସମସ୍ତେ ଆମ ସହିତ ଅଛନ୍ତି ବୋଲି ସିଂ କହିବା ଭିନ୍ନ ଦିଗ ଆଡ଼କୁ ଇଙ୍ଗିତ କରିଛି। ଏହି ଦୁଇନେତାଙ୍କୁ ପୁଣିଥରେ ଭାଜପା ଫେରାଇ ଆଣିବା ପାଇଁ ଦଳ ଭିତରେ ପ୍ରୟାସ ଚାଲିଥିବା ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥର ପୁରୀରୁ ପ୍ରାର୍ଥୀ ହେବା ନେଇ ପଚରାଯିବାରୁ ଅରୁଣ କହିଛନ୍ତି, ଏଥର ପ୍ରଧାନମନ୍ତ୍ରୀ ପୁରୀ ଲୋକ ସଭା ଆସନରୁ ଠିଆ ହେବେ ନା ନାହିଁ ସେହି ନିଷ୍ପତ୍ତି ଦଳର ପାର୍ଲାମେଣ୍ଟାରୀ ବୋର୍ଡ ବିଚାର କରିବ। ଏହାସହ ଏନେଇ ଖୋଦ୍ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ ଯେଉଁଠାରୁ ଲଢ଼ିଲେ ମଧ୍ୟ ଓଡିଶା ପ୍ରତି ତାଙ୍କର ସ୍ନେହ, ଆଦର, ଭଲପାଇବା ଏବଂ ସମ୍ମାନ ରହିଛି ବୋଲି ଅରୁଣ କହିଛନ୍ତି।

ଅରୁଣଙ୍କ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ଏମ୍‌ପି କଳିକେଶ ସିଂ ଦେଓ କହିଛନ୍ତି, ସେମାନଙ୍କ ଦଳରେ ପ୍ରାର୍ଥୀ କମ୍ ଅଛନ୍ତି ସେଥିଲାଗି ଅନ୍ୟ ଦଳ ଉପରେ ନିର୍ଭର କରି ରହୁଛନ୍ତି। ବିଜେଡି ଏବେ ମଧ୍ୟ ସୁରକ୍ଷିତ ସ୍ଥାନରେ ରହିଛି। ଉଭୟ ଲୋକ ସଭା ଏବଂ ବିଧାନସଭା ଆସନରେ ଲଢ଼ି ବିଜେଡି ବହୁମତ ପାଇବ ବୋଲି କଳିକେଶ କହିଛନ୍ତି।

## କାହା ସହ ମେଣ୍ଟ...

କଳାହାଣ୍ଡି ଲୋକ ସଭା ପାଇଁ ଅର୍କକେଶରୀ ଦେଓଙ୍କୁ ପରିବର୍ତ୍ତନ କରି ପ୍ରଶାସନିକ ଅଧିକାରୀ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରାଯିବ ବୋଲି ବିଚାରବିମର୍ଶ ଚାଲିଛି। ହେଲେ ସେହି ନିର୍ବାଚନମଣ୍ଡଳୀରେ ଅନୁସୂଚିତ ଜାତି(ଏସ୍‌ସି) ଭୋଟ ସଂଖ୍ୟା ଅଧିକ, ସେଠାରୁ କଂଗ୍ରେସରୁ ଭକ୍ତଚରଣ ଦାସ ଲୋକ ସଭା ପ୍ରାର୍ଥୀ ହୋଇ ପାରନ୍ତି। ତାଙ୍କୁ ମାତ୍ ଦେବା ପାଇଁ ବିଜେଡି ଅନ୍ୟ ଦଳର ଏସ୍‌ସି ପ୍ରାର୍ଥୀ ଉପରେ ଆଖି ପକାଇଛି। ଏମିତି କି ଭାଜପା ନେତା ପ୍ରଦୀପ କୁମାର ନାଏକଙ୍କ ସହ ଯୋଗାଯୋଗରେ ମଧ୍ୟ ବିଜେଡି ରହିଛି। ହେଲେ ଭାଜପା ସଭାପତି ବସନ୍ତ ପଣ୍ଡା ଯଦି ଦଳୀୟ ପ୍ରାର୍ଥୀ ହୁଅନ୍ତି, ପ୍ରଦୀପ ନାଏକଙ୍କୁ ବିଜେଡି ନିଜ ଦଳକୁ ଆଣିବାକୁ ଚେଷ୍ଟା କରିବ। ମାତ୍ର ପ୍ରାଥମିକ ଭାବେ ବିଜେଡିରେ ଯୋଗଦାନକୁ ପ୍ରଦୀପ ଖଣ୍ଡନ କରିଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ। କୋରାପୁଟ ଏବଂ ବ୍ରହ୍ମପୁର ଲୋକ ସଭାରେ ବିଜେଡି ମହିଳା ପ୍ରାର୍ଥୀ ଦେବାର ସମ୍ଭାବନା ରହିଛି। ନବରଙ୍ଗପୁର ଆସନ ପାଇଁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। କଂଗ୍ରେସ ଛାଡି ବିଜେଡି ଆସିଥିବା ଚନ୍ଦ୍ରଶେଖର ସାହୁ ବିଧାନସଭା ପ୍ରାର୍ଥୀ ହେବାକୁ ଚାହୁଁଥିବା ସୂତ୍ରରୁ ପ୍ରକାଶ। ବ୍ରହ୍ମପୁରର ବର୍ତ୍ତମାନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ରଙ୍କୁ ଆସ୍କା ଲୋକ ସଭାରେ ପ୍ରାର୍ଥୀ କରିବା ନେଇ ବିଚାରବିମର୍ଶ ଚାଲିଛି। କଳାହାଣ୍ଡିରେ ଉପଯୁକ୍ତ ଲୋକ ସଭା ପ୍ରାର୍ଥୀ ଚୟନ ଶାସକ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିବା ସମୀକ୍ଷକମାନେ ମତ ରଖିଛନ୍ତି। ଆସନ୍ତା ୧୬ ତାରିଖ ପୂର୍ବରୁ ବିଜେଡି ୪ ଲୋକ ସଭା ଏବଂ ୨୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଜାରି କରିବ ବୋଲି ଦଳର କେତେଜଣ ବରିଷ୍ଠ ନେତା ମତ ରଖିଛନ୍ତି।

## ଜାତୀୟ ନିରାପତ୍ତା ...

ନେତା ଓ କର୍ମୀଙ୍କୁ ନେଇ ବୈଠକ କରିଥିଲେ। ଏଯାଏ କେବଳ ଉତ୍ତରପ୍ରଦେଶରେ ସୀମିତ ଥିବା ପ୍ରିୟଙ୍କା ଲୋକ ସଭା ନିର୍ବାଚନ ପୂର୍ବରୁ ମୋଦିଙ୍କ ଗଡ଼ ଗୁଜରାଟରେ ତାଙ୍କୁ ଟାର୍ଗେଟ କରି ନିଜ ରାଜନୈତିକ ପରିସର ବୃଦ୍ଧି କରିଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ସମୟରେ କୃଷି ସମସ୍ୟା, ବିପର୍ଯ୍ୟସ୍ତ ଶିଳ୍ପ ଅଭିବୃଦ୍ଧି ଓ ବେକାରି ସମସ୍ୟା ବୃଦ୍ଧି ପାଇଛି ବୋଲି ସମାଲୋଚନା କରିଥିଲେ। ରାହୁଲ, ପ୍ରିୟଙ୍କା, ସୋନିଆ, ମନମୋହନଙ୍କ ସମେତ ଦଳର ବରିଷ୍ଠ ନେତା ଗୁଲାମନବୀ ଆଜାଦ, ଅହମ୍ମଦ ପଟେଲ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶେଷରେ ନିଜ ବିଫଳତାରୁ ଧ୍ୟାନ ହଟାଇବା ପାଇଁ ମୋଦି ସରକାର ଜାତୀୟ ନିରାପତ୍ତା ସହ ସାଲିସ କରୁଥିବା ଦର୍ଶାଇ ଏହା ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ସଂକଳ୍ପନାମାକୁ ନେଇ ଏକ ବିବୃତି ମଧ୍ୟ ଦଳ ପକ୍ଷରୁ ଜାରି କରାଯାଇଥିଲା। ୧୯୩୦ ମାର୍ଚ୍ଚ ୧୨ରେ ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରୁ 'ଦାଣ୍ଡି ସତ୍ୟାଗ୍ରହ' ଆରମ୍ଭ କରିଥିଲେ। ଏହାର ୮୯ତମ ବର୍ଷପୂର୍ତ୍ତି ଅବସରରେ କଂଗ୍ରେସ ନେତାମାନେ ପ୍ରଥମେ ସାବରମତୀ ଆଶ୍ରମରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପ୍ରକାଶ ଯେ, ଗୁଜରାଟର ଭାବନଗରରେ ୧୯୬୧ରେ ଶେଷଥର ପାଇଁ ସିଡବ୍ଲ୍ୟୁସି ବୈଠକ ହୋଇଥିଲା।

## କପି ପାଇଁ ସିସିଟିଭି ...

ସିସିଟିଭି କ୍ୟାମେରାକୁ ବିରୋଧ କରିଥିଲେ। କପି କରିବା ପାଇଁ ପରୀକ୍ଷା ହଲରୁ ବାହାରି ଗଛ ତଳେ ଏବଂ ବାରଣ୍ଡାରେ ପରୀକ୍ଷା ଦେଇଥିଲେ। ତେବେ ମହାବିଦ୍ୟାଳୟର ଅଧକ୍ଷା ସନ୍ତୋଷିନୀ ଶତପଥୀ ପରୀକ୍ଷାର୍ଥୀଙ୍କୁ ବହୁଥର ବୁଝାଶୁଝା କରିଥିଲେ। ମାତ୍ର ପରୀକ୍ଷାର୍ଥୀମାନେ କପି ଲାଗି ନିୟମ କୋହଳ କରିବା ପାଇଁ ଜିଦ୍ ଧରିଥିଲେ। ଏ ସମ୍ପର୍କରେ ଅଧକ୍ଷା ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଏବଂ ଦେବଗଡ ଏସ୍‌ପି ରାହୁଲ ଜୈନ୍‌ଙ୍କୁ ଖବର ଦେଇଥିଲେ। ଖବରପାଇ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରୀକ୍ଷା ଖାତା ଜବତ ସହ ତଦନ୍ତ କରି ଫେରିଯାଇଥିବା ଜଣାପଡିଛି। ଗତ ୭ରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ୫ ଦିନ ମଧ୍ୟରେ ଏହାକୁ କୌଣସି ପରୀକ୍ଷାର୍ଥୀ ବିରୋଧ କରି ନ ଥିବାବେଳେ ହଠାତ୍ ମଙ୍ଗଳବାର ପରୀକ୍ଷା ହଲରେ ଖଞ୍ଜା ଯାଇଥିବା ସିସିଟିଭି କ୍ୟାମେରାକୁ ପରୀକ୍ଷାର୍ଥୀମାନେ କାହିଁକି ବିରୋଧ କଲେ ତାହା ଜଣାପଡିନାହିଁ।

## ବ୍ୟବହାର କରୁଛନ୍ତି ...

ଗାଡ଼ି କିଣିପାରିବେ ନାହିଁ। କାରଣ, ସେଥିରେ କେବଳ ଆମ୍ବାସାଡର ଓ ଜିପ୍ କିଣାଯାଇପାରିବ। ସେହି ଗାଡ଼ିରେ ପୁଣି ଏସି ନ ଥିବ ଓ ତାହା ଡିଜେଲ ଦ୍ୱାରା ଚାଲୁଥିବ। ତେଣୁ ଅଧିକାରୀମାନେ ନିଜର ଅତି ଆବଶ୍ୟକତା ପାଇଁ ବିଭିନ୍ନ ଉପାୟରେ କମ୍ପାନୀଗୁଡ଼ିକୁ ଗାଡ଼ି ମାଗୁଛନ୍ତି ବୋଲି ବିଶ୍ୱଜିତ୍ ଅଭିଯୋଗ କରିଛନ୍ତି। ତାଙ୍କ କହିବାନୁଯାୟୀ, ରାଜ୍ୟରେ ବର୍ତ୍ତମାନ ପ୍ରାୟ ୨୫ପ୍ରତିଶତ ଏମିତି ଗାଡ଼ି ରହିଛି, ଯେଉଁଗୁଡ଼ିକ ସଂରକ୍ଷଣ ଓ ବୃକ୍ଷରୋପଣ କ୍ଷେତ୍ରରେ କାର୍ଯ୍ୟରେ ଲାଗୁଛି। ଖଣି କମ୍ପାନୀ ଦେଇଥିବା ଗାଡ଼ିକୁ ଯଦି ବନ ବିଭାଗ ଅଧିକାରୀମାନେ ଚଲାଇବେ, ତେବେ ସେମାନଙ୍କ ପ୍ରତି ଏମାନଙ୍କର ଦରଦ ବା ଅନୁଗ୍ରହ ରହିବ। ଏନ୍‌ଫୋର୍ସମେଣ୍ଟ କରିପାରିବେ ନାହିଁ। ୨୦୧୮ ଡିସେମ୍ବର ୧୦ରେ ଆର୍‌ଟିଆଇ ତଥ୍ୟ ଏକ ବଡ଼ ଗୁମରକୁ ସାମ୍ନାକୁ ଆଣିଛି। ସେଥିରେ ଉଲ୍ଲେଖ ରହିଛି ଯେ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ବ୍ୟବହାର କରୁଥିବା ଗାଡ଼ିର ଦାମ ୨୫ଲକ୍ଷ ଟଙ୍କା। ଏହାକୁ ଟାଟା କମ୍ପାନୀ ଦେଇଛି। ଯୋଡ଼ା ୱେଷ୍ଟ୍ ମାଙ୍ଗାନିଜ୍ ମାଇନ୍ସରେ ସଂରକ୍ଷଣ ପାଇଁ ଟାଟା କମ୍ପାନୀ ଉକ୍ତ ଗାଡ଼ିକୁ କେନ୍ଦୁଝର ବନଖଣ୍ଡକୁ ଦେଇଥିଲା, ଯାହା ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ୨୦୧୭ ଫେବୃୟାରୀ ୪ରେ ତାହା ମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଏହି ଆର୍‌ଟିଆଇ ତଥ୍ୟରେ ଉଲ୍ଲେଖ ରହିଛି। କେବଳ ମନ୍ତ୍ରୀ ନୁହନ୍ତି, ଆର୍‌ଟିଆଇ ତଥ୍ୟ ଅନୁଯାୟୀ, ଭୁବନେଶ୍ୱରର ଅନେକ ବରିଷ୍ଠ ବନ ଅଧିକାରୀ ଏବଂ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀମାନେ ବିଭିନ୍ନ କମ୍ପାନୀର ଦାମୀ ଗାଡ଼ି ବ୍ୟବହାର କରୁଥିବା ଜଣାପଡ଼ିଛି।

# ଶ୍ରୀଦେବୀଙ୍କୁ ଅନୁକରଣ ସହଜ ନୁହେଁ: ମାଧୁରୀ

ମୁମ୍ବାଇ



ଶ୍ରୀଦେବୀଙ୍କୁ ଅନୁକରଣ କରିବା ସହଜ ନୁହେଁ। 'କଲଙ୍କ'ରେ ତାଙ୍କ ବଦଳରେ ଅଭିନୟ କରିବା ଖୁବ୍ ଭାବପ୍ରବଣ ଓ କଷ୍ଟକର ଥିଲା ବୋଲି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ପ୍ରକାଶ କରିଛନ୍ତି। କରନ୍ ଜୋହରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମରେ ମାଧୁରୀ ବହର ବେଗମ୍ ଭୂମିକା ନେଇଛନ୍ତି। ୨୦୧୮ରେ ଶ୍ରୀଦେବୀଙ୍କ ମୃତ୍ୟୁପରେ ଏହି ଫିଲ୍ମରେ ଅଭିନୟ କରିବା ପାଇଁ ମାଧୁରୀଙ୍କୁ ସୁଯୋଗ ମିଳିଥିଲା। ମଙ୍ଗଳବାର ଫିଲ୍ମର ଟିଜର ଲଞ୍ଚ୍ ବେଳେ 'କଲଙ୍କ' ସେଟ୍‌ରେ କିପରି ଅନୁଭବ କରୁଛନ୍ତି ବୋଲି ମାଧୁରୀଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଥିଲେ, ପ୍ରଥମତଃ ଶ୍ରୀଦେବୀଙ୍କ ମୃତ୍ୟୁ ଥିଲା ଆମ ପାଇଁ ଦୁଃଖଦ ଖବର। ଶ୍ରୀଦେବୀଙ୍କ ସ୍ଥାନରେ ଅଭିନୟ କରିବାକୁ ମୋତେ ଅଫର ମିଳିଥିଲା। ତେବେ ଏହାକୁ ଗ୍ରହଣ କରିବା ମୋ ପକ୍ଷରେ ସହଜ ନ ଥିଲା। କାରଣ ତାଙ୍କ ପ୍ରତି ମୋର ସମ୍ମାନ ଓ ଭଲ ପାଇବା ଥିଲା। ସେ ଥିଲେ ଜଣେ ଭଲ କଳାକାର ଓ ଭଲ ମଣିଷ। କିନ୍ତୁ କର୍ତ୍ତବ୍ୟର ଆହ୍ୱାନରେ ତାଙ୍କ ଭୂମିକା ନେବାପରେ ସବୁକିଛି ଭୁଲିଯିବାକୁ ପଡିଥିଲା ବୋଲି ମାଧୁରୀ ପ୍ରକାଶ କରିଛନ୍ତି। ଅଭିଷେକ ବର୍ମନ୍‌ଙ୍କ ନିର୍ଦ୍ଦେଶିତ 'କଲଙ୍କ'ରେ ଅଭିନୟ କରିଛନ୍ତି ସଞ୍ଜୟ ଦତ୍ତ, ବରୁନ ଧାବନ୍, ଆଦିତ୍ୟ ରଏ କପୁର, ଆଲିଆ ଭଟ୍ଟ ଏବଂ ସୋନାକ୍ଷୀ ସିହ୍ନା। ଏହା ଏପ୍ରିଲ ୧୭ରେ ରିଲିଜ ହେବାକୁ ଯାଉଛି।

**କିଛି ତଥ୍ୟ**

ଫେବୃୟାରୀ ଶେଷ ସୁଦ୍ଧା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପୁଞ୍ଜି ପ୍ରତ୍ୟାହାରରୁ ସରକାର ୫୬,୪୭୩ କୋଟି ଟଙ୍କା ଲାଭ କରିଛନ୍ତି। – ଅର୍ଥ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ଆଜି ଉଚ୍ଚରାଶିରେ ଚନ୍ଦ୍ର ଆପଣଙ୍କୁ ସୁସ୍ଥ ପାରିବାରିକ ଜୀବନ ଓ ନିରଙ୍କୁଶ କର୍ମସାଧନ ପାଇଁ ଆନୁଷଙ୍ଗିକ ପରିବେଶ ସୃଷ୍ଟି କରିବ। ବନ୍ଧୁମାନଙ୍କ ସାହାଯ୍ୟ ଲାଭ କରି ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିପାରିବେ। ପାରିବାରିକ ସମସ୍ୟା ସମାଧାନରେ, ଜମିଜମା ବିବାଦରେ, ପରିବହନର ଝଗଡ଼ାରେ ବିଜୟୀ ହେବେ।

**ବୃଷ**: ରାଶିରେ ତୃତୀୟାଧିପ ରହିବା ହେତୁ ନିଜର ସମ୍ପର୍କୀୟ କିମ୍ବା ପଡୋଶିନୀଙ୍କ ସହାନୁଭୂତି ଯୋଗୁ କାର୍ଯ୍ୟ ସାଧନ କରିପାରିବେ। ବ୍ୟବସାୟିକ ସଫଳତା ଓ କଳା, ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହି ଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବ।

**ମିଥୁନ**: ଧନାଧିପ ଦ୍ୱାଦଶସ୍ଥ ହେତୁ ବ୍ୟୟବହୁଳତା ମଧ୍ୟରେ କାର୍ଯ୍ୟ ସିଦ୍ଧି, ବନ୍ଧୁଙ୍କ ସହଯୋଗ ଓ ହିତୈଷୀଙ୍କ ପରାମର୍ଶ ପାଇ ଖୁସି ହେବେ। ପରିବାରର ଅନୁରୋଧକ୍ରମେ କୌଣସି କାମ ସକାଶେ ଭ୍ରମଣରେ ବାହାରି ପାରନ୍ତି। ଉଦ୍ୟୋଗ, ନୂତନ ପ୍ରକଳ୍ପ କିମ୍ବା ବ୍ୟବସାୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଜଣେ ବ୍ୟକ୍ତିଙ୍କ ସହ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି।

**କର୍କଟ**: ଶନିଙ୍କ ଦୃଷ୍ଟି ଆଢ଼ୁଆଳରେ ଚନ୍ଦ୍ର ଶାରୀରିକ ଓ ମାନସିକ ସୁସ୍ଥତା ରକ୍ଷାକରି ଦୈନନ୍ଦିନ ଜୀବନଯାତ୍ରାକୁ ନିଷ୍କଣ୍ଟକ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହାନୁଭୂତିର ସହ ସହଯୋଗର ହାତ ବଢାଇବେ। ସାହିତ୍ୟ,ସାମ୍ବାଦିକତା, ଏଜେନ୍ସିପ୍ କ୍ଷେତ୍ରରୁ ସୁଫଳ ମିଳିବ। କଳା,ସାହିତ୍ୟ ଓ ସଙ୍ଗୀତ କ୍ଷେତରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ପ୍ରତିଯୋଗିତାର ସମ୍ଭାବନା ରହିଛି।

**ସିଂହ**: ଆଜି ଗଜକେଶରୀ ଯୋଗ ପ୍ରଭାବରେ ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ସମ୍ମାନଜନକ ପଦବୀ ସାଙ୍ଗକୁ ସମ୍ବର୍ଦ୍ଧିତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ବିଭିନ୍ନ ଯୋଜନା, ସମ୍ପର୍କୀୟ ଆଲୋଚନା, ଦୂରଯାତ୍ରାର ସୁଯୋଗ ଲାଭକରି ଖୁସି ହେବେ। ଘରୋଇ କ୍ଷେତ୍ରରେ ଜମିଜମା କାରବାର, ଗାଡ଼ିମୋଟର ମରାମତି ସକାଶେ ଫଳପ୍ରଦ ଆଲୋଚନା କରିପାରନ୍ତି।

**କନ୍ୟା**: ଭାଗ୍ୟସ୍ଥାନରେ ଚନ୍ଦ୍ର ଶୁଭଗ୍ରହ ଦୃଷ୍ଟିରେ ରହିଥିବାରୁ ଦିନଟିରେ ନୂତନ କାର୍ଯ୍ୟାରମ୍ଭ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ସକାରାତ୍ମକ ରହିବ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ ନାହିଁ। ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି।

**ତୁଳା**: ଦୀର୍ଘଦିନରୁ ପାଉନଥିବା ଅର୍ଥ କିମ୍ବା ଭବିଷ୍ୟନିଧିରୁ ଟଙ୍କା ପାଇ ଆବଶ୍ୟକତାକୁ ପୂରଣ କରିବେ। ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଜନମଙ୍ଗଳ କାର୍ଯ୍ୟ କିମ୍ବା ସଭାସମିତିରେ ଯୋଗ ଦେଲେ ପ୍ରଶଂସିତ ହେବେ। କିନ୍ତୁ ଶନିକ୍ଷେତ୍ରସ୍ଥ ଶୁକ୍ର ପ୍ରଭାବରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**: ବନ୍ଧୁଗହଣରେ ବହୁ ପ୍ରତୀକ୍ଷିତ କାର୍ଯ୍ୟାରମ୍ଭ କରି ଏକପ୍ରକାର ଆତ୍ମତୃପ୍ତି ଅନୁଭବ କରିପାରନ୍ତି। ମାଙ୍ଗଳିକ କାର୍ଯ୍ୟ, ଜମିଜମା କ୍ରୟ କିମ୍ବା ଗୃହାରମ୍ଭ,ପ୍ରତିଷ୍ଠାଦି କର୍ମ ଚନ୍ଦ୍ର ଓ ବୃହସ୍ପତିଙ୍କ ପ୍ରଭାବରେ ପ୍ରୀତି ପ୍ରଦାୟକ ରହିବ। ଉଚ୍ଚବର୍ଗଙ୍କ ସହାୟତା, ପାଖ ପଡ଼ୋଶୀଙ୍କ ଆଦର, ଅଭ୍ୟର୍ଥନା ସାଙ୍ଗକୁ ବିଭିନ୍ନ କ୍ଷେତ୍ରରେ ସଫଳତାର ଝଲକ ଦେଖିପାରିବେ।

**ଧନୁ**: ମନ ଭିତରର ଅକୁହାକଥା ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲେ ମଧ୍ୟ ଶୁକ୍ରଙ୍କ ପ୍ରଭାବରେ ଆପଣଙ୍କ ରୁଚିପୂର୍ଣ୍ଣ ବ୍ୟବହାରରୁ ପ୍ରଶଂସିତ ହେବେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଯେକୌଣସି ପ୍ରକାରେ ଅର୍ଥ ସଂଗ୍ରହ କରିପାରନ୍ତି। ସାଂଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପଦସ୍ଥବ୍ୟକ୍ତିଙ୍କ ଶ୍ରଦ୍ଧାଭାଜନ ହୋଇପାରନ୍ତି।

**ମକର**: ରାଶିରେ କେତୁ ଯୁକ୍ତ ଶୁକ୍ର ଅସ୍ୱାଭାବିକ ଚିନ୍ତାଧାରାର ସୃଷ୍ଟି କରାଇ ବିକ୍ଷିପ୍ତ ମାନସିକ ସ୍ଥିତି ଉତ୍ପନ୍ନ କରିବ। କିନ୍ତୁ କର୍ମାଧିପ ରାଶିରେ କର୍ମସାଧନ ପାଇଁ ଆପ୍ରାଣ ଉଦ୍ୟମ ଚଳାଇ କୃତକାର୍ଯ୍ୟ ହୋଇପାରନ୍ତି। ଚନ୍ଦ୍ରଙ୍କ ସୁପ୍ରଭାବରେ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରଶାସନ, ବନ୍ଧୁ ସମ୍ପର୍କ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବାଣିଜ୍ୟ, ବ୍ୟବସାୟାଦି ସନ୍ତୋଷଦାୟକ ରହିବ।

**କୁମ୍ଭ**: ସରକାରୀ ସାହାଯ୍ୟ, ବିଶିଷ୍ଟବ୍ୟକ୍ତିଙ୍କ ପ୍ରତିଶ୍ରୁତି ଆତ୍ମସମ୍ମାନ ବୃଦ୍ଧି କରିବ। ସ୍ଥଗିତକାର୍ଯ୍ୟ, ବିବାଦୀୟ ସ୍ଥିତି, ସହକର୍ମୀଙ୍କ ଅସହଯୋଗ କ୍ରମଶଃ ବଦଳିଯାଇପାରେ। ସମ୍ପର୍କୀୟମାନଙ୍କ ସାହାଯ୍ୟ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରାଇବାର ସମ୍ଭାବନା ରହିଛି। ବିବାଦୀୟ ପରିସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାକୁ ଚେଷ୍ଟା କରିବେ।

**ମୀନ**: ଲାଗିରହିଥିବା ଟେନସନ୍ କମିଯିବ, ସହଯୋଗ ଭିତ୍ତିରେ କାମ କରି ଉଚ୍ଚ ପ୍ରଶଂସିତ ହେବେ। ବୁଧଙ୍କ ସୁଦୃଷ୍ଟି ପ୍ରଭାବରେ ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।


ଆଜି ଫାଲଗୁନ ଶୁକ୍ଳ ସପ୍ତମୀ ବୁଧବାର, ମାର୍ଚ୍ଚ ୧୩ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୨୮ମି. ଗତେ, ଘ୮।୫୭ମି. ମଧ୍ୟେ ଘ୨।୫୪ମି. ଗତେ, ଘ୪।୧୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୨୮ମି. ମଧ୍ୟେ ଘ୧୦।୨୬ମି. ଗତେ, ଘ୧୧।୫୫ମି. ମଧ୍ୟେ ଘ୪।୨୩ମି. ଗତେ, ଘ୫।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୬ମି. ଗତେ ଘ୧।୨୫ମି. ମଧ୍ୟେ ରାହୁକାଳ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ




## କପି ପାଇଁ ଜିଦ୍




## ୧୩ ଜିଲାରେ ହାଲକା ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ଗତ ଦୁଇଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ଉପରକୁ ଉଠିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ତାଳଚେର ସର୍ବାଧିକ ତାପମାତ୍ରା ୩୯.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୮, ଭୁବନେଶ୍ୱର ୩୭, ଅନୁଗୋଳ ୩୭.୭, ଭବାନୀପାଟଣା ୩୭.୫, ବଲାଙ୍ଗୀର ୩୬.୫ ଏବଂ ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୩୭.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ଭଦ୍ରକ, ନୟାଗଡ, ରାୟଗଡା, ବଲାଙ୍ଗୀର, ଗଞ୍ଜାମ, କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନୂଆପଡା, ନବରଙ୍ଗପୁର, ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୩ ତାରିଖରେ ନୂଆପଡା, ବରଗଡ, ବଲାଙ୍ଗୀର, ଝାରସୁଗୁଡା, କଳାହାଣ୍ଡି, ସୁନ୍ଦରଗଡ, ସମ୍ବଲପୁର ଓ ସୋନପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉତ୍ତର ଓଡିଶାର ଅଳ୍ପ କେତେକ ସ୍ଥାନରେ ଝଡବର୍ଷାର ମଧ୍ୟ ସମ୍ଭାବନା ରହିଛି। ଆସନ୍ତା ୧୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବାରେ ସମ୍ଭାବନା ରହିବ। ପାଗ ମେଘୁଆ ରହିବା ଯୋଗୁ ପାରଦ ତଳକୁ ଖସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମାର୍ଚ୍ଚ ଶେଷ ଯାଏ ସର୍ବୋଚ୍ଚ ତାପମାତ୍ରାରେ ବିଶେଷ ବୃଦ୍ଧି ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।




**ମାଟ୍ରିକ ପରୀକ୍ଷା ବିଭ୍ରାଟ**

# ବସିଲା ପରୀକ୍ଷା କମିଟି ବୈଠକ, ବାହାରିଲାନି ନିଷ୍କର୍ଷ

## ■ ଶୀଘ୍ର ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି -ବୋର୍ଡ ସଭାପତି

**କଟକ ଅଫିସ, ୧୨।୩**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପରୀକ୍ଷା କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଦେଢ଼ ଘଣ୍ଟାର ଆଲୋଚନା ପରେ ମଧ୍ୟ ଗତ ମାଟ୍ରିକ ପରୀକ୍ଷାରେ ଦେଖାଦେଇଥିବା ବିଭ୍ରାଟର ସମାଧାନ ହୋଇ ପାରିନାହିଁ। କପି ପାଇଁ ତିନିଟି କେନ୍ଦ୍ରର ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥିଙ୍କ ଉତ୍ତରଖାତା ହଜିବା ଘଟଣା ଉପରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିବା ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କମିଟି ନିକଟରେ ବୋର୍ଡ ପକ୍ଷରୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି। ଏହାର ତର୍ଜମା କରାଯାଉଛି। ଶୀଘ୍ର ଦ୍ୱିତୀୟ ବୈଠକ ବସି ବୋର୍ଡର ଆକ୍ଟ ଅନୁଯାୟୀ ପରୀକ୍ଷା କମିଟି ଆବଶ୍ୟକ ପରାମର୍ଶ ଦେବ। ଏହାପରେ ବୋର୍ଡ କର୍ତ୍ତୃପକ୍ଷ ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇବେ ବୋଲି ସଭାପତି ଡ. ବେଗମ କହିଛନ୍ତି।

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିଲା। ପ୍ରଶ୍ନପତ୍ର ଭାଇରାଲ ହେବା ସହ କେତେକ କେନ୍ଦ୍ରରେ କପି ହୋଇଥିବା ନଜରକୁ ଆସିଥିଲା। ଏପରିକି କପି ହେଉଥିବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ବଲାଙ୍ଗୀର ଜିଲାର ଘୁମୁସର ସରକାରୀ ନୋଡ଼ାଲ ହାଇସ୍କୁଲ୍, ଢେଙ୍କାନାଳ ଜିଲାର ପଳାସପିଠିଆସ୍ଥିତ ପି.ଆର୍. ହାଇସ୍କୁଲ ଓ କଟକ ଜିଲାର ଗୋପୀନାଥପୁରସ୍ଥିତ କୃପାସିନ୍ଧୁ ନୋଡ଼ାଲ ହାଇସ୍କୁଲ୍ କେନ୍ଦ୍ରରେ ଇଂଲିଶ ପରୀକ୍ଷାରେ ବ୍ୟାପକ କପି ହୋଇଥିବା ଜଣାପଡିଥିଲା। ପରୀକ୍ଷା ସମୟରେ ଅଭିଭାବକ ଓ ସମ୍ପର୍କୀୟଙ୍କ ଦ୍ୱାରା ବିଶୃଙ୍ଖଳା ସୃଷ୍ଟି ଓ କପି ଯୋଗାଣ ହୋଇଥିଲା। ସେହିଭଳି ଏସବୁ କେନ୍ଦ୍ରରେ ମଧ୍ୟ ମାଲ୍‌ପ୍ରାକ୍ଟିସରେ ବହୁ ପରୀକ୍ଷାର୍ଥୀ ଧରାପଡିଥିଲେ। ଏହି ୩ କେନ୍ଦ୍ରର ମୋଟ ୬୭୫ ଜଣ ପରୀକ୍ଷାର୍ଥୀଙ୍କୁ ଇଂଲିଶରେ ଶୂନ ମାର୍କ ଦିଆଯିବ ନା ମାଲ୍‌ପ୍ରାକ୍ଟିସ କରାଯିବ ଅବା ପରୀକ୍ଷା ଆଉଥରେ ହେବ କି ନାହିଁ ତାହା ଉପରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ସେତେବେଳେ ବୋର୍ଡ ପକ୍ଷରୁ କୁହାଯାଇଥିଲା। ଅନ୍ୟପକ୍ଷରେ ମାଲକାନଗିରି ଜିଲା ପଡ଼ିଆସ୍ଥିତ ଏସ୍.ଏସ୍.ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦୮ଜଣ ପରୀକ୍ଷାର୍ଥିଙ୍କ ଗଣିତ ଉତ୍ତରଖାତା ଗାଏବ ହୋଇଯାଇଥିଲା। ଷ୍ଟ୍ରଙ୍ଗ୍ ରୁମ୍ ବଦଳରେ ପରୀକ୍ଷାକେନ୍ଦ୍ରର କାର୍ଯ୍ୟାଳୟର ଟେବୁଲ ଉପରେ ପରୀକ୍ଷା ଖାତା ରଖାଯାଇଥିବାବେଳେ ତାହା ଗାଏବ ହୋଇଥିଲା। ଏହି ପରୀକ୍ଷାର୍ଥିଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ପଡ଼ିବ କି ନାହିଁ ଓ ସେମାନଙ୍କୁ କିପରି ମାର୍କ ଦିଆଯିବ ସେନେଇ ନିଷ୍ପତ୍ତି ହେବାର ଥିଲା।

ଏହି ଅନୁଯାୟୀ ବୋର୍ଡ କାର୍ଯ୍ୟାଳୟରେ ପରୀକ୍ଷା କମିଟିର ୬ଜଣ ସଦସ୍ୟ ପହଞ୍ଚିବା ପରେ ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହୋଇଥିଲା ବୈଠକ। ଏହି କମିଟିରେ ୩ଜଣ ବରିଷ୍ଠ ଶିକ୍ଷକ ଓ ୩ଜଣ ଜିଲା ଶିକ୍ଷାଧିକାରୀ ରହିଛନ୍ତି। ପ୍ରଥମେ କିଛି ମିନିଟ ମାଟ୍ରିକ ପରୀକ୍ଷାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ପରେ ମୁଖ୍ୟ ଆଲୋଚନାର ବିଷୟ ଭାବେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥିଙ୍କ ଉତ୍ତରଖାତା ହଜିବା ଘଟଣାକୁ ପ୍ରାଧାନ୍ୟ ଦିଆଯାଇଥିଲା। କମିଟି ପକ୍ଷରୁ ପ୍ରମାଣସ୍ୱରୂପ ଯେଉଁସବୁ ତଥ୍ୟ ମଗାଯାଇଥିଲା ତାହାକୁ ବୋର୍ଡ କର୍ତ୍ତୃପକ୍ଷ ପ୍ରଦାନ କରିଥିଲେ। ହେଲେ ଏହି ଦୁଇ ଘଟଣାର ନିଷ୍କର୍ଷ ବାହାର କରିବାକୁ ଅଧିକ ସମୟ ଆବଶ୍ୟକ ବୋଲି ପରୀକ୍ଷା କମିଟି ପକ୍ଷରୁ କୁହାଯାଇଥିଲା।

## ■ ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲା

# ଦୁଇ ଭାଜପା ନେତାଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା

**କଟକ ଅଫିସ, ୧୨।୩**

ଗଞ୍ଜାମ ଜିଲା ଛତ୍ରପୁର କାଉନ୍‌ସିଲର ତଥା ବିଜେଡି ନେତା ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ଓ ଗୋଲକ ମହାପାତ୍ରଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ପୋଲିସ ସେମାନଙ୍କୁ ନୋଟିସ ଜାରି କରିଥିଲା। ସମ୍ଭାବ୍ୟ ଗିରଫଦାରିରୁ ବର୍ତ୍ତିବା ପାଇଁ ଭୃଗୁ ଓ ଗୋଲକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ସେମାନଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଏଥିସହିତ ଉକ୍ତ ମାମଲାରେ କେସ୍ ଡାଏରୀ ଦାଖଲ ନିମନ୍ତେ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୯ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ସୂଚନାଥାଉକି, କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ୨୦୧୭ ସେପ୍ଟେମ୍ବର ୧୬ରେ ସଂଘବଦ୍ଧ ଦୁର୍ବୃତ୍ତମାନେ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଲକ୍ଷ୍ମୀଦତ୍ତଙ୍କ ଭାଇ ଦେବୀଦତ୍ତଙ୍କ ଅଭିଯୋଗ ଆଧାରରେ ଛତ୍ରପୁର ପୋଲିସ ଭାଜପା ନେତା କୃଷ୍ଣ ନାୟକଙ୍କ ସମେତ କେତେଜଣଙ୍କୁ ଉତ୍ତରାଖଣ୍ଡର ଡେରାଡୁନ ଗେଷ୍ଟ ହାଉସରୁ ଗିରଫ କରିଥିଲା। ଏହି ଅଭିଯୁକ୍ତମାନଙ୍କୁ ସେଠାରେ ଆତ୍ମଗୋପନ କରିବାରେ ଭାଜପା ନେତା ଗୋଲକ ସହାୟତା କରିଥିଲେ ବୋଲି ସେମାନେ ପୋଲିସ ଆଗରେ କହିଥିଲେ। ଗିରଫ ଅଭିଯୁକ୍ତଙ୍କ ବୟାନକୁ ଭିତ୍ତିକରି ପୋଲିସ ଗୋଲକଙ୍କୁ ନୋଟିସ ଜାରି କରିଥିଲା। ପୂର୍ବରୁ ଗୋଲକ ପୋଲିସ ନିକଟରେ ଉପସ୍ଥିତ ହୋଇଥିଲେ। ମାତ୍ର ଗତ ଜାନୁୟାରୀ ୨୯ରେ ପୋଲିସ ପକ୍ଷରୁ ଗୋଲକଙ୍କ ସମେତ ଅନ୍ୟତମ ଭାଜପା ନେତା ଭୃଗୁଙ୍କୁ ମଧ୍ୟ ଉକ୍ତ ହତ୍ୟା ମାମଲାରେ ନୋଟିସ ଜାରି କରାଯାଇଥିଲା। ଫଳରେ ଉଭୟ ଆଗୁଆ ଜାମିନ ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦ୍ୱୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।



# ଆଜି ପ୍ରତିଶ୍ରୁତି, କାଲି ଧୂଆଁ

ସାଧାରଣ ନିର୍ବାଚନ ଲାଗି ଭୋଟ ଗ୍ରହଣ ତାରିଖ ଘୋଷଣା ହୋଇସାରିଛି। ଏଥିସକାଶେ ପ୍ରତ୍ୟେକ ରାଜନୈତିକ ଦଳ ନିଜ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ। ଭୋଟ ସମୟ ଆସିଲେ ସବୁ ଦଳ ନିର୍ବାଚନ ଇସ୍ତାହାର ଘୋଷଣା କରିଥାଆନ୍ତି। ସେହି କ୍ରମରେ ଭାରତୀୟ ଜନତା ପାର୍ଟି (ଭାଜପା) ତା'ର ନିର୍ବାଚନ ଇସ୍ତାହାରର ନାମ 'ସଂକଳ୍ପ ପତ୍ର' ରଖିବାକୁ ସ୍ଥିର କରିଛି। ଏଥିରେ କେଉଁ ପ୍ରସଙ୍ଗ ଓ ବିଷୟ ରଖାଯାଇପାରିବ, ସେଥିଲାଗି ସାଧାରଣରେ ପ୍ରସ୍ତାବ ଆହ୍ୱାନ କରାଯାଇଛି। ଭାଜପାର ଘୋଷଣାପତ୍ରରେ ପ୍ରତ୍ୟେକ ଧର୍ମକୁ ସମାନ ଭାବେ ଦେଖାଯିବାର ଚିନ୍ତା କରାଯାଉ ବୋଲି କ୍ୟାଥଲିକ୍ ବିଶପ୍ସ କନ୍‌ଫରେନ୍ସ ଅଫ୍ ଇଣ୍ଡିଆ (ସିବିସିଆଇ) ପ୍ରସ୍ତାବ ଦେଇଛି। କ୍ୟାଥଲିକ୍ ଚର୍ଚ୍ଚ ଭାଜପାକୁ ଦେଇଥିବା ପରାମର୍ଶ ଦେଶ ଗଠନରେ ଏକ ସକାରାତ୍ମକ ଦିଗକୁ ନିର୍ଦ୍ଦେଶ କରୁଛି ବୋଲି କୁହାଯାଇପାରେ।

୨୦୧୪ରେ ଭାଜପା ନେତୃତ୍ୱାଧୀନ ସରକାର କେନ୍ଦ୍ରରେ ଅବସ୍ଥାପିତ ହେବା ପରେ ଅସହିଷ୍ଣୁତା, ଭିଡ଼ହିଂସା ବଢ଼ିବା ସହ ଧାର୍ମିକ ରୀତିନୀତି, ସଂସ୍କୃତି ଓ ଖାଦ୍ୟାଭ୍ୟାସ ଭଳି ଅନେକ କ୍ଷେତ୍ରରେ ଅସଙ୍ଗତି ଦେଖାଦେଇଥିବା ଜଣାଶୁଣା। ନିଜ ଚିନ୍ତାଧାରାକୁ ଅନ୍ୟ ଉପରେ ଲଦିବାକୁ ଚେଷ୍ଟା କରାଯାଇଛି। ଯେଉଁମାନେ ଏହାକୁ ବିରୋଧ କରିଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଛି। ସ୍କୁଲ ଓ କଲେଜ ପାଠ୍ୟକ୍ରମରେ ଗୈରିକ ଚିନ୍ତାଧାରା ଓ ସ୍ଥଳ ବିଶେଷରେ ଇତିହାସକୁ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ସମ୍ଭବତଃ ଏସବୁକୁ ଲକ୍ଷ୍ୟ କରି ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଅନ୍ୟତମ ଚିନ୍ତାଶୀଳ ବର୍ଗ କ୍ୟାଥଲିକ୍ ଚର୍ଚ୍ଚ ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ କିଛି ପରାମର୍ଶ ଦେବାକୁ ଆଗେଇ ଆସିଛି। ସିବିସିଆଇ ପକ୍ଷରୁ କୁହାଯାଇଛି ଯେ, ଏ ଦେଶରେ ଥିବା ପ୍ରତ୍ୟେକ ନାଗରିକ ସମାନ। ତେଣୁ କାହାରିକୁ ରାଷ୍ଟ୍ରବାଦର ପ୍ରମାଣ ଦେବାକୁ ପଡ଼ିବ ନାହିଁ। ଦେଶ ଗଠନ ବିଶେଷକରି ଶିକ୍ଷା କ୍ଷେତ୍ରରେ ଖ୍ରୀଷ୍ଟିଆନ୍‌ମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। କିନ୍ତୁ ବର୍ତ୍ତମାନର ସରକାର ଏସବୁକୁ ଗୁରୁତ୍ୱ ଦେଉ ନ ଥିବା ଭଳି ମନେ ହେଉଥିବାରୁ ଦେଶର ଧର୍ମନିରପେକ୍ଷତା ପ୍ରତି ପ୍ରଶ୍ନ ଉଠିଛି ବୋଲି କ୍ୟାଥଲିକ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ଏକ କ୍ଷୁଧାମୁକ୍ତ ସମାଜ ଗଠନ, ଦାରିଦ୍ର୍ୟ ଦୂରୀକରଣ, କୃଷକମାନଙ୍କୁ ସୁରକ୍ଷା ଦିଆଯିବା ସହ କୃଷିର ଉନ୍ନତି ଏବଂ ଗ୍ରାମୀଣ ବିକାଶକୁ ସରକାର ଅଗ୍ରାଧିକାର ଦେଲେ ଦେଶର ମଙ୍ଗଳ ହୋଇପାରିବ ବୋଲି କ୍ୟାଥଲିକ୍ ଚର୍ଚ୍ଚ ସରକାରଙ୍କୁ ପରାମର୍ଶ ଦେବା ନିଶ୍ଚିତ ସ୍ୱାଗତଯୋଗ୍ୟ ପ୍ରସ୍ତାବ।

ସାଧାରଣ ଭାବେ ଦେଖିଲେ କୌଣସି ରାଜନୈତିକ ଦଳ ବା ମେଣ୍ଟ ସରକାର ଗଢ଼ିଥାଆନ୍ତି। କିନ୍ତୁ ସରକାର ସମୁଦାୟ ଦେଶବାସୀଙ୍କ ହିତରେ ଲାଗିବା କଥା। ଯେଉଁମାନେ ସରକାରକୁ ସମର୍ଥନ ଦେବେ, ସେମାନେ ସରକାରୀ ସୁବିଧା ପାଇବେ ଓ ଅନ୍ୟମାନେ ସେବା ପାଇବାରୁ ବଞ୍ଚିତ ହେବା ଭଳି ଚିନ୍ତାଧାରା ଜନ୍ମ ନେଲେ ଶାସନରେ ସ୍ୱଚ୍ଛତା ଆସେ ନାହିଁ। ସମ୍ଭବତଃ ବିଗତ ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ବର୍ଗ ଓ ବ୍ୟକ୍ତିଙ୍କ ପ୍ରତି ଅସୂୟାଭାବ ପ୍ରଦର୍ଶନ କରିଥିବାରୁ ସିଧାସଳଖ କ୍ୟାଥଲିକ୍ ଚର୍ଚ୍ଚ ଭାଜପାର ଘୋଷଣାପତ୍ରରେ କେଉଁ ପ୍ରସଙ୍ଗକୁ ରଖିଲେ ଭଲ ହେବ, ସେ ସଂକ୍ରାନ୍ତରେ ପ୍ରସ୍ତାବ ଦେଇଛି ବୋଲି କୁହାଯାଇପାରିବ। ତେଣୁ କ୍ୟାଥ୍‌ଲିକ ଚର୍ଚ୍ଚର ପ୍ରସ୍ତାବକୁ ସାଦରେ ଗ୍ରହଣ କରି ଭାଜପା ଭୁଲ୍‌ଭଟକା ସଂଶୋଧନ କରିବା ଉଚିତ। ନିର୍ଦ୍ଦିଷ୍ଟ ବର୍ଗର କ୍ଷୋଭକୁ ସକାରାତ୍ମକ ଦୃଷ୍ଟିରୁ ଦେଖାଯାଇପାରିଲେ ପରିବର୍ତ୍ତନ ଆସିପାରିବ। କେବଳ ଭାଜପା ନୁହେଁ, ଅନ୍ୟାନ୍ୟ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକ ଏହାକୁ ଗମ୍ଭୀରତାର ସହ ବିଚାର କରିବା ଉଚିତ। ନାଗରିକମାନେ ଭଲ ଭାବେ ଜାଣିଛନ୍ତି ଯେ, ଭାରତବର୍ଷରେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ପୂର୍ବରୁ ଦେଉଥିବା ଅଧିକାଂଶ ପ୍ରତିଶ୍ରୁତି ନିର୍ବାଚନ ପରେ ଧୂଆଁ ଭଳି ଉଭେଇଯାଏ। ଅତଏବ ବାସ୍ତବଧର୍ମୀ ପ୍ରତିଶ୍ରୁତି ଦେଇ ଲୋକଙ୍କ ମଙ୍ଗଳ ଦିଗରେ ଦଳଗୁଡ଼ିକ କାର୍ଯ୍ୟ କରିବେ ବୋଲି ଆଶା କରାଯାଇପାରେ।

## ଚିରନ୍ତନୀ

ବହି ନେଇ ବିକାଶର ପଥେ ସଦା ଧାଇଁଛି ଏ ସୃଷ୍ଟି,
ତପତ ତଡ଼ାଗ ଜଳ ଫେରିଆସେ ହୋଇ ଶୀତ ବୃଷ୍ଟି,
ଏ ବିରାଟ ବିଶ୍ୱେ କେବେ ନାହିଁ ତା'ର କ୍ଷୟ,
ଚିରଦିନ ଥରେ ଅଭୟ।
ମରଣ ଯାତନା ଜରା ବିୟୋଗ ବିଚ୍ଛେଦ ବ୍ୟଥା ବ୍ୟାଧି
ଜୀବନ-ମିଳନ ସୁଖ ସ୍ନେହ ପ୍ରେମ ଯେ ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକାଳର ମୂଲ୍ୟ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 2 | 5 | | | B | 7 | | | | | 8 |
| | | 2 | 1 | 7 | | | | 8 | | | | | D | |
| 0 | C | | | | B | | | | 5 | | | | | 1 |
| | | | | | 3 | 2 | | | | | 4 | B | 6 | |
| 6 | | 5 | 9 | | | 3 | | 7 | A | C | | | | |
| | | C | 0 | | | | | | | | | 9 | B | 7 |
| 5 | | | | | 4 | | 7 | | 6 | D | 3 | E | 8 | |
| | 0 | B | | | E | | 4 | A | | | | | | |
| E | | | | 3 | 6 | 1 | | 5 | | | 2 | | | C |
| 1 | 7 | | | | | | | | | | | 6 | | |
| | | | 3 | | C | | | | | | 8 | 1 | 4 | |
| | | | | 5 | | | | | | | | 8 | | |
| | 5 | 9 | | | 8 | | | | 2 | 4 | | D | E | B |
| A | | 8 | | B | | 9 | | C | | E | 7 | 5 | | |
| B | | 4 | E | 9 | | | | | 3 | | 6 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 2 | 4 | C | 5 | 6 | 9 | 1 | 3 | 0 | E | D | A | 8 |
| D | 1 | 3 | E | 9 | A | 4 | 8 | C | 2 | 7 | 5 | B | 0 | 6 |
| C | 8 | 0 | 6 | B | 1 | 5 | E | 7 | D | 4 | A | 2 | 9 | 3 |
| 9 | 5 | A | D | 7 | 8 | 2 | 0 | 3 | C | B | 6 | E | 1 | 4 |
| 6 | 4 | E | 0 | 2 | 3 | A | D | B | 9 | 1 | 8 | 5 | C | 7 |
| 5 | 6 | 7 | 3 | A | E | 8 | B | 9 | 1 | 2 | D | C | 4 | 0 |
| E | 9 | 8 | 2 | 1 | 7 | C | A | 0 | B | 5 | 4 | 6 | 3 | D |
| 2 | C | 1 | B | 6 | 9 | 3 | 4 | D | 8 | A | 0 | 7 | 5 | E |
| A | B | 4 | 5 | 0 | D | 7 | 2 | 6 | E | C | 3 | 9 | 8 | 1 |
| 3 | 0 | D | C | 8 | 4 | 1 | 5 | E | 7 | 6 | 9 | A | B | 2 |
| 7 | D | 9 | A | 3 | C | E | 1 | 5 | 0 | 8 | 2 | 4 | 6 | B |
| 8 | 2 | B | 7 | 4 | 0 | 9 | C | A | 6 | D | 1 | 3 | E | 5 |
| 4 | A | 6 | 9 | D | B | 0 | 3 | 8 | 5 | E | 7 | 1 | 2 | C |
| 1 | 3 | 5 | 8 | E | 6 | B | 7 | 2 | 4 | 9 | C | 0 | D | A |
| 0 | E | C | 1 | 5 | 2 | D | 6 | 4 | A | 3 | B | 8 | 7 | 9 |

ଗତକାଲିର ଉତ୍ତର

# ତାଙ୍କ କୂଟନୀତି, ଆମ ରାଜନୀତି



ବିପିନ ବିହାରୀ ମିଶ୍ର

ପୁଲ୍‌ୱାମା ଘଟଣା ପରେ ଦେଶ ଏକ ସଙ୍କଟପୂର୍ଣ୍ଣ ସ୍ଥିତିର ସମ୍ମୁଖୀନ ହେଲା। ପ୍ରଧାନମନ୍ତ୍ରୀ କହିଲେ ଯେ ଆଉ ଆଲୋଚନା ନୁହେଁ, ଉପଯୁକ୍ତ ଜବାବ ଦେବାର ସମୟ ଆସିଛି। ସବୁ ରାଜନୈତିକ ଦଳ ଏକଜୁଟ ହୋଇଗଲେ। ସର୍ବଦଳୀୟ ସଭା ଡକାଗଲା ଓ ସମସ୍ତେ ଘଟଣାର ନିନ୍ଦା କଲେ ଏବଂ ସରକାରଙ୍କୁ ସମର୍ଥନ ଜଣାଇଲେ। ପ୍ରଧାନମନ୍ତ୍ରୀ କହିଲେ, ଆମେ ସୈନ୍ୟବାହିନୀକୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସ୍ୱାଧୀନତା ଦେଇଛୁ। ଉରିରେ ସନ୍ତ୍ରାସବାଦୀଙ୍କ ଆକ୍ରମଣ ପରେ ସେନା କମାଣ୍ଡୋମାନେ ପାକ୍ ଅଧିକୃତ କଶ୍ମୀରରେ ପଶି ଅନେକ ସନ୍ତ୍ରାସବାଦୀ ଘାଟି ନଷ୍ଟ କରିଥିଲେ। ସେ ଘଟଣାର ଭିଡିଓ ମଧ୍ୟ ଅଛି।

କାଳେ ସେଭଳି ଆକ୍ରମଣ ହେବ ଆଶଙ୍କାକରି ପାକିସ୍ତାନ ସୀମାକୁ ଲାଗି ଯେତେ ସନ୍ତ୍ରାସବାଦୀ ଘାଟି ଥିଲା ସବୁ ଭିତରକୁ ନେଇଗଲା। ବୋଧହୁଏ ହିସାବ କରିଥିଲା ଯେ ଏତେ ଭିତରକୁ ପଶିବା ପାଇଁ ଭାରତୀୟ ସେନା କମାଣ୍ଡୋମାନେ ସାହସ କରିବେ ନାହିଁ। ତଥାପି ପାକିସ୍ତାନର ସୈନ୍ୟବାହିନୀ, ଆକାଶବାହିନୀ ସଜାଗ ରହିଲେ। ବହୁ ଦେଶ ଏ ଆକ୍ରମଣକୁ ନିନ୍ଦା କଲେ। ଦେଶରେ ପ୍ରବଳ ଏକତା ଦେଖାଗଲା ଓ ପାକିସ୍ତାନକୁ ଭାରତ ଆକ୍ରମଣ କରୁ ବୋଲି ଗୋଟିଏ ବିଖ୍ୟାତ ଖବରକାଗଜର ଶତକଡା ୩୬ ପ୍ରତିଶତ ପାଠକ ମତ ଦେଲେ। ପୁଲ୍‌ୱାମା ଘଟଣାର ଦୁଇଦିନ ପରେ ଭାରତର ଆକାଶବାହିନୀ ଚାରୋଟି ବୋମାବର୍ଷୀ ଯୁଦ୍ଧବିମାନ (ମିରେଜ ୨୦୦୦) ଏବଂ ସେମାନଙ୍କ ସୁରକ୍ଷା ପାଇଁ ସୁଖୋଇ ଉଡାଜାହାଜ ନେଇ ପାକିସ୍ତାନର ବାଲାକୋଟ ଉପରେ ଆକ୍ରମଣ କଲେ। ବାଲାକୋଟ ହେଉଛି ପାକ୍ ଅଧିକୃତ କଶ୍ମୀରର ଆହୁରି ଭିତରେ ଥିବା ପାକିସ୍ତାନର ଏକ ଅଞ୍ଚଳ। ପୁଲ୍‌ୱାମା ଆକ୍ରମଣ ପରେ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଗର୍ବର ସହିତ ଘୋଷଣା କରିଥିଲା ଯେ ଆମେ ଏସବୁ କରିଛୁ ଏବଂ ଏଭଳି ବାରମ୍ବାର କରିବୁ। କିନ୍ତୁ ପାକିସ୍ତାନ ସରକାର କହିଲେ ଯେ ଏ ଘଟଣାରେ ଆମ ଦେଶର କୌଣସି ସଂପୃକ୍ତି ନାହିଁ। କଶ୍ମୀରବାସୀ ଭାରତୀୟ ସେନାର ଅତ୍ୟାଚାରରେ ଅତିଷ୍ଠ ହୋଇ ଏଭଳି କାଣ୍ଡ କରିଛନ୍ତି। ପାକିସ୍ତାନ ଦେଶ ହିଂସାରୁ ଜନ୍ମ ହୋଇଛି। ଏହାର ସୈନ୍ୟବାହିନୀ ସର୍ବଦା ଚାହୁଁଛି ଭାରତ ସହିତ ବିବାଦ ଲାଗିରହୁ। କିନ୍ତୁ ସମଗ୍ର ପୃଥିବୀ ଜାଣିଲା ଯେ ଏ ଘଟଣା ପାଇଁ ପାକିସ୍ତାନ ଦାୟୀ। ଏ ଦିଗରେ ଆମ ରାଷ୍ଟ୍ରଦୂତମାନେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

ଭାରତର ମିରେଜ ଯୁଦ୍ଧବିମାନ ବାଲାକୋଟକୁ ଆଗଉଥିଲା ବେଳେ ପାକିସ୍ତାନର ରାଡାର ଓ କଣ୍ଟ୍ରୋଲ ଟାୱାରକୁ ଅଚଳ କରିଥିଲେ। ଆମର ଦୁଇଟି ବିମାନ କରାଚୀ ନିକଟସ୍ଥ ବାହବଲପୁର କ୍ୟାମ୍ପକୁ ଆଗେଇବାରୁ ପାକିସ୍ତାନ ଭ୍ରମରେ ପଡି ସେ ଅଞ୍ଚଳକୁ ଅନେକ ଯୁଦ୍ଧବିମାନ ପଠାଇଲା, କିନ୍ତୁ ଇଆଡେ ମିରେଜ ପ୍ରାୟ ଏକହଜାର କେଜିର ବିସ୍ଫୋରକ ଦ୍ରବ୍ୟ ପକାଇ ବାଲାକୋଟ କ୍ୟାମ୍ପକୁ ଧ୍ୱଂସ କରିଦେଲା। ଏ ଘଟଣା ପ୍ରକାଶିତ ହେବା ପରେ ଦେଶରେ ଆନନ୍ଦର ଲହରି ଖେଳିଲା। କିନ୍ତୁ ଅଭ୍ୟାସଗତ ମିଛୁଆ ପାକିସ୍ତାନ ଘୋଷଣା କଲା ଯେ ତାଙ୍କ ଲଢୁଆ ବାହିନୀର ପ୍ରତିଆକ୍ରମଣରେ ଛାନିଆ ହୋଇ ଭାରତୀୟ ଆକାଶବାହିନୀ ପଳାଇଗଲେ ଓ ଯିବାବେଳେ ଜଙ୍ଗଲରେ କିଛି ବୋମା ପକାଇଦେଇ ଗଲେ। ଅଳ୍ପ କେତୋଟି ଗଛ ଟଳି ପଡିଲା କିନ୍ତୁ କିଛି କ୍ଷୟକ୍ଷତି ହୋଇନାହିଁ। ଆମେ କିନ୍ତୁ ଏହାର ଠିକଣା ଜବାବ ଦେବୁ। ପରେ ପରେ ପାକିସ୍ତାନ ପ୍ରତିଆକ୍ରମଣ କଲା ଓ ଆମର ବୈମାନିକ ଅଭିନନ୍ଦନ ପୁରୁଣା ଯୁଦ୍ଧବିମାନ ମିଗ୍-୨୧କୁ ବ୍ୟବହାର କରି ପାକିସ୍ତାନର ଅତ୍ୟାଧୁନିକ ଯୁଦ୍ଧବିମାନ ଏଫ୍-୧୬କୁ ନଷ୍ଟ କରିଦେଲେ। ମିଗ୍-୨୧ ନଷ୍ଟ ହୋଇଗଲା ଓ ଅଭିନନ୍ଦନ ପାରାଶୁଟରେ ପାକିସ୍ତାନରେ ଓହ୍ଲାଇଯିବାରୁ ଧରାହେଲେ। ଇତିମଧ୍ୟରେ ଜୈଶ-ଇ-ମହମ୍ମଦ ଆମର ଆକ୍ରମଣ ଦ୍ୱାରା ବହୁତ କ୍ଷତି ହୋଇଛି ବୋଲି ସ୍ୱୀକାର କଲା।

କୂଟନୈତିକ ଯୁଦ୍ଧ ଘନେଇଲା। ପାକିସ୍ତାନର ଜାତୀୟ ବିଧାନସଭା (ସଂସଦର ଅନୁରୂପ)ରେ ପାକିସ୍ତାନ ଆକାଶ ବାହିନୀର ଅପୂର୍ବ ସାହସିକତାକୁ ପ୍ରଶଂସା କରାଗଲା ଓ ଭାରତକୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ସମସ୍ତେ ଦାବି କଲେ। ଠିକ୍ ଏହି ସମୟରେ ମୁସଲମାନ ଦେଶଗୁଡ଼ିକରେ ବାର୍ଷିକ ସମ୍ମିଳନୀ ପାଇଁ ଭାରତର ବୈଦେଶିକ ମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଅତିଥିରୂପେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଆସିଲା। ଏହା ପ୍ରଥମଥର ପାଇଁ ହେଲା। ପାକିସ୍ତାନର ବୈଦେଶିକ ମନ୍ତ୍ରୀ କୁ୍ୟରେସି ଘୋର ପ୍ରତିବାଦ କଲେ। ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ସେ ସଭାକୁ ଗଲେ ମୁଁ ଯିବି ନାହିଁ ବୋଲି ଧମକ ଦେଲେ। କିନ୍ତୁ ସଭାର ଆୟୋଜକ ମିଳିତ ଆରବ ରାଷ୍ଟ୍ର ତାଙ୍କ ନିଷ୍ପତ୍ତିରେ ଅଟଳ ରହିଲେ। ସମସ୍ତ ଘଟଣା ପରେ କୌଣସି ଗୋଟିଏ ରାଷ୍ଟ୍ର ପାକିସ୍ତାନକୁ ସମର୍ଥନ କଲେ ନାହିଁ। ପାକିସ୍ତାନର ପରମ ମିତ୍ର ସାଉଦି ଆରବ ଓ ଚାଇନା ନିରପେକ୍ଷ ରହିଲେ। ୧୯୬୫, ୧୯୭୧, ୧୯୭୯, ୧୯୯୯ ଯୁଦ୍ଧରେ ଚାଇନା ପାକିସ୍ତାନକୁ ସମର୍ଥନ କରି ନାହିଁ। ଚାଇନାକୁ ଦରକାର ବିରାଟ ବାଣିଜ୍ୟ ବଜାର, ସେଥିପାଇଁ ସେ ଭାରତ ସହିତ କୌଣସି ସଂଘର୍ଷ କରିବା ପାଇଁ ଚାହୁଁ ନାହିଁ। ୧୯୬୨ ପରେ ଚାଇନା-ଭାରତ ସୀମାରେ କୌଣସି ଗୋଳାବର୍ଷଣ ହୋଇନାହିଁ। ଅଥଚ ପାକିସ୍ତାନ ପ୍ରତି ସପ୍ତାହରେ ଥରେ ଦୁଇଥର ଗୋଳାବର୍ଷଣ କରୁଛି।

ଜୈଶ-ଇ-ମହମ୍ମଦର ମୁଖ୍ୟ ମୌଲାନା ମାସୁଦ ଆଝାର ପାକିସ୍ତାନର ଏକ ମିଲିଟାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ପାକିସ୍ତାନର ବୈଦେଶିକ ମନ୍ତ୍ରୀ କହିଛନ୍ତି। ୨୦୦୨ରେ ଆମେରିକାର ଚାପରେ ପଡି ପାକିସ୍ତାନ ଜୈସ-ଇ ମହମ୍ମଦକୁ ଏକ ଅବୈଧ ସଂଗଠନ ବୋଲି ଘୋଷଣା କରିଛି। ଯଦି ସଂଗଠନ ଅବୈଧ ଏବଂ ସେହି ସଂଗଠନ ପୁଲ୍‌ୱାମା କାଣ୍ଡ ଘଟାଇଛି ବୋଲି କହୁଛି, ତେବେ ତା'ର ମୁଖ୍ୟ ଯିଏ ପାକିସ୍ତାନର ସୈନ୍ୟବାହିନୀରେ ନାହାନ୍ତି, ସେ କିପରି ଏକ ସାମରିକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି? ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ପାକିସ୍ତାନ ଦାବି କରୁଛି। ବିଭିନ୍ନ ଆତଙ୍କବାଦୀ ସଂଗଠନ ବିଷୟରେ ପାକିସ୍ତାନ ଏଭଳି ବିଭ୍ରାନ୍ତିକର ବିବୃତି ଦେଉଛି।

୧୯୯୮ ମସିହାରେ ପୂର୍ବ ଆଫ୍ରିକାର ଦୁଇଟି ଦେଶର ଆମେରିକା ଦୂତାବାସ ଉପରେ ଆକ୍ରମଣ ହୋଇଥିଲା ଏବଂ ଆମେରିକା ସମସ୍ତ ଆତଙ୍କବାଦୀ ସଂସ୍ଥାର ଜନ୍ମଦାତା ଅଲ-କାଏଦାର କେତୋଟି ଆଡ୍ଡାକୁ ରକେଟ ମାରି ଧ୍ୱଂସ କରିଦେଇଥିଲା। ସେ ସମୟରେ ଆମେରିକାର ମୁଖ୍ୟ ତଦନ୍ତ ବିଭାଗ (FBI) ପ୍ରକାଶ କଲା ଯେ ଗଞ୍ଜେଇ, ଅଫିମ ମାଫିଆଙ୍କଠାରୁ ପଇସା ନେଇ ପାକିସ୍ତାନ ସରକାର ବହୁ ଅସ୍ତ୍ରଶସ୍ତ୍ର କିଣୁଛନ୍ତି ଓ କଶ୍ମୀରକୁ ଜିହାଦୀମାନଙ୍କୁ ପଠାଉଛନ୍ତି। ଆଫଗାନିସ୍ତାନର ସୁରକ୍ଷା ମନ୍ତ୍ରୀ ୟୁନୁସ କୁନାନି ୨୦୦୨ ଫେବୃୟାରୀ ୧୩ରେ ଅଭିଯୋଗ କଲେ ଯେ କୁଖ୍ୟାତ ଆତଙ୍କବାଦୀ ଓସାମା ବିନ୍ ଲାଡେନ ଓ ମୁଲ୍ଲା ଓମାରଙ୍କ ସହିତ ଅନେକ ତାଲିବାନ ଓ ଅଲ-କାଏଦାକୁ ପାକିସ୍ତାନ ଆଶ୍ରୟ ଦେଇଛି। ସେହିମାନେ ଆଫଗାନିସ୍ତାନରେ ବିଭିନ୍ନ ହତ୍ୟାକାଣ୍ଡ କରୁଛନ୍ତି। ୨୦୦୨ ଏପ୍ରିଲ ୨୧ରେ ଆମେରିକାର ବିଖ୍ୟାତ ଖବରକାଗଜ ୱାଶିଂଟନ ଟାଇମ୍ ଖବର ପରିବେଷଣ କଲା ଯେ ୨୦୦୧ ଡିସେମ୍ବରରେ ଓସାମା ବିନ୍ ଲାଡେନ ପାକିସ୍ତାନକୁ ଗଲା। ଏ ସମସ୍ତ ରିପୋର୍ଟ ଓ ଅଭିଯୋଗକୁ ପାକିସ୍ତାନ ଅଗ୍ରାହ୍ୟ କଲା। ପାକିସ୍ତାନ ନିଜେ ସନ୍ତ୍ରାସବାଦ ଦ୍ୱାରା ଆକ୍ରାନ୍ତ ବୋଲି ଅଭିଯୋଗ କଲା। ପରେ ଓସାମା ବିନ୍ ଲାଡେନଙ୍କୁ ପାକିସ୍ତାନ ରାଜଧାନୀର କିଛି ଦୂରରେ ଆମେରିକା ମାରିଲା।

ବାଲାକୋଟ ଘଟଣାକୁ ଅସ୍ୱୀକାର କରି ଓ ଭାରତ ବିରୋଧରେ ବାରମ୍ବାର ଅଭିଯୋଗ କରି ପାକିସ୍ତାନ କୌଣସି ଫଳ ପାଉନାହିଁ। କୌଣସି ମୁସଲିମ ରାଷ୍ଟ୍ର (ସାଉଦି ଆରବ, ତୁର୍କୀ) ସାହାଯ୍ୟ କରିବା ତ ଦୂରର କଥା ସମର୍ଥନ ମଧ୍ୟ କରୁନାହାନ୍ତି। ସନ୍ତ୍ରାସବାଦକୁ ପ୍ରତିହତ କରିବା ପାଇଁ ଅର୍ଥନୈତିକ କଟକଣା କରୁଥିବା ଅନୁଷ୍ଠାନ ପାକିସ୍ତାନକୁ ସନ୍ଦେହ ତାଲିକାରେ ରଖି ତା'ର ଚିନ୍ତା ବଢାଇଛି। ତା' ସତ୍ତ୍ୱେ ସବୁ ଦେଶରେ ପାକିସ୍ତାନ ଭାରତ ବିରୋଧରେ ପ୍ରଚାର କରୁଛି ଓ ପାକିସ୍ତାନରେ ଥିବା ଆତଙ୍କବାଦୀ ସଂସ୍ଥା ଘୋଷଣା କରିଛନ୍ତି ଯେ ହିନ୍ଦୁ, ଖ୍ରୀଷ୍ଟିୟାନ ଓ ଇହୁଦୀ ଦେଶଗୁଡ଼ିକୁ ଧ୍ୱଂସ କରି ପୃଥିବୀରେ ମୁସଲମାନ ଶାସନ ଚଳାଇବୁ।

ଅନ୍ୟ ରାଷ୍ଟ୍ରମାନେ ପାକିସ୍ତାନକୁ ସମର୍ଥନ ନ କଲେ କ'ଣ ହେଲା, ଆମ ଦେଶରୁ ପାକିସ୍ତାନକୁ ବେଶ୍ ସମର୍ଥନ ମିଳୁଛି। କେହି କହୁଛନ୍ତି ଯେ ପ୍ରମାଣ ଦିଅ। ଫଟୋ, ଭିଡିଓ, କାହିଁକି ଦେଇ ପାରୁନାହଁ। ନିର୍ଦ୍ଦିଷ୍ଟ କେତେ ଲୋକ ମଲେ ସେ ସଂଖ୍ୟା କୁହ। ପୁଲ୍‌ୱାମା ଘଟଣା ଘଟିବା ଦିନ କାହିଁକି ପ୍ରତିଆକ୍ରମଣ କଲ ନାହିଁ। ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ କହିଲେ ଯେ ପୁଲ୍‌ୱାମା ଘଟଣା ଏକ ଦୁର୍ଘଟଣା। ତାଙ୍କୁ ସମର୍ଥନ କରି ଆଉ ଜଣେ କହିଲେ ଯେ ସନ୍ତ୍ରାସବାଦ ଏକ ଦୁର୍ଘଟଣା ମାତ୍ର। ଜଣେ ମୁଖ୍ୟମନ୍ତ୍ରୀ କହିଲେ, ପୁଲ୍‌ୱାମା ଆକ୍ରମଣ ବଢ଼ିଆ ସମୟରେ କରାଯାଇଛି ଯେପରି କି ଏହା କ୍ଷମତାରେ ଥିବା ଦଳକୁ ସାହାଯ୍ୟ କରିବ। ଆନ୍ତର୍ଜାତିକ ଚାପରେ ପାକିସ୍ତାନ ଅଭିନନ୍ଦନଙ୍କୁ ୪୮ ଘଣ୍ଟା ଭିତରେ ଛାଡିଦେଲା ଓ ଆମର ଗୋଟିଏ ପ୍ରଦେଶର ମନ୍ତ୍ରୀ ସେଥିପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ଭୂରି ଭୂରି ପ୍ରଶଂସା କଲେ। ଯେଉଁମାନେ କେତେ ଲୋକ ମଲେ ତା'ର ହିସାବ ମାଗୁଛନ୍ତି ତାଙ୍କୁ ଏହି ଉତ୍ତର ଦେଇଦେବ ଯେ ଆକାଶରୁ ବୋମା ପଡିଲେ କେତେ ଲୋକ ମଲେ କେମିତି ଜାଣିବା। ଏତିକି କେବଳ କହିହେବ ଯେ ସେ ଅଞ୍ଚଳରେ ୩୦୦ ମୋବାଇଲ ଫୋନ କାମ କରୁଥିଲା। ପଞ୍ଜାବର ମନ୍ତ୍ରୀ କଟାକ୍ଷ କରିଛନ୍ତି ଯେ ଆମ ଆକାଶବାହିନୀ ସନ୍ତ୍ରାସବାଦୀଙ୍କୁ ମାରିଲେ ନା ଗଛ ଉପାଡିଲେ। ନିର୍ବାଚନ ମୁଣ୍ଡ ଉପରେ। ନିର୍ବାଚନ ସରିବା ପର୍ଯ୍ୟନ୍ତ ଏଭଳି ନାଟକ ଚାଲିଥିବ। ଏ ସମସ୍ତ ବିଭ୍ରାନ୍ତକାରୀ ମତକୁ ଉପେକ୍ଷା କରିବା ଉଚିତ।

ପୂର୍ବତନ ଡିଜି, ମୋ-୯୦୪୦୪୧୨୩୭୮

# କୁମାରୀ ମାତୃତ୍ୱର ବୋଝ



ପ୍ରୀତିଛନ୍ଦା ଧଳ

ରାଜ୍ୟରେ ମହିଳା, ନାବାଳିକା ଅସୁରକ୍ଷିତ ଏବଂ କୁମାରୀ ମାତୃତ୍ୱର ହାର ମଧ୍ୟ ବଢ଼ିବାରେ ଲାଗିଛି। ଏ କୁମାରୀ ମାତୃତ୍ୱ କ'ଣ ପାଇଁ ଏତେ ମାତ୍ରାରେ ବଢ଼ିବାରେ ଲାଗିଛି, ଏହାର ଉତ୍ତର ମଧ୍ୟ କାହା ପାଖରେ ନାହିଁ। କେଉଁଠି ଝିଅଟିଏ ଠକାମିର ଶିକାର ହୋଇ କୁମାରୀ ମାତୃତ୍ୱର ବୋଝ ମୁଣ୍ଡାଉଛି ତ ଆଉ କେଉଁ ଜାଗାରେ ଆଦିବାସୀ ହଷ୍ଟେଲ୍‌ରେ ଝିଅଟିଏ ବଳାତ୍କାରର ଶିକାର ହୋଇ କୁମାରୀ ମାତୃତ୍ୱକୁ ବରଣ କରୁଛି। ସମସ୍ତଙ୍କ ମନରେ ଆଲୋଡନ ସୃଷ୍ଟି କରେ ଏହି ପ୍ରସଙ୍ଗ।

ଗତ ନିବନ୍ଧରେ ଆମେ ଲେଖିଥିଲୁ, ଅସୁରକ୍ଷିତ ଆଶ୍ରମ ଗୃହ। ସେଥିରେ ଆମେ ଦାୟୀ କରିଥିଲୁ ଜିଲା ଶିଶୁ ମଙ୍ଗଳ ଅଧିକାରୀମାନଙ୍କୁ। କିଛି ଫୋନ୍ ମଧ୍ୟ ପାଇଥିଲୁ ଡିସିପିଓମାନଙ୍କଠାରୁ। ସେମାନଙ୍କ ଉତ୍ତର ଥିଲା ଯେ ଆମେ ଆମର ଦାୟିତ୍ୱ ଠିକ୍ ଭାବରେ ତୁଲାଉଛୁ। ସେମାନେ ଯଦି ଠିକ୍ ଭାବରେ ଦାୟିତ୍ୱ ତୁଲାଉଛନ୍ତି ତା'ହେଲେ ଏପରି ଘଟୁଛି କାହିଁକି? ସରକାରୀ ତଥ୍ୟ ଅନୁଯାୟୀ ଗତ ଦୁଇବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ୪୪୫ ଜଣ ନାବାଳିକା ଓ ମହିଳା ବଳାତ୍କାରର ଶିକାର ହୋଇଛନ୍ତି ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଗତ ଫେବୃୟାରୀ ୬ ତାରିଖରେ ଗୃହରେ ତଥ୍ୟ ରଖିଛନ୍ତି। ୨୦୧୪ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଛାତ୍ରୀ ନିବାସରେ ୧୨ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪ଜଣ ସନ୍ତାନ ଜନ୍ମ କରିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଏ ପ୍ରକାର ଅବ୍ୟବସ୍ଥା ନେଇ ସାଧାରଣ ଲୋକଙ୍କ ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ ସୃଷ୍ଟି ହେବା ସ୍ୱାଭାବିକ। ପ୍ରଶ୍ନ ଉଠୁଛି କିଏ ଏହି କୁମାରୀ ମାତୃତ୍ୱ ପାଇଁ ଦାୟୀ? ଝିଅମାନେ ଯେପରି ପଢ଼ିପାରିବେ, ଉଚ୍ଚଶିକ୍ଷିତ ହୋଇପାରିବେ, ସେଥିପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କଲେ। କିନ୍ତୁ ଏହି ଯୋଜନାର ଫାଇଦା ଝିଅମାନେ ଉଠେଇବା ପରିବର୍ତ୍ତେ କିଛି ରୁଗ୍‌ଣ ମାନସିକତାର ଲୋକମାନେ ଏହି ଝିଅମାନଙ୍କୁ ନେଇ ଫାଇଦା ଉଠେଇବାରେ ଲାଗିଲେ। ଫଳସ୍ୱରୂପ ଆମେ କିଛି ଦିନ ଧରି ବିଭିନ୍ନ ପ୍ରକାର ଖବରକାଗଜ ଓ ଟେଲିଭିଜନରେ ନାବାଳିକାମାନଙ୍କର ଭୟାବହ ପରିଣାମ ଦେଖୁଛେ।

ଯେଉଁଠି ନିଜେ ମନ୍ତ୍ରୀ ଏଭଳି ଚିନ୍ତାଜନକ ତଥ୍ୟ ଦେଉଛନ୍ତି ସେଠି ଆମେ ଆଉ କାହାକୁ ପ୍ରଶ୍ନ କରିବା? ଧିକ୍ ଆମ ସରକାରୀ ବ୍ୟବସ୍ଥା, ଯେଉଁଠି ଝିଅମାନଙ୍କୁ ଏତେ ଅତ୍ୟାଚାରର ଶିକାର ହେବାକୁ ପଡ଼େ। ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କର ପାଠପଢା ବନ୍ଦ ହୋଇଯାଏ। ଛାତ୍ରୀନିବାସ ଓ ଆବାସିକ ବିଦ୍ୟାଳୟଗୁଡ଼ିକରେ ଝିଅମାନେ କିପରି ନିରାପତ୍ତା ଓ ସୁରକ୍ଷା ଭିତରେ ରହି ଅଧ୍ୟୟନ କରିବେ ସେଥିପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏସବୁର ପରିଚାଳନା ପାଇଁ ରାଜ୍ୟରେ ୩ ହଜାର ମାଟ୍ରନ୍‌ଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ୩୩୬ଜଣ ଏଏନ୍‌ଏମ୍‌ଙ୍କୁ ନିଯୁକ୍ତ କରାଯାଇଛି। ମାସକୁ ଥରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ୍ୟ ଆମର ଗାଇଡ୍‌ଲାଇନ୍‌ରେ ବ୍ୟବସ୍ଥା ଅଛି। ଏତେସବୁ ରହିଲା ପରେ ମଧ୍ୟ ନାବାଳିକା ଝିଅମାନେ ଗର୍ଭବତୀ ହେଉଛନ୍ତି। ସ୍ୱାସ୍ଥ୍ୟ ଯାଞ୍ଚ ହେଲେ ବି ତାହା କେହି ଜାଣିପାରୁନାହାନ୍ତି। ନିରୀହ ଝିଅଟି ଶେଷରେ ସନ୍ତାନ ପ୍ରସବ କରୁଛି। ଏହାଠାରୁ ବଳି ଯନ୍ତ୍ରଣାଦାୟକ ଘଟଣା ଆଉ କ'ଣ ହୋଇପାରେ ଏହି ନାବାଳିକାମାନଙ୍କ ପାଇଁ?

ଆମର ଯେଉଁ ଗାଇଡ୍‌ଲାଇନ୍ ରହିଛି ତାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଗରିବ ମା'ବାପାଙ୍କ ସ୍ୱପ୍ନ ସେମିତି ଅଧାରେ ରହିଯାଉଛି। କୁମାରୀ ମାତୃତ୍ୱର ବୋଝକୁ ସହି ନ ପାରି କେତେକ କ୍ଷେତ୍ରରେ ଝିଅମାନେ ଆତ୍ମହତ୍ୟା କରୁଛନ୍ତି। ଏହି ନାବାଳିକାଙ୍କ ଭବିଷ୍ୟତ କିପରି ସୁନ୍ଦର ହେବ ତାହା ଏବେ ଚିନ୍ତାର ବିଷୟ ହୋଇଯାଇଛି। ଏତେ ସୁରକ୍ଷା ବ୍ୟବସ୍ଥା ଆମ ସରକାରଙ୍କ ରହିଛି, ତଥାପି ସବୁକିଛି ଫେଲ୍ ମାରୁଛି କାହିଁକି? ସରକାରୀ ସ୍ତରରେ ଏ ଦିଗରେ ଆହୁରି ତତ୍ପରତା ଆସିବା ଦରକାର। ଦୁଃଖର କଥା, ୨୪ ଘଣ୍ଟିଆ ଟୋଲ୍ ଫ୍ରି ଓ ୧ ହଜାର ହଟ୍‌ଲାଇନ୍ ଫୋନ୍‌ର ସୁରକ୍ଷା ଭିତରେ ଆଜି ବି ଆମ ଝିଅମାନେ ଅସୁରକ୍ଷିତ।

ମୋ-୯୯୩୭୭୩୪୪୬୧

## ଏଇ ଭାରତରେ

ଲୋକଲଜ୍ଜା ଭୟରେ ଜଣେ ଯୁବତୀ ୟୁଟ୍ୟୁବ୍ ଦେଖି ଘରେ ପ୍ରସବ କରିବା ଘଟଣା ମହଙ୍ଗା ସାବ୍ୟସ୍ତ ହୋଇଛି। ଅବଶେଷରେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର ଗୋରଖପୁରରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ସ୍ଥାନୀୟ ବହରାଇଚ୍‌ର ବାସିନ୍ଦା ଏହି ଯୁବତୀଙ୍କର ଜଣେ ଯୁବକଙ୍କ ସହିତ ଦୀର୍ଘଦିନ ଧରି ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଦୁହିଁଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଯୋଗୁ ଯୁବତୀ ଗର୍ଭବତୀ ହେବାପରେ ଯୁବକ ବିବାହ କରିବାକୁ ମନା କରିଥିଲେ। ଲୋକଲଜ୍ଜାକୁ ଭୟକରି ଯୁବତୀଙ୍କ ପରିବାର ସଦସ୍ୟ ଗର୍ଭପାତ କରାଇବାକୁ ରାଜି ହୋଇ ନ ଥିଲେ। ଯୁବତୀ ପ୍ରସବ କରିବା ପାଇଁ ୪ଦିନ ତଳେ ଗୋରଖପୁର ଆସି ଏକ ଭଡ଼ାଘରେ ରହିଥିଲେ। ସେ କୌଣସି ହସ୍ପିଟାଲ ନ ଯାଇ ଘରେ ୟୁଟ୍ୟୁବ୍ ଦେଖି ପ୍ରସବ କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ନବଜାତକ ସହିତ ଯୁବତୀଙ୍କର ମୃତ୍ୟୁ ଘଟିଥିଲା। ଏ ବିଷୟ ଜଣାପଡିବା ପରେ ଘର ମାଲିକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରେ ମୋବାଇଲ୍ ୟୁଟ୍ୟୁବ୍‌ରେ ପ୍ରସବ ଭିଡିଓ ଚାଲିଥିବା ଦେଖିବାକୁ ପାଇଥିଲେ। ଆବଶ୍ୟକ ପ୍ରମାଣ ମିଳିଲେ ପ୍ରେମିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ମାର୍ଚ୍ଚ ୧୯୯୪

- ୧୯୯୪-୯୫ ଆର୍ଥିକବର୍ଷରେ ଆମେରିକା ଭାରତକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ୬୬.୫ ମିଲିୟନ ଡଲାର ସହାୟତା ଦେବା ନେଇ ନିଷ୍ପତ୍ତି।
- ତାଜିକସ୍ତାନର ଉପପ୍ରଧାନମନ୍ତ୍ରୀ ମୁଜାବ୍‌ଶୋ ନାରାଶୋୟଭଙ୍କୁ ତାଙ୍କ କାର୍ଯ୍ୟାଳୟରେ ଗୁଳିକରି ହତ୍ୟା କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳଭଣ୍ଡାର ନିର୍ମାଣ କରାଯାଉ

ମହାଶୟ,

ତେଲକୋଇ ଅଞ୍ଚଳରେ ଟମାଟୋ ବହୁଳ ଉତ୍ପାଦନ ହୋଇଛି। କିନ୍ତୁ ବିକ୍ରୟ ପାଇଁ ବଜାର କିମ୍ବା ଗଚ୍ଛିତ ରଖିବା ପାଇଁ ଶୀତଳଭଣ୍ଡାର ନ ଥିବାରୁ ବ୍ଲକ୍ ଅଫିସ ସମ୍ମୁଖରେ ଚାଷୀ ନିଜ ଉତ୍ପାଦିତ ଟମାଟୋ ଡାଲା ଅଟୋରେ ନିଜ ଖର୍ଚ୍ଚରେ ଆଣି ଢାଳିବାର ଦୃଶ୍ୟ ବେଶ୍ ଦୁଃଖଦାୟକ। ଏପଟେ ଭାରତ ପାକିସ୍ତାନକୁ ପନିପରିବା ସହ ଟମାଟୋ ରପ୍ତାନି ବନ୍ଦ କରିଦେବାରୁ ସେଠାରେ ଟମାଟୋ କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି ହେବାର ଖବର ପ୍ରକାଶ ପାଇଛି। ଏଣେ କେନ୍ଦୁଝରର ତେଲକୋଇରେ ଟମାଟୋ କିଲୋ ପ୍ରତି ଏକ ଟଙ୍କା ଦରରେ ବିକ୍ରି ପାଇଁ ଗ୍ରାହକର ଅଭାବ। ଡିରୋଟ ସମୟରେ ଟମାଟୋ କିଲୋ ପ୍ରତି ୪୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୁଏ, ଯାହା ଗ୍ରାହକମାନେ କିଣିବାକୁ ବାଧ୍ୟ ହୁଅନ୍ତି। ଆମଦାନୀ ସମୟରେ ଆଳୁ ପଶ୍ଚିମବଙ୍ଗରୁ ଆଣି ଯଦି ଗଚ୍ଛିତ କରା ନ ଯାଏ ତେବେ ଆଳୁର ଦର ନିକଟ ଭବିଷ୍ୟତରେ କିଲୋ ୪୦ରୁ ୫୦ ଟଙ୍କା ହେବ ବୋଲି ବେପାରୀମାନେ ସତର୍କ କରିଦେଇଛନ୍ତି। ଓଡ଼ିଶାରେ ଆଳୁ ମିଶନ ସଫଳ ହୋଇ ନ ଥିବା ବେଳେ ଏଥିପ୍ରତି ସରକାର ଉଦାସୀନ ରହିବା ଲକ୍ଷ୍ୟ କରାଯାଉଛି। ସେହିପରି ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ଫୁଲକୋବି ପ୍ରଚୁର ପରିମାଣରେ ହୋଇଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ କେତେକ ଅଞ୍ଚଳରେ ୧୦ ଟଙ୍କାକୁ ତିନୋଟି ଲେଖାଏଁ ବିକ୍ରି ହୋଇଛି। କୃଷି ବିଭାଗ ପନିପରିବା ସଂରକ୍ଷଣ ନିମିତ୍ତ ଏକ ସୁବ୍ୟବସ୍ଥିତ ପ୍ରଣାଳୀ ଅବଲମ୍ବନ ନ କଲେ ଉତ୍ପାଦନକାରୀ ଘୋର କ୍ଷତିର ସମ୍ମୁଖୀନ ହୋଇ ଆଉ ପନିପରିବା ଫସଲ ପାଇଁ ଆଗ୍ରହାନ୍ୱିତ ହେବେ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ବନ୍ୟଜନ୍ତୁ ସହରମୁହାଁ କାହିଁକି

ଧରିତ୍ରୀରୁ ସୁନ୍ଦରଗଡ଼ରେ ଦନ୍ତାହାତୀ ପଶିବା ଖବର ପଢ଼ିଲି। ନିକଟରେ ଭୁବନେଶ୍ୱରରେ ଦୁଇଟି ବାଘ ପଶିଥିଲେ। ଅନେକ ସମୟରେ ହାତୀମାନେ ଜନବସତିରେ ପ୍ରବେଶ କରୁଛନ୍ତି। ଏହାର କାରଣ ଜଙ୍ଗଲ କ୍ଷୟ। କାଠ ମାଫିଆଙ୍କ ପ୍ରତି ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅବସ୍ଥା ଏପରି ହୋଇଛି। ଏହାକୁ ବନ୍ଦ କରା ନ ଗଲେ ପରିବେଶ ଉପରେ କୁପ୍ରଭାବ ପଡିବ ଓ ପ୍ରାକୃତିକ ବିପର୍ଯ୍ୟୟ ମାଡ଼ିଆସିବ।

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର। - ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ବିଏଆର୍‌ସି ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କଲେ ଅଜିତ୍ ମହାନ୍ତି

ଭୁବନେଶ୍ୱର,୧୨।୩(ବ୍ୟୁରୋ): ଓଡ଼ିଶା ଜନ୍ମିତ ଖ୍ୟାତନାମା ବୈଜ୍ଞାନିକ ଡ. ଅଜିତ୍ କୁମାର ମହାନ୍ତି ଆଣବିକ ଗବେଷଣାର ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର(ବିଏଆର୍‌ସି)ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଣବିକ ଶକ୍ତି ମନ୍ତ୍ରଣାଳୟ ସଚିବ ତଥା ଆଟମିକ୍ ଏନର୍ଜି କମିଶନ୍ ଅଧ୍ୟକ୍ଷ କେ.ଏନ୍. ବ୍ୟାସଙ୍କଠାରୁ ସେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୫୯ରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା କୁଲିଆପାଳରେ ଜନ୍ମଗ୍ରହଣ କରିଥିବା ଡ. ମହାନ୍ତି ଜଣେ ଜଣାଶୁଣା ନ୍ୟୁକ୍ଲିୟର ଫିଜିସିଷ୍ଟ। ୧୯୭୯ରେ ବାରିପଦାର ଏମ୍‌ପିସି କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ରେଭେନ୍‌ଶାରୁ ସ୍ନାତକୋତ୍ତର କରିଥିଲେ। ୧୯୮୩ରେ ବିଏଆର୍‌ସି ଟ୍ରେନିଂ ସ୍କୁଲର ୨୬ତମ ବ୍ୟାଚ୍‌ରେ ପ୍ରଶିକ୍ଷଣ ନେବା ପରେ ସେଠାରେ ସେ ନ୍ୟୁକ୍ଲିୟର ଫିଜିକ୍ସ ଡିଭିଜନରେ ବୈଜ୍ଞାନିକ ଭାବେ ଯୋଗଦେଇଥିଲେ। ଏହାସହ ବମ୍ବେ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ତାଙ୍କ ୩୬ବର୍ଷର ବୈଜ୍ଞାନିକ ଜୀବନ ମଧ୍ୟରେ ଡ. ମହାନ୍ତି ନ୍ୟୁକ୍ଲିୟ ବିଜ୍ଞାନର ବିଭିନ୍ନ ବିଭାଗରେ କାମ କରିଥିଲେ। ଏହାମଧ୍ୟରେ ଲୋ ଲାଇଜନ୍ ଏନର୍ଜି, ସବ୍-କଲମ୍ବ ବ୍ୟାରିୟର, ରିଲେଟିଭିଷ୍ଟିକ୍ ହିରାଗ୍ନ ଭଳି କ୍ଷେତ୍ର ସାମିଲ ଥିଲା। କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷ ଲାଗି ୧୯୮୮ରେ ସେ ଇଣ୍ଡିଆନ୍ ଫିଜିକ୍ସ ଆସୋସିଏସନ୍‌ର 'ଯୁବ ବୈଜ୍ଞାନିକ ସମ୍ମାନ', ୧୯୯୧ରେ ଇଣ୍ଡିଆନ୍ ନ୍ୟାସନାଲ ସାଇନ୍ସ ଏକାଡେମୀର 'ଯୁବ ପଦାର୍ଥ ବୈଜ୍ଞାନିକ ସମ୍ମାନ' ଏବଂ ୨୦୦୧ରେ ଆଣବିକ ଶକ୍ତି ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା 'ହୋମି ଭାବା ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଆୱାର୍ଡ' ପାଇଛନ୍ତି।

# ଭାଜପା କ୍ଷମତାକୁ ଆସିଲେ ବିକାଶର ଗତି ବଢ଼ିବ

ନୟାଗଡ଼ ଅଫିସ,୧୨।୩




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

■ଡିମିଶରରେ ଭାଜପାର ବିଜୟ ସଂକଳ୍ପ ସଭା
■ରାଜ୍ୟ ସରକାର ବଦଳିବା ଦରକାର
■ପୁଣି ଥରେ ମୋଦି ସରକାର

ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନମଣ୍ଡଳୀ ଡିମିଶର ଗ୍ରାମ ଖେଳପଡ଼ିଆଠାରେ ମଙ୍ଗଳବାର ଭାଜପାର ବିଜୟ ସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ୨ ମାସର ବ୍ୟବଧାନ ପରେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୟାଗଡ଼ ଜିଲ୍ଲା ଗସ୍ତ କରି ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଛନ୍ତି। ଜିଲ୍ଲା ସଭାପତି ସତ୍ୟବାଦୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଜିଲାବାସୀଙ୍କୁ ପରିବର୍ତ୍ତନ ଆହ୍ୱାନ ଦେଇଥିଲେ। ସେ ରାଜ୍ୟରେ ଅଫିସରରାଜ୍ ଚାଲିଥିବାବେଳେ ତାହାକୁ ଶେଷ କରିବାକୁ ସେ କହିଥିଲେ। ରାଜ୍ୟ ସରକାରଙ୍କୁ ବଦଳାଇବା ସହ ପୁଣି ଥରେ ମୋଦି ସରକାର ଆହ୍ୱାନ ଦେଇଥିଲେ। ଗରିବ କଲ୍ୟାଣକୁ ଭାଜପା ଜନଆନ୍ଦୋଳନରେ ପରିଣତ କରିଛି। ରାଜ୍ୟରେ ୨୦ ଲକ୍ଷ ଲୋକଙ୍କର ଘରଡିହ ନାହିଁ, ୩୦ ଲକ୍ଷ ପରିବାରଙ୍କ ଘର ଉପରେ ଛାତ ନାହିଁ, ତଥାପି ବିଜେଡି କହୁଛି ଉନ୍ନତି ହୋଇଛି। ପଞ୍ଚାୟତ ଯୋଜନାଠାରୁ ଆରମ୍ଭକରି ବିଭିନ୍ନ ଯୋଜନାରେ ପିସି କାରବାର ହେଉଛି, କାହାକୁ ଜଣାନାହିଁ କାଳିଆ ଯୋଜନାରେ କାହା ଆକାଉଣ୍ଟକୁ ଟଙ୍କା ଯାଉଛି। ଶିକ୍ଷକ ନିଯୁକ୍ତି କରିବାକୁ ଟଙ୍କା ନାହିଁ ଅଥଚ ବିଭିନ୍ନ ଯୋଜନା କରାଯାଉଛି। ସମୟ ଆସିଛି ଜଣେ ଭଲ ସେବକ (ହଳିଆ)ଙ୍କୁ ନିଜର ସେବା କରାଇବାର ଦାୟିତ୍ୱ ଦେବା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ। ଓଡ଼ିଶା ବିକାଶର ଗାଡ଼ିକୁ ଆଗକୁ ଗଡ଼ାଇବାକୁ ହେଲେ ଭାଜପାକୁ ସମର୍ଥନ କରିବାକୁ ସେ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଯୋଗଦେଇ ରଣପୁର ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ ଦୁର୍ନୀତି ବିଷୟରେ ବଖାଣିଥିଲେ। ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ପାଇଁ ଜଳସେଚନର ବ୍ୟବସ୍ଥା ନ ଥିବା, ଯୋଜନା ଘରକୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇ ନ ଥିବା ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ପ୍ରହରାଜ, ଭାଜପା ମୁଖପାତ୍ର ଗୋଲକ ମହାପାତ୍ର, ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଜିଲ୍ଲା ପରିଷଦ ସଭ୍ୟ ସନ୍ୟାସୀ ପ୍ରଧାନ, ସଭ୍ୟା ଭୁବନେଶ୍ୱରୀ ସାହୁ, ଲୁନାଡେକା ଛୋଟରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତେ ରାଜ୍ୟ ସରକାର ତଥା ବିଜେଡି ଉପରେ ପ୍ରବଳ ବର୍ଷିଥିଲେ। ୨୦ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନ କରିଥିଲେ ମଧ୍ୟ ରାଜ୍ୟରେ ଯେଉଁଭଳି ଭାବେ ବିକାଶ ହେବା କଥା ସେଭଳି ଆଖିଦୃଶିଆ ହୋଇ ନ ଥିବା ଅଭିଯୋଗ କରିଥିଲେ। ଜିଲ୍ଲା ପ୍ରଭାରୀ ଲୋଚନବିନ୍ଦୁ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଜେଡିର ଉପେନ୍ଦ୍ର ବିଷୋୟୀ, ଅବନୀକାନ୍ତ ମାଝୀ, ସୂର୍ଯ୍ୟମଣି ମାଝୀ, ଅଗାଧୁ ସ୍ୱାଇଁ, ଯୁଧିଷ୍ଠିର ନାୟକ, ଚରଣ ମହାପାତ୍ର, କୈଳାସ ଚନ୍ଦ୍ର ସାହୁଙ୍କ ସମେତ ବହୁ ସଂଖ୍ୟାରେ ବ୍ୟକ୍ତି ଭାଜପାରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଜାନୁଆରୀ ୬ ତାରିଖରେ ନୟାଗଡ଼ ଜିଲ୍ଲା ସଦର ବ୍ଲକ ଲାଠିପଡ଼ାଠାରେ 'ଜବାବ ମାଗୁଛି ନୟାଗଡ଼' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗ ଦେଇଥିଲେ।

## ଦୁବାଇରେ ନିର୍ଯାତିତ ୪୨ ଓଡ଼ିଆ ଶ୍ରମିକ ଫେରିବେ

### ତତ୍ପରତା ପ୍ରକାଶ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଓ ବେଗୁନିଆ ବ୍ଲକର ୪୨ ଶ୍ରମିକ ଦୁବାଇରେ ଠିକାଦାରଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଚଳିତ ମାସ ୧୧ ତାରିଖରେ କେନ୍ଦ୍ର ବୈଦେଶିକ ବ୍ୟାପାର ଯୁଗ୍ମସଚିବଙ୍କୁ ସେହି ୪୨ ଜଣଙ୍କୁ ଫେରାଇ ଆଣିବା ପାଇଁ ଅନୁରୋଧ କରାଯାଇଛି। ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଏନେଇ ଗଣମାଧ୍ୟମଙ୍କୁ ଅବଗତ କରାଯାଇଛି। ଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟକୁ ମଧ୍ୟ ଏହି ଘଟଣାରେ ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ ରଖିବା ପାଇଁ କୁହାଯାଇଛି। ସେହିପରି ସେମାନଙ୍କ ଉଦ୍ଧାର ପରେ ଦିଲ୍ଲୀ ବିମାନଘାଟିରୁ ଆଣି ଓଡ଼ିଶା ସଦନରେ ରଖିବା ଏବଂ ସେମାନଙ୍କ ନିଜ ଗ୍ରାମକୁ ଫେରିବାର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରାଯାଇଛି। ରାଜ୍ୟ ଶ୍ରମ ଓ ନିଯୋଜନ ବିଭାଗର ପ୍ରମୁଖ ସଚିବ ଓ ଶ୍ରମ କମିଶନରଙ୍କୁ ମଧ୍ୟ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଯୋଗସୂତ୍ର ରକ୍ଷାକରି ୪୨ ଶ୍ରମିକଙ୍କୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଉଦ୍ଧାରର ଶେଷ ପର୍ଯ୍ୟନ୍ତ କେନ୍ଦ୍ର ବୈଦେଶିକ ବ୍ୟାପାର ଓ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହିବା ପାଇଁ କୁହାଯାଇଛି।

# ୩ ପର୍ଯ୍ୟାୟ ନିର୍ବାଚନ ପାଇଁ କଂଗ୍ରେସର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

ସବୁ ଦଳ ଭଳି କଂଗ୍ରେସରେ ମଧ୍ୟ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଜୋରଦାର ଚାଲିଛି। ବରିଷ୍ଠ କଂଗ୍ରେସ ନେତା କେଭିପି ରାମଚନ୍ଦ୍ର ରାଓଙ୍କ ଦିଲ୍ଲୀସ୍ଥିତ ବାସଭବନରେ ଦୁଇଦିନ ଏଆଇସିସି ସ୍କ୍ରିନିଂ କମିଟି ବସି ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିଛି। ମାତ୍ର ଦୁଇଦିନ ମଧ୍ୟରେ ରାଜ୍ୟର ସମସ୍ତ ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ଦଳ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିପାରି ନାହିଁ। ବହୁ ଆସନ ପାଇଁ ଏକାଧିକ ଆଶାୟୀ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଆଉ ଥରେ ବୈଠକ ବସି ସବୁ ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି।

ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି ସାଥିସାନ ଏବଂ ଦୁଇ ସଦସ୍ୟ ଜିତିନ ପ୍ରସାଦ ଏବଂ ନୌସାଦ ସୋଲାଙ୍କିଙ୍କ ସହ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଭାରୀ ଜିତେନ୍ଦ୍ର ସିଂ ଓ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝି ଏକାଠି ବସି ରାଜ୍ୟର ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ଆସନର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବା ଦାୟିତ୍ୱ ତୁଲାଇଛନ୍ତି। ଓଡିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ପ୍ରଥମ ୩ଟି ପର୍ଯ୍ୟାୟରେ ହେବାକୁ ଥିବା ୧୫ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୧୦୫ ବିଧାନସଭା ଆସନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ତାଲିକା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ନିକଟକୁ ପଠାଯାଇଛି। ପୁନର୍ବାର ଦ୍ୱିତୀୟ ପର୍ଯ୍ୟାୟ ଏଆଇସିସି ସ୍କ୍ରିନିଂ କମିଟି ବୈଠକ ବସି ବାକି ୬ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୪୨ ବିଧାନସଭା ଆସନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହେବ। ଆସନ୍ତା ସ୍କ୍ରିନିଂ କମିଟି ବୈଠକ ପୁନର୍ବାର ଦିଲ୍ଲୀଠାରେ ୧୬ରେ ଅନୁଷ୍ଠିତ ହେବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି।

ନିରଞ୍ଜନ କହିଛନ୍ତି, ଏଥର ମୁଖ୍ୟତଃ ମହିଳା, ଯୁବକମାନଙ୍କୁ ପ୍ରାର୍ଥୀ କରିବାକୁ ଆପ୍ରାଣ ଉଦ୍ୟମ କରିଛୁ। ୩ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ସ୍ଥାନଗୁଡିକ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଛି। ୪ର୍ଥ ପର୍ଯ୍ୟାୟରେ ହେବାକୁ ଥିବା ଆସନଗୁଡିକରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ଏହା ଆରମ୍ଭ କରାଯାଇ ନାହିଁ। ଚୂଡାନ୍ତ ହୋଇଥିବା ପ୍ରାର୍ଥୀ ତାଲିକା ସିଇସିରେ ଅନୁମୋଦିତ ହେବା ପରେ ଘୋଷଣା ହେବ ବୋଲି ସେ କହିଛନ୍ତି।

# ବିଜେଡିରେ ଯୋଗଦେଲେ କଂଗ୍ରେସ ନେତା ପ୍ରଦୀପ ଦିଶାରୀ

## ବିଧାୟକ ପ୍ରାର୍ଥୀ ହେବା ସମ୍ଭାବନା

ଭୁବନେଶ୍ୱର,୧୨।୩(ବ୍ୟୁରୋ)



ପ୍ରଦୀପ କୁମାର ଦିଶାରୀ ଶତାଧିକ ସମର୍ଥକଙ୍କ ସହ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।

ନିର୍ବାଚନ ଆଚରଣବିଧି ଲାଗୁ ହୋଇସାରିଛି। ସାଧାରଣ ନିର୍ବାଚନ ଯେତିକି ପାଖଉଛି, ଦଳଡିଆଁ ସେହି ପରିମାଣରେ ବୃଦ୍ଧି ପାଉଛି। ପ୍ରଥମ ପର୍ଯ୍ୟାୟ ପାଇଁ ହେବାକୁ ଥିବା ଆସନକୁ ନେଇ ପ୍ରମୁଖ ଦଳଗୁଡ଼ିକ ମଧ୍ୟରେ ଛକାପଞ୍ଝା ଜାରି ରହିଛି। ସେହିକ୍ରମରେ କଳାହାଣ୍ଡି ଲୋକ ସଭା ଅନ୍ତର୍ଗତ ଲାଞ୍ଜିଗଡର କଂଗ୍ରେସ ନେତା ତଥା ଗତଥରର ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ଦିଶାରୀ ମଙ୍ଗଳବାର ନିଜର ଶତାଧିକ ସମର୍ଥକଙ୍କ ସହ ନବୀନ ନିବାସରେ ମଙ୍ଗଳବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ବିଧାନସଭା ଆସନ ପାଇଁ ତାଙ୍କୁ ପ୍ରାର୍ଥୀ କରାଯିବ ବୋଲି ମଧ୍ୟ କୁହାଯାଇଛି। ସେଠାରୁ ବର୍ତ୍ତମାନ ବଳଭଦ୍ର ମାଝି ବିଧାୟକ ଅଛନ୍ତି, ତାଙ୍କୁ ପୁନର୍ବାର ଟିକେଟ୍ ମିଳିବା ନେଇ ସକାରାତ୍ମକ ସଙ୍କେତ ମଧ୍ୟ ଏ ଯାଏ ମିଳିନାହିଁ। ତେଣୁ ଲାଞ୍ଜିଗଡ଼ରୁ ପ୍ରଦୀପ ହିଁ ବିଜେଡି ପ୍ରାର୍ଥୀ ବୋଲି ଚର୍ଚ୍ଚା ଜୋର ଧରିଛି।

ପ୍ରଦୀପଙ୍କ ଯୋଗଦାନକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗ ଦେଇଥିବା ଦିଶାରୀଙ୍କୁ ସ୍ୱାଗତ। ତାଙ୍କ ଯୋଗଦାନ କଳାହାଣ୍ଡି ଜିଲା ସହ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡିର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ। ସେହିପରି ପ୍ରଦୀପ କହିଛନ୍ତି ଯେ, ସ୍ୱାସ୍ଥ୍ୟ, ଗମନାଗମନ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ରାଜ୍ୟ ସରକାରଙ୍କ ଯୋଜନାର ସଫଳ ରୂପାୟନ ହେବା ସହ ଲୋକଙ୍କ ପାଖରେ ପହଞ୍ଚି ପାରିଛି। ଆଗାମୀ ଦିନରେ ଜିଲାରେ ବିଜେଡିକୁ କିପରି ମଜଭୁତ କରାଯାଇପାରିବ, ସେଥିଲାଗି ଦଳର ନିର୍ଦ୍ଦେଶମତେ କାମ କରିବି ବୋଲି ଦିଶାରୀ କହିଥିଲେ। ଏହି ମିଶ୍ରଣ ପର୍ବରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ବଳଭଦ୍ର ମାଝି, ଅନାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ରେଙ୍ଗାଲି,୧୨।୩(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ସାତଗଛିଆ ନିକଟରୁ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରାସ୍ତା କଡ଼ରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି। ମୃତ ବୃଦ୍ଧଙ୍କ ବୟସ ପ୍ରାୟ ୬୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।


**ୱାର୍ଲ୍ଡ ଭିଜନ ଇଣ୍ଡିଆ, ଏଡିପି, ଲୋଇସିଂହା**

ପୁରୁଣା ମୋବାଇଲ ବିକ୍ରି ହେବ । ଯୋଗାଯୋଗ- ୮୮୯୫୧୨୪୮୯୯, ୯୪୩୭୫୫୮୯୨୨, ଆବେଦନ ଶେଷ ତାରିଖ- ୧୫.୦୩.୨୦୧୯, ଠିକଣା- ଲୋଇସିଂହା ଏଡିପି, ଲୋଇସିଂହା ।

World Vision India, ADP Loisingha Sale For Old Mobile- Contact- 8895124899/ 9437558922, Last Date of Apply 15.03.2019. Address- Loisingha ADP, Loisingha


# ବାଣ ଭିଡୁଥିବାବେଳେ ବିସ୍ଫୋରଣ

## ଜଳିଗଲା ଘର, ଜଣେ ଗୁରୁତର

ବାଲକାଟୀ,୧୨।୩(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅନ୍ତର୍ଗତ ପୂରଣଶାସନ ମୌଜାରେ ମଙ୍ଗଳବାର ଏକ ବାଣ କାରଖାନାରେ ବାଣ ଭିଡୁଥିବା ସମୟରେ ଅସାବଧାନତାରୁ ବିସ୍ଫୋରଣ ଘଟି ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ଲକ୍ଷ୍ମଣ ବେହେରା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଲକ୍ଷ୍ମଣଙ୍କୁ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ କଟକ ବଡ ମେଡିକାଲୁ ସ୍ଥାନାନ୍ତରିତ କରାଯାଇଛି। ଖବର ମୁତାବକ, ସ୍ଥାନୀୟ ଅଞ୍ଚଳରେ ବାବୁଲି ବେହେରାଙ୍କ ଏକ ଲାଇସେନ୍ସ ପ୍ରାପ୍ତ ବାଣ କାରଖାନା ଦୀର୍ଘଦିନ ଧରି ଚାଲୁଥିଲା। ଏହି କାରଖାନାରେ ସକାଳେ ୯ଟାବେଳେ ଲକ୍ଷ୍ମୀଧର ଶ୍ରମିକ ଭାବେ ବାଣ ଭିଡୁଥିବା ବେଳେ ଆକସ୍ମିକ ବିସ୍ଫୋରଣ ଘଟିଥିଲା। ପ୍ରଚଣ୍ଡ ବିସ୍ଫୋରଣରେ ଆଖପାଖ ଲୋକେ ଆତଙ୍କିତ ହୋଇଯାଇଥିବା ବେଳେ ନିଆଁରେ ବାଣ ପ୍ରସ୍ତୁତ ହେଉଥିବା ଚାଳଘରଟି ଜଳିଯାଇଥିଲା। ଏହି ବିସ୍ଫୋରଣରେ ଲକ୍ଷ୍ମୀଧରଙ୍କ ୨ହାତ, ଗୋଡ଼, ବେକ, ମୁଣ୍ଡ ଓ ଶରୀରର ବିଭିନ୍ନ ଅଂଶ ପୋଡି କ୍ଷତାକ୍ତ ହୋଇଥିଲେ। ଖବରପାଇ ଅଗ୍ନିଶମ ଗାଡି ପହଞ୍ଚିବା ମଧ୍ୟରେ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ପରେ ଘଟଣାସ୍ଥଳରେ ବାଲିଅନ୍ତା ଥାନାଧିକାରୀ ପ୍ରଦୀପ ରାଉତ ଓ ବାଲକାଟୀ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୂଚନଯୋଗ୍ୟ, ଫାଣ୍ଡିଠାରୁ କିଛି କିଲୋମିଟର ଦୂରରେ ପୂରଣଶାସନ ମୌଜାରେ ଏକାଧିକ ବାଣ କାରଖାନା ଚାଲୁଛି। ଏହାସହ ଗ୍ରାମଠାରୁ ୧୦୦ମିଟର ଦୂରରେ ଏକ ସ୍କୁଲ ଥିବାବେଳେ କିଭଳି ପୋଲିସ ବାଣ କାରଖାନା କରିବାକୁ ଲାଇସେନ୍ସ ମିଳିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୮.୦୩.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ**
**ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩**

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ବାଣିଜ୍ୟିକ ଶାଖା, କଟକ / ରଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ସମସ୍ତଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ / ଆକାଉଣ୍ଟ ନଂ.: ୩୦୭୦୯୯୬୨୬୪୨, ୩୦୭୧୬୭୭୦୦୪୩ | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ, ଉଭୟଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ | (କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୫୪୦ ଡିସିମିଲି, କିସମ: ଘରବାରି, (ii) ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର୦.୫୫୦ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର୦.୫୭୦ଡିସିମିଲି, ପ୍ଲଟ୍ ନଂ.: ୫୯୭, କ୍ଷେତ୍ର: ଏକର୩.୧୫୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୪.୨୭୦ଡିସିମିଲି**, କିସମ: ଘରବାରି, (୨) ମୌଜା: ସମପୁର, ତହସିଲ: କିସାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ଡିସିମିଲ, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି | ଟ.୨,୩୬,୦୫,୨୯୪/- + ୦୫.୦୫.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୫.୦୫.୨୦୧୪ | (କ) ଟ.୨,୫୯,୨୫,୦୦୦/- ଟ.୨୫,୯୨,୫୦୦/- ଟ.୧,୦୦,୦୦୦/- |
| | | | (ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମପୁର, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରି | | (ଖ) ଟ.୧୯,୫୭,୦୦୦/- ଟ.୧,୯୫,୭୦୦/- ଟ.୫୦,୦୦୦/- |
| ୨. | ବିଦ୍ୟାଧରପୁର ଏଡିବି / ରଣଗ୍ରହୀତା: ଶ୍ରୀ ଅରୁଣ ସ୍ୱାଇଁ, ପିତା: ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର୍.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ-୭୫୩୦୦୮ / ଆକାଉଣ୍ଟ ନଂ.: ୩୦୦୧୭୨୯୯୩୩୮ | ଜାମିନ୍‌ଦାର: ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ: ୰ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡ଼ା, କାଫ୍ଲା, ଚାନ୍ଦନୀ ଚୌକ, କଟକ-୭୫୩୦୦୨ | ଶ୍ରୀ ଅରୁଣ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୮ ଦକ୍ଷିଣ ତୁଳସୀପୁର, ତହସିଲ: କଟକ ସଦର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଖାତା ନଂ.: ୧୫, ଅନୁରୂପ ମ୍ୟୁଟେଟେଡ଼ ଖାତା ନଂ.: ୧୭/୮୦, ପ୍ଲଟ୍ ନଂ.: ୩୫୭(ଅଂଶ), ଅନୁରୂପ ମ୍ୟୁଟେଟେଡ଼ ପ୍ଲଟ୍ ନଂ.: ୩୫୭/୧୪୪୯, କ୍ଷେତ୍ର: ଏକର୦.୦୮୦ଡିସିମିଲିରୁ ଏକର୦.୦୫୬ଡିସିମିଲି, କିସମ: ଘରବାରି | ଟ.୧,୧୨,୭୯,୬୭୦/- + ୧୫.୦୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୦୨.୨୦୧୮ | ଟ.୮୦,୩୩,୦୦୦/- / ଟ.୮,୦୩,୩୦୦/- / ଟ.୧,୦୦,୦୦୦/- |
| ୩. | ମାଲଗୋଦାମ ଶାଖା / ରଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜୀ ଜେନେରାଲ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରେଖା ଅଗ୍ରୱାଲ, ସ୍ୱାମୀ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୦୨୪୫୪୦୭୯୧୨ | ଜାମିନ୍‌ଦାରମାନେ: ୧) ଶ୍ରୀ ମନୋରଞ୍ଜନ ନାୟକ, ପିତା: ୰ ପ୍ରାଣକୃଷ୍ଣ ନାୟକ, ଠିକଣା-୧: ସା/ପୋ: ପାଇକ ବାରବାଟି, ଥାନା: କାନପୁର, ଭାୟା: ନରସିଂହପୁର, ଜିଲ୍ଲା: କଟକ, ଠିକଣା-୨: ସା: ଷ୍ଟିୱାର୍ଟ ପାଟଣା, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ସେଲ୍ଟର ଛକ, ପୋ/ଥାନା: ବିଡାନାସୀ, କଟକ, ୨) ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ ନଂ.: ବି/୧୫୦୩, ସେକ୍ଟର-୬, ସିଡ଼ିଏ, ମର୍କତ ନଗର, କଟକ-୭୫୩୦୧୪ | ଶ୍ରୀ ମନୋରଞ୍ଜନ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାଇକପଡ଼ା ପାଟଣା, ତହସିଲ/ଥାନା: ନରସିଂହପୁର, ଜିଲ୍ଲା: କଟକ, ଖାତା ନଂ.: ୫୭୪/୧୫, ଅନୁରୂପ ପରିବର୍ତ୍ତିତ ଖାତା ନଂ.: ୫୭୪/୪୬୨, ପ୍ଲଟ୍ ନଂ.: ୧୪୦୭/୨୮୮୬, କ୍ଷେତ୍ର: ଏକର ୦.୧୯୫ଡିସିମିଲି, କିସମ: ଘରବାରି | ଟ.୨୭,୯୮,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୪.୦୧.୨୦୧୭ | ଟ.୩୪,୪୩,୦୦୦/- / ଟ.୩,୪୪,୩୦୦/- / ଟ.୫୦,୦୦୦/- |

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ପ୍ରଦୀପ୍ତ କୁମାର ଜେନା, ଇ-ମେଲ: pradeepta.jena@sbi.co.in, ମୋ: ୯୪୩୭୪୯୯୦୭୪**

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୪. | ଜଗତପୁର ଶାଖା / ରଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଃ. ଲିଃ., ସା/ପୋ: ସମିଆ କଳାକଳ, ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା / ଆକାଉଣ୍ଟ ନଂ.: ୩୧୯୬୫୭୧୨୮୨୯, ୩୧୬୮୪୯୦୯୩୦୨ | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବନଶ୍ରୀ ମହାପାତ୍ର, ସ୍ୱାମୀ: ଦିଲ୍ଲୀପ କିଶୋର ମହାପାତ୍ର, ୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ. ୭୮/୧୬୫୪, ବିଡାନାସି, ବାସେଳିଗଡ, କଟକ- ୭୫୩୦୧୪, ୩) ଶ୍ରୀମତୀ ସଂଘମିତ୍ରା ମହାପାତ୍ର, ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ, କଟକ-୧୨ | (କ) ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଃ. ଲିଃ.ର ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର ମୌଜା: ସମିଆ, ଜିଲ୍ଲା: ଯାଜପୁର, ଖାତା ନଂ.: ୯୯୮/୭୨, ପ୍ଲଟ୍ ନଂ.: ୩୫୬୯/୪୫୪୫, କ୍ଷେତ୍ର: ଏକର୧.୪୬ ଡିସିମିଲି, ଖାତା ନଂ.: ୯୯୮/୭୨, ପ୍ଲଟ୍ ନଂ.: ୬୧୧/୪୫୪୪, କ୍ଷେତ୍ର: ଏକର୧.୫୪ଡିସିମିଲି, ମୋଟ କ୍ଷେତ୍ର: ଏକର୩.୦୦ଡିସିମିଲି, ଖାତା ନଂ.: ୯୯୮/୭୩, ପ୍ଲଟ୍ ନଂ.: ୩୫୬୯/୪୫୪୬, କ୍ଷେତ୍ର: ଏକର୫.୦୧୦ଡିସିମିଲି ଏବଂ ଖାତା ନଂ.: ୯୯୮/୧୦୩, ପ୍ଲଟ୍ ନଂ.: ୩୫୬୯/୪୫୬୫, କ୍ଷେତ୍ର: ଏକର୦.୨୮୦ଡିସିମିଲି, ମୋଟ କ୍ଷେତ୍ର: ଏକର୫.୨୯୦ଡିସିମିଲି, **ସର୍ବମୋଟ କ୍ଷେତ୍ର: ଏକର୮.୨୯୦ଡିସିମିଲି**, କିସମ: ଘରବାରି। | ଟ.୩,୬୪,୪୦,୫୯୩/- + ୦୨.୦୭.୨୦୧୫ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୩୦.୦୩.୨୦୧୫ | (କ) ଟ.୫,୦୮,୫୩,୦୦୦/- / ଟ.୫୦,୮୬,୦୦୦/- / ଟ.୧,୦୦,୦୦୦/- |
| | | | (ଖ) ଶ୍ରୀମତୀ ବନଶ୍ରୀ ମହାପାତ୍ରଙ୍କ ନାମରେ ଜମି ଏବଂ ଗୃହ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.: ୩, ବିଡାନାସି, ହାଲ ପରିବର୍ତ୍ତିତ ଖାତା ନଂ.: ୩୫/ଡି-୧, ମ୍ୟୁଟେସନ୍ ଖାତା ନଂ.: ୩୧୩/୫୩୨, ପ୍ଲଟ୍ ନଂ.: ୭୮/୧୬୫୪, କ୍ଷେତ୍ର: ଏକର୦.୦୮୦୫ଡିସିମିଲି, କିସମ: ଘରବାରି। | | (ଖ) ଟ.୭୩,୯୪,୦୦୦/- / ଟ.୭,୪୦,୦୦୦/- / ଟ.୫୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା.୨୫.୦୩.୨୦୧୯ରିଖ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା**

**ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୭.୦୩.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ www.sbi.co.in at link https://bank.sbi/portal/web/home/auction-notices ଦେଖନ୍ତୁ

ତାରିଖ : ୧୨.୦୩.୨୦୧୯, ସ୍ଥାନ: କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**IDBI BANK** — **ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆଇଡିବିଆଇ ବ୍ୟାଙ୍କ ଲିଃ., ରିଟେଲ ଆସେଟ୍ସ ସେଣ୍ଟର, ୧ମ ମହଲା, ଆଇଡିବିଆଇ ହାଉସ୍, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: ୦୬୭୪-୬୬୧୬୫୪୬ ସିଆଇଏନ୍- ଏଲ୬୫୧୯୦ଏମ୍‌ଏଚ୍୨୦୦୪ଜିଓଆଇ୧୪୮୮୩୮

ଆଇଡିବିଆଇ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ଜାନୁଆରୀ ୧୦, ୨୦୧୯** ରିଖରେ ଦଖଲ ନିଆଯାଇଥିବା **ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁ**ଙ୍କର ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତି ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ଅନୁସାରେ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ବିକ୍ରୟ କରାଯିବା ନିମନ୍ତେ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି ।

| | | | | | |
|---|---|---|---|---|---|
| ୧. | **ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ : ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଖଣ୍ଡଗିରି, ଭୁବନେଶ୍ୱର, ଥାନା: ମଞ୍ଚେଶ୍ୱର, ନଂ.: ୨୩, ମୌଜା: ଚନ୍ଦ୍ରଶେଖରପୁର, ୟୁନିଟ୍-୪୧, ସ୍ଥିତିବାନ୍ ଖାତା ନଂ.: ୬୧୯/୧୧୭୦, ପ୍ଲଟ୍ ନଂ.: ୨୦୩, କ୍ଷେତ୍ର: ଏକର୦.୨୫୦ଡିସିମିଲି, କିସମ: ଘରବାରୀ, ଖଜଣା- ଟ.୭୫୦/-, ମୋଟ କ୍ଷେତ୍ର: ଏକର୦.୨୫୦ଡିସିମିଲି ରୁ ଅବିଭକ୍ତ ଅଂଶ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଅର୍ଥାତ ୮୭୧ ବର୍ଗଫୁଟ ଯାହାକି କ୍ରେତାଙ୍କ ନାମକୁ ସ୍ଥାନାନ୍ତର କରାଯାଇଛି। ଏହି ସମ୍ପତ୍ତି **ଶ୍ରୀ ରେସିଡେନ୍ସି** ନାମକ ଆପାର୍ଟମେଣ୍ଟର ୪ର୍ଥ ମହଲାର ଫ୍ଲାଟ୍ ନଂ.: ୪୦୧ ଅଟେ ଯାହାର କ୍ଷେତ୍ର: ୨୦୩୫ବର୍ଗଫୁଟ ସହିତ ଭର୍ଟିଫାଏଡ୍ ଟାଇଲ୍ ଫ୍ଲୋରିଂ ଏବଂ ପାର୍କିଂ ଏରିଆ ଅଛି । ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୦୧, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୨୦୨, ପଶ୍ଚିମ: ଏଚ୍‌ଆଇଜି ନିର୍ମାଣାଧିନ ଗୃହ | | | | |
| ୨. | ଆଇଡିବିଆଇକୁ ପରିଶୋଧ କରିବାକୁ ଥିବା ତା.୧୦.୦୯.୨୦୧୮ ସୁଦ୍ଧା ମୋଟ ବକେୟା ରାଶି **ଟ.୬୦,୮୩,୦୬୨.୦୯** + ୧୧.୦୯.୨୦୧୮ ଠାରୁ ସେବାବଦ ସୁଧ ଏବଂ ଖର୍ଚ୍ଚ | | | | |
| ୩. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ସମ୍ପତ୍ତି ତନଖି ତାରିଖ | ବିଡ୍ ଫର୍ମ ଦାଖଲର ଅନ୍ତିମ ତାରିଖ / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ |
| | ଟ.୭୨,୨୧,୦୦୦/- | ଟ.୭,୨୨,୧୦୦/- | ୧୮.୦୩.୨୦୧୯ ରୁ ୨୨.୦୩.୨୦୧୯(ଅପରାହ୍ନ ୪.୦୦ ଘଟିକା ରୁ ସନ୍ଧ୍ୟା ୬.୦୦ ଘଟିକା) | ୨୭.୦୩.୨୦୧୯ ଅପରାହ୍ନ ୪.୦୦ଘଟିକା ପର୍ଯ୍ୟନ୍ତ / ଟ. ୧୦,୦୦୦/- | ୨୮.୦୩.୨୦୧୯ (ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା) |
| | | | | ୧ମ ମହଲା, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨ | |

**୪. ବିଡ୍ କାଗଜାତ୍‌ରେ ଥିବା ନିୟମ ଏବଂ ସର୍ତ୍ତାବଳୀର ସାରାଂଶ :**

୧. ସୁରକ୍ଷିତ ଋଣଦାତା: **ଆଇଡିବିଆଇ ବ୍ୟାଙ୍କ ଲିଃ.** ପକ୍ଷରୁ ସୁରକ୍ଷିତ ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯେପରି ଅଛି"** ଏବଂ **"ବିନା ଆଇନଗତ ସହାୟତା ଭିତ୍ତି"**ରେ ବିକ୍ରୟ କରାଯିବ।
୨. ଉପର ଦର୍ଶିତ ସମ୍ପତ୍ତି ଦର୍ଶିତ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୩. ଏହି ନୋଟିସ୍ ପ୍ରକାଶନର ୧୫ଦିନ ପରେ ସମ୍ପତ୍ତି ବିକ୍ରି ହେବ।
୪. ବିଡ୍ ଯୋଗ୍ୟତା ପାଇଁ ଅମାନତ ରାଶି (EMD) ଡିମାଣ୍ଡଡ୍ରାଫ୍ଟ / ପେ ଅର୍ଡର ମାଧ୍ୟମରେ ଆଇଡିବିଆଇ ବ୍ୟାଙ୍କ ଲିଃ. ସପକ୍ଷରେ ଦାଖଲ କରିବେ କିମ୍ବା NEFT/RTGS ମାଧ୍ୟମରେ **ଆଇଡିବିଆଇ ବ୍ୟାଙ୍କ ଲିଃ.** ସପକ୍ଷରେ **IFSC Code-IBKL0001112, ଶାଖା: ଲୁଇସ୍ ରୋଡ୍, ଭୁବନେଶ୍ୱର, ଆକାଉଣ୍ଟ ନଂ.: ୧୧୧୨୩୪୯୧୫୦୧୦୦୧୪ରେ ଜମା କରିବେ।**
୫. ଅମାନତ ଜମାରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ୩ଜଣ ନିଲାମଧାରୀଙ୍କ ଅମାନତ ରାଶି ବିଡ୍ ଗୁଡିକ ଖୋଲାଯିବା ତାରିଖ ଠାରୁ ୩ମାସ ପର୍ଯ୍ୟନ୍ତ ଅଟକ ରଖିପାରିବେ।
୬. କ୍ଷମତାପ୍ରାପ୍ତ ଅଧିକାରୀ ପ୍ରଥମ ୩ଜଣ ନିଲାମଧାରୀଙ୍କ ମଧ୍ୟରେ ନିଲାମ ଡାକ କରିବା ପାଇଁ ଅନୁମତି ଦେଇପାରିବେ।
୭. ସଫଳ ନିଲାମଧାରୀ ବିକ୍ରୟ ମୂଲ୍ୟରେ ୨୫% (ଦାଖଲ କରିଥିବା ଅମାନତରାଶି ବିଯୁକ୍ତ କରି) ବିକ୍ରୟ ଚୂଡାନ୍ତ ହେବା ସମୟରେ ଦାଖଲ କରିବେ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ଅସଫଳ ହେଲେ, ଅମାନତ ରାଶି ସହିତ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ।
୮. କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଆଗ୍ରାହ୍ୟ/ଗ୍ରହଣ ଏବଂ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ସ୍ଥଗିତ / ରଦ୍ଦ କରିବା ଅଧିକାର ସଂରକ୍ଷିତ ରଖିଛନ୍ତି। ସମସ୍ତ ପ୍ରସ୍ତାବ ରଦ୍ଦ କ୍ଷେତ୍ରରେ କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାର୍ଯ୍ୟ କୌଣସି ବ୍ୟବସ୍ଥାନୁସାରେ ସମ୍ପତ୍ତି ବିକ୍ରୟ କରିପାରିବେ।
୯. ବିଡ୍ କାଗଜାତ୍‌ରେ ଦର୍ଶିତ ସୁରକ୍ଷିତ ସମ୍ପତ୍ତି ଋଣଗ୍ରହୀତାଙ୍କ ଦ୍ୱାରା ସୁରକ୍ଷିତ ଋଣଦାତାଙ୍କ ସପକ୍ଷରେ ବନ୍ଧକ ରଖାଯାଇଛି। ଆଗ୍ରହୀ ପକ୍ଷମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଅନୁରୋଧ କରି ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ, ରେକର୍ଡପତ୍ର ଇତ୍ୟାଦି ତନଖି କରିପାରିବେ।
୧୦. ସୁରକ୍ଷିତ ଋଣଦାତା ସୁରକ୍ଷିତ ସମ୍ପତ୍ତିର କୌଣସି ତ୍ରୁଟି ବିଚ୍ୟୁତି /ଘାଟତି କିମ୍ବା ଅନୁମତି ହାସଲ ଇତ୍ୟାଦି କିମ୍ବା କୌଣସି ଆଇନ ଅନୁସାରେ କର୍ତ୍ତୃପକ୍ଷଙ୍କୁ ଥିବା ଦେୟ ନିମନ୍ତେ ଦାୟୀ ନୁହନ୍ତି।
୧୧. ସୁରକ୍ଷିତ ସମ୍ପତ୍ତି କେବଳ ସୁରକ୍ଷିତ ଋଣଦାତାଙ୍କ ଠାରୁ ଏନ୍‌କମ୍ବ୍ରାନ୍ସ/ଚାର୍ଯ୍ୟ ମୁକ୍ତ ହୋଇ ବିକ୍ରି କରାଯିବ।
୧୨. ସଫଳ ନିଲାମଧାରୀ ସୁରକ୍ଷିତ ସମ୍ପତ୍ତି ହସ୍ତାନ୍ତରିତ ସମୟରେ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ୍ ଖର୍ଚ୍ଚ, ଟିକସ ଦେୟ ଯଦି କରିଥାଏ ତାହା ବହନ କରିବେ।
୧୩. ବିଡ୍ କାଗଜାତ୍‌ଗୁଡିକ ଏବଂ ବିଜ୍ଞପ୍ତିରେ ପ୍ରଦତ୍ତ, ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରାଯିବ। ସମସ୍ତ କାର୍ଯ୍ୟଦିବସରେ ଆମର କୌଣସି କାର୍ଯ୍ୟାଳୟରୁ ବିଡ୍ କାଗଜାତ୍‌ଗୁଡିକ ପାଇପାରିବେ କିମ୍ବା ଆଇଡିବିଆଇ ୱେବ୍‌ସାଇଟ୍: **www.idbi.com** ଏବଂ **https://idbi.auctiontiger.net** ରୁ ଡାଉନ୍‌ଲୋଡ୍ କରିପାରିବେ।
୧୪. ସମ୍ପତ୍ତିର ଇ-ନିଲାମ ବିକ୍ରୟ ୱେବ୍‌ସାଇଟ୍: **https://idbi.auctiontiger.net**ର ପ୍ଲାଟ୍‌ଫର୍ମରେ ଇ-ନିଲାମ ସେବା ପ୍ରଦାନକାରୀ **e-Procurement Technologies Ltd., Ahmedabad, Contact: 079-61200598/594/597/591/596, Help Line E-mail ID: orissa@auctiontiger.net or support@auctiontiger.net** ଦ୍ୱାରା ଅନୁଷ୍ଠିତ ହେବ।
୧୫. ଆଗ୍ରହୀ ପକ୍ଷମାନେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରନ୍ତୁ: **କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡିବିଆଇ ବ୍ୟାଙ୍କ ଲିଃ., ୧ମ ମହଲା, ୟୁନିଟ୍-୯, ଜନପଥ, ଭୁବନେଶ୍ୱର- ୭୫୧୦୨୨, ଫୋନ୍ ନଂ.: +୯୧ ୦୬୭୪-୬୬୧୬୫୪୬ ଏବଂ ଶ୍ରୀ ଅମିତ କୁମାର ପ୍ରୁଷ୍ଟି-୦୯୯୦୩୪୨୭୯୦୬ (ମୋ), ଇ-ମେଲ୍ ଆଇଡି: amit.prusty@idbi.co.in**

**ସରଫେଶୀ ଆକ୍ଟ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ**
ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଏହି ନିଲାମ ବିଜ୍ଞପ୍ତି ତାରିଖ ଠାରୁ **୧୫ଦିନ** ମଧ୍ୟରେ କିମ୍ବା ନିଲାମ ପୂର୍ବରୁ ଉପର ଦର୍ଶିତ ବକେୟା ଦେୟ ସହିତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ / ବିକ୍ରୟ ହେବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ତାହା ସୁଧ ଏବଂ ଖର୍ଚ୍ଚ ସହ ସେମାନଙ୍କ ଠାରୁ ଆଦାୟ ହେବ।

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୨.୦୩.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ , ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼



ପବିତ୍ର ବାରି କହିଲେ ତୀର୍ଥଜଳ ବା ଗଙ୍ଗାଜଳ ନୁହେଁ, ନୟନର ବାରି ହିଁ ପବିତ୍ର। ଯେ ନେତ୍ର ଜଳରେ ପ୍ରଭୁଙ୍କର ପଦଧୌତକରେ ତା'ର ଜନ୍ମ ଜନ୍ମର ପାପ ଧୋଇ ହୋଇଯାଏ।
- ଠାକୁର ଅଭିରାମ ପରମହଂସ



## ସଂକ୍ଷେପରେ

### ଯୋଗଦେଲେ ବ୍ଲକ ଶିକ୍ଷା ଅଧିକାରୀ

**ରେଢ଼ାଖୋଲ,୧୨।୩(ଡି.ଏନ୍.ଏ.):** ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଶିକ୍ଷାଧିକାରୀ ଭାବେ ଭଗବାନ ବାଙ୍କିରା ଯୋଗଦେଇଛନ୍ତି। ତାଙ୍କୁ ଶିକ୍ଷକ ସଂଘ କର୍ମକର୍ତ୍ତା ଓ କର୍ମଚାରୀମାନେ ସ୍ୱାଗତ କରିଛନ୍ତି। ଏବିଇଓ ଚନ୍ଦ୍ରମଣି ପ୍ରଧାନ, ଶିକ୍ଷକ ଅଲେଖ ପ୍ରଧାନ, ମୁକୁନ୍ଦ ପ୍ରଧାନ, ବିମଳ ମିଶ୍ର ପ୍ରମୁଖ ବାଙ୍କିରାଙ୍କୁ ସ୍ୱଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଏହି ପଦବୀରେ ଅବସ୍ଥାପିତ ଥିବା ପଦ୍ମିନୀ ପଣ୍ଡା ଅବସର ଗ୍ରହଣ କରିବା ପରେ ୨୦୧୬ ଅଗଷ୍ଟରୁ ଏହି ପଦବୀ ଖାଲି ରହିଥିଲା। ଦୀର୍ଘଦିନ ଧରି ଝୁଝୁମୁରା ବିଇଓ ରେଢ଼ାଖୋଲ ଦାୟିତ୍ୱରେ ରହିଥିଲେ।

### ୪ ଶିକ୍ଷକରେ ଚାଲିଛି ଭରତାପୁର ବିଦ୍ୟାଳୟ: ଉପଜିଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ

**ରେଢ଼ାଖୋଲ,୧୨।୩(ଡି.ଏନ୍.ଏ.):** ରେଢ଼ାଖୋଲ ବ୍ଲକ ଭରତାପୁର ପଞ୍ଚାୟତସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାତ୍ର ୪ ଜଣ ଶିକ୍ଷକରେ ଚାଲିଛି। ସରକାର ଶିକ୍ଷା ବ୍ୟବସ୍ଥାରେ ଢେର ଉନ୍ନତି ହୋଇଥିବା କହୁଥିବା ବେଳେ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ ନାରା ଦେଉଛନ୍ତି। ହେଲେ ବାସ୍ତବରେ ଶିକ୍ଷା ବ୍ୟବସ୍ଥା ବାଟବଣା ହୋଇପଡିଛି। ପୂର୍ବରୁ ଏହା ୟୁଜିଏମ୍ଇ ବିଦ୍ୟାଳୟ ଥିବାବେଳେ ୨୦୦୮ରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଭାବେ ସରକାରୀ ମାନ୍ୟତା ଲାଭ କରିଥିଲା। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଛାତ୍ରୀଛାତ୍ର ସଂଖ୍ୟା ୨୪୯। ଏଥିଯୋଗୁ ପାଠପଢ଼ାରେ ଘୋର ଅସୁବିଧା ହେଉଛି। ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ ଏ ନେଇ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ଲିଖିତ ଅଭିଯୋଗ କରି ତୁରନ୍ତ ଖାଲି ଥିବା ଶିକ୍ଷକ ପଦବୀ ପୂରଣ କରିବାକୁ ଦାବି କରିଛନ୍ତି। ଏହି ବିଦ୍ୟାଳୟରେ ମଞ୍ଜୁରିପ୍ରାପ୍ତ ଶିକ୍ଷକ ସଂଖ୍ୟା ୮ ହୋଇଥିବାବେଳେ କର୍ମଚାରୀ ସଂଖ୍ୟା ୩। ହେଲେ କେବଳ ୪ ଶିକ୍ଷକ ଥିବାବେଳେ କିରାଣି, ପିଅନ ନାହାନ୍ତି ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏ ନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଶିଷ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ ବିଦ୍ୟାଳୟରେ ସମୁଦାୟ ୯ ଜଣ ଶିକ୍ଷକ ଅଛନ୍ତି। ହେଲେ ୩ ଜଣ ଛୁଟିରେ ଥିବା ସେ କହିଛନ୍ତି।

# ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି

**ଦେବଗଡ, ୧୨।୩(ସ୍ୱ.ପ୍ର)**




ଜିଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀ ଆଲୋଚନା କରୁଛନ୍ତି।

- ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩୩୭ ଭୋଟଗ୍ରହଣ କେନ୍ଦ୍ର
- ୮ଭୋଟଗ୍ରହଣ କେନ୍ଦ୍ରରେ କେବଳ ମହିଳା ପୋଲିଂ ଅଧିକାରୀ ନିୟୋଜିତ ହେବେ

ଦେବଗଡ ଜିଲାର ଗୋଟିଏ ମାତ୍ର ବିଧାନସଭା ଆସନ ଏବଂ ସମ୍ବଲପୁର ଲୋକସଭା ଆସନ ପାଇଁ ତୃତୀୟ ଚରଣରେ ଆସନ୍ତା ଏପ୍ରିଲ ୨୩ ତାରିଖ ଭୋଟଗ୍ରହଣ କରାଯିବ। ଏଥିପାଇଁ ନିର୍ବାଚନ କମିଶନଙ୍କ ଆଦେଶାନୁଯାୟୀ ଆଦର୍ଶ ଆଚରଣ ବିଧି ମଧ ଲାଗୁ ହୋଇଯାଇଛି। ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ୩୩୭ଟି ଭୋଟଗ୍ରହଣ କେନ୍ଦ୍ରରେ ହେବାକୁ ଥିବା ମତଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୁଧାଂଶୁ ମୋହନ ସାମଲ ଏକ ଖବରଦାତା ସମ୍ମିଳନୀରେ ମଙ୍ଗଳବାର ଏନେଇ ସୂଚନା ଦେଇଛନ୍ତି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମର ପ୍ରତିନିଧିଙ୍କୁ ନେଇ ସ୍ଥାନୀୟ ଓସ୍ୱାନ୍ ହଲଠାରେ ଆୟୋଜିତ ଏକ ବୈଠକରେ ଜିଲା ନିର୍ବାଚନ ଅଧିକାରୀ ସାମଲ ନିର୍ବାଚନ କମିଶନଙ୍କ ପକ୍ଷରୁ ଘୋଷଣା କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଲେ ଯେ, ଅବାଧ ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ପରିଚାଳନା କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ ପରିଚାଳନା ନିମନ୍ତେ ସେ ସମସ୍ତ ରାଜନୈତିକ ଦଳ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ। ନିର୍ବାଚନ ଆଦର୍ଶ ଆଚରଣ ବିଧି ଯେପରି କଡାକଡି ଭାବେ ପାଳନ କରାଯିବ ସେଥିପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଭିନ୍ନ ସ୍କ୍ୱାଡ୍ ଏବଂ ଟିମ୍ ଗଠନ କରାଯାଇଛି। ପ୍ରାରମ୍ଭିକ ଭାବେ ବିଭିନ୍ନ ସ୍ଥାନରେ ଲାଗିଥିବା ସରକାରୀ ହୋର୍ଡିଂ ଏବଂ ବିଜ୍ଞାପନ, ବ୍ୟାନର ପୋଷ୍ଟର ଇତ୍ୟାଦିକୁ ଅପସାରଣ କରାଯାଇଛି। ସେହିପରି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶମତେ ନୂତନ ଭୋଟରମାନଙ୍କର ପଞ୍ଜିକରଣ କାର୍ଯ୍ୟ ଜାରିରହିଛି। ଯାହାକି ନାମାଙ୍କନପତ୍ର ଦାଖଲ କରିବା ଶେଷ ତାରିଖ ଅର୍ଥାତ୍ ତା ୪.୪.୨୦୧୯ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜାରି ରହିବ। ଏହି ଅବସରରେ ଚଳିତ ନିର୍ବାଚନରେ କମିଶନଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ନୂତନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଦେବଗଡ ନିର୍ବାଚନ ମଣ୍ଡଳୀରେ ପ୍ରଥମଥର ପାଇଁ ଭିଭି ପାର୍ଟ ବ୍ୟବସ୍ଥା ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ କରାଯାଇଛି। ଏ ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ସଚେତନତା କାର୍ଯ୍ୟ ଆୟୋଜନ କରାଯାଉଛି। ଭୋଟରମାନଙ୍କୁ ଫଟୋଭୋଟର ସ୍ଲିପ୍ ସହିତ ଭୋଟର ଗାଇଡ ପୁସ୍ତିକା ପ୍ରତ୍ୟେକ ଘରକୁ ଯୋଗାଇଦିଆଯିବ। ସମସ୍ତ ବୁଥରେ ନ୍ୟୁନତମ ଆନୁସଙ୍ଗୀକ ବ୍ୟବସ୍ଥା ଯଥା ରାମ୍ପ, ପାନୀୟଜଳ, ବିଦ୍ୟୁତ ସଂଯୋଗ ଏବଂ ଉଭୟ ମହିଳା ଓ ପୁରୁଷମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରାଯିବ। ଭିନ୍ନକ୍ଷମ ଭୋଟରମାନଙ୍କୁ ଭୋଟଗ୍ରହଣ କେନ୍ଦ୍ରକୁ ଆଣିବା ପାଇଁ ଅଟୋରିକ୍ସାର ବ୍ୟବସ୍ଥା କରାଯାଉଛି। ଏହା ସହିତ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ରରେ କମିଶନଙ୍କ ପକ୍ଷରୁ ୨ଜଣ ସ୍ୱେଚ୍ଛାସେବୀଙ୍କୁ ଭୋଟରମାନଙ୍କୁ ସହାୟତା ନିମନ୍ତେ ନିଯୁକ୍ତି ଦିଆଯିବ। ଚଳିତ ନିର୍ବାଚନରେ ପ୍ରଥମଥର ପାଇଁ ଜିଲାରେ ଚୟନ କରାଯାଇଥିବା ୮ ଭୋଟଗ୍ରହଣ କେନ୍ଦ୍ରରେ କେବଳ ମହିଳା ପୋଲିଂ ଅଧିକାରୀମାନେ ନିୟୋଜିତ ହେବେ। ନିର୍ବାଚନ ପରିଚାଳନା ନିମନ୍ତେ ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଜିଲାରେ ଥିବା ୩୩୭ଟି ଭୋଟଗ୍ରହଣ କେନ୍ଦ୍ର ମଧ୍ୟରୁ ୩୩୬ଟି ଭୋଟଗ୍ରହଣ କେନ୍ଦ୍ରକୁ ଗମନା ଗମନର ସୁବିଧା କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ବିକ୍ରାଣୀ କିସପଟ୍ଟା, ସହକାରୀ କଲେକ୍ଟର ଦିବ୍ୟଶଙ୍କର ଜୟପୁରିଆ,କୈବଲ୍ୟ କିଶୋର କରଙ୍କ ସମେତ ରାଜନୈତିକ ଦଳର ପ୍ରତିନିଧି ଉମାଶଙ୍କର ସାହୁ, ଇଂ.ବିଷ୍ଣୁ ପ୍ରସାଦ ଅମାତ୍ୟ, ପ୍ରଭାସ ମିଶ୍ର ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

# ଏବିଭିପିର ଭାରତ ଗୌରବ ତ୍ରିରଙ୍ଗା ଶୋଭାଯାତ୍ରା

**ଦେବଗଡ,୧୨।୩(ସ୍ୱ.ପ୍ର.)**

ଅଖିଳ ଭାରତୀ ବିଦ୍ୟାର୍ଥୀ ପରିଷଦ ଦେବଗଡ ଶାଖା ପକ୍ଷରୁ ଏକ ୧୦୦ ମିଟର ତ୍ରିରଙ୍ଗା ଶୋଭାଯାତ୍ରା ଦେବଗଡ ନଗରରେ ପରିଭ୍ରମଣ କରିଥିଲା। ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ୪୪ଜଣ ଯବାନ୍ଙ୍କ ଜୀବନକୁ ବ୍ୟର୍ଥ ନ ଦେଇ ଭାରତ ସରକାର ଓ ଭାରତୀୟ ବାୟୁସେନା ଏୟାର ଷ୍ଟ୍ରାଇକ୍ କରି ୩୫୦ରୁ ଅଧିକ ଆତଙ୍କବାଦୀମାନଙ୍କୁ ଧ୍ୱଂସ କରିଦେଇଥିଲେ। ଭାରତର ଯବାନମାନଙ୍କର ଏହି ବୀରତ୍ୱପୂର୍ଣ୍ଣ କାର୍ଯ୍ୟକୁ ଏବିଭିପି ବିଜୟ ଉତ୍ସବ ରୂପେ ତ୍ରିରଙ୍ଗା ଶୋଭାଯାତ୍ରା ପାଳନ କରିଛି। ଦେବଗଡ ଡିଗ୍ରୀ କଲେଜ ଏବଂ ମଡେଲ ଡିଗ୍ରୀ କଲେଜର ଶତାଧିକ ବିଦ୍ୟାର୍ଥୀ ଶୋଭାଯାତ୍ରାରେ ଯୋଗଦେଇ ୧୦୦ ଫୁଟ୍‌ର ତ୍ରିରଙ୍ଗା ଧରି ଭାରତ ମାତାକୀ ଜୟ ଏବଂ ଇଣ୍ଡିଆନ୍ ଆର୍ମି ଲଙ୍ଗ ଲିଭ୍ ନାରାଦେଇ ସହର ପରିକ୍ରମା କରିଥିଲେ। ଗୋପବନ୍ଧୁ ଛକଠାରେ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଦେଶରେ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିବା ରାଷ୍ଟ୍ରବାଦ ସପକ୍ଷରେ ଶତପ୍ରତିଶତ ମତଦାନ କରି ଦେଶର ସୁରକ୍ଷା ଓ ଦେଶର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଶତପ୍ରତିଶତ ମତଦାନ କରି ଏବଂ 'ସେ ନୋ ଟୁ ନୋଟା' ପାଇଁ ସଂକଳ୍ପ କରିଥିଲେ। ନଗର ପ୍ରମୁଖ ବିଜୟ ଦେହୁରୀ ଏବଂ ନରଗ ସମ୍ପାଦକ ଅରବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ତ୍ରିରଙ୍ଗା ଯାତ୍ରାରେ ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ କଲେଜର ତନ୍ମୟ ପ୍ରଧାନ, ଚିନ୍ମୟ ଦେହୁରୀ, ଦେବେନ୍ଦ୍ର ସାମଲ, ପ୍ରଶାନ୍ତ ସାହୁ, କେଶବ ମିଶ୍ର, ଲିପୁନ ସାହୁ ଏବଂ ମଡେଲ୍ କଲେଜ୍‌ର କୋଶିଶ୍ ପ୍ରଧାନ, କ୍ଷିତିଶ୍ କୁମାର ଦେହୁରୀ, ସମିତ ଗିରି, ଭୋଜରାଜ ଦୀପ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର ସାହୁ ଏବଂ ତପନ ମିଶ୍ର ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।




ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

# ଯୌତୁକ ନିର୍ଯାତନା ମାମଲା: ସ୍ୱାମୀ ଗିରଫ

**ହୀରାକୁଦ,୧୨।୩(ଡି.ଏନ୍.ଏ.)**

ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ହୀରାକୁଦ ଥାନା ପୋଲିସ ହିଣ୍ଡାଲକୋ କଲୋନୀର ସନ୍ତୋଷ ପାଲ (୪୦)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ତାଙ୍କ ବିରୋଧରେ ଦଫା ୪୯୮ (ବି) ୫୦୬, ୩୪ ଏବଂ ୪ ଡିପି ଆକ୍ଟରେ ଏକ ମାମଲା (ନଂ.୪୫/୧୯) ରୁଜୁ କରାଯାଇଛି। ୨୦୦୭ ମାର୍ଚ୍ଚ ୧୪ରେ ସନ୍ତୋଷ ହୀରାକୁଦ ନୂଆବଜାରର ସଙ୍ଗୀତା ପାଲ (୩୦)ଙ୍କୁ ରେଜେଷ୍ଟ୍ରି ବିବାହ କରିଥିଲେ। ସନ୍ତୋଷ କମ୍ପ୍ୟୁଟର ଶିକ୍ଷକ ଭାବେ କାମ କରନ୍ତି। କୌଣସି କାରଣରୁ ଦୀର୍ଘଦିନ ହେଲା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଫଳରେ ସଙ୍ଗୀତା ନୂଆବଜାରଠାରେ ତାଙ୍କ ବାପାଙ୍କ ପାଖରେ ରହୁଥିଲେ। ଏମାନଙ୍କ ମିଳାମିଶା ପାଇଁ ବରିଷ୍ଠ ନାଗରିକ କମିଟି ଉଦ୍ୟମ କରିଥିଲା। ବିଭିନ୍ନ ସାମାଜିକ ସଂଗଠନ ଓ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ମିଳାମିଶା ପାଇଁ ଉଦ୍ୟମ କରିଥିଲେ। ମାନବାଧିକାର କର୍ମୀ ସୁଜାତା ପୁରୋହିତ ମଧ୍ୟ ଉପସ୍ଥିତ ରହି ହୀରାକୁଦ ଥାନାରେ ଉଭୟଙ୍କୁ ବୁଝାଶୁଝା କରିଥିଲେ। ତେବେ ସମସ୍ତ ଉଦ୍ୟମ ବିଫଳ ହେବା ପରେ ପୋଲିସ ମଙ୍ଗଳବାର ମାମଲା ରୁଜୁ କରି ସନ୍ତୋଷଙ୍କୁ କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ସନ୍ତୋଷ ଓ ସଙ୍ଗୀତାଙ୍କର ଏକ ୧୦ ବର୍ଷ ବୟସର ଝିଅ ଅଛି।

# ୧୮ରେ ସାମୂହିକ ବ୍ରତୋପନୟନ

**ସମ୍ବଲପୁର,୧୨।୩(ବ୍ୟୁରୋ)**


ପଞ୍ଚଶାସନୀ ବ୍ରାହ୍ମଣ ସମାଜ ପକ୍ଷରୁ ଆସନ୍ତା ୧୮ ତାରିଖ ନିଃଶୁଳ୍କ ସାମୂହିକ ବ୍ରତୋପନୟନ ଗୋପାଳଜୀ ମଠରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ଗରିବ ବ୍ରାହ୍ମଣ ବାଳକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ବୋଲି ଆୟୋଜକ ଅନୁଷ୍ଠାନ ଉପଦେଷ୍ଟା ଶିବପ୍ରସାଦ ତ୍ରିପାଠୀ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ରିଆମାଳ ବ୍ଲକ ଭାଜପା କର୍ମୀ ସମ୍ମିଳନୀ

**ରିଆମାଳ, ୧୨।୩ (ଡି.ଏନ.ଏ.)**

ରିଆମାଳ ବ୍ଲକ ଅନ୍ତର୍ଗତ ବୁଢ଼ିଦୋ ଆମ୍ବତୋଟା ଠାରେ ରିଆମାଳ ବ୍ଲକ ଭାରତୀୟ ଜନତା ପାର୍ଟି (ଭାଜପା) କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ମହନ୍ତ ବେହେରାଙ୍କ ଆହ୍ୱାନକ୍ରମେ ନିଉଲିପଡ଼ା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ବିପିନ ବିହାରୀ ବେହେରାଙ୍କ ସଭାପତିତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରିଆମାଳ ବ୍ଲକର ୧୬ଟି ଗ୍ରାମପଞ୍ଚାୟତରୁ ୮ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, ଜିଲାପରିଷଦ ସଭ୍ୟା କନକ ପ୍ରଧାନ, ଜିଲା ପରିଷଦ ସଭ୍ୟା ବୃନ୍ଦାବତୀ ଭୋଇ, ପୂର୍ବତନ ଜିଲାପରିଷଦ ଅଧକ୍ଷ ରଣଜିତ ପଟେଲ, ଜିଲା ଉପସଭାପତି ସତ୍ୟନାରାୟଣ ପାଣି, ଏସସି ମୋର୍ଚ୍ଚା ସଭାପତି ସୁରୁ କୁମାର ପାତ୍ର, ନଗର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦେବ, ଜିଲା ସମ୍ପାଦକ ଯୋଗେଶ ପ୍ରଧାନ, ବ୍ଲକ (ଜୋନ-୨)ର ଯୁବ ସଭାପତି ଅନନ୍ତ ସାହୁ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ରାଉଳ, ସମିତିସଭ୍ୟ ମଦନ ବେହେରା, ସମିତିସଭ୍ୟ ଅମୂଲ୍ୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ ଭାଜପା ବିଜୟୀ ପାଇଁ ଦଳକୁ ସଙ୍ଗଠିତ କରିବା ଓ ରଣନୀତି ପ୍ରସ୍ତୁତ ହୋଇଥିଲା। ୨୦୧୪ ଠାରୁ ୨୦୧୯ ପର୍ଯ୍ୟନ୍ତ ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଗୁରୁତ୍ୱ ଦେବା ସହିତ ସହଯୋଗ କରିଥିବାରୁ ଜିଲାପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ ବିଧାୟକଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ତୃଣମୂଳସ୍ତରରେ ଆଗାମୀ ନିର୍ବାଚନରେ କର୍ମୀମାନେ ସହଯୋଗ କରନ୍ତୁ ବୋଲି ରଣଜିତ ପଟେଲ କର୍ମୀ ମାନଙ୍କୁ ଆହ୍ୱାନ କରିଥିଲେ। ଅପରପକ୍ଷରେ କୋଲବସା ସରପଞ୍ଚ ରଣଜିତ କିସାନ, ମଳେହୀପଡ଼ା ସରପଞ୍ଚ ହାବିଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।



ଭାଜପା କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବ ନ୍ଦ !!
କୌଣସି ବି କାମ, ତୁରନ୍ତ
ସତ୍ୟପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ମଦ ବିକ୍ରି ବନ୍ଦ ପାଇଁ ମହିଳାଙ୍କ ଦାବି

**ରେଙ୍ଗାଲି,୧୨।୩(ଡି.ଏନ୍.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ପଣ୍ଡଲୋଇ ଏବଂ ଆର୍‌ଆର୍ କଲୋନୀ ମହିଳାମାନେ ମଦ ବିକ୍ରି ବନ୍ଦ କରିବା ପାଇଁ ରେଙ୍ଗାଲି ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଦାବି କରିଛନ୍ତି। ଗାଁରେ ଖୋଲା ଖୋଲି ଦେଶୀ, ବିଦେଶୀ ମଦ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ମହିଳାଙ୍କ ଅଭିଯୋଗ ମୁତାବକ, ଏହି ଦୁଇ ସ୍ଥାନରେ ଖୋଲାଖୋଲି ନିଶାଦ୍ରବ୍ୟ ବିକ୍ରି ହେଉଛି। ଏହାକୁ ସେବନ କରି ଗାଁର ଯୁବକମାନେ ଅବାଟରେ ଚାଲୁଛନ୍ତି। ଅତି କମ୍ ବୟସରେ କେତେଜଣ ମୃତ୍ୟୁବରଣ କରିସାରିଲେଣି। ଆଉ କେତେଜଣ ମୃତ୍ୟୁ ଅପେକ୍ଷାରେ ରହିଛନ୍ତି। ପୁରୁଷମାନେ ମଦ୍ୟପାନ କରି ଘରେ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଫଳରେ ସାମାଜିକ ଜୀବନ ପ୍ରଭାବିତ ହେଉଛି। ତେଣୁ ତୁରନ୍ତ ନିଶାଦ୍ରବ୍ୟ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପଙ୍କଜିନୀ ରାଉତ, ଗୋଲାପି ପଧାନ, ଯାଜ୍ଞସେନୀ ପ୍ରଧାନ, ଅହଲ୍ୟା ପ୍ରଧାନଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

### ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ



ଅଭିଯୁକ୍ତ ମହମ୍ମଦ ବେହେରା

**ରେଢ଼ାଖୋଲ,୧୨।୩(ଡି.ଏନ୍.ଏ.)** ଚାରମାଲ ପୋଲିସ ମଙ୍ଗଳବାର ଅପରାହ୍ଣ ୨ଟାରେ କିସିଣ୍ଡା ଗ୍ରାମରେ ଚଢ଼ାଉ କରି ଏକ ଚୋରା ଦେଶୀ ବନ୍ଧୁକ ଜବତ କରିଛି। ବନ୍ଧୁକ ରଖିଥିବା ମହମ୍ମଦ ବେହେରା (୨୨)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପୋଲିସ ଦଫା ୨୫(୧)(ଖ)ରେ ଏକ ମାମଲା (ନଂ. ୨୮) ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ମହମ୍ମଦଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଳାଇ କହିଛନ୍ତି।

### ୨୩ରୁ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା

**ସମ୍ବଲପୁର,୧୨।୩(ବ୍ୟୁରୋ)** ୪୧ତମ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଆସନ୍ତା ୨୩ ଓ ୨୪ ତାରିଖରେ ପୁରୀ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମିନି ଗ୍ରୁପ୍ (୧୦ ବର୍ଷ), ସବ୍‌ଜୁନିୟର ଗ୍ରୁପ (୧୪ ବର୍ଷ ବାଳକ ଓ ୧୨ ବର୍ଷ ବାଳିକା), ସବ୍‌ଜୁନିୟର ଗ୍ରୁପ (୧୭ରୁ ୧୫ ବର୍ଷ) ୩ ବିଭାଗରେ ଇଭେଣ୍ଟ ହେବ। ଏହାବ୍ୟତୀତ ପୁରୁଷ ଓ ମହିଳାମାନେ ମଧ ଭାଗ ନେଇପାରିବେ ବୋଲି ରାଜ୍ୟ ଜିମ୍ନାଷ୍ଟିକ୍ ସଂଘ ଉପସଭାପତି ଡ. ବିଜୟ୍ କୁମାର ପ୍ରଧାନ ମଙ୍ଗଳବାର ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## କେଉଟବେର୍ଣ୍ଣୀ ଗ୍ରାମ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ଭାଗଚାଷକୁ ନେଇ କରିଥିଲେ ହତ୍ୟା

**ନାକଟିଦେଉଳ,୧୨।୩(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସାଲେଭଟା ପଞ୍ଚାୟତ କେଉଟବେର୍ଣ୍ଣୀ ଗ୍ରାମରେ ଗତ ୭ ତାରିଖ ରାତିରେ ଘଟିଥିବା ବନମାଳୀ ରାଉତ ହତ୍ୟାକାଣ୍ଡ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଅଭିଯୁକ୍ତ ସେହି ଗ୍ରାମର ମତି ସାହୁ (୨୮)ଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ୩୦୨ ଦଫାରେ ମାମଲା ରୁଜୁ କରାଯାଇ ମଙ୍ଗଳବାର ତାଙ୍କୁ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଇସ୍ମାଇଲ ଏକ୍କା ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ,



ଅଭିଯୁକ୍ତ ମତି ସାହୁ।

ଉକ୍ତ ଗ୍ରାମର ଉଦ୍ଧବ ମାଝିଙ୍କ ଜମିରେ ଭାଗଚାଷକୁ କେନ୍ଦ୍ରକରି ମତି ଏବଂ ବନମାଳୀଙ୍କ ପରିବାର ମଧ୍ୟରେ ଦୀର୍ଘ ୧୦ବର୍ଷରୁ ଅଧିକ ସମୟ ହେଲା ବିବାଦ ଲାଗି ରହିଥିଲା। ୨୦୦୮ରେ ବନମାଳୀ

**ଅଭିଯୁକ୍ତ ଗିରଫ, ଟାଙ୍ଗିଆ ଜବତ**

ମତିଙ୍କ ବାପାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିଲା। ବନମାଳୀ ଅନେକ ଥର ମତିଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଆସୁଥିଲେ। ଗତ ୭ ତାରିଖ ରାତି ପ୍ରାୟ ସାଢ଼େ ୭ଟାରେ ବନମାଳୀ ଗ୍ରାମ ନିକଟ ଏକ ଢାବାରୁ ସାଇକେଲ ଧରି ଚାଲିଚାଲି ଘରକୁ ଫେରୁଥିବା ବେଳେ ମତିଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏହି ସମୟରେ ଗାଁ ସ୍କୁଲ ସାମନା ରାସ୍ତାରେ ମତି ପହଞ୍ଚି ଆଖପାଖରେ କେହି ନ ଥିବାର ସୁଯୋଗ ନେଇ ଏକ ଟାଙ୍ଗିଆରେ ବନମାଳୀଙ୍କ ମୁଣ୍ଡକୁ ୩ରୁ ୪ ଥର ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ବନମାଳୀଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ବନମାଳୀଙ୍କ ପୁତୁରା ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୨୪/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ହତ୍ୟାକାଣ୍ଡର ୫ଦିନ ପରେ ପୋଲିସ ତଦନ୍ତ କରି ମତିଙ୍କୁ ଗିରଫ କରିବା ସହ ହତ୍ୟା ରହସ୍ୟ ଉନ୍ମୋଚନ କରିଛି। ହତ୍ୟାକାଣ୍ଡ ପରେ ମତି ଗାଁ ମୁଣ୍ଡରେ ଥିବା ଇନ୍ଦ୍ର ଧଳଙ୍କ ଧାନଖଳାରେ ରକ୍ତାକ୍ତ ଟାଙ୍ଗିଆକୁ ଲୁଚାଇ ଦେଇଥିଲେ। ପୋଲିସ ସେଠାରୁ ଉକ୍ତ ଟାଙ୍ଗିଆ ଜବତ କରିଛି।

## ନିର୍ବାଚନ: ନିଶା କାରବାର ଉପରେ ଧରପଗଡ଼



ଜବତ ହୋଇଥିବା ରନ୍ଧାମଦ ଓ ଅନ୍ୟ ସାମଗ୍ରୀ ସହ ଅବକାରୀ ବିଭାଗ କର୍ମଚାରୀ।

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସାଧାରଣ ନିର୍ବାଚନ ତାରିଖ ଘୋଷଣା ହୋଇସାରିଥିବା ବେଳେ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଧରପଗଡ଼ ଆରମ୍ଭ ହୋଇଛି। ଜିଲାପାଳ ଶୁଭମ ସକସେନାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଦେଶୀ ମଦ, ରନ୍ଧା ମଦ, ବିଦେଶୀ ମଦ ଓ ଅନ୍ୟାନ୍ୟ ନିଶା କରାବାର ଉପରେ ରୋକ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମିତ ଭାବେ ଅବକାରୀ ବିଭାଗ ପକ୍ଷରୁ ରେଢ଼ାଖୋଲ, କୁଚିଣ୍ଡା, ଝୁଝୁମୁରା, ରେଙ୍ଗାଲି ବ୍ଲକର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇଛି। ରନ୍ଧା ମଦ ଓ ପୋଚ ନଷ୍ଟ କରାଯାଇଛି। ୧୧ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ମଙ୍ଗଳବାର ଝୁଝୁମୁରା ଭୀମଖୋଜ ଓରାମପଡ଼ା ନିକଟ ଜଙ୍ଗଲରୁ ୪ ଶହ ଲିଟର ମଦ, ୩୦୦ କେଜି ମହୁଲ ପୋଚ, ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ବସନ୍ତ ଓରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଏସ୍‌ପି ହରିଶ୍ଚନ୍ଦ୍ର ସେଠୀ କହିଛନ୍ତି।

## କୁଚିଣ୍ଡାରେ ନିର୍ବାଚନ ପାଇଁ ପ୍ରଶାସନ ପ୍ରସ୍ତୁତ

# ୨୬୪ ବୁଥ୍‌ରେ ହେବ ଭୋଟ ଗ୍ରହଣ

**କୁଚିଣ୍ଡା,୧୨।୩(ଡି.ଏନ୍.ଏ.)**

କୁଚିଣ୍ଡାରେ ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାକୁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ୨୬୬ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ସେଥିମଧ୍ୟରୁ ୫୯ ବୁଥ୍ ଉତ୍ତେଜନାପୂର୍ଣ୍ଣ ବୋଲି ଚିହ୍ନଟ ହୋଇଥିବା ମଙ୍ଗଳବାର ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ କୁଚିଣ୍ଡା, ବାମରା ଏବଂ ଜମନକିରା ବ୍ଲକ ସମେତ କୁଚିଣ୍ଡା ଏନ୍‌ଏସି ରହିଛି। ୩ ବ୍ଲକରେ ମୋଟ ୫୫ ପଞ୍ଚାୟତ ଥିବାବେଳେ କୁଚିଣ୍ଡା ଏନ୍‌ଏସିରେ ୧୧ ୱାର୍ଡ ରହିଛି। ନିର୍ବାଚନ ମଣ୍ଡଳୀର ଭୋଟର ସଂଖ୍ୟା ୨ଲକ୍ଷ ୯ହଜାର ୭୯୬। ୧ଲକ୍ଷ ୪ହଜାର ୩୪୫ ପୁରୁଷ ଏବଂ ୧ଲକ୍ଷ ୫ହଜାର ୪୪୮ ମହିଳା ଭୋଟର ରହିଛନ୍ତି। ଜନସଂଖ୍ୟାର ୬୯.୧୫ ପ୍ରତିଶତ ହେଉଛନ୍ତି ଭୋଟର। ୨୩୪ ଭୋଟଦାନ କେନ୍ଦ୍ରରେ ୨୬୪ ବୁଥ କରାଯିବ। ଭୋଟ ପରିଚାଳନା ପାଇଁ ୬ ପୋଲିଂ ଅଫିସର ଏବଂ ୨୬ ସେକ୍ଟର ଅଫିସର ନିୟୋଜିତ ହେବେ। ୩୧୭ ଲେଖାଏଁ ପ୍ରିଜାଡିଂ ଅଫିସର, ପ୍ରଥମ ପୋଲିଂ ଅଫିସର, ଦ୍ୱିତୀୟ ପୋଲିଂ ଅଫିସର ଭୋଟ ପରିଚାଳନା କରିବେ। କୁଚିଣ୍ଡା ଏନ୍‌ଏସିରେ ୧୨ ବୁଥ ରହିଥିବା ବେଳେ ସମସ୍ତ ବୁଥ୍‌ରେ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି। ୨୬୪ ବୁଥ୍ ମଧ୍ୟରୁ ୨୦ ବୁଥ୍ ମୋବାଇଲ ନେଟୱାର୍କ ବାହାରେ ଥିବା ଚିହ୍ନଟ ହୋଇଛି। ଭୋଟ ଗ୍ରହଣ ପରେ କୁଚିଣ୍ଡା କଲେଜର ୬ କୋଠରିକୁ ଷ୍ଟ୍ରଙ୍ଗ ରୁମ କରାଯିବ। ସେଠାରେ ସିସିଟିଭି, ୨୪ ଘଣ୍ଟିଆ ପ୍ରହରା ବ୍ୟବସ୍ଥା କରାଯିବ। ଅବାଧ ଓ ନିରପେକ୍ଷ ଭୋଟଦାନ ପାଇଁ ଉପଜିଲାପାଳ ନାୟକ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ଟ୍ରାକ୍ ମେଣ୍ଟେନର୍ ପୁରସ୍କୃତ

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ମେଣ୍ଟେନର୍ ଇଞ୍ଜିନିୟରିଂ ବିଭାଗରେ କାର୍ଯ୍ୟରତ ସୋନୁ କୁମାରଙ୍କୁ ପୁରସ୍କୃତ କରାଯାଇଛି। ମଙ୍ଗଳବାର ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ତାଙ୍କୁ ପ୍ରଶଂସାପତ୍ର ଓ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ରାତ୍ରିକାଳୀନ ପାଟ୍ରୋଲିଂ ଡ୍ୟୁଟି ସାରି ସୋନୁ ଘରକୁ ଫେରୁଥିବା ବେଳେ ସମ୍ବଲପୁର-ହୀରାକୁଦ ଷ୍ଟେଶନ ମଧ୍ୟବର୍ତ୍ତୀ ୫୬୬/୮୯ କିଲୋମିଟରରେ ଏକ ଟ୍ରକ୍ (ନଂ. ସିଜି୦୭-ଜିକେ୬୬୮୬) ରେଳ ଲାଇନ ପାର୍ଶ୍ୱ ଲୁହାବାଡ଼ ଭାଙ୍ଗି ରେଳଧାରଣା ଉପରେ ପଡ଼ିଥିଲା। ଏହାଦେଖି ସୋନୁ ତୁରନ୍ତ ଉଚ୍ଚ ପଦାଧିକାରୀଙ୍କୁ ଘଟଣା ବିଷୟରେ ସୂଚନା ଦେଇଥିଲେ। ଫଳରେ ରେଳଧାରଣାର ଉଭୟ ପାର୍ଶ୍ୱକୁ ସୁରକ୍ଷିତ କରାଯାଇଥିଲା। ଏକ ନିଶ୍ଚିତ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା।

## ଫଟୋଗ୍ରାଫର୍ କୁତୁବ୍ ଭାଇଙ୍କ ପରଲୋକ

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସମ୍ବଲପୁର ସହରର ବୋହରା ମୁସ୍‌ଲିମ୍ ସମ୍ପ୍ରଦାୟର ବରିଷ୍ଠ ସଭ୍ୟ କୁତୁବୁଦ୍ଦିନ୍ ମୁଲ୍ଲା ଅବେଦଅଲ୍ଲି ଫକିରୀ (କୁତୁବ୍ ଭାଇ)ଙ୍କର ମଙ୍ଗଳବାର ଅପରାହ୍ଣରେ ବୁଢ଼ାରଜାସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ୮ ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀଙ୍କ ପରଲୋକ ହୋଇଥିଲା। ଦୁଇ ପୁଅ ତାହା ଅଲ୍ଲି ଓ ହୁନେଦ୍ ଅଲ୍ଲି, ଏକମାତ୍ର ଝିଅ ଏବଂ ପରିବାରର ଅନ୍ୟ ସଦସ୍ୟ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। କୁତୁବ୍‌ଙ୍କ ବାପା ଅବେଦ ଅଲ୍ଲି ଝାଡୁଆପଡ଼ାରେ ବ୍ୟବସାୟ ଆରମ୍ଭ କରିଥିଲେ। ପରେ କୁତୁବ୍ ଭାଇ ଗେଇଟୀ ରୋଡ୍‌ରେ ଏଭରେଷ୍ଟ ଷ୍ଟୁଡିଓ କରିଥିଲେ। ଫଟୋ ଉଠାଇବା ସହ ସେ ଗ୍ରାମ୍‌ଫୋନ୍ ଓ ଗ୍ରାମଫୋନ୍ ରେକର୍ଡ ବ୍ୟବସାୟ ମଧ କରୁଥିଲେ। କଣ୍ଠଶିଳ୍ପୀ ଜିତେନ୍ଦ୍ର ହରିପାଲ



କୁତୁବ୍ ଭାଇଙ୍କ ଫାଇଲ୍ ଫଟୋ।

ଓ କ୍ରିଷ୍ଣା ପଟେଲଙ୍କ ପ୍ରସିଦ୍ଧ ରଙ୍ଗବତୀ ଗୀତର ଗ୍ରାମଫୋନ୍ ରେକର୍ଡ ପ୍ରସ୍ତୁତିରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ଦେହାନ୍ତ ଖବର ପ୍ରସାରିତ ହେବାପରେ କନିଷ୍ଠ ଓ ବରିଷ୍ଠ ଫଟୋଗ୍ରାଫର୍, ବ୍ୟବସାୟୀ, କଣ୍ଠଶିଳ୍ପୀ, ସଙ୍ଗୀତଜ୍ଞଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ଜିଏମ୍‌ୟୁରେ ଜାତୀୟ ଆଲୋଚନାଚକ୍ର




ଜିଏମ୍‌ୟୁ ଅମୃତବିହାର ପରିସରରେ ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ଉପକୁଳସଚିବ ଉମାଚରଣ ପତି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ସମ୍ବଲପୁର,୧୨।୩(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇନ୍‌ଟିଗ୍ରେଟେଡ୍ ବିଇଡି ବିଭାଗ ପକ୍ଷରୁ ମଙ୍ଗଳବାର ଅମୃତବିହାର ପରିସର ଅଧ୍ୟାପକ ପ୍ରକୋଷ୍ଠ-୧ରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧ୍ୟକ୍ଷତାରେ 'ଶିକ୍ଷକ ଶିକ୍ଷା ଓ ଶିକ୍ଷାଦାନରେ ଗୁଣାତ୍ମକ ମାନ ଆଣିବା ସକାଶେ ଅନ୍ୱେଷଣ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି, ଭିଲାଇ କଲ୍ୟାଣ କଲେଜ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପି.କେ. ଶ୍ରୀବାସ୍ତବ ସମ୍ମାନିତ ଅତିଥି, ଇନ୍ଦୋର ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏକ୍ସଲେଣ୍ଟ ନିର୍ଦ୍ଦେଶକ ପ୍ରଫେସର ଡି.ଏନ୍ ସନସନୱାଲ ବକ୍ତା ଭାବେ ଯୋଗଦେଇଥିଲେ। ଡ. ରାଜଶ୍ରୀ ବରାଳ ସୂଚନା ପ୍ରଦାନ କରିଥିଲେ। ଉପକୁଳସଚିବ ଉମାଚରଣ ପତି ସ୍ୱାଗତ ଭାଷଣ, ଆଲୋଚନାଚକ୍ର ଉପଦେଷ୍ଟା ଡ. ହରିହର ଷଡ଼ଙ୍ଗୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ଡ. ମହେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶହେ ପ୍ରତିନିଧି ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ମରଣୀକା ଉନ୍ମୋଚନ କରାଯାଇଥିଲା। ବୁଧବାର ଉଦ୍‌ଯାପନୀ ଉତ୍ସବରେ ଜିଏମ୍‌ୟୁ ପୂର୍ବତନ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

### ଏମ୍‌ସିଏଲ୍‌ର ରେକର୍ଡ କୋଇଲା ଉତ୍ପାଦନ

**ସମ୍ବଲପୁର,୧୨।୩(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ସୋମବାର ଗୋଟିଏ ଦିନରେ ୭ ଲକ୍ଷ ୨୭ ହଜାର ୪୨୯ ଟନ୍ କୋଇଲା ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଛି। କମ୍ପାନୀ ପରିଚାଳିତ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ସମ୍ବଲପୁର ଜିଲାର ବିଭିନ୍ନ ଖଣି ଅଞ୍ଚଳରୁ ଏହି ଉତ୍ପାଦନ କରାଯାଇଛି। କମ୍ପାନୀ ପକ୍ଷରୁ ୨୦୧୯ ମାର୍ଚ୍ଚରେ ୫.୭୮ ଲକ୍ଷ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିଲା। ଯାହାକି ୨୦୧୮-୧୯ ଆର୍ଥିକବର୍ଷରେ ରେକର୍ଡ ସୃଷ୍ଟି କରିପାରିଛି। ଏଥିପାଇଁ କମ୍ପାନୀର ଜନସମ୍ପର୍କ ବିଭାଗ ପକ୍ଷରୁ ଖଣିରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ଅଧିକାରୀଙ୍କୁ ଶ୍ରେୟ ଦିଆଯାଇଥିବା ଏକ ବିବୃତିରେ ସୂଚନା ଦିଆଯାଇଛି।

## ଶତଚଣ୍ଡୀ ଯଜ୍ଞ ପ୍ରସ୍ତୁତି

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସମ୍ବଲପୁର ଦୁର୍ଗାପାଲିସ୍ଥିତ ଗୁଡ଼େଶ୍ୱରଧାମ ପରିସରରେ ଶ୍ରୀ ଶ୍ରୀ ଶତଚଣ୍ଡୀ ମହାଯଜ୍ଞର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀ ଶ୍ରୀ ଗୁଡ଼େଶ୍ୱର ମନ୍ଦିର ଟ୍ରଷ୍ଟ ଓ ବିଶ୍ୱାତ୍ମା ଚେତନା ପରିଷଦ ଅଧ୍ୟକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ମାର୍ଗଦର୍ଶନରେ ଆଧାତ୍ମିକ କାର୍ଯ୍ୟକ୍ରମ ହେବ। ଏଥିରେ ସାଧୁସନ୍ଥଙ୍କ ସମେତ ନାଗା ବାବାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନବକୁଣ୍ଡୀୟ ମହାଯଜ୍ଞରେ ରାଜ୍ୟର ବିଦ୍ୱାନ ଓ ପଣ୍ଡିତମାନଙ୍କ ଦ୍ୱାରା ଆହୁତି ପ୍ରଦାନ କରାଯିବ। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଯଜ୍ଞାଚାର୍ଯ୍ୟ ରହିଛନ୍ତି। ଆକର୍ଷଣୀୟ ଯଜ୍ଞ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସତ୍‌ସଙ୍ଗ ମଣ୍ଡପ ନିର୍ମାଣ ମଧ ଚାଲିଛି। ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ କରାଯାଉଛି। ୧୫ ତାରିଖ ଅପରାହ୍ଣ ୩ଟାରେ ମହାନଦୀ ବାଲିବନ୍ଧା ଘାଟରୁ କଳସ ଶୋଭାଯାତ୍ରା ବାହାରିବ। ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଶତଚଣ୍ଡୀ ମହାଯଜ୍ଞ ହେବ। ୧୯ ତାରିଖ କୁମାରୀ ପୂଜନ ଯଜ୍ଞର ମୁଖ୍ୟ ଆକର୍ଷଣ ହେବ। ୨୦ ତାରିଖ ପୂର୍ବାହ୍ଣରେ ଚିତ୍ରକୂଟର ଜଗତ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଶ୍ରୀ ରାମସ୍ୱରୂପାଚାର୍ଯ୍ୟଙ୍କ ଆଶୀର୍ବଚନ ପରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ୨୧ରେ ସାଧୁସନ୍ଥ ଓ ନାଗାବାବାମାନଙ୍କ ଗହଣରେ ଗୁଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ହୋଲି ଖେଳ ହେବ ବୋଲି ଆୟୋଜକ ଗୁଡ଼େଶ୍ୱର ମନ୍ଦିର ଟ୍ରଷ୍ଟ ସଭାପତି ହେମନ୍ତ କୁମାର ମହାପାତ୍ର ମଙ୍ଗଳବାର ସୂଚନା ଦେଇଛନ୍ତି।

# କୁଚିଣ୍ଡାରେ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

## ଚାଲିଛି ନାମଫଳକ ଲେଖା, ଆରମ୍ଭ ହେଉଛି କାମ

**କୁଚିଣ୍ଡା,୧୨।୩(ଡି.ଏନ୍.ଏ.)**

କୁଚିଣ୍ଡା ବ୍ଲକରେ ଆଦର୍ଶ ଆଚରଣବିଧିର ଖୋଲା ଉଲ୍ଲଂଘନ କରାଯାଇ ବିଭିନ୍ନ ଉନ୍ନୟନ କାମ ଚାଲୁଥିବା ଅଭିଯୋଗ ହୋଇଛି। ଗତ ୧୦ ତାରିଖରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସେହିଦିନଠାରୁ ସମଗ୍ର ଦେଶରେ ଆଚରଣବିଧି ଲାଗୁ ହୋଇଛି। ଆଚରଣବିଧି ଲାଗୁ ହେଲେ କୌଣସି ନୂଆ କାମ ଆରମ୍ଭ ହୋଇପାରିବ ନାହିଁ ବୋଲି ନିୟମ ରହିଛି। ମାତ୍ର କୁଚିଣ୍ଡା ବ୍ଲକରେ ଏହାର ଖୋଲା ଉଲ୍ଲଂଘନ କରାଯାଇ ଉନ୍ନୟନ କାମ ଆରମ୍ଭ ହୋଇଛି। ଠିକାଦାରମାନେ ନିୟମକୁ ଫାଙ୍କି କାମ କରୁଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ଦୁଇ ପଞ୍ଚାୟତରୁ ଏଭଳି ଅଭିଯୋଗ ଆସିବା ପରେ ଖବରଦାତାମାନେ ସେଠାରୁ ଯାଇଥିଲେ। ହାଡ଼ିପାଲି ପଞ୍ଚାୟତରେ ଏକ ଉନ୍ନୟନ କାମର ନାମଫଳକ ଲେଖାଯାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟ ଏକ କାମରେ ନିୟୋଜିତ




ହାଡ଼ିପାଲି ପଞ୍ଚାୟତରେ ଏକ ଉନ୍ନୟନ କାମର ନାମଫଳକ ଲେଖାଯାଉଛି।

ଜେସିବି ମେସିନ ରାସ୍ତା ଅଧା ଖୋଳି ଖବରଦାତାମାନେ ପହଞ୍ଚିବା ପୂର୍ବରୁ ଚାଲିଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ କାମର କାର୍ଯ୍ୟାଦେଶ ପାଇଥିବା ପିଇଓ ଗଗନ ପଟେଲଙ୍କୁ ପଚାରିବାରୁ କହିଲେ, ମୋ ଅଜାଣତରେ କାମ ହେଉଥିଲା। ଖବର ପାଇବା ପରେ କାମ ବନ୍ଦ କରାଇଛି ବୋଲି କହିଥିଲେ। ସେହିପରି କୁଟୁରାଚୁଆଁ ପଞ୍ଚାୟତ କିରା ଗ୍ରାମ ଗଣ୍ଡିଢ଼ାଠାରେ ମଧ ଏକ ରାସ୍ତା କାମ ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି। ଏ ବାବଦରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ମଧ ସମାନ ଉତ୍ତର ଦେଇଥିଲେ। ବିଡିଓ ନିଶିପୁନମ ମିଞ୍ଜଙ୍କୁ ଯୋଗାଯୋଗ କରିବାରୁ ସେ କିଛି ଜାଣି ନ ଥିବା କହି ଫୋନ୍ କାଟି ଦେଇଥିଲେ।

# ଶିକ୍ଷକଙ୍କ ବଦଳିକୁ ବିରୋଧ, ସ୍କୁଲରେ ତାଲା

**ସମ୍ବଲପୁର,୧୨।୩(ବ୍ୟୁରୋ)**


ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ତାଳପାଲି ବିଦ୍ୟାଳୟର ଶିକ୍ଷକ ଦୁଃଶାସନ ରାଉତଙ୍କ ବଦଳିକୁ ବିରୋଧ କରି ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ପୂର୍ବାହ୍ଣରେ ସେମାନେ ମୁଖ୍ୟ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣ ଦେଇଥିଲେ। ଶିକ୍ଷକ ରାଉତଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ପୁଣି ସ୍କୁଲରେ ଅବସ୍ଥାପିତ କରିବାକୁ ଦାବି କରିଥିଲେ। ଏବେ ପରୀକ୍ଷା ଋତୁରେ କିପରି ଶିକ୍ଷକଙ୍କ ବଦଳି କରାଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଥିଲେ। ଏହି ବିଦ୍ୟାଳୟରେ ୮ ଶ୍ରେଣୀକୁ ୫ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ରାଉତଙ୍କୁ ଏଠାରୁ ବଦଳି କରାଗଲେ ଶିକ୍ଷକ ସଂଖ୍ୟା ୪ ହୋଇଯିବ। ଫଳରେ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବ ବୋଲି ସେମାନେ କହିଥିଲେ। ମାନେଶ୍ୱର ବିଇଓ ସନାତନ ବିଶ୍ୱାଳ ଓ ସିଆର୍‌ସିସି ଦୁର୍ଗା ସିଂ ସ୍କୁଲରେ ପହଞ୍ଚି ଅଭିଭାବକ ଓ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ।




ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶିକ୍ଷକଙ୍କ ବଦଳିର ପ୍ରତିବାଦ କରୁଛନ୍ତି।

ଫଳରେ ମଙ୍ଗଳବାର ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ମଧ୍ୟାହ୍ନଭୋଜନ ଖାଇବାରୁ ମଧ ଛାତ୍ରୀଛାତ୍ର ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାସଙ୍କୁ ପଚାରିବାରୁ କହିଲେ, ପରୀକ୍ଷା ସମୟରେ ଶିକ୍ଷକଙ୍କୁ ବଦଳି କରିବାର ଆବଶ୍ୟକତା ନ ଥିଲା। ତେଣୁ ତାଙ୍କ ବଦଳି ଆଦେଶକୁ ରଦ୍ଦ କରାଯିବ। ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ବିଇଓ ବିଶ୍ୱାଳ ପରୀକ୍ଷା ଋତୁରେ ମୋଟ ୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି କରିଛନ୍ତି। ସେମାନଙ୍କ ମଧ୍ୟରେ ଶିକ୍ଷକ ରାଉତ ରହିଛନ୍ତି। ତାଙ୍କର ଡକରା ପଞ୍ଚାୟତ ଆମକୁନି ସ୍କୁଲକୁ ବଦଳି ହୋଇଛି। ତେବେ ବଦଳି ହୋଇଥିବା ୬ଜଣଙ୍କ ମଧ୍ୟରୁ ୨ ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶକୁ ବିଇଓ ରଦ୍ଦ କରିଥିଲେ।





# ୧୯ ମହାସମର


ନିର୍ମଳ ପଣ୍ଡା
କଟକ ଅଫିସ,୧୨।୩


## ନୂଆ, ପୁରୁଣା ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା

ଆସନ୍ତା ଏପ୍ରିଲ ୧୧ରୁ ରାଜ୍ୟରେ ଭୋଟ ଆରମ୍ଭ ହେବ। ୪ ପର୍ଯ୍ୟାୟରେ ରାଜ୍ୟରେ ନିର୍ବାଚନ ହେବ। ହେଲେ କଟକ ଜିଲାର ବାଙ୍କୀ ବିଧାନସଭା ଆସନରେ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୩ରେ ହେବାକୁ ଥିବା ନିର୍ବାଚନ ନିମନ୍ତେ ରାଜନୈତିକ ବାତାବରଣ ବେଶ୍ ଉଷ୍ମ। ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପାରେ ଏବେ ନୂଆ ଆଶାୟୀଙ୍କ ଆବିର୍ଭାବ ହୋଇଥିବାବେଳେ ଟିକେଟ୍ ପାଇଁ ପୁରୁଣା ଆଶାୟୀଙ୍କ ସହ ସେମାନଙ୍କ ଛକାପଞ୍ଝା ଲାଗି ରହିଛି। ୨୦୧୪ ସାଧାରଣ ନିର୍ବାଚନରେ ବାଙ୍କୀ ଆସନରୁ ବିଜେଡି ପ୍ରାର୍ଥୀ ପ୍ରଭାତ କୁମାର ତ୍ରିପାଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସର ରବୀନ୍ଦ୍ର ମଲିକଙ୍କୁ ୪୩ହଜାର ୭୫୮ ଭୋଟରେ ପରାସ୍ତ କରିଥିଲେ। ବିଜେଡି ପ୍ରାର୍ଥୀ ତ୍ରିପାଠୀ ମୋଟ ୮୫ହଜାର ୮୦୯ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ୪୨ହଜାର ୫୧ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ଅଜୟ ସ୍ୱାଇଁ ମାତ୍ର ୮୬୭୨ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ୨୦୦୯ ନିର୍ବାଚନରେ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ପ୍ରଭାତ କୁମାର ତ୍ରିପାଠୀଙ୍କଠାରୁ ୨୩ହଜାର ୪୪୫ ଭୋଟରେ ପରାସ୍ତ ହୋଇଥିଲେ। ମାତ୍ର ୨୦୧୪ରେ ଦେବାଶିଷ ବାଙ୍କୀ ଛାଡି ଖୋର୍ଦ୍ଧା ଜିଲାର ବେଗୁନିଆ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ତାଙ୍କ ପରିବର୍ତ୍ତେ ଗୋବିନ୍ଦପୁରର ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକଙ୍କୁ କଂଗ୍ରେସ ଏଠାରେ ପ୍ରାର୍ଥୀ କରିଥିଲା। କଟକ ଲୋକ ସଭା ଆସନ ଅଧୀନ ବାଙ୍କୀ ନିର୍ବାଚନମଣ୍ଡଳୀର ଅତୀତ ରେକର୍ଡକୁ ଦେଖିଲେ ଏକ ଫେଣ୍ଟାଫେଣ୍ଟି ସମୀକରଣ ସାମ୍ନାକୁ ଆସୁଛି। ୧୯୭୭ରେ କଂଗ୍ରେସ ପ୍ରାର୍ଥୀ ଡା. ଯୋଗେଶ ରାଉତ ଜନତା ଦଳର ଘନଶ୍ୟାମ ସାହୁଙ୍କୁ ୬ହଜାର ୮୬ ଭୋଟରେ ପରାସ୍ତ କରିଥିଲେ। ୧୯୮୦ରେ କଂଗ୍ରେସର ଅକ୍ଷୟ କୁମାର ପଟ୍ଟନାୟକ ଜନତା ଦଳର ଘନଶ୍ୟାମ ସାହୁଙ୍କୁ ୧୦ହଜାର ୪୪୦ ଭୋଟରେ ହରାଇଥିଲେ। ୧୯୮୫ରେ କଂଗ୍ରେସ ପ୍ରାର୍ଥୀ ଅକ୍ଷୟ ପଟ୍ଟନାୟକ ପୁନର୍ବାର ୧୮ହଜାର ୯୪୭ ଭୋଟରେ ଜନତା ଦଳର ଘନଶ୍ୟାମଙ୍କୁ ପରାସ୍ତ କରିଥିଲେ। ମାତ୍ର ୧୯୯୦ ନିର୍ବାଚନରେ କଂଗ୍ରେସ ବାଙ୍କୀରୁ ଡା. ଯୋଗେଶ ରାଉତଙ୍କୁ ପ୍ରାର୍ଥୀ କରିଥିଲା। ରାଉତ ୧୫ହଜାର ୬୭୫ ଭୋଟରେ ଜନତା ଦଳର ଘନଶ୍ୟାମ ସାହୁଙ୍କଠାରୁ ପରାଜିତ ହୋଇଥିଲେ। ୧୯୯୫ରେ ବାଙ୍କୀର ଅଣ କଂଗ୍ରେସ ରାଜନୀତିରେ ପ୍ରଭାତ ତ୍ରିପାଠୀଙ୍କ ଆବିର୍ଭାବ ଘଟିଥିଲା। ଏହାପରଠାରୁ ପ୍ରଭାତ ସେଠାରେ ଜନତା ଦଳ ଓ ବିଜୁଜନତା ଦଳର ମୁଖ୍ୟ ମଙ୍ଗୁଆଳ ସାଜିଛନ୍ତି। ବାଙ୍କୀରୁ ପ୍ରଭାତ ୧୯୯୫, ୨୦୦୦, ୨୦୦୯ ଓ ୨୦୧୪ ମୋଟ ୪ ଥର ନିର୍ବାଚିତ ହୋଇଛନ୍ତି। ୨୦୧୪ ନିର୍ବାଚନ ପରେ ବିଧାୟକ ତ୍ରିପାଠୀ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ୍ ଯିବା ପରେ ବାଙ୍କୀ ରାଜନୈତିକ ସମୀକରଣ ଭିନ୍ନମୋଡ଼ ନେଇଛି। ପ୍ରଭାତଙ୍କୁ ଟିକେଟ ମିଳିବ କି ନାହିଁ ସେ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଟିକେଟ ପାଇବା ପାଇଁ ପ୍ରଭାତ ଦୃଢ ଆଶାବାଦୀ ଅଛନ୍ତି। ଏ ସବୁ ଭିତରେ ପ୍ରଭାତଙ୍କ ପୁଅ ତଥା ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ନାମ ମଧ୍ୟ ଟିକେଟ ଦୌଡ଼ରେ ରହିଛି। ବିଧାୟକ ତ୍ରିପାଠୀ କହିଛନ୍ତି ଯେ, ବାଙ୍କୀରେ ତାଙ୍କର ଲୋକପ୍ରିୟତା ଅତୁଟ ରହିଛି। ଲୋକେ ନବୀନ ପଟ୍ଟନାୟକଙ୍କ ସହିତ ଅଛନ୍ତି। ଟିକେଟ କିଏ ପାଇବ ସେ ନିଷ୍ପତ୍ତି ଦଳର ସଭାପତିଙ୍କ ଉପରେ ନିର୍ଭର କରେ। ସେ ବିଜେଡିରେ ଜଣେ ଶୃଙ୍ଖଳିତ କର୍ମୀ। ଦଳ ସଭାପତିଙ୍କ ନିଷ୍ପତ୍ତି ତାଙ୍କ ପାଇଁ ସର୍ବମାନ୍ୟ ବୋଲି ସେ କହିଛନ୍ତି। ୨୦୧୯ରେ ଲଢେଇ କାହା ସହିତ ହେବ ପ୍ରଶ୍ନରେ, ୨୦୦୯ରେ ୨୩ହଜାର ୪୪୫, ୨୦୧୪ରେ ୪୩ହଜାର ୭୫୮ ଭୋଟ ବ୍ୟବଧାନରେ ମୁଁ ଜିତିଛି। ତେଣୁ ଲଢେଇ ଏଠାରେ କେମିତି ହୁଏ ତାହା ଫଳାଫଳ କହୁଛି ବୋଲି ତ୍ରିପାଠୀ କହିଥିଲେ। ଏହାବାଦ ବାଙ୍କୀର ପୂର୍ବତନ ବିଧାୟକ ଘନଶ୍ୟାମ ସାହୁଙ୍କ ପୁଅ ସବ୍ୟସାଚୀ ସାହୁ ମଧ୍ୟ ବିଜେଡି ଟିକେଟ ଦୌଡ଼ରେ ରହିଛନ୍ତି। ସବ୍ୟସାଚୀ କହିଛନ୍ତି ଯେ, ଏଠାରେ ଅଣକଂଗ୍ରେସ ଦୁର୍ଗକୁ ଭାଙ୍ଗିବାରେ ତାଙ୍କ ବାପା ସକ୍ଷମ ହୋଇଥିଲେ। ତେଣୁ ବିଜେଡି ତାଙ୍କୁ ଟିକେଟ ଦେବ ବୋଲି ତାଙ୍କର ଦୃଢ ଆଶା। ନବୀନଙ୍କ ନିଷ୍ପତ୍ତିକୁ ସେ ମାନିନେବେ ବୋଲି ସବ୍ୟସାଚୀ କହିଛନ୍ତି। ଲଢେଇ ସିଧାସଳଖ କଂଗ୍ରେସ ସହିତ ହେବ ବୋଲି ସବ୍ୟସାଚୀ କହିଛନ୍ତି।

ଭାଜପାରେ ମଧ୍ୟ ଟିକେଟ ପାଇଁ ଆଶାୟୀଙ୍କ ତାଲିକା ଲମ୍ବା। ୨୦୧୪ର ପରାଜିତ ପ୍ରାର୍ଥୀ ଅଜୟ ସ୍ୱାଇଁଙ୍କ ସହିତ ୨୦୦୯ର ପରାଜିତ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ରହିଥିବାବେଳେ ନୂଆକରି ଭାଜପାରେ ତୁଷାର ଚକ୍ରବର୍ତ୍ତୀଙ୍କ ଆବିର୍ଭାବ ଦଳୀୟ ରାଜନୀତିକୁ ଗୋଳମାଳିଆ କରିଛି। ତୁଷାର ଏବେ ଶ୍ରୀବନ୍ତପୁର ପଞ୍ଚାୟତର ସମିତି ସଭ୍ୟ ଅଛନ୍ତି। ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ବିଧାୟକଙ୍କ ସହିତ ମତାନ୍ତର ହେବାରୁ ସେ ଭାଜପାରେ ଯୋଗ ଦେଇଛନ୍ତି। ଇତିମଧ୍ୟରେ ତୁଷାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବାଙ୍କୀ ଆଣି ଏକ ବିରାଟ ସଭାର ଆୟୋଜନ କରିଥିଲେ। ଭାଜପା ତାଙ୍କୁ ପ୍ରାର୍ଥୀ କରିବ ବୋଲି ତୁଷାର ଆଶାବାଦୀ ଅଛନ୍ତି। ସେହିପରି ୨୦୧୪ର ପରାଜିତ ପ୍ରାର୍ଥୀ ଅଜୟ କହିଛନ୍ତି, ସଂଗଠନ ସହିତ ରହିଛନ୍ତି। ତେଣୁ ଦଳ ତାଙ୍କୁ ପୁନର୍ବାର ଟିକେଟ ଦେବ ବୋଲି ସେ କହିଛନ୍ତି। ଶୁଭ୍ରାଂଶୁଙ୍କ ମତରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିବ ବୋଲି ସେ ଦୃଢ ଆଶାବାଦୀ ଅଛନ୍ତି। ତେବେ ସମସ୍ତ ନେତା ଦଳୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମାନିନେବେ ବୋଲି କହିଛନ୍ତି। ଲଢେଇ ବିଜେଡି ସହିତ ହେବ ବୋଲି ଭାଜପା ଆଶାୟୀମାନେ ଆକଳନ କରିଛନ୍ତି। ସୂଚନାଥାଉକି, ୨୦୧୪ରେ ଶୁଭ୍ରାଂଶୁଙ୍କୁ ଭାଜପା ଟିକେଟ ନ ଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। କଂଗ୍ରେସର ମଧ୍ୟ ଅନୁରୂପ ଅବସ୍ଥା। ୨୦୧୪ରେ ଏଠାରୁ ପରାଜିତ ପ୍ରାର୍ଥୀ ରବୀନ୍ଦ୍ର ମଲିକ ପୁନର୍ବାର ଟିକେଟ ଆଶାରେ ଥିବାବେଳେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ମଧ୍ୟ କଂଗ୍ରେସ ଟିକେଟ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ଦୁଇ ଜଣଙ୍କ ବାଦ୍ କଂଗ୍ରେସ ଅନୁସୂଚିତ ଜାତି ସେଲ୍‌ର ଉପାଧ୍ୟକ୍ଷ ବାଙ୍କନିଧି ବେହେରା ମଧ୍ୟ ଟିକେଟ ଦୌଡ଼ରେ ରହିଛନ୍ତି। ଦେବାଶିଷ କହିଛନ୍ତି, ଲୋକେ କଂଗ୍ରେସକୁ ମନେ ପକାଉଛନ୍ତି। ତେଣୁ ଦଳ ତାଙ୍କୁ ଟିକେଟ ଦେବ ଏବଂ ଲୋକେ ତାଙ୍କୁ ଭୋଟ ଦେବେ। ରବୀନ୍ଦ୍ର କହିଛନ୍ତି, ଦଳ ତାଙ୍କୁ ପୁନର୍ବାର ଟିକେଟ ଦେବ ବୋଲି ଆଶା ରଖିଛନ୍ତି। ବାଙ୍କନିଧିଙ୍କ ମତରେ ଦଳ ଯଦି ଟିକେଟ ଦିଏ, ତେବେ ସେ ବାଙ୍କୀରୁ ଲଢିବେ। ହେଲେ ଦଳୀୟ ନିଷ୍ପତ୍ତି ବିରୋଧରେ ଯିବାର ନାହିଁ ବୋଲି ୩ ଜଣ ଯାକ ନେତା ଏକ ସ୍ୱରରେ କହିଛନ୍ତି। ଲଢେଇ ବିଜେଡି ସହିତ ହେବ ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି।


ପ୍ରଭାତ ତ୍ରିପାଠୀ


ସବ୍ୟସାଚୀ ସାହୁ


ଦେବାଶିଷ ପଟ୍ଟନାୟକ


ଅଜୟ ସ୍ୱାଇଁ


ଶୁଭ୍ରାଂଶୁ ମୋହନ ପାଢ଼ୀ


ତୁଷାର ଚକ୍ରବର୍ତ୍ତୀ


ରବୀନ୍ଦ୍ର ମଲିକ

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ପ୍ରଭାତ କୁମାର ତ୍ରିପାଠୀ | ୮୫,୮୦୯ |
| କଂଗ୍ରେସ | ରବୀନ୍ଦ୍ର ମଲିକ | ୪୨,୦୫୧ |
| ଭାଜପା | ଅଜୟ ସ୍ୱାଇଁ | ୮,୬୭୨ |
| ସ୍ୱାଧୀନ | ଶୁଭ୍ରାଂଶୁ ମୋହନ ପାଢ଼ୀ | ୪,୨୫୬ |

### ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ



### ନିର୍ବାଚନମଣ୍ଡଳୀ ରୂପରେଖ

ବାଙ୍କୀ ବିଜ୍ଞାପିତ ପରିଷଦର ୧୭ଟି ୱାର୍ଡ ସମେତ ବାଙ୍କୀ ବ୍ଲକର ୨୦ଟି ପଞ୍ଚାୟତ, ଡମପଡ଼ା ବ୍ଲକର ୧୭ ପଞ୍ଚାୟତ ଓ ବାରଙ୍ଗ ବ୍ଲକର ୮ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ସମୁଦାୟ ଜନସଂଖ୍ୟାର ୮୯.୭୮ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବା ବେଳେ ୧୦.୨୨ ପ୍ରତିଶତ ସହରାଞ୍ଚଳରେ ବସବାସ କରନ୍ତି।

ମୋଟ ଭୋଟର ସଂଖ୍ୟା
**୧,୯୮,୯୬୫**


ପ୍ରଭଞ୍ଜନ ମିଶ୍ର
ଝାରସୁଗୁଡ଼ା ଅଫିସ,୧୨।୩



## ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

## ପୁଣି ଗଡ଼ ହରାଇପାରେ କଂଗ୍ରେସ

ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀକୁ କଂଗ୍ରେସର ଗଡ଼ କୁହାଯାଏ। ସ୍ୱାଧୀନତା ପରଠାରୁ ୧୫ଥର ନିର୍ବାଚନ ହୋଇଛି। ସେଥିରୁ କଂଗ୍ରେସ ୧୦ଥର ବିଧାୟକ ଆସନ ଦଖଲ କରିଛି। ଏକଦା ଏହି ଗଡ଼ରେ ଜନତା ଦଳ ଏବଂ ବିଜୁ ଜନତା ଦଳ ଧସେଇ ପଶିଥିଲା। ଜନତାଦଳ ଓ ବିଜେଡି ଟିକେଟ୍‌ରେ କିଶୋର ମହାନ୍ତି ୩ ଥର ବିଧାୟକ ହୋଇଥିଲେ। କିନ୍ତୁ ନିର୍ବାଚନମଣ୍ଡଳୀ ବିଭାଜନ ପରେ ପୁଣିଥରେ କଂଗ୍ରେସ ନିଜ ଗଡ଼କୁ ଦଖଲ କଲା। କିଶୋର ମହାନ୍ତିଙ୍କୁ ପରାଜିତ କରି କଂଗ୍ରେସ ଟିକେଟ୍‌ରେ ନବ ଦାସ ବିଧାୟକ ହୋଇଥିଲେ। ୨୦୦୯ ସୀମା ବିଭାଜନ ପରେ ଝାରସୁଗୁଡ଼ା ଅଧୀନରେ ଥିବା ରେଙ୍ଗାଲି ସ୍ୱତନ୍ତ୍ର ଭାବେ ଏକ ନିର୍ବାଚନମଣ୍ଡଳୀ ହୋଇଥିଲା। ଲଇକୋରା ନିର୍ବାଚନମଣ୍ଡଳୀର ଲଇକେରା, କୋଲାବିରା ଏବଂ କିର୍ମିରା ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ଆଉ କିଛି ଅଂଶ କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ମିଶ୍ରଣ ହୋଇଥିଲା। କଂଗ୍ରେସର ଭୋଟ ବ୍ୟାଙ୍କ କୁହାଯାଉଥିବା ଲଇକେରା, କୋଲାବିରା ଏବଂ କିର୍ମିରା ବ୍ଲକ୍ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ମିଶ୍ରଣ ପରେ ବିଜେଡିକୁ ଗାଦିଚ୍ୟୁତ କରିବାରେ କଂଗ୍ରେସକୁ ବେଶ୍ ସହାୟକ ହୋଇଥିଲା। ବର୍ତ୍ତମାନ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ଅଧୀନରେ ଝାରସୁଗୁଡ଼ା ବ୍ଲକର ୧୨ଟି ପଞ୍ଚାୟତ, ଝାରସୁଗୁଡ଼ା ପୌରାଞ୍ଚଳ ସମେତ କୋଲାବିରା, ଲଇକେରା ଏବଂ କିର୍ମିରା ବ୍ଲକ୍ ରହିଛି।

୨୦୧୯ ନିର୍ବାଚନୀ ପାଇଁ ବିଜେଡି ଟିକେଟ୍ ଏକପ୍ରକାର ନିଶ୍ଚିତ ହୋଇଥିବା କୁହାଯାଉଛି। ଇତିମଧ୍ୟରେ ନବ ଦାସ ବିଜେଡି ଶିବିରରେ ଯୋଗ ଦେଇଛନ୍ତି। ଏଥର ତାଙ୍କୁ ଟିକେଟ୍ ମିଳିବା ଏକ ପ୍ରକାର ସ୍ପଷ୍ଟ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ସେଥିପାଇଁ ଏଠାରେ ବିଜେଡିର ଅନ୍ୟ ଆଶାୟୀଙ୍କ ଲବି ନାହିଁ। ହେଲେ ନବ କିନ୍ତୁ ଟିକେଟ୍ ନିଶ୍ଚିତ ହେବା କଥାକୁ ଦଳ ସଭାପତିଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି କହୁଛନ୍ତି। ଏହାପରେ କିଶୋର ମହାନ୍ତିଙ୍କ ପାଇଁ ୩ଟି ବିକଳ୍ପ ସାମ୍ନାକୁ ଆସୁଛି। ତାଙ୍କୁ ଲୋକସଭା ଟିକେଟ୍ ମିଳିପାରେ ବୋଲି ଆଲୋଚନା ଜୋର ଧରିଛି। ସେଥିରୁ ବାଦ୍ ପଡିଲେ ରାଜ୍ୟ ସଭାକୁ ମନୋନୀତ ହେବା କିମ୍ବା ବ୍ରଜରାଜନଗର ବିଧାୟକ ଆସନ ଲଢ଼ିବାର ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ତଥାପି ସେ ଏ ନେଇ କୌଣସି ସ୍ପଷ୍ଟ ମତ ରଖି ନାହାନ୍ତି। ଦଳର ସଭାପତିଙ୍କ ନିଷ୍ପତ୍ତିକୁ ମୁଁ ସମ୍ମାନ ଦିଏ। ସେ ଯାହା ନିର୍ଦ୍ଦେଶ ଦେବେ ମୁଁ ଗ୍ରହଣ କରିବି ବୋଲି କିଶୋର କହିଛନ୍ତି।

ଗତ ନିର୍ବାଚନରେ ତୃତୀୟ ସ୍ଥାନ ହାସଲ କରିଥିବା ଭାଜପା କିନ୍ତୁ ଏଥର ସଙ୍ଗଠିତ ହୋଇପାରିନାହିଁ। ଟିକ୍ଟ ପାଇଁ ବହୁ ଆଶାୟୀଙ୍କ ଭିତରେ ରେସ୍ ଚାଲିଛି। ଗତ ନିର୍ବାଚନରେ ପରାଜିତ ହୋଇଥିବା ଆନନ୍ଦ ପ୍ରଧାନ ଏଥର ମଧ୍ୟ ଟିକେଟ୍ ଆଶାୟୀ ତାଲିକାରେ ରହିଛନ୍ତି। ୨୦୧୪ରେ ପରାଜିତ ହେବା ପରେ ଆନନ୍ଦ ନୀରବ ରହିଥିଲେ। ନିର୍ବାଚନ ପାଖେଇ ଆସିବା ପରେ ପୁଣିଥରେ ସକ୍ରିୟ ହୋଇପଡିଛନ୍ତି। ସେହିପରି ଭାଜପା ଟିକେଟ୍ ଆଶାୟୀ ତାଲିକାରେ ବରିଷ୍ଠ ଭାଜପା ନେତା ଦିନେଶ ଜୈନ୍ ମଧ୍ୟ ରହିଛନ୍ତି। ନରେଶ ନାଏକ ବି ପୂର୍ବ ଅପେକ୍ଷା ଅଧିକ ସକ୍ରିୟ ଅଛନ୍ତି। ଟିକେଟ୍ ପାଇବା ନେଇ ସେ ଆଶାବାଦୀ ଅଛନ୍ତି। ଦଳ ଟିକେଟ୍ ଦେଲେ ନିର୍ବାଚନ ଲଢିବେ ବୋଲି କହିଛନ୍ତି। ସେହିପରି ସୁନ୍ଦରଗଡ଼ ପୂର୍ବତନ ବିଧାୟିକା ସୁଷମା ପଟେଲ ଝାରସୁଗୁଡା ନିର୍ବାଚନମଣ୍ଡଳୀରୁ ଭାଜପା ଟିକେଟ ପାଇଁ ଆଶାୟୀ ଅଛନ୍ତି। ସୁଷମା କହିଛନ୍ତି, ସେ ସଙ୍ଗଠନ ପାଇଁ କାମ କରୁଛନ୍ତି। ଯଦି ଦଳ ଆସ୍ଥା ପ୍ରକଟ କରେ ତେବେ ନିର୍ବାଚନ ଲଢିବାରେ କୌଣସି ଆପତ୍ତି ନାହିଁ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଧ୍ରୁବରାଜ ନାଏକ ଟିକେଟ୍ ପାଇଁ ଆବେଦନ କରିଛନ୍ତି। ରବିବାର ସେ ଭାଜପାରେ ଯୋଗ ଦେଇଛନ୍ତି। କଂଗ୍ରେସ ଶିବିରର ନୀରବତା ଭଗ୍ନ ହୋଇନାହିଁ। ନବ ଦାସ କଂଗ୍ରେସ ଛାଡ଼ିବା ପରେ ଦଳର ସମୀକରଣ ଏବଂ ରଣନୀତି ବଦଳି ଯାଇଥିବା ଭଳି ମନେହେଉଛି। ଏହି ଦଳରୁ ଭେଟେରାନ ହେମାନନ୍ଦ ବିଶ୍ୱାଳ ଏବଂ ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ ନିର୍ବାଚନ ଲଢିବା ନେଇ ଆଲୋଚନା ହେଉଛି। ଟିକେଟ୍ ବଣ୍ଟନ ଦଳୀୟ ନିଷ୍ପତ୍ତି କହି ହେମାନନ୍ଦ ବିଶ୍ୱାଳ ନୀରବ ରହିଥିବା ବେଳେ ଦଳ ଟିକେଟ ଦେଲେ ନିଶ୍ଚିତ ନିର୍ବାଚନ ଲଢିବେ ବୋଲି କହିଛନ୍ତି ବୀରେନ୍ଦ୍ର ପାଣ୍ଡେ। ସେହିପରି ଆଉଜଣେ ଆଶାୟୀଙ୍କ ନାମ ମଧ୍ୟ ଚର୍ଚ୍ଚା ପରିସରକୁ ଆସିଛି। ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ମହେନ୍ଦ୍ର ନାଏକ। ମହେନ୍ଦ୍ର ପ୍ରଥମେ ବିଜେଡି ଟିକେଟ୍ ପାଇଁ ଆଶାୟୀ ବୋଲି କୁହାଯାଉଥିଲା। ହେଲେ ନବଙ୍କ ବିଜେଡି ମିଶ୍ରଣ ପରେ ସେ ମାନସିକ ପରିବର୍ତ୍ତନ କରିଛନ୍ତି। କଂଗ୍ରେସରେ ଯୋଗଦେଇ ନିର୍ବାଚନ ଲଢିପାରନ୍ତି ବୋଲି ଆଲୋଚନା ହେଉଛି। କଂଗ୍ରେସରେ ମିଶିବା କଥାକୁ ମହେନ୍ଦ୍ର ସ୍ୱୀକାର କରିଥିବା ବେଳେ ଟିକେଟ୍ କଥା ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ତେବେ ଯିଏ ବି ପ୍ରାର୍ଥୀ ହୁଅନ୍ତୁ କଂଗ୍ରେସକୁ ଗଡ଼ ରକ୍ଷା ପାଇଁ କଡ଼ା ମୁକାବିଲାର ସାମ୍ନା କରିବାକୁ ପଡିବ ବୋଲି ଦଳୀୟ ନେତାମାନେ କହିଛନ୍ତି।



### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| କଂଗ୍ରେସ | ନବ କିଶୋର ଦାସ | ୭୪,୪୯୯ |
| ବିଜେଡି | କିଶୋର ମହାନ୍ତି | ୬୨,୯୩୬ |
| ଭାଜପା | ଆନନ୍ଦ ପ୍ରଧାନ | ୨୧,୦୪୭ |



ନବ ଦାସ


ନରେଶ ନାଏକ

୨୦୧୯ ସୁଦ୍ଧା ଭୋଟରଙ୍କ ସଂଖ୍ୟା
**୨,୧୬,୬୫୫**
ପୁରୁଷ ଭୋଟର
**୧,୦୯,୪୫୫**
ମହିଳା ଭୋଟର
**୧,୦୭,୧୨୫**


ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ


ସୁଷମା ପଟେଲ


ଦିନେଶ ଜୈନ୍


ଉତ୍କଳବନ୍ଧୁ ପଣ୍ଡା
ଖଇରା,୧୨।୩(ଡି.ଏନ୍.ଏ.)


## ଦଳବଦଳକୁ ନେଇ ଦ୍ୱନ୍ଦ୍ୱ

ବାଲେଶ୍ୱର ଜିଲା ଭଦ୍ରକ ସଂସଦୀୟ ନିର୍ବାଚନମଣ୍ଡଳୀ ଅଧୀନ ସିମୁଳିଆ ନିର୍ବାଚନମଣ୍ଡଳୀ ଖଇରା ଓ ସିମୁଳିଆ ବ୍ଲକକୁ ନେଇ ଗଠିତ। ଏଠାରେ ଦଳବଦଳ ରାଜନୀତି ସବୁ ଦଳ ପାଇଁ ଏବେ ଅଡୁଆ ସ୍ଥିତି ସୃଷ୍ଟି କରିଛି। ସଙ୍ଗଠନକୁ ମଜଭୁତ କରିବା ଲକ୍ଷ୍ୟରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ଗତ କିଛିଦିନ ଧରି ଅନ୍ୟ ଦଳର ଟାଣୁଆ ନେତାଙ୍କୁ ଆଣି ଦଳରେ ସାମିଲ କରିବା ପ୍ରୟାସ ଜାରି ରଖିଛନ୍ତି। ହେଲେ ଦଳର ଉପର ସ୍ତରରେ ନିଆଯାଉଥିବା ନିଷ୍ପତ୍ତିକୁ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନ ଥିବାରୁ ଅନ୍ତଃକନ୍ଦଳ ବଢିବାରେ ଲାଗିଛି।

୨୦୧୪ ନିର୍ବାଚନ ସମୟରୁ ଆରମ୍ଭ ହୋଇଥିବା ଦଳବଦଳ ରାଜନୀତି ଏବେ ଉତ୍କଣ୍ଠାର ସୀମା ଛୁଇଁଛି। ସିମୁଳିଆ ନିର୍ବାଚନମଣ୍ଡଳୀ ରାଜନୀତିରେ ନିଜର ପତିଆରା ରଖିଆସିଥିବା କଂଗ୍ରେସର ପୁରୁଖା ନେତା ପଦ୍ମଚରଣ ପଣ୍ଡା ଦଳ ଛାଡ଼ି ଭାଜପାରେ ସାମିଲ ହେବା ପରେ ରାଜନୈତିକ ସମୀକରଣ ଭିନ୍ନମୋଡ ନେଇଛି। ଗତ ପଞ୍ଚାୟତ ନିର୍ବାଚନରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିବାରୁ ଭାଜପା ନେତା ଓ କର୍ମୀ ଉତ୍ସାହିତ ଥିବା ବେଳେ ପଦ୍ମଚରଣଙ୍କୁ ଅନେକ କର୍ମୀ ଗ୍ରହଣ କରିପାରୁ ନାହାନ୍ତି। ଏନେଇ ଦଳରେ ଗୋଷ୍ଠୀ କନ୍ଦଳ ତୀବ୍ର ରୂପ ନେଇଛି। ଭାଜପାକୁ ସମାନ ଢଙ୍ଗରେ ଟକ୍କର ଦେବା ଲକ୍ଷ୍ୟ ନେଇ ଶାସକ ବିଜେଡି ପୂର୍ବରୁ ଭାଜପା ଟିକେଟ୍‌ରେ ନିର୍ବାଚନ ଲଢିଥିବା ଶଶୀ ସାହୁଙ୍କୁ ୧୩ ତାରିଖରେ ଦଳରେ ସାମିଲ କରିବାକୁ ଯାଉଛି। ହେଲେ ବର୍ତ୍ତମାନର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମର୍ଥକ ଗୋଷ୍ଠୀ ଏହାକୁ ଜୋରଦାର ବିରୋଧ କରୁଛନ୍ତି। କେବଳ ସେତିକି ନୁହେଁ, ଶାସକ ବିଜେଡିରେ ଏକାଧିକ ଆଶାୟୀଙ୍କ ଉପସ୍ଥିତି ଅସ୍ୱଷ୍ଟ ସ୍ଥିତି ସୃଷ୍ଟି କରିଛି।

ବିଜେଡିରେ ସବୁଠୁ ଅଧିକ ରହିଛି ଆଶାୟୀଙ୍କ ସଂଖ୍ୟା। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଟିକେଟ ପାଇଲେ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବେ ବୋଲି କହୁଛନ୍ତି। ସେହିପରି ଗତ ବିଧାନସଭା ନିର୍ବାଚନ ସମୟରେ ହଠାତ୍ ଦଳୀୟ ଟିକେଟରୁ ବଞ୍ଚିତ ଯୁବ ବିଜେଡି ରାଜ୍ୟ ଉପଦେଷ୍ଟା ଯଯାତି ଦାସ ଏଥର ଟିକେଟ ପାଇବାକୁ ଆଶା ବାନ୍ଧିଛନ୍ତି। କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା କ୍ଷଣି ରାଜ୍ୟ ସଭା ସଦସ୍ୟ ପଦବୀ ପାଇଥିବା ଜଣେ ନେତାଙ୍କ ସମ୍ପର୍କୀୟ କୁହାଯାଉଥିବା ନିକୁଞ୍ଜ କିଶୋର ଦାସ, ବିଜେଡି ପର୍ଯ୍ୟବେକ୍ଷକ ଉପେନ୍ଦ୍ର ପାଢୀ ମଧ୍ୟ ବିଜେଡି ଟିକେଟ ଦୌଡ଼ରେ ସାମିଲ ଥିବା କୁହାଯାଉଛି।

ଖଇରା ଓ ସିମୁଳିଆକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ସବୁବେଳେ ଖଇରା ଉପେକ୍ଷିତ ଓ ଅବହେଳିତ ହେବା ପ୍ରସଙ୍ଗ ଏଥର ନିର୍ବାଚନୀ ଇସ୍ୟୁ ପାଲଟିପାରେ। ଏହି ପରିପ୍ରେକ୍ଷୀରେ ଖଇରା ବ୍ଲକ ଉପାଧ୍ୟକ୍ଷ ତଥା ବିଶିଷ୍ଟ ବିଜେଡି ନେତା ଜୟନ୍ତ କୁମାର ରାଉତ ଖଇରା ବ୍ଲକର ସ୍ୱାଭିମାନ ପ୍ରସଙ୍ଗ ଉଠାଇ ଆଲୋଚନାକୁ ଆସିଛନ୍ତି। ତାଙ୍କୁ ଯଦି ସୁଯୋଗ ମିଳେ ସେ ହାତଛଡା କରିବେ ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିସାରିଛନ୍ତି।

କଂଗ୍ରେସ ଛାଡି ଭାଜପାର ଯୋଗ ଦେଇଥିବା ପଦ୍ମଲୋଚନ ପଣ୍ଡା ସିମୁଳିଆ ଓ ଖଇରା ବ୍ଲକରେ ଲଗାତର ବୈଠକ, ଶୋଭାଯାତ୍ରା କରି ଦଳୀୟ କର୍ମୀଙ୍କୁ ଏକଜୁଟ କରିବାରେ ଲାଗିଛନ୍ତି। ଭାଜପାରେ ପୁରୁଖା କର୍ମୀ ଓ ଅନ୍ୟ ଜଣେ ଟାଣୁଆ ନେତାଙ୍କ ସମର୍ଥକଙ୍କୁ ନିଜ ପଟକୁ ଆଣି ଆଗକୁ ବଢିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି। ଭାଜପାର ଏକ ବଡ଼ ଗୋଷ୍ଠୀ ପଡ଼ୋଶୀ ନୀଳଗିରିର ଅପ୍ରତିଦ୍ୱନ୍ଦ୍ୱୀ ନେତା ପ୍ରତାପ ଷଡ଼ଙ୍ଗୀଙ୍କୁ ଛିଡ଼ା କରାଇ ଭାଜପା ବିଜୟକୁ ସୁନିଶ୍ଚିତ କରିବାକୁ ରାଜ୍ୟସ୍ତରୀୟ ନେତାଙ୍କ ନିକଟରେ ଲବି କରୁଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ପଦ୍ମଲୋଚନ ଦଳ ଛାଡିବା ପରେ କଂଗ୍ରେସର ମଙ୍ଗ ଧରିଥିବା ରବି ଶତପଥୀ ଏବେ ଦଳୀୟ ଟିକେଟ ପାଇଁ ମୁଖ୍ୟ ଦାବିଦାର ରହିଛନ୍ତି। ପୂର୍ବରୁ ସେ ଦିଲ୍ଲୀରେ ଜଣେ କଷ୍ଟ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ଗାନ୍ଧୀ ପରିବାରର ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି। ପିସିସି ଉପସଭାପତି ଅନନ୍ତ ସେଠୀ ଖଇରା ବ୍ଲକର ବାସିନ୍ଦା ହୋଇଥିବାରୁ ସେ ଶତପଥୀଙ୍କ ପ୍ରାର୍ଥୀତ୍ୱକୁ ସହଜରେ ଗ୍ରହଣ କରି ନ ପାରନ୍ତି ବୋଲି କୁହାଯାଉଛି। ପରିସ୍ଥିତି ଅନୁକୂଳ ହେଲେ ସେ ନିଜେ କିମ୍ବା ତାଙ୍କ ପୁଅକୁ ଛିଡ଼ା କରାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯୁବନେତା ପରିକ୍ଷିତ ମହାପାତ୍ରଙ୍କ ନାମ ମଧ୍ୟ ଦଳର ଆଶାୟୀଙ୍କ ତାଲିକାରେ ଯୋଡ଼ି ହୋଇଯାଇଛି। ଏହି ଆସନରୁ ଆଶାୟୀ ପ୍ରାର୍ଥୀମାନେ ଟିକେଟ ନ ପାଇଲେ ଦଳବଦଳ କରିବା ଆଶଙ୍କା ଥିବାରୁ ଏହା ସବୁ ଦଳର ଚିନ୍ତା ବଢାଇଛି।

ବିଜେଡି ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି, ଗତ ୫ବର୍ଷଧରି ଦଳୀୟ କର୍ମୀଙ୍କ ସୁଖଦୁଃଖରେ ସେ ରହି ଆସିଛନ୍ତି। ନବୀନ ସରକାରଙ୍କ ସମସ୍ତ ଯୋଜନାର ସଫଳତା ଲାଗି ଯଥାସମ୍ଭବ ପ୍ରୟାସ କରିଥିବାରୁ ତାଙ୍କୁ ଟିକେଟ ମିଳିବା ନେଇ ସେ ଆଶାବାଦୀ ରହିଛନ୍ତି। କଂଗ୍ରେସ ଛାଡି ଭାଜପାରେ ସାମିଲ ହୋଇଥିବା ପଦ୍ମଲୋଚନ ପଣ୍ଡା କହିଛନ୍ତି, ତାଙ୍କ ସହ ଖଇରା. ସିମୁଳିଆର ଜନସାଧାରଣ ରହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକଥା ମିଶ୍ରଣ ପର୍ବରେ ସୂଚନା ଦେଇଛନ୍ତି। ତାଙ୍କ ବ୍ୟତୀତ ଭାଜପାରେ ଆଉ କାହାରିକୁ ଟିକେଟ ମିଳିବ ନାହିଁ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ବିଜେଡି ଟିକେଟ ପାଇଁ ଅନ୍ୟତମ ଆଶାୟୀ ଯଯାତି ଦାସ କହିଛନ୍ତି, ୨୦୧୪ରେ ତାଙ୍କ ଟିକେଟ କଟିବା ସମୟରେ ୨୦୧୯ରେ ତାଙ୍କୁ ଟିକେଟ ଦିଆଯିବ ବୋଲି ଦଳ ସଭାପତି ପ୍ରତିଶ୍ରୁତି ଦେଇଥିଲେ। ସେ ଖଇରା ବ୍ଲକର ବାସିନ୍ଦା ହୋଇଥିବାରୁ ଏବଂ ଦଳରେ ସମସ୍ତ କାର୍ଯ୍ୟ ଶୃଙ୍ଖଳାର ସହ କରିଥିବାରୁ ତାଙ୍କୁ ଏଥର ଟିକେଟ ନିଶ୍ଚୟ ମିଳିବ ବୋଲି ସେ କହିଛନ୍ତି। ବିଜେଡିରେ ମିଶିବାକୁ ଯାଉଥିବା ଶଶୀ ସାହୁ କହିଛନ୍ତି, ନବୀନବାବୁଙ୍କ ସ୍ୱଚ୍ଛ, ନିର୍ମଳ ଶାସନ ଉପରେ ଆସ୍ଥାରଖି ସେ ବିଜେଡିରେ ସାମିଲ ହେବାକୁ ଯାଉଛନ୍ତି। ଦଳ ପକ୍ଷରୁ ତାଙ୍କୁ ଯେଉଁଭଳି ନିର୍ଦ୍ଦେଶ ଦିଆଯିବ ସେ ସେହିଭଳି ଭାବେ ଦାୟିତ୍ୱ ସମ୍ପନ୍ନ କରିବେ। କଂଗ୍ରେସ ନେତା ରବି ଶତପଥୀ କହିଛନ୍ତି, ସେ ୩୫ବର୍ଷଧରି ଦଳରେ ରହିଛନ୍ତି। ନିକଟରେ ପଦ୍ମଲୋଚନ ପଣ୍ଡା ଦଳ ଛାଡିବା ପରେ ସେ ସମସ୍ତ କର୍ମୀଙ୍କୁ ଏକଜୁଟ କରି ସଙ୍ଗଠନ ସ୍ଥିତି ସଜାଡିବାକୁ ସମର୍ଥ ହୋଇଛନ୍ତି। ଏଣୁ ଟିକେଟ ପାଇଁ ସେ ପ୍ରମୁଖ ଦାବିଦାର ବୋଲି କହିଛନ୍ତି।

### ସବୁବେଳେ ହୋଇଥିଲା ଦ୍ୱିମୁଖୀ ଲଢ଼େଇ

ଏହି ନିର୍ବାଚନମଣ୍ଡଳୀ ଗଠନ ହେବା ପରଠାରୁ ୧୯୮୦ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ୨ଥର ବିଜୟୀ ହୋଇ ନ ଥିବା ବେଳେ ୧୯୮୦ ପରଠାରୁ ୨ଜଣ ବ୍ୟକ୍ତି ଅଦଳବଦଳ କରି ୩୫ ବର୍ଷ ଶାସନଗାଦିରେ ରହି ଆସିଥିଲେ। ୧୯୮୦ରେ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀ, ୧୯୮୫ରେ ପଦ୍ମଲୋଚନ ପଣ୍ଡା ନିର୍ବାଚିତ ହୋଇଥିଲେ। ପୁନଶ୍ଚ ୨୦୦୯ରେ ପାଣିଗ୍ରାହୀ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ତାଙ୍କ ବଡପୁଅ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଜେଡି ଟିକେଟରୁ ଲଢି କଂଗ୍ରେସର ପଦ୍ମଲୋଚନ ପଣ୍ଡାଙ୍କୁ ପରାସ୍ତ କରିଥିଲେ।

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ଜ୍ୟୋତି ପ୍ରକାଶ ପାଣିଗ୍ରାହୀ | ୬୫, ୮୫୪ |
| କଂଗ୍ରେସ | ପଦ୍ମଲୋଚନ ପଣ୍ଡା | ୫୭,୯୧୭ |
| ଭାଜପା | ଶଶୀ କୁମାର ସାହୁ | ୨୮,୦୧୧ |
| ସିପିଆଇ | ସନ୍ତୋଷ ବିଶ୍ୱାଳ | ୧,୨୮୪ |

୨୦୧୯ ସୁଦ୍ଧା ଭୋଟରଙ୍କ ସଂଖ୍ୟା
**୨,୩୦,୮୮୬**
ଅନ୍ୟାନ୍ୟ ଭୋଟର ୧୦
ପୁରୁଷ ଭୋଟର
**୧,୧୮,୮୦୯**
ମହିଳା ଭୋଟର
**୧,୧୨,୦୬୭**

### ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ




ଶଶୀ ସାହୁ


ଜ୍ୟୋତିପ୍ରକାଶ ପାଣିଗ୍ରାହୀ


ପଦ୍ମଲୋଚନ ପଣ୍ଡା


ରବି ଶତପଥୀ


ଯଯାତି ଦାସ

# ମନ୍ତ୍ରୀଙ୍କ ମର୍ଯ୍ୟାଦାର ପ୍ରଶ୍ନ




**ଭୋଟର ସଂଖ୍ୟା (୨୦୧୯ ଜାନୁୟାରୀ ସୁଦ୍ଧା)**

**ମୋଟ ଭୋଟର ସଂଖ୍ୟା**
୨,୦୭,୮୦୦

**ପୁରୁଷ**
୧,୦୯,୩୦୨

**ମହିଳା**
୯୮,୪୭୧

**ଅନ୍ୟାନ୍ୟ**
୨୭

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପ୍ରଫୁଲ୍ଲ କୁମାର ମଲ୍ଲିକ | ୬୪,୧୬୩ |
| କଂଗ୍ରେସ | ଭବାନୀ ଶଙ୍କର ମହାପାତ୍ର | ୪୭,୨୮୨ |
| ଭାଜପା | ପ୍ରସନ୍ନ ପଟ୍ଟନାୟକ | ୨୫,୯୨୭ |

ସୁଧୀର କୁମାର ପରିଡ଼ା
କାମାକ୍ଷାନଗର, ୧୨।୩

ଦୁଇଦଶନ୍ଧି ଧରି ବିଜେଡିର ଅଭେଦ୍ୟ ଦୁର୍ଗ ପାଲଟିଛି କାମାକ୍ଷାନଗର ନିର୍ବାଚନମଣ୍ଡଳୀ। ଲଗାତର ୩ ଥର ଏଠାରୁ ଜିତିଆସୁଥିବା ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ମନ୍ତ୍ରିମଣ୍ଡଳରେ ମିଳିଛି କ୍ୟାବିନେଟ ପାହ୍ୟା। ତେବେ ଏପରି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ସୁଦ୍ଧା ଅଞ୍ଚଳର ଆଖିଦୃଶିଆ ବିକାଶ ହୋଇପାରି ନ ଥିବା କୁହାଯାଉଛି। ବିଶେଷ କରି ଶିଳ୍ପକୁ ନେଇ ଯେଉଁ ସମ୍ଭାବନା ସୃଷ୍ଟି ହୋଇଥିଲା ତାହା ଅଧୁରା ରହିଛି। ବିରୋଧୀଙ୍କ ଏପରି ଆରୋପ ପ୍ରତ୍ୟାରୋପ ଭିତରେ ମନ୍ତ୍ରୀଙ୍କ ଲାଗି ଚଳିତ ନିର୍ବାଚନ ମର୍ଯ୍ୟାଦାର ପ୍ରଶ୍ନ ହୋଇଛି।

ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ପାଣିପାଗରେ ଉଷ୍ମତା ଭରିଛି। ଏହି ବିଧାନସଭା ଆସନ ୧୯ ବର୍ଷ ହେଲା ବିଜୁ ଜନତା ଦଳ (ବିଜେଡି) କବ୍‌ଜାରେ ରହିଛି। ୨୦୦୦ରେ ଏଠାରୁ ବିଜେଡି ଟିକେଟରୁ ଲଢ଼ି ବିଜୟୀ ହୋଇଥିଲେ ବ୍ରହ୍ମାନନ୍ଦ ବିଶ୍ୱାଳ। ଏହାପରେ ଟ୍ରେଡ୍ ୟୁନିୟନରୁ ରାଜନୀତିକୁ ଆସିଥିବା ପ୍ରଫୁଲ୍ଲ ଯଥାକ୍ରମେ ୨୦୦୪, ୨୦୦୯ ଏବଂ ୨୦୧୪ରେ ଲଗାତର ଜିତି ଆସୁଛନ୍ତି। ମନ୍ତ୍ରିମଣ୍ଡଳର ପ୍ରଥମ ପର୍ଯ୍ୟାୟରେ ସେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ଶକ୍ତି ମନ୍ତ୍ରୀ ରହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ କ୍ୟାବିନେଟ ପାହ୍ୟା ମିଳିଥିଲା। ଏବେ ଏଠାରୁ ଏକାଧିକ ବିଜେଡି ଆଶାୟୀ ରହିଥିଲେ ମଧ୍ୟ ମନ୍ତ୍ରୀ ପ୍ରଫୁଲ୍ଲଙ୍କୁ ଚେକ୍‌ମେଟ ଦେବା ସେମାନଙ୍କ ଲାଗି ସମ୍ଭବପର ହେବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଦୀର୍ଘଦିନର ଶାସନ ମଧ୍ୟରେ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବ ରହିଛି। ଖଣି ଓ ଇସ୍ପାତ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ ମଧ୍ୟ ଶିଳ୍ପର ବିକାଶ ହୋଇପାରିନାହିଁ। ମନ୍ତ୍ରୀପଦ ଅଳଙ୍କୃତ ହେବା ଦିନଠାରୁ ତାଙ୍କ ଚାରିପଟେ ଠିକାଦାର ଘେରି ରହୁଛନ୍ତି। ଏହା ତାଙ୍କ ଲୋକପ୍ରିୟତାକୁ ହ୍ରାସ କରୁଛି।

ବିଶେଷ କରି ଢେଙ୍କାନାଳ ସଦର ବ୍ଲକ ଅଧୀନ ପଞ୍ଚାୟତଗୁଡ଼ିକରେ ପ୍ରଫୁଲ୍ଲଙ୍କ ପତିଆରା କମିବାରେ ଲାଗିଛି। ଏ ସମ୍ପର୍କରେ ପ୍ରଫୁଲ୍ଲ କୁହନ୍ତି, କାମାକ୍ଷାନଗର ସହରକୁ ଆଧୁନିକୀକରଣ କରିବା, ରାସ୍ତାଘାଟ ନିର୍ମାଣ, ପାଇପ୍‌ଯୋଗେ ପାନୀୟ ଜଳ ଯୋଗାଣ ଭଳି ମୌଳିକ ସମସ୍ୟାର ସମାଧାନ ଲାଗି ସେ ଚେଷ୍ଟା କରୁଛନ୍ତି। ବିଜେଡି ସଭାପତି ତାଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିବେ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି। ସେପଟେ ଏମ୍‌ପି ତଥାଗତ ସତପଥୀଙ୍କ ରାଜନୀତିରୁ ଦୂରେଇବା ପରେ ପ୍ରଫୁଲ୍ଲ ଢେଙ୍କାନାଳ ଲୋକସଭା ଆସନ ଉପରେ ନଜର ପକାଇଥିବା ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ସେ କୁହନ୍ତି, ଜଣେ ଶୃଙ୍ଖଳିତ କର୍ମୀଭାବେ ଦଳ ଯେଉଁ ଦାୟିତ୍ୱ ଦେବ ସେ ତାହା ପାଳନ କରିବେ। ଦଳୀୟ ସଭାପତି ଯେଉଁଠାରୁ ଲଢ଼ିବାକୁ କହିବେ ସେ ସେଠାରୁ ପ୍ରାର୍ଥୀ ହେବେ। ଯଦି ଏପରି ହୁଏ ତେବେ କାମାକ୍ଷାନଗର ଓକିଲ ସଂଘର ସଭାପତି ରଞ୍ଜନ କୁମାର ରାଉତ ବିଜେଡି ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି। ଏ ସମ୍ପର୍କରେ ରଞ୍ଜନ କୁହନ୍ତି, ସେ ଟିକେଟ ପାଇଁ ଆଶାବାଦୀ ଅଛନ୍ତି। ଟିକେଟ ନ ମିଳିଲେ ସାଂଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ସେହିପରି ବିଜେଡିର ଅନ୍ୟତମ ଆଶାୟୀ ହେଉଛନ୍ତି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜନାରାୟଣ ତ୍ରିପାଠୀ। ସେ ମଧ୍ୟ ଟିକେଟ ଦୌଡ଼ରେ ସାମିଲ ହୋଇଛନ୍ତି। ବିଜେଡି ଯଦି ମହିଳା କାର୍ଡ ଖେଳେ ତେବେ ଏ ଦିଗରେ ବିଧାୟକଙ୍କ ପୁତ୍ରବଧୂ ତଥା କାମାକ୍ଷାନଗର କଲେଜ ଅଧ୍ୟାପିକା ଲିପ୍‌ସା ପ୍ରଧାନଙ୍କ ନାମ ଆଗରେ ରହିଛି। ନିଜର ଗଡ଼ ରକ୍ଷା କରିବାକୁ ମନ୍ତ୍ରୀ ପୁତ୍ରବଧୂ ଲିପ୍‌ସାଙ୍କୁ ରାଜନୀତିକୁ ଆଣିପାରନ୍ତି ବୋଲି ଆଲୋଚନା ହେଉଛି। ସେହିପରି ପ୍ରଫୁଲ୍ଲଙ୍କ ଅନୁଗତ କୁହାଯାଉଥିବା ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୌଭାଗିନୀ ରାଉଳ ଏବଂ ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଗରିକା ମିଶ୍ର ମଧ୍ୟ ପ୍ରାର୍ଥୀ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

୨୦୧୪ରେ ପରାଜିତ ହୋଇଥିବା ପ୍ରାର୍ଥୀ ଭବାନୀ ଶଙ୍କର ମହାପାତ୍ର, ଶିକ୍ଷକ ନେତା ବିପ୍ରବର ସାହୁ, ପ୍ରଭୁଦତ୍ତ ଭଞ୍ଜ କଂଗ୍ରେସ ଆଶାୟୀ ଦୌଡ଼ରେ ଅଛନ୍ତି। ଏ ନେଇ ଭବାନୀଶଙ୍କର କୁହନ୍ତି, ତାଙ୍କ ବାପା କୈଳାସ ଚନ୍ଦ୍ର ମହାପାତ୍ର ଏବଂ ମା' ପ୍ରେମଲତା ମହାପାତ୍ର ଉଭୟେ ବିଧାୟକ ଥିଲେ। ନିର୍ବାଚନମଣ୍ଡଳୀରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଗତ ନିର୍ବାଚନରେ ୪୭ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସମଗ୍ର ନିର୍ବାଚନମଣ୍ଡଳୀରେ ଲାଗିରହିଥିବା ସମସ୍ୟା ଜନଅସନ୍ତୋଷର କାରଣ ହୋଇଛି। ଟିକେଟ ମିଳିଲେ ନିଶ୍ଚିତ ସଫଳ ହେବେ। ସେହିପରି ବିପ୍ରବର କୁହନ୍ତି, ଦୀର୍ଘଦିନରୁ ସେ ଶିକ୍ଷକ, ଚାଷୀଙ୍କ ସମସ୍ୟା ବିରୋଧରେ ସ୍ୱର ଉଠାଉଛନ୍ତି। ଅନେକ ସଙ୍ଗଠନ ସହିତ ଜଡ଼ିତ ରହି ଉନ୍ନୟନମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିପାରିଛନ୍ତି। ଦଳ ଆସ୍ଥା ପ୍ରକଟ କଲେ ସେ ବିଜୟୀ ହେବେ।

ସେହିପରି ଭାଜପାର ୩ଥର ବିଧାୟକ ରହି ଆସିଥିବା ପ୍ରସନ୍ନ ପଟ୍ଟନାୟକ କୁହନ୍ତି, ଗତ ନିର୍ବାଚନରେ ୨୫,୯୨୭ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଆଗାମୀ ନିର୍ବାଚନରେ ସେ ପ୍ରାର୍ଥୀ ହେବା ନିଶ୍ଚିତ। ଦଳ ଯଦି ପୁଣିଥରେ ତାଙ୍କ ଉପରେ ଆସ୍ଥା ରଖି ପ୍ରାର୍ଥୀ କରେ ତେବେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଅପାରଗତାକୁ ପାଥେୟ କରି ବିଜୟୀ ହେବେ। ଭୁବନ ବ୍ଲକ୍‌ରୁ ୩ ଥର ଅଧ୍ୟକ୍ଷ ଥିବା ଶତ୍ରୁଘ୍ନ ଜେନା ୨୦୦୪ରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ। ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ବର୍ଷେ ହେଲା ସେ ଭାଜପାରେ ଯୋଗଦେଇଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ସେ ପ୍ରାର୍ଥୀ ହେବାକୁ ଦୃଢ଼ମନା ଅଛନ୍ତି। ସେ କୁହନ୍ତି, ବିଜେଡି ଶାସନରେ ଲୋକେ ଅସ୍ତବ୍ୟସ୍ତ ହୋଇଗଲେଣି। ହାତଗୁଞ୍ଜା ନ ଦେଲେ କାମ ହେଉନାହିଁ। ବିଭିନ୍ନ କ୍ଷେତ୍ରରେ ନିର୍ବାଚନମଣ୍ଡଳୀ ପଛୁଆ ଅଛି। ଏସବୁ ତାଙ୍କ ବିଜୟ ପାଇଁ ବାଟ ଖୋଲିବ। ଭାଜପା ଆଶାୟୀଙ୍କ ମଧ୍ୟରେ ଆଉଜଣେ ହେଲେ ଇଂ. ଦେବାଶିଷ ହୋତା। ଗତ ନିର୍ବାଚନରେ ତାଙ୍କୁ ଦଳୀୟ ଟିକଟ ନ ମିଳିବାରୁ ସେ ସ୍ୱାଧୀନ ଭାବେ ଲଢ଼ିଥିଲେ। ଦଳ ବିରୋଧୀ କାର୍ଯ୍ୟଲାଗି ତାଙ୍କୁ ବହିଷ୍କୃତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ବହିଷ୍କାର ପ୍ରତ୍ୟାହୃତ ହୋଇଥିଲା। ଏବେ ସେ ଜିଲା ଭାଜପା କିଷାନ ମୋର୍ଚ୍ଚା ପ୍ରଭାରୀ ଦାୟିତ୍ୱ ସମ୍ଭାଳୁଛନ୍ତି। ଚାଷୀ, ବିସ୍ଥାପିତ ସମସ୍ୟା, ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହାକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି। ସେ କୁହନ୍ତି, ଦଳ ଉପରେ ତାଙ୍କର ଭରସା ରହିଛି। ସେ ନିଶ୍ଚୟ ଟିକେଟ ପାଇବେ ଓ ବିଜୟ ଲାଭ କରିବେ। ୨ଥର ସ୍ୱାଧୀନ ଭାବେ ବିଧାୟକ ପଦବୀରେ ଲଢ଼ିଥିବା ଦେବଦତ୍ତ ପଟ୍ଟନାୟକ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ରତ୍ନପ୍ରଭା ପଣ୍ଡା ମଧ୍ୟ ଟିକେଟ ଲବିରେ ଅଛନ୍ତି।

ସବୁଦଳର ନେତା ଟିକେଟ ଲାଗି ଅଣ୍ଟା ଭିଡ଼ିଥିବାବେଳେ କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅଧିକାଂଶ ସମୟରେ ଆଶାୟୀ ଦୌଡ଼ରେ ନ ଥିବା ପ୍ରାର୍ଥୀଙ୍କୁ ଦେଖିଆସିଛି। ତେଣୁ ଏଠାରୁ ବିଜେଡି, ଭାଜପାରୁ ନୂତନ ମୁହଁକୁ ଏଡ଼ାଇ ଦିଆଯାଇ ନ ପାରେ।

## ନିର୍ବାଚନମଣ୍ଡଳୀ ରୂପରେଖ

୨୦୦୯ ସୀମା ପୁନଃନିର୍ଦ୍ଧାରଣ ପରେ କାମାକ୍ଷାନଗରକୁ ମିଳିଥିଲା ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ମାନ୍ୟତା। କାମାକ୍ଷାନଗର ଏନ୍‌ଏସି, ବ୍ଲକର ୧୬ ପଞ୍ଚାୟତ, ଭୁବନ ଏନ୍‌ଏସି, ବ୍ଲକର ୧୮ ପଞ୍ଚାୟତ ଏବଂ ଢେଙ୍କାନାଳ ବ୍ଲକର ୯ ପଞ୍ଚାୟତକୁ ନେଇ ଏହା ଗଠିତ। ଏହା ସାଧାରଣ ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ରହିଛି।


ପ୍ରଫୁଲ୍ଲ କୁମାର ମଲ୍ଲିକ


ରଞ୍ଜନ ରାଉତ


ବିପ୍ରବର ସାହୁ


ଭବାନୀ ଶଙ୍କର ମହାପାତ୍ର


ପ୍ରସନ୍ନ ପଟ୍ଟନାୟକ


ଶତ୍ରୁଘ୍ନ ଜେନା

# କେବଳ ଥରେ ଜିତିଛି ବିଜେଡି



**ମୋଟ ଭୋଟର ସଂଖ୍ୟା**
୧,୯୩,୧୮୦

**ପୁରୁଷ ଭୋଟର**
୯୩,୮୫୨

**ମହିଳା ଭୋଟର**
୯୯,୨୮୯

**ଅନ୍ୟାନ୍ୟ**
୩୯

**ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ**

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| କଂଗ୍ରେସ | ଜାକବ ପ୍ରଧାନ | ୪୮,୯୫୮ |
| ବିଜେଡି | ପ୍ରଦୀପ ପ୍ରଧାନ | ୩୮,୬୬୯ |
| ଭାଜପା | ମାନଗୋବିନ୍ଦ ପ୍ରଧାନ | ୨୭,୨୯୫ |


ଜାକବ ପ୍ରଧାନ


ପ୍ରଦୀପ ପ୍ରଧାନ


ମାନଗୋବିନ୍ଦ ପ୍ରଧାନ

ଶିଶିର ପଟ୍ଟନାୟକ
ଜି.ଉଦୟଗିରି, ୧୨।୩(ଡି.ଏନ.ଏ.)

୨୦୧୯ ନିର୍ବାଚନକୁ ନେଇ ବିଭିନ୍ନ ରାଜନୈତିକ ଦଳ ତରଫରୁ ଅଙ୍କକଷା ଆରମ୍ଭ ହୋଇଛି। ଏ ନେଇ କନ୍ଧମାଳ ରାଜନୀତି ଚଳଚଞ୍ଚଳ ହୋଇ ପଡ଼ିଛି। ଜିଲାର ତିନିଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଜି.ଉଦୟଗିରି ଅନ୍ୟତମ। ଏହା ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ଜି.ଉଦୟଗିରି, ଦାରିଙ୍ଗବାଡ଼ି, ରାଇକିଆ, ଟିକାବାଲି ବ୍ଲକ ଓ ଜି.ଉଦୟଗିରି ଏନ୍‌ଏସିକୁ ନେଇ ଗଠିତ।

ଏହି ନିର୍ବାଚନମଣ୍ଡଳୀରେ ଗତ ୧୫ ଥର ହୋଇଥିବା ସାଧାରଣ ନିର୍ବାଚନ ମଧ୍ୟରୁ କଂଗ୍ରେସ ସର୍ବାଧିକ ୮ ଥର ଜିତିଛି। କଂଗ୍ରେସ ଗଡ଼ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀରେ ୧୯୮୦ରୁ ୧୯୯୫ ପର୍ଯ୍ୟନ୍ତ ନାଗାର୍ଜୁନ ପ୍ରଧାନ ୪ ଥର ବିଧାୟକ ହେବା ସହ ଏକାଧିକ ଥର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ଶାସକ ବିଜେଡି ପାଇଁ ଏହି ଆସନ ହାତେଇବା କାଠିକର ପାଠ ହୋଇପଡ଼ିଛି। ଭାଜପା ସହ ମେଣ୍ଟ ଥିବା ସମୟରେ ୨୦୦୦ରେ ଗୋଟିଏ ଥର ପାଇଁ ବିଜେଡିର ସାଲୁଗା ପ୍ରଧାନ ବିଜୟୀ ହୋଇଥିଲେ। ଏହାପରଠାରୁ ୨୦୦୪ରେ କଂଗ୍ରେସର ଅଜୟନ୍ତୀ ପ୍ରଧାନ, ୨୦୦୯ରେ ଭାଜପାରୁ ମନୋଜ ପ୍ରଧାନ ବିଜୟୀ ହୋଇଥିଲେ। ୨୦୧୪ କଂଗ୍ରେସର ଜାକବ ପ୍ରଧାନ ବିଜୟୀ ହୋଇଥିଲେ। ଜାକବ ୪୮ ହଜାର ୯୫୮ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରଦୀପ ପ୍ରଧାନ ୩୮ ହଜାର ୬୬୯ ଏବଂ ଭାଜପା ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ ୨୭ ହଜାର ୨୯୫ ଭୋଟ ପାଇଥିଲେ।

ଆଗାମୀ ନିର୍ବାଚନରେ କଂଗ୍ରେସର ଗଡ଼ ଭେଦ କରିବାକୁ ଉଭୟ ବିଜେଡି ଏବଂ ଭାଜପା ଉଦ୍ୟମ ଆରମ୍ଭ କରିଛନ୍ତି। ସର୍ବାଧିକ ଭୋଟର ଦାରିଙ୍ଗବାଡ଼ି ବ୍ଲକରୁ ଥିବାରୁ ଉଭୟ ଦଳ ଏହାକୁ ଫୋକସ କରିଛି। କଂଗ୍ରେସ ପକ୍ଷରୁ ବିଧାୟକ ଜାକବ ପ୍ରଧାନ ଏବଂ ଯୁବ ନେତା ପ୍ରତାପ ପ୍ରଧାନ ଟିକେଟ୍ ଦୌଡ଼ରେ ରହିଥିବା ବେଳେ ବିଜେଡି ପକ୍ଷରୁ ଜିଲା ଯୁବ ବିଜେଡ଼ି ସଭାପତି ପ୍ରଦୀପ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ଜଲିନା ପ୍ରିୟଦର୍ଶିନୀ, ସ୍ୱତନ୍ତ୍ର ବିକାଶ ପରିଷଦ ସଦସ୍ୟା ତଥା ରାଇକିଆର ପୂର୍ବତନ ସରପଞ୍ଚ ଗୀତାଞ୍ଜଳି ନାୟକ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରୋଦନ ମଲିକ, ରାଇକିଆ ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ପ୍ରଶାସିକା ନିରୁପମା ମଲିକ ଓ ସାମାଜିକ କର୍ମୀ ପାଉଲ ପ୍ରଧାନ ଆଶାୟୀ ରହିଛନ୍ତି।

ଭାଜପାରୁ ଗତଥର ପ୍ରାର୍ଥୀ ତଥା ଜିଲା ଉପସଭାପତି ମାନଗୋବିନ୍ଦ ପ୍ରଧାନ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ବସନ୍ତ ପ୍ରଧାନ, ରାଇକିଆ ମଣ୍ଡଳ ସଭାପତି ଶରତ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଯାକୁ ପ୍ରଧାନ, ଜିଲା ମହିଳା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ ଓ ସଂଘମିତ୍ରା ପ୍ରଧାନ ପ୍ରମୁଖ ଟିକେଟ୍ ଦୌଡ଼ରେ ଅଛନ୍ତି। ଆଶାୟୀ ପ୍ରାର୍ଥୀଙ୍କ ଲମ୍ବା ତାଲିକା ଏବେ ଭାଜପା ଏବଂ ବିଜେଡ଼ି ପାଇଁ ଚିନ୍ତାର ବିଷୟ ହୋଇଛି। ଗତ ୫ ବର୍ଷ ମଧ୍ୟରେ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ଆଖିଦୃଶିଆ ବିକାଶ ହୋଇପାରି ନାହିଁ। ଜି.ଉଦୟଗିରି ସବ୍ ଡିଭିଜନ ଘୋଷଣା ହୋଇ ନ ପାରିବା, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବିଶେଷଜ୍ଞ ପଦବୀ ଅଭାବ, ଜି.ଉଦୟଗିରିରେ ବସ୍‌ଷ୍ଟାଣ୍ଡ ହୋଇ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଉଥିବା ଆଇନଜୀବୀ ଫ୍ରାଙ୍କଲିନ ନାୟକ କହିଛନ୍ତି।

ବିଜେଡି ଆଶାୟୀ ପ୍ରାର୍ଥୀ ପ୍ରଦୀପ ପ୍ରଧାନ କହିଛନ୍ତି, ଗତ ୫ ବର୍ଷ ବିଧାୟକଙ୍କ ଦୁର୍ନୀତିର ବର୍ଷ ଥିଲା। ଏହି ସମୟରେ ଏହି ନିର୍ବାଚନ ମଣ୍ଡଳୀର ମୌଳିକ ସମସ୍ୟା ବିଧାନସଭାରେ ଉଠି ପାରିନାହିଁ। ତେଣୁ ବିଜେଡି ପ୍ରାର୍ଥୀ ଚଳିତ ଥର ବିଜୟୀ ହୋଇପାରନ୍ତି ବୋଲି ଆଶା କରାଯାଉଛି। ଭାଜପା ନେତା ମାନଗୋବିନ୍ଦ ପ୍ରଧାନ ଉଭୟ କଂଗ୍ରେସ ଓ ବିଜେଡିକୁ ସମାଲୋଚନା କରିବା ସହ ଶିକ୍ଷକ, ଅଧ୍ୟାପକ ଅଭାବ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବା, ରାସ୍ତାଘାଟ ଓ ପାନୀୟ ଜଳ ସମସ୍ୟାର ସମାଧାନ ହୋଇ ପାରୁ ନ ଥିବା ଯୋଗୁ ଭୋଟର ଭାଜପା ମୁହାଁ ହେଉଥିବା ସେ କହିଛନ୍ତି।

ବିଧାୟକ ଜାକବ ପ୍ରଧାନ କହିଛନ୍ତି, ତାଙ୍କ ସମୟରେ କୌଣସି ବିକାଶ ହୋଇ ନ ଥିବା ଅଭିଯୋଗ ଭିତ୍ତିହୀନ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଏହି ନିର୍ବାଚନ ମଣ୍ଡଳୀ ପ୍ରତି ବୈମାତୃକ ମନୋଭାବ ଯୋଗୁ ବିକାଶ ହୋଇପାରିନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ, ଚାଷୀଙ୍କ ପାଇଁ ଜଳ ସେଚନ ସବୁଥିରେ ଅବହେଳା ଦେଖିବାକୁ ମିଳୁଛି। କିନ୍ତୁ ସେ ନିଜେ ଯେଉଁ ଜନହିତକର କାମ କରିଛନ୍ତି ସେଥିଯୋଗୁ ଭୋଟର ତାଙ୍କୁ ପୁଣିଥରେ ସୁଯୋଗ ଦେବେ ବୋଲି କହିଛନ୍ତି।

# ସ୍ଥାନୀୟ ଆଶାୟୀଙ୍କୁ ସୁଯୋଗ ଦେବାକୁ ଚାପ

**ମୋଟ ଭୋଟର ସଂଖ୍ୟା**
୧୨, ୫୯, ୦୮୮

**ପୁରୁଷ ଭୋଟର**
୬,୩୫, ୩୮୩

**ମହିଳା ଭୋଟର**
୬,୨୩, ୬୧୯

**ଅନ୍ୟାନ୍ୟ**
୮୬

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ହେମେନ୍ଦ୍ର ସିଂ | ବିଜେଡି | ୪, ୨୧, ୪୫୮ |
| ହରିହର କରଣ | କଂଗ୍ରେସ | ୨, ୪୦, ୪୪୧ |
| ସୁକାନ୍ତ ପାଣିଗ୍ରାହୀ | ଭାଜପା | ୧,୦୮, ୭୪୪ |

**୨୦୧୪ ଉପନିର୍ବାଚନ ଫଳାଫଳ**

| | | |
|---|---|---|
| ପ୍ରତ୍ୟୁଷା ରାଜେଶ୍ୱରୀ ସିଂ | ବିଜେଡି | ୪, ୭୭, ୫୨୯ |
| ରୁଦ୍ରମାଧବ ରାୟ | ଭାଜପା | ୧,୭୮, ୬୬୧ |
| ଅଭିମନ୍ୟୁ ବେହେରା | କଂଗ୍ରେସ | ୯୦, ୫୩୬ |

ରାକେଶ କୁମାର ରାଉତ
ଫୁଲବାଣୀ ଅଫିସ, ୧୨।୩

କନ୍ଧମାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପାରେ ପ୍ରାର୍ଥିତ୍ୱକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ନାମ ଅନୁସାରେ ନିର୍ବାଚନମଣ୍ଡଳୀ କନ୍ଧମାଳ ହୋଇଥିବାରୁ ସ୍ଥାନୀୟ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଇବା ନେଇ ୩ ପ୍ରମୁଖ ଦଳର କର୍ମକର୍ତ୍ତାମାନେ ହାଇକମାଣ୍ଡମାନଙ୍କୁ ଜଣାଇ ଦେଲେଣି। ଜିଲା ବାହାରୁ କାହାକୁ ପ୍ରାର୍ଥୀ କରାଗଲେ ବିରୋଧ ହେବ ବୋଲି ସବୁ ଦଳର ସଭା ସମିତିରେ କୁହାଯାଉଛି। ଏଭଳି ଚାପରେ ରହିଥିବା ୩ ପ୍ରମୁଖ ଦଳ ଏବେ କାହାକୁ ପ୍ରାର୍ଥୀ କରିବ ସେନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଅନ୍ୟପକ୍ଷରେ ସବୁ ଦଳରେ ଅଧିକ ଆଶାୟୀ ରହିଥିଲେ ମଧ୍ୟ କେତେଜଣ ପ୍ରାର୍ଥୀ ପ୍ରମୁଖ ଦାବିଦାର ଅଛନ୍ତି।

୨୦୦୪ରୁ ବିଜେଡି ଏହି ଆସନକୁ ନିଜ ଅକ୍ତିଆରରେ ରଖିଛି। ୨୦୦୪ରେ ସୁଗ୍ରୀବ ସିଂ, ୨୦୦୯ରେ ରୁଦ୍ରମାଧବ ରାୟ, ୨୦୧୪ରେ ହେମେନ୍ଦ୍ର ସିଂ ଏବଂ ତାଙ୍କ ମୃତ୍ୟୁପରେ ସ୍ତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପନିର୍ବାଚନରେ ବହୁ ଭୋଟ ବ୍ୟବଧାନରେ ଜିତିଛନ୍ତି। ଏଥର କିନ୍ତୁ ସ୍ଥିତି ଅଲଗା। ସ୍ଥାନୀୟ ବିଜେଡି ପକ୍ଷରୁ ପ୍ରତ୍ୟୁଷାଙ୍କୁ ବିରୋଧ କରାଯାଉଛି। ସେହିପରି କଂଗ୍ରେସ ପକ୍ଷରୁ ନୟାଗଡ ଜିଲା ଦଶପଲ୍ଲାର ହରିହର କରଣ ୨୦୧୪ ନିର୍ବାଚନରେ ପ୍ରାର୍ଥୀ ହୋଇ ହାରିଥିଲେ ବି ଦ୍ୱିତୀୟ ସ୍ଥାନରେ ଥିଲେ। ଏବେ ସେ ପରଲୋକରେ। ଉପ ନିର୍ବାଚନରେ କନ୍ଧମାଳ ଜିଲାର ଅଭିମନ୍ୟୁ ବେହେରା କଂଗ୍ରେସର ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ୨୦୧୪ରେ ଦଶପଲ୍ଲାର ସୁକାନ୍ତ ପାଣିଗ୍ରାହୀ ଭାଜପା ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଉପନିର୍ବାଚନରେ ବିଜେଡି ଛାଡି ଭାଜପାରେ ମିଶିଥିବା ରୁଦ୍ରମାଧବ ରାୟ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବର୍ତ୍ତମାନ ଜିଲାର ପ୍ରମୁଖ ଦଳ କର୍ମକର୍ତ୍ତାମାନେ ଏମ୍‌ପି ପ୍ରାର୍ଥୀଭାବେ ଲଢ଼ିବା ପାଇଁ ଜୋର୍‌ଦାର ପ୍ରୟାସ ଆରମ୍ଭ କରିଛନ୍ତି।

ପୂର୍ବରୁ ଏହି ଲୋକସଭା ନିର୍ବାଚନମଣ୍ଡଳୀ କନ୍ଧମାଳ ଜିଲାର ଫୁଲବାଣୀ, ଜି.ଉଦୟଗିରି, ବାଲିଗୁଡା, ଗଞ୍ଜାମ ଜିଲାର ଭଞ୍ଜନଗର, ବୌଦ୍ଧ ଜିଲାର ବୌଦ୍ଧ, ସୋନପୁର ଜିଲାର ସୋନପୁର ଏବଂ ବିନିକା ବିଧାନସଭା ମଣ୍ଡଳୀକୁ ନେଇ ଗଠନ ହୋଇଥିଲା।




୨୦୦୯ ସୀମା ନିର୍ଦ୍ଧାରଣ ପରେ ଫୁଲବାଣୀ, ଜି. ଉଦୟଗିରି, ବାଲିଗୁଡା, ଭଞ୍ଜନଗର, ନୟାଗଡ ଜିଲାର ଦଶପଲ୍ଲା, ବୌଦ୍ଧ ଜିଲାର ବୌଦ୍ଧ ଏବଂ କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠନ ହୋଇଛି। ପୂର୍ବରୁ ଏହି ଆସନ ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୨୦୦୯ଠାରୁ ଏହା ଅଣସରଂକ୍ଷିତ ରହିଛି।

ବର୍ତ୍ତମାନ ବିଜେଡିରେ ଜିଲା ସଭାପତି ସରୋଜ କର୍ଣ୍ଣ, ପୂର୍ବତନ ଏମପି ତଥା ବର୍ତ୍ତମାନର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂ, ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ଦଳର ଜଣେ ସଭ୍ୟ ବରେନ୍ଦ୍ର କୁମାର ଓ ସରକାରୀ ଚାକିରି ଛାଡିଥିବା କେତେଜଣ ବ୍ୟକ୍ତି ଆଶାୟୀ ଅଛନ୍ତି। କଂଗ୍ରେସରୁ ଏଥର ପ୍ରମୁଖ ଦାବିଦାରଙ୍କ ମଧ୍ୟରେ ଲୋକ ସଭା ଇସ୍ତାହାର କମିଟି ସଂଯୋଜକ ଚନ୍ଦ୍ରଶେଖର ପରିଡା, ପୂର୍ବତନ ଏମ୍‌ପି ନକୁଳ ନାୟକ ଓ ମୃତ୍ୟୁଞ୍ଜୟ ନାୟକ ଅଛନ୍ତି। ସେହିପରି ଭାଜପାର ତାଲିକା ଲମ୍ବା। ଅଶୋକ ସାହୁ, ସୁକାନ୍ତ ପାଣିଗ୍ରାହୀ, କମଳାକାନ୍ତ ପାଣ୍ଡେ, ନେତ୍ର ମାନସେଠ୍, ତପନ ପାତ୍ର, ଜଗନ୍ନାଥ ସାହୁ, ଡା. ରବିନାରାୟଣ ନନ୍ଦ ଭାଜପା ପ୍ରାର୍ଥୀ ଦୌଡ଼ରେ ଅଛନ୍ତି।

କଂଗ୍ରେସ ନେତା ଚନ୍ଦ୍ରଶେଖର ପରିଡ଼ା କୁହନ୍ତି, ୧୯୮୬ରୁ କଂଗ୍ରେସରେ ରହି ସେ ଦଳର ବିଭିନ୍ନ ଦାୟିତ୍ୱ ତୁଲାଇ ଆସିଛନ୍ତି। ବର୍ତ୍ତମାନ ଦଳର ସ୍ଥିତି ଭଲ ଅଛି। ୨୦୧୪ ସାଧାରଣ ନିର୍ବାଚନରେ ଦଳ ଦ୍ୱିତୀୟ ସ୍ଥାନରେ ଥିଲା। ମାତ୍ର ଉପନିର୍ବାଚନରେ ପରିଚାଳନାରେ ତ୍ରୁଟିଯୋଗୁ ହାରିଲା। ଏଥର ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ସେ ଆଶା ରଖିଥିବା କହିଛନ୍ତି।

ଭାଜପା ନେତା କମଳାକାନ୍ତ ପାଣ୍ଡେ କହିଛନ୍ତି, ସେ ୧୯୭୨ରେ କଂଗ୍ରେସରେ ଥିଲେ। ଫୁଲବାଣୀ ଏନଏସି ଚେୟାରମ୍ୟାନ ହୋଇଥିଲେ। ପରେ ଜନତା ପାର୍ଟି, ଜନତା ଦଳ ଓ ବିଜେଡିରେ ମିଶିଥିଲେ। ୨୦୧୪ ଲୋକ ସଭା ଉପନିର୍ବାଚନ ସମୟରେ ସେ ଭାଜପାରେ ସାମିଲ ହୋଇଛନ୍ତି। ୪ ବର୍ଷ ହେଲା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏଥର ନିର୍ବାଚନରେ ସେ ଆଶାୟୀ ଅଛନ୍ତି। ଦଳ ଟିକେଟ ଦେଲେ ନିଶ୍ଚିତ ଜିତିବି। ନଚେତ ଶୃଙ୍ଖଳିତ କର୍ମୀ ହିସାବରେ ସମସ୍ତ ସହଯୋଗ କରିବେ ବୋଲି ପାଣ୍ଡେ କହିଛନ୍ତି।

ବିଜେଡି ନେତା ସରୋଜ କର୍ଣ୍ଣ କହିଛନ୍ତି, ସେ ୨୦ ବର୍ଷ ଧରି ବିଜେଡିରେ କାର୍ଯ୍ୟ କରି ଆସୁଛନ୍ତି। ଗତ ୬ବର୍ଷ ହେଲା ଜିଲା ସଭାପତି ଦାୟିତ୍ୱ ତୁଲାଉଛନ୍ତି। ୨୦୧୫ରୁ ରାଜ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ସେ ଦଳ ତରଫରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ଦଳ ପ୍ରାର୍ଥୀ ନ କଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ। ସ୍ଥାନୀୟ ଅଞ୍ଚଳରୁ ପ୍ରାର୍ଥୀ କରିବା ଜିଲାର ଜନସାଧାରଣଙ୍କ ମତ ବୋଲି କର୍ଣ୍ଣ କହିଛନ୍ତି।


ପ୍ରତ୍ୟୁଷା ରାଜେଶ୍ୱରୀ ସିଂ


ଚନ୍ଦ୍ରଶେଖର ପରିଡା


କମଳାକାନ୍ତ ପାଣ୍ଡେ


ସରୋଜ କର୍ଣ୍ଣ

## ସଂକ୍ଷେପରେ

### ସୟଦ ମୁସ୍ତାକ ଅଲି ଟି୨୦ ୟୁପି ବିପକ୍ଷରେ ମୁମ୍ବାଇର ବୃହତ୍ ବିଜୟ

**ଇନ୍ଦୋର, ୧୨।୩ (ପି.ଟି.):** ଘରୋଇ ଟି୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ସୁପର୍ ଲିଗ୍ ପର୍ଯ୍ୟାୟ ଗ୍ରୁପ୍-ବି'ର ଅନ୍ତିମ ମ୍ୟାଚ୍‌ରେ ମୁମ୍ବାଇ ବୃହତ୍ ବିଜୟ ହାସଲ କରିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୮୩ ରନର ବୃହତ୍ ସ୍କୋର କରିଥିଲା। ଦଳ ପକ୍ଷରୁ ସିଦ୍ଧେଶ ଲାଡ୍ ୬୨, ଏକନାଥ କେର୍କର ୪୬ ଓ ଅଧିନାୟକ ଶ୍ରେୟାସ ଆୟାର ୪୩ ରନ କରିଥିଲେ। ଉତ୍ତରପ୍ରଦେଶ ଅଧିନାୟକ ଅଙ୍କିତ ରାଜପୁତ୍ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ଉତ୍ତରପ୍ରଦେଶ ସୌରଭ କୁମାର (୨୪) ଓ ପ୍ରିୟମ ଗର୍ଗ (୨୩)ଙ୍କ ଉପଯୋଗୀ ଇନିଂସ ସତ୍ତ୍ୱେ ୧୩୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଶାର୍ଦ୍ଦୁଲ ଠାକୁର ଓ ଶିଭମ ଦୁବେ ୩ଟି ଲେଖାଏ ଉଇକେଟ୍ ସଫଳତା ପାଇଥିଲେ।

### କାତାରଠାରୁ ହାରିଲା ଭାରତ

**ଦୋହା, ୧୨।୩(ପି.ଟି.):** ଉଜବେକିସ୍ତାନରେ ଚାଲିଥିବା ଏଏଫ୍‌ସି ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟ (୨୩ ବର୍ଷରୁ କମ୍)ର ଏକ ମ୍ୟାଚ୍‌ରେ ଭାରତୀୟ ଦଳ ୧-୦ ଗୋଲରେ କାତାର ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍‌ରେ ଭାରତୀୟ ଖେଳାଳି ଗୋଲ କରିବାର କେତେକ ସୁବର୍ଣ୍ଣ ସୁଯୋଗ ପାଇଥିଲେ ମଧ୍ୟ ଏହାର ସଦୁପଯୋଗ କରିପାରି ନ ଥିଲେ। ପ୍ରଥମାର୍ଦ୍ଧର ଶେଷ ଭାଗରେ ନରେନ୍ଦ୍ର ଏକ ଚମତ୍କାର ହେଡ୍ କରିଥିଲେ। କିନ୍ତୁ ପ୍ରତିପକ୍ଷ କାତାର ଗୋଲକିପର ୟାଜନ ନଇମ ହୁସେନ ଏହାକୁ ସେଭ୍ କରି ଏକ ନିଶ୍ଚିତ ଗୋଲରୁ ଦଳକୁ ରକ୍ଷା କରିଥିଲେ।



“ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଖେଳାଳି ମଧ୍ୟ ତାଙ୍କ କ୍ୟାରିୟର ଆରମ୍ଭରେ କ୍ୟାଚ୍ ଓ ଷ୍ଟମ୍ପିଂ ମିସ୍ କରୁଥିଲେ।

–ତାରକ ସିହ୍ନା, ରିଷଭ ପନ୍ତଙ୍କ କୋଚ୍



“ଚଳିତବର୍ଷ ୧୧ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିସାରିଥିବାରୁ ଆମ ଦଳର ପ୍ରଦର୍ଶନରେ ଉନ୍ନତି ଘଟିଛି।

–ମେମୋଲ ରକି
ଭାରତୀୟ ମହିଳା ଫୁଟ୍‌ବଲ କୋଚ୍

# ବେଙ୍ଗାଲୁରୁ-ଗୋଆ ଫାଇନାଲ

**ଇଣ୍ଡିଆନ ସୁପର ଲିଗ୍**

**ମାର୍ଗାଓ, ୧୨।୩**

ଚଳିତ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ରେ ବେଙ୍ଗାଲୁରୁ ଏଫସି ଓ ଗୋଆ ଏଫସି ମଧ୍ୟରେ ଫାଇନାଲ ମୁକାବିଲା ହେବ। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲର ଦ୍ୱିତୀୟ ଚରଣରେ ରାଫାଲ ବାଷ୍ଟୋସଙ୍କ ଗୋଲ ବଳରେ ମୁମ୍ବାଇ ସିଟି ଏଫସି ୧-୦ ଗୋଲରେ ଗୋଆ ଏଫସିକୁ ପରାସ୍ତ କରିଛି। ମାତ୍ର ସେମିଫାଇନାଲର ପ୍ରଥମ ଚରଣରେ ଗୋଆ ଦଳ ୫-୧ ଗୋଲରେ ମୁମ୍ବାଇକୁ ହରାଇଥିବାରୁ ମୋଟ ଗୋଲ ବ୍ୟବଧାନ(୫-୨)ରେ ଆଗରେ ରହି ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ବେଙ୍ଗାଲୁରୁ ଏଫସି ସେମିଫାଇନାଲର ପ୍ରଥମ ଚରଣରେ ୧-୨ ଗୋଲରେ ନର୍ଥ ଇଷ୍ଟ ୟୁନାଇଟେଡଠାରୁ ହାରିଥିଲେ ହେଁ ଦ୍ୱିତୀୟ ଚରଣରେ ୩-୦ ଗୋଲରେ ବିଜୟୀ ହୋଇ ମୋଟ ଗୋଲ ବ୍ୟବଧାନ (୪-୨)ରେ ଆଗରେ ରହି ଟାଇଟଲ ମୁକାବିଲାରେ ପ୍ରବେଶ କରିଥିଲା। ୧୭ ତାରିଖରେ ମୁମ୍ବାଇ ଫୁଟବଲ ଆରେନାରେ ବେଙ୍ଗାଲୁରୁ ଓ ଗୋଆ ଏଫସି ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ସେମିଫାଇନାଲ ପ୍ରଥମ ଚରଣରେ ବୃହତ ବ୍ୟବଧାନରେ ହାରିଥିବାରୁ ମୁମ୍ବାଇ ସିଟି ଦ୍ୱିତୀୟ ଚରଣ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଦଳ ୬ଷ୍ଠ ମିନିଟରେ ବାଷ୍ଟୋସଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ ମଧ୍ୟ କରିଥିଲା। ଅହମଦ ଜାହୋଉଙ୍କଠାରୁ ପାସ୍ ପାଇବାପରେ ଆର୍ନୋଲ୍ଡ ଇସୋକୋ ପ୍ରତିପକ୍ଷ ଗୋଲପୋଷ୍ଟ ବକ୍ସ ଆଡ଼କୁ ବ୍ରାଜିଲିଆନ ବାଷ୍ଟୋସ ଦ୍ରୁତ ବେଗରେ ଯାଉଥିବାର ଦେଖିଥିଲେ। ତେଣୁ ସେ ବାଷ୍ଟୋସଙ୍କ ନିକଟକୁ ବଲ ପାସ୍ ଦେଇଥିଲେ ଏବଂ ବ୍ରାଜିଲିଆନ ଷ୍ଟ୍ରାଇକର ଗୋଲ ଦେବାରେ କୌଣସି ଭୁଲ କରି ନ ଥିଲେ। ଆରମ୍ଭରୁ ଅଗ୍ରଣୀ ନେଇଥିଲେ ହେଁ ଏଥିରୁ ଫାଇଦା ଉଠାଇ ମୁମ୍ବାଇ ଦଳ ଅଧିକ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲା। ଗୋଆ କ୍ରମେ ଉନ୍ନତ ପ୍ରଦର୍ଶନ କରି ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲା।



ଗୋଲ୍ ସ୍କୋର କରିବା ପରେ ରାଫାଲ ବାଷ୍ଟୋସଙ୍କୁ ସାଥୀ ଖେଳାଳିଙ୍କ ବଧାଇ।

# କିଶୋର କ୍ଳବ ୩-୦ରେ ବିଜୟୀ

**ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି)**

ନୟାପଲ୍ଲୀ ଇନ୍ଦିରା ମଇଦାନରେ ଚାଲିଥିବା ୪ର୍ଥ ଭାଗ୍ୟଧର ଟ୍ରଫି ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱରର କିଶୋର କ୍ଳବ ୩-୦ ଗୋଲରେ ନାଲ୍‌କୋ ଅନୁଗୋଳକୁ ପରାସ୍ତ କରିଛି। ବିଜୟୀ ଦଳର ସନ୍ତୋଷ ବେହେରା ୫, ରାଇସେନ ଟୁଡୁ ୩୮ ଓ ଶଶିକାନ୍ତ ସାଣ୍ଡେଲ ୮୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ରାଇସେନ ଟୁଡୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ରେଫରି ଦୁର୍ଗା ଆଚାର୍ଯ୍ୟ। ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ସୁଜିତ କୁମାର ପାତ୍ର ଓ ସୁଶାନ୍ତ କୁମାର ମିଶ୍ର। ଶେଖାୱତ ଖାଁ ୪ର୍ଥ ରେଫରି ଥିଲେ। ଶରତ ଚନ୍ଦ୍ର ବିଶ୍ୱାଳ, ପାର୍ଥବୀର ଭୂୟାଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବୁଧବାର କଟକ ସ୍ପୋର୍ଟ୍ସ ହଷ୍ଟେଲ ଓ କ୍ଳବ-୭୩ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।




ରାଇସେନ ଟୁଡୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ନୂଆ ନିୟମ...

ସତ୍ୟପାଠ ଜରିଆରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରୁଥିଲେ। ଏହାକୁ ମତଦାତା ଜାଣି ପାରୁ ନ ଥିଲେ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ସମସ୍ତ ପ୍ରାର୍ଥୀ କେତେ ସ୍ୱଚ୍ଛ କିମ୍ବା ସେମାନଙ୍କ ଆପରାଧିକ ପୃଷ୍ଠଭୂମି କ'ଣ ରହିଛି ବିଷୟରେ ଭୋଟରମାନେ ଅବଗତ ହୋଇପାରିବେ। ପ୍ରାର୍ଥୀମାନଙ୍କ ଚରିତ୍ର ପଞ୍ଜିକାକୁ ଦେଖି ଭୋଟରମାନେ ମତଦାନ କରିବେ।

କେବଳ ସେତିକି ନୁହେଁ ଗତ ୫ବର୍ଷର ଆୟକର ରିଟର୍ନ, ପାନ୍ ନମ୍ବର ମଧ୍ୟ ସତ୍ୟପାଠ ଦାଖଲ ବେଳେ ଦେବାକୁ ପଡ଼ିବ। ଯଦି ପାନ୍ କାର୍ଡ ନ ଥିବ ତେବେ ଆବେଦନର ରସିଦ୍ ଦେବାକୁ ପଡ଼ିବ। ମଙ୍ଗଳବାର ସର୍ବଦଳୀୟ ବୈଠକପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପ୍ରାର୍ଥୀମାନଙ୍କ ଖର୍ଚ୍ଚ ଉପରେ ନଜର ରଖିବାକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛନ୍ତି। ସେମାନେ ନିୟମିତ ଖର୍ଚ୍ଚର ତର୍ଜମା କରିବେ। ସେସବୁର ଭିଡିଓଗ୍ରାଫି କରାଯିବ। ସୋସିଆଲ ମିଡିଆରେ ପ୍ରାର୍ଥୀମାନେ ପ୍ରଚାର କରିବାର ସମ୍ଭାବନା ରହିଛି। ଏହା ଉପରେ ନିର୍ବାଚନ ଆୟୋଗ ନଜର ରଖିଛନ୍ତି। ଏଥିପାଇଁ ରାଜ୍ୟରେ ସ୍ୱତନ୍ତ୍ର ସେଲ ଖୋଲାଯାଇଛି। ଯେଉଁସବୁ ଇସ୍ୟୁ ଭାଇରାଲ ହେବ ସେସବୁର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ସୁରେନ୍ଦ୍ର କହିଛନ୍ତି। ନିର୍ବାଚନ ଆୟୋଗଙ୍କ ଏହି ନୂଆ ନିୟମ ପ୍ରାର୍ଥୀଙ୍କୁ ଅଡୁଆରେ ପକାଇବ ବୋଲି ଆଲୋଚନା ହେଉଛି।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ସାଧାରଣ ନିର୍ବାଚନ କିପରି ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ ହୋଇ ପାରିବ ସେ ନେଇ ବିଭିନ୍ନ ରାଜନୈତିକ ଦଳ ସହିତ ମୁଖ୍ୟ ନିର୍ବାଚନ ଅଧିକାରୀ ଆଲୋଚନା କରିଥିଲେ। ଭାରତର ନିର୍ବାଚନ ଆୟୋଗଙ୍କ ନୂତନ ନିୟମ ବିଷୟ ତଥା ଭିଭିପାଟ୍, ଦଳୀୟ ଖର୍ଚ୍ଚ, ପ୍ରାର୍ଥୀମାନଙ୍କ ଖର୍ଚ୍ଚ ବିଷୟରେ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅବଗତ କରାଯାଇଛି। ଏହାଛଡ଼ା ମୁଖ୍ୟ ନିର୍ବାଚନ ଅଧିକାରୀ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଇଭିଏମ୍ ମେଶିନ, ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାଟ୍‌ର ପେୟାରିଂ ସହ ଇଭିଏମ୍ କମିଶନିଂ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ପ୍ରଥମ କରି ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମୋବାଇଲ ଆପ୍ ସି- ଭିଜିଲ ନିର୍ବାଚନ ସମୟରେ ସାଧାରଣ ଲୋକମାନେ ବ୍ୟବହାର କରି ପାରିବେ। କୌଣସି ସ୍ଥାନରେ ନିର୍ବାଚନ ସମୟରେ ଗଣ୍ଡଗୋଳ କିମ୍ବା ଟଙ୍କା ବଣ୍ଟା ଯାଉଥିଲେ ଏହାର ଫଟୋ ଉଠାଇ ସି-ଭିଜିଲ ଆପ୍‌କୁ ପଠାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ମତଦାତା ଯେ କୌଣସି ସରକାରୀ ସ୍ୱୀକୃତି ପ୍ରାପ୍ତ ପରିଚୟପତ୍ର ଦେଖାଇ ମତଦାନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଆଲୋଚନାବେଳେ ଭୋଟରମାନଙ୍କ ନାମ ହଟାଯାଇଥିବା ଏବଂ ଅନେକ ସ୍ଥାନରେ ଏବେ ବି ଶାସକ ଦଳର ହୋର୍ଡିଂ ଲାଗି ରହିଥିବା ନେଇ ଭାଜପା ଅଭିଯୋଗ କରିଛି। ସେହିପରି ସଚିବାଳୟରୁ ବଦଳି ନିର୍ଦ୍ଦେଶ ଦିଆଯାଇଥିବାବେଳେ ଜିଲାପାଳ ଜିଲାସ୍ତରରେ ବଦଳି ନିୟମକୁ ଲାଗୁ କରୁ ନ ଥିବା ଭାଜପା ଅଭିଯୋଗ କରିଛି। ଅନ୍ୟପକ୍ଷରେ ନିର୍ବାଚନ କମିଶନ ଘୋଷଣା କରିଥିବା ୪ଟି ପର୍ଯ୍ୟାୟ ମତଦାନକୁ ନେଇ ବିଜେଡି ଆପତ୍ତି ଉଠାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨୪ ଘଣ୍ଟା ମଧ୍ୟରେ ୩୦ହଜାର ହୋର୍ଡିଂ ହଟାଯାଇଥିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ। ଏଥିସହିତ ଯେଉଁ ସରକାରୀ ସଂସ୍ଥାରେ ରାଜନୈତିକ ଦଳର ଫଟୋ ରହିଥିବ ସେସବୁକୁ ତୁରନ୍ତ ହଟାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଧିକାରୀ ଏହି ନିର୍ଦ୍ଦେଶକୁ ପାଳନ ନ କରିବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାଓବାଦୀ ପ୍ରବଣ ଜିଲାଗୁଡ଼ିକରେ ମତଦାନ ସମୟରେ ହେଲିକପ୍ଟର ବ୍ୟବହାର କରାଯିବ। ମତଦାନ ସମୟ ପରିବର୍ତ୍ତନ କରିବାକୁ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି।

ବୈଠକରେ କଂଗ୍ରେସର ଶିବାନନ୍ଦ ରାୟ, ଏନସିପିର ଏସ. ମକସଦ ଅଲ୍ଲୀ, ବିଜେଡିର ଅମର ପଟ୍ଟନାୟକ ଓ ସସ୍ମିତ ପାତ୍ର, ବହୁଜନ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ଟଙ୍କଧର ବାଗ, ଭାଜପାର ସମୀର ମହାନ୍ତି, ଜୟନ୍ତ କୁମାର ରାୟ, ରବିଶଙ୍କର ପ୍ରଧାନ, ସୁଦର୍ଶନ ନାୟକ, ସୂର୍ଯ୍ୟନାରାୟଣ ଦାସ, ସିପିଆଇର ସୌରୀବନ୍ଧୁ କର, ପ୍ରଶାନ୍ତ ମିଶ୍ର ଏବଂ ସିପିଆଇଏମର ଦୁଷ୍ମନ୍ତ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ।


# ଧରିତ୍ରୀ CAREER APPOINTMENT
every Wednesday & Saturday

**PLANT JOB**
Navay Power Plant Ltd
URGENT REQUIRED FOR 36 POST
Qualification : 8th, +2, +3, ITI, Diploma, B.Tech.
Salary : Rs.8200 to Rs.38000
Email : navaypowerplant@gmail.com
Jindal, Angul | 8895327403

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**VIGEN INDIA REQUIRED**
Smart Boys and Girls candidates for office Job.
Age: 18-32 yrs. Edu: 10th to Graduate.
910/1545, Sastri Nagar, Near The World, Backside of Axis Bank.
9348916882

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**ଶୀଘ୍ର ଆବଶ୍ୟକ**
SALES MAN / OFFICE ASSISTANT
ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ।
Anu Traders, Mancheswar, Bhubaneswar.
Email-anu2014traders@gmail.com
Mob- 8908811231, 9776622166

**ପଞ୍ଚାୟତ, ବ୍ଲକସ୍ତରୀୟ ନିଯୁକ୍ତି**
ପ୍ରତ୍ୟେକ ଜିଲ୍ଲାର ପ୍ରାର୍ଥୀ ଆବେଦନ କରିପାରିବେ। Qualification: 10th above, Salary: 7,000/- to 42,000/-.
Contact: 9777639313

**GOGGLE INTERIOR**
Construction Plan & Interior Architecture Designer- 2D, 3D Plan Requirement.
: Only Beautiful - Girls :
Qualification - Any Degree
Job- Salary open
Mob- 9658961167
9437516591, BBSR

**Urgent Required**
DTP (High Salary) Operator Required
For SK PUBLISHERS BBSR
9040050905, 9778834794

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass
Driving License Must.
CALL: 7661887314

**Urgently Required**
INDIAN COOK: 2Nos., • House Keeper: 1 No., • Waiter: 2 Nos., • Tourist car Driver: 5 Nos. (License with heavy badge).
Walk in Interview on 10.03. & 14.03.2019 (10 AM to 2 PM). At: 24 X 7 Residency, Plot No. 13 West, Ashok Nagar, (Behind Khadi Niketan), BBSR.
Contact: 0674-2533704
(only in office hour)

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. Monthly salary upto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412



**PIAGGIO**
AN OPPORTUNITY FOR THOSE WHO ARE DRIVEN BY SUCCESS
JOIN PIAGGIO DEALERSHIP TEAM
DHENKANAL
Salary is negotiable, candidate have own two Wheeler & Driving License
Send your update CV within 7 days to:
RITA AUTOMOBILES
Mandabasahi, Padma Bazar, Dhenkanal - 759013
Contact: 06762-227899, 9337859872
Application invited for below positions:
- SALES MANAGER - 01 No. (4 to 5 Yrs. Exp.)
- FIELD EXECUTIVE - 11 Nos. (Exp. / Freshers)
- AUTO DRIVER - 05 Nos. (Min. 1 Yr. Exp.)
- WORKSHOP Mgr. - 01 No. (Min. 5 Yrs. Exp.)
- BACK OFFICE - 02 Nos. (Graduate)

**WANTED DRIVER**
Experienced DRIVER for Private Car. Free Accommodation available.
59, Forest Park, In front of BJD Office, New Airport Chhak, Bhubaneswar.
Contact:- 7205027232, 9078177308

**URGENTLY REQUIRED**
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
9178134788

**ଲଣ୍ଡ୍ରି କମ୍ପାନୀ ନିମନ୍ତେ ଆବଶ୍ୟକ**
•ଡ୍ରାଇଭର (ଅଟୋ ଏବଂ ଟାଟା ମ୍ୟାଜିକ୍)
•ଆଇରନ କାରିଗର
8018172594, 9078000108

**ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା**
BRANCH MANAGER -30 NOS, ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

**WANTED**
1. Quality Incharge- (5 Nos.), Qua: Bsc. Graduate, 2. Maintenance Engineer, Qua: B.Tech., Diploma, ITI, 3. Tele Caller (Female 5 Nos.), 4. Sales Executive- (10 Nos.), 5. Labour- (50 Nos.).
7978787142, 7077700103

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ। ଅଭିଜ୍ଞତା ଜରୁରୀ। ଘରୋଇ ରୋଷେୟା। ସେବକ। ବ୍ୟକ୍ତିଗତ ସହାୟକ। ଅଗରୱାଲ, ଏଫ୍ଏଫ୍ଏଫ୍
9884761210

**ZENITH INSTITUTE OF SCIENCE & TECHNOLOGY**
NH-5,PITAPALLI, BHUBANESWAR
(Approved by AICTE , Affiliated by SCTE&VT, Odisha)
Applications are invited for the following Post:
Teaching & Non-Teaching Position

| Sl. No. | Position | Discipline |
|---|---|---|
| 1 | Principal | P.H.D. OR M-TECH with 5 to 6 years experience Administrative field. |
| 2 | Lecturer | Civil Engg., Mechanical Engg., Electrical Engg., Mining Engg., Chemistry, Physics , Mathematics, English |
| 3 | Lab. Asst. | Civil Engg., Mechanical Engg., Electrical Engg., Mining Engg. |
| 4 | Office Executive/ Asst. | Front Office Executives, Back Office Executives, Office Asst., Accountant, Gardener, Driver, office Attendant, Hostel Warden (Male/Female), Construction Supervisor etc. |

Qualification : As per AICTE Norm
Salary : As per AICTE Norms (Negotiable)
Eligible candidates bring compulsory their resume, Photo copies of educational certificates, PAN Card, Aadhar Card, and 4- passport size photograph.
Venue : College Campus
Date of Interview : Sl. No. 1/2/3 - 18/03/2019
Sl. No. 4 only - 19/03/2019
For more details Contact to : 8908018083/85 , E-mail:- zistorissa@gmail.com
ZENITH GROUP OF INSTITUTIONS

**Kalinga Vision +2 Science Residential College**
NH-5,PITAPALLI, BHUBANESWAR
(Approved by State Government , Affiliated by CHSE, Odisha)
Applications are invited for the following Post:
Teaching & Non-Teaching Position

| Sl. No. | Position | Discipline |
|---|---|---|
| 1 | Principal | P.H.D. or Post Graduate (MSC) with 5 to 6 years experince Administrative field. |
| 2 | Lecturer | Chemistry, Physics , Mathematics, English, Botany, Zoology, Computer Science, Odiya, |
| 3 | Lab. Asst. | Chemistry, Physics , Botany, Zoology |
| 4 | Office Executive/ Asst. | Front Office Executives, Back Office Executives, Office Asst., Accountant, Gardener, Driver, office Attendant, Hostel Warden (Male/Female), Construction Supervisor etc. |

Qualification : As per State Government Norms
Salary : Negotiable
Eligible candidates bring compulsory their resume, Photo copies of educational certificates, PAN Card, Aadhar Card, and 4- passport size photograph.
Venue : College Campus
Date of Interview : Sl. No. 1/2/3 - 16/03/2019
Sl. No. 4 only - 17/03/2019
For more details Contact to : 8908018083/85 , E-mail:- kvrcodisha@gmail.com
ZENITH GROUP OF INSTITUTIONS

**WANTED**
DTP OPERATOR
High Salary for Page Maker Publication, Bapuji Nagar, BBSR.
Contact:- 9861150770, 6370523254

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

**WALK – IN INTERVIEW**
AMB ENGLISH MEDIUM SCHOOL
DOBAL, DHAMNAGAR, BHADRAK (CBSE PATTERN)
Mob. No.-9090739750,9776655772
INVITES RESPECTIVE CANDIDATES IN FOLLOWING SUBJECTS TO ATTEND INTERVIEW.
1. NTT- 3 ( NUN FROM MISSION & OTHERS)
2. PRT -3 , Eligibility : (Hons in Resp. Sub- Math, Sci, Eng, Odiya & Hindi)
INTERVIEW DT :- 17/03/2019
Time - 11.00 a.m.
Venue - School Premises
Salary PRT- Rs.10,000/-
Salary NTT- Rs.5,000/-
Free Fooding & Lodging

See CAREER APPOINTMENT on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**PARADIP PORT TRUST**
PARADIP PORT-754 142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA
No.AD/RSC-I-21/66/2011/753 Dated, the 05th March, 2019
ADVERTISEMENT
Applications are invited from Indian Nationals for filling up following Class-I posts on Direct Recruitment basis in Paradip Port Trust.
1. Dy. C.M.O., Surgery : 1 Post
2. Dy. C.M.O., Obstetrics & Gynecology : 1 Post
3. Dy. C.M.O., Pediatrics : 1 Post
4. Dy. C.M.O., Orthopedic : 1 Post
5. Dy. C.M.O., Pathology : 1 Post
6. Dy. C.M.O., Anesthesiology : 1 Post
7. Dy. C.M.O., Ophthalmology : 1 Post
For further details, refer to our website: www.paradipport.gov.in. Last date is 10.04.2019.
Sr. Dy. Secretary
For Secretary
PPT/PR/676/18-19, DT.08.03.2019

ଉନ୍ନତ ସ୍କିମ ଦ୍ୱାରା ଜୁଏଲେରି କ୍ରୟ ସୁବିଧା ସହ ବାଣିଜ୍ୟରେ ଉନ୍ନତ ଅଭିବୃଦ୍ଧି ନେଇ ଆଶାବାଦୀ।

– ରାଜେଶ କଲ୍ୟାଣ ରମଣ,
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, କଲ୍ୟାଣ ଜୁଏଲର୍ସ



ନୂଆ 'ପ୍ରପର୍ଟି କଲେକ୍ସନ ଓ' ଯୋଜନା ଦ୍ୱାରା ୧୪୦୦ କୋଟି ଟଙ୍କା ନିବେଶ ଯୋଜନା ଧାର୍ଯ୍ୟ କରାଯାଇଛି।

– ଆଦିତ୍ୟ ଘୋଷ,
ଓୟୋ ଇଣ୍ଡିଆ–ଦକ୍ଷିଣ ଏସିଆ ସିଇଓ



## ସଂକ୍ଷେପରେ

### ହୋଲି ପାଇଁ କଲିକତା-ପୁରୀ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୧୨-୩

ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବ ସମୟରେ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ରେଳଯାତ୍ରୀଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ କଲିକତା ଏବଂ ପୁରୀ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ପାଇଁ ରେଳବାଇ ପକ୍ଷରୁ ନିଷ୍ପତ୍ତି ହୋଇଛି। କଲିକତା-ପୁରୀ ସ୍ୱତନ୍ତ୍ର ଟ୍ରେନ କଲିକତାରୁ ମାର୍ଚ୍ଚ ମାସ ୨୦(ବୁଧବାର) ଛାଡି ତା'ପରଦିନ ପୂର୍ବାହ୍ନ ୯ଘ.୩୫ରେ ପୁରୀରେ ପହଞ୍ଚିବ। ଏହା ପୁରୀଠାରୁ ପୁରୀ-କଲିକତା ସ୍ୱତନ୍ତ୍ର ଟ୍ରେନ ଭାବେ ସେହିଦିନ ଅପରାହ୍ନରେ ଛାଡି କଲିକତାଠାରେ ରାତ୍ରିରେ ପହଞ୍ଚିବ। ଟ୍ରେନରେ ୨ଟି ଏ.ସି.-୨ ଟାୟାର, ୨ଟି ଏ.ସି.-୩ ଟାୟାର, ୧୧ଟି ଶୟନ ଶ୍ରେଣୀ, ୪ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ଓ ୨ଟି ଗାର୍ଡ ଏବଂ ଦିବ୍ୟାଙ୍ଗ କୋଚ ଉପଲବ୍ଧ ରହିଛି। ଏହା କଲିକତା ଓ ପୁରୀ ମଧ୍ୟରେ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଭଦ୍ରକ, ବାଲେଶ୍ୱର,ଖଡ଼ଗପୁର ଓ ଆନ୍ଦୁଲଠାରେ ରହିବ। ସେହିଭଳି ଏପ୍ରିଲ ପହିଲାରୁ ଜୁନ ମାସ ୨୬ ତାରିଖ ମଧ୍ୟରେ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ବିଶାଖାପାଟଣା-ସିକନ୍ଦରାବାଦ ଏବଂ ବିଶାଖାପାଟଣା-ତିରୁପତି ମଧ୍ୟରେ ଚଳାଚଳ କରିବାକୁ ନିଷ୍ପତି ହୋଇଛି। ଏହାବାଦ ଯାତ୍ରୀ ଚାହିଦାକୁ ବିଚାର କରି ପରୀକ୍ଷାମୂଳକ ଭାବେ ଛ ମାସ ପାଇଁ ବିଶାଖାପାଟଣା-ଏଲଟିଟି ଟ୍ରେନକୁ ପିଠାପୁରମଠାରେ ଓ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସକୁ ସଇଁତଲାଠାରେ ରହଣି ବ୍ୟବସ୍ଥା କରିଛି।

### ଏସ୍‌ବିଆଇର ଡୋର ଷ୍ଟେପ ବ୍ୟାଙ୍କିଙ୍ଗ

ଭୁବନେଶ୍ୱର,୧୨-୩

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଏହାର ସ୍ୱତନ୍ତ୍ର ଗ୍ରାହକଙ୍କ ଲାଗି ଡୋର ଷ୍ଟେପ ବ୍ୟାଙ୍କିଙ୍ଗ ସେବା ଆରମ୍ଭ ହୋଇଛି। ଏହି ଗ୍ରାହକଙ୍କ ମଧ୍ୟରେ ୭୦ ବର୍ଷ ବୟସରୁ ଅଧିକ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ଦୃଷ୍ଟିହୀନ ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ବଛା ବଛା ଶାଖା ପକ୍ଷରୁ ଗ୍ରାହକମାନେ ଏହି ସେବା ଲାଭ କରିପାରିବେ। ସେବା ଉପଲବ୍ଧ ଥିବା ଶାଖାଗୁଡ଼ିକର ତାଲିକା ବ୍ୟାଙ୍କ ୱେବସାଇଟରେ ସୂଚନା ଦିଆଯାଇଛି। ସମ୍ପୂର୍ଣ୍ଣ କେୱାଇସି ଆକାଉଣ୍ଟ, ବୈଧ ପଞ୍ଜୀକୃତ ମୋବାଇଲ ନମ୍ବର, ନିଜ ବ୍ୟାଙ୍କ ଶାଖାଠାରୁ ୫ କିମି ଦୂରତା ମଧ୍ୟରେ ଗ୍ରାହକଙ୍କୁ ଏହି ସେବା ଉପଲବ୍ଧ ହେବ। ଯୁଗ୍ମ ଖାତା ନାବାଳକ କିମ୍ବା ଅଣବ୍ୟକ୍ତିଗତ ଶ୍ରେଣୀର ଖାତାରେ ଏହି ସୁବିଧା ଉପଲବ୍ଧ ହେବ ନାହିଁ। କାରବାର ପିଛା ଏକ ନିର୍ଦ୍ଦିଷ୍ଟ ଦେୟ ପ୍ରଦାନ କରିବାକୁ ହେବ। ଏହି ସେବା ଲାଭ କରିବା ପାଇଁ ପ୍ରଥମେ ପଞ୍ଜୀକରଣ କରିବାକୁ ହେବ। ଗ୍ରାହକମାନେ ବ୍ୟାଙ୍କ ପକ୍ଷରୁ କ୍ୟାଶ ପିକ୍ ଅପ୍ କ୍ୟାଶ ଡେଲିଭରି, ଚେକ୍ ଗ୍ରହଣ, ଚେକ୍ ବୁକ୍ ରିକ୍ୟୁଜେଶନ ସ୍ଲିପ୍ ପିକ୍‌ଅପ୍, ଡ୍ରାଫ୍ଟ ଡେଲିଭରି, ଟର୍ମ ଡିପୋଜିଟ ପରାମର୍ଶ, ଲାଇଫ୍ ସାର୍ଟିଫିକେଟ ପିକ୍ ଅପ୍ ଭଳି ବିଭିନ୍ନ ସେବା ଲାଭ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ତେଲ କ୍ରୟ ନେଇ ଭାରତକୁ ପୁଣି ଧମକାଇଲା ୟୁଏସ୍

ନୂଆଦିଲ୍ଲୀ,୧୨-୩

ଭେନେଜୁଏଲାଠାରୁ ତୈଳ କ୍ରୟ ନ କରିବାକୁ ଆମେରିକା ଭାରତକୁ ପୁଣି ଧମକାଇଛି। ଭେନେଜୁଏଲାର ଶାସନ କ୍ଷମତାରେ ରହିଥିବା ନିକୋଲାସ ମାଡୋରୋଙ୍କ ସରକାରଙ୍କୁ କ୍ଷମତାରୁ ହଟାଇବା ଲାଗି ଆମେରିକା ଏଭଳି କରୁଥିବା ଜଣାପଡିଛି। ଭାରତ ସମେତ ଅନ୍ୟ ଦେଶଗୁଡ଼ିକୁ ଏ ନେଇ ଆମେରିକା ଧମକାଉଛି। ସେହିଭଳି ମାଡୋରୋ ସରକାରଙ୍କ ସହ କାର୍ଯ୍ୟ କରୁଥିବା ବିଦେଶୀ ବ୍ୟାଙ୍କ କମ୍ପାନୀଗୁଡ଼ିକୁ ମଧ୍ୟ ଟ୍ରମ୍ପ ପ୍ରଶାସନ ଏଭଳି କଟକଣା ଜାରି କରିଛି। ଆର୍ଥିକ ଦୃଷ୍ଟିକୋଣରୁ ଭେନେଜୁଏଲାକୁ ପ୍ରଭାବିତ କରି ବର୍ତ୍ତମାନର ସରକାରକୁ ଗାଦିଚ୍ୟୁତ କରିବା ଲକ୍ଷ୍ୟ ନେଇ ଆମେରିକା ବର୍ତ୍ତମାନ ବିଭିନ୍ନ କୌଶଳ ଉପରେ କାର୍ଯ୍ୟ କରୁଛି। ଭେନେଜୁଏଲା ଅର୍ଥନୀତି ପାଇଁ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଅଶୋଧିତ ତୈଳ କ୍ରୟ କରୁଥିବା ଦେଶଗୁଡ଼ିକ ମଧ୍ୟରେ ଆମେରିକା ପରେ ଭାରତଠାରୁ ଭେନେଜୁଏଲା ସର୍ବାଧିକ ଅର୍ଥ ଲାଭ କରିଥାଏ। ଆମେରିକା କଥାରେ ଭାରତ ପରିଚାଳିତ ହେଉ ବୋଲି ଏହା ନିର୍ଦ୍ଦେଶ ଦେଇଛି। ଆମେରିକା ପୂର୍ବରୁ ଇରାନଠାରୁ ତୈଳ କ୍ରୟ ନେଇ ଭାରତକୁ ତାଗିଦ କରିବା ପରେ ୱାଶିଂଟନ ଏବଂ ନୂଆଦିଲ୍ଲୀ ମଧ୍ୟରେ ବାଣିଜ୍ୟିକ ପ୍ରଭାବ ପରିଲକ୍ଷିତ ହୋଇଥିଲା।

## ନିର୍ବାଚନ ପୂର୍ବରୁ ସେନ୍‌ସେକ୍ସରେ ଉତ୍ସାହ

# ନିବେଶକଙ୍କୁ ଲାଭ ୧.୨୩ ଲକ୍ଷ କୋଟି

ବମ୍ବେ,୧୧-୩

ଦେଶରେ ସାଧାରଣ ନିର୍ବାଚନ ସମ୍ପର୍କରେ ଘୋଷଣା ହୋଇସାରିଥିବା ବେଳେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍ଇ) ସୂଚକାଙ୍କରେ ବୃଦ୍ଧି ପରିଲକ୍ଷିତ ହୋଇଛି। ମଙ୍ଗଳବାର ଶେୟାର କାରବାର ଉନ୍ନତ ହେବା ସହ ସେନସେକ୍ସ ୪୮୧ ପଏଣ୍ଟ(୧%) ବଢ଼ିଛି। ଫଳରେ ନିବେଶକଙ୍କ ସମ୍ପତ୍ତିରେ ୧.୨୩ ଲକ୍ଷ କୋଟି ଟଙ୍କା ଯୋଡି ହୋଇଛି। କେନ୍ଦ୍ରରେ ଶାସନ କରୁଥିବା ଭାଜପା ସରକାର ପୁଣି ଥରେ କ୍ଷମତାକୁ ଆସିବା ନେଇ ନିବେଶକ ଆଶାବାଦୀ ଅଛନ୍ତି। ଏହାର ପ୍ରଭାବ ଶେୟାର ବଜାର ଉପରେ ପଡିଛି। ଏପ୍ରିଲ ୧୧ରୁ ଲୋକସଭା ନିର୍ବାଚନ ଆରମ୍ଭ ହେବାକୁ ଥିବା ବେଳେ ଏହା ମେ ୧୯ ଯାଏ ଚାଲିବ। ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ମେ ୨୩ରେ ଭୋଟ ଗଣତି ହେବ ବୋଲି ଗତ ରବିବାର ନିର୍ବାଚନ କମିଶନ ତାଙ୍କ ଘୋଷଣାରେ କହିଛନ୍ତି।

ଶେୟାର କାରବାରରେ ବୃଦ୍ଧି ଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜୀକରଣ ୧,୨୩,୪୩୨.୯୬ କୋଟି ଟଙ୍କାରୁ ବୃଦ୍ଧି ଘଟି କାରବାର ବନ୍ଦ ହେବା ବେଳକୁ ୧,୪୮,୧୭,୦୦୪.୯୭ କୋଟି ଟଙ୍କା ରହିଛି। ମଙ୍ଗଳବାର ଆର୍ଥିକ, ଶକ୍ତି ଏବଂ ଟେଲିକମ ଷ୍ଟକ କାରବାର ଉନ୍ନତ



ରହିଛି। ବିଶ୍ୱ ବଜାର ଏବଂ ବିଦେଶୀ ପୁଞ୍ଜି ଆଗମନ ମଧ୍ୟ ଦୃଢ ରହିଛି। ୩୦ ଶେୟାର ଭିତ୍ତିକ ବିଏସ୍ଇ ୪୮୧.୫୬ ବୃଦ୍ଧି ଘଟି ୩୭,୫୩୫.୬୬ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି କାରବାର ୧୩୩.୧୫ ପଏଣ୍ଟ ବୃଦ୍ଧି ଘଟି ୧୧,୩୦୧.୨୦ ପଏଣ୍ଟରେ ବନ୍ଦ ହୋଇଛି। ବଜାରର ଏହି ଉନ୍ନତ ଅବସ୍ଥା ବିଶେଷକରି ରାଜନୈତିକ ଅସ୍ଥିରତା ହ୍ରାସ ଯୋଗୁ ଆସିଥିବା ସେଣ୍ଟ୍ରମ ୱେଲଥ ମ୍ୟାନେଜମେଣ୍ଟର ମୁଖ୍ୟ ଇକ୍ୱିଟି ପରାମର୍ଶଦାତା ଦେବାଙ୍ଗ ମେହେଟା କହିଛନ୍ତି। ସେହିଭଳି ବିଦେଶୀ ନିବେଶକଙ୍କ ନିବେଶ ଧାରା ବଜାରରେ ଉନ୍ନତ ରହିଛି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଫରେନ ଇନଷ୍ଟିଚ୍ୟୁଶନାଲ ଇନଭେଷ୍ଟର(ଏଫ୍ଆଇଆଇ)ମାନେ ୩୮୧୦.୬୦ କୋଟି ଟଙ୍କାର ଶେୟାର କିଣିଥିଲେ। ଏହି ସମୟରେ ଏସିଆର ଅନ୍ୟ ଷ୍ଟକ ବଜାର ଯଥା- ହଂକଂର ହଂଗସେଙ୍ଗ ୧.୪୬% ବୃଦ୍ଧି ହୋଇଥିବା ବେଳେ ସାଂଘାଇର କମ୍ପୋଜିଟ ଇଣ୍ଡେକ୍ସ ୧.୧୦%, କୋରିଆର କୋକ୍ସି ୦.୮୯% ଏବଂ ଜାପାନର ନିକେଇ କାରବାର ୧.୭୯%ଉଚ୍ଚରେ ରହି ବନ୍ଦ ହୋଇଛି। ସେହିଭଳି ୟୁରୋପର ଫ୍ରାଙ୍କଫର୍ଟ ଡିଏଏକ୍ସ ୦.୨୮%, ପ୍ୟାରିସ ସିଏସି ୪୦ ୦.୨୮%, ଲଣ୍ଡନ ଏଫ୍‌ଟିଏସ୍ଇରେ କାରବାର ୦.୩୨% କମ୍ ରହିଛି। ବିଶ୍ୱ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ୦.୯୮ବୃଦ୍ଧି ଘଟି ବ୍ୟାରେଲ ପିଛା ୬୭.୨୩ ଡଲାର ରହିଛି।

### ୪୭ ହଜାର ପଏଣ୍ଟ ଛୁଇଁପାରେ ସୂଚକାଙ୍କ

ବର୍ତ୍ତମାନ କେନ୍ଦ୍ରରେ ଶାସନ କରୁଥିବା ଭାଜପା ପୁଣି ଥରେ ଯଦି କ୍ଷମତାକୁ ଆସେ ଏହାର ପ୍ରଭାବ ଶେୟାର ବଜାର ଉପରେ ଉନ୍ନତ ରହିବ। ନିବେଶକଙ୍କ ଆଶା ଯୋଗୁ ଶେୟାର ବଜାରର ସୂଚକାଙ୍କ ୪୭ ହଜାର ପଏଣ୍ଟ ଛୁଇଁପାରେ ବୋଲି ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। କେନ୍ଦ୍ରରେ ଏକ ସ୍ଥିର ସରକାର ଆସୁ ବୋଲି ବଜାରର ଆଶା ରହିଥିବା ବ୍ରୋକରେଜ ଫାର୍ମ ମୋର୍ଗାନ ଷ୍ଟାନଲେ କହିଛି। ସ୍ଥିର ସରକାର ଆସିଲେ ଏହା ଶେୟାର ବଜାର ଉପରେ ପ୍ରଭାବକୁ ସକାରାତ୍ମକ କରିବା ସହ ଅଭିବୃଦ୍ଧି ଦିଗରେ ସହାୟକ ହେବ। ସୂଚନା ଯୋଗ୍ୟ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ପୁଞ୍ଜି ବଜାରରେ କାରବାର ଉନ୍ନତ ରହିଛି। ସେନସେକ୍ସରେ ୩୦୦ ପଏଣ୍ଟରୁ ଅଧିକ ଉନ୍ନତି ଆସିଥିବା ବେଳେ ବର୍ତ୍ତମାନ ନିଫ୍ଟି ୧୧ ପଏଣ୍ଟ ସ୍ତର ଅତିକ୍ରମ କରିଛି। ଉନ୍ନତ ସ୍ଥିତି ଲାଗି ରହିଲେ ସେନସେକ୍ସ ଚଳିତ ବର୍ଷ ୪୨ ହଜାର ଏବଂ ପରବର୍ତ୍ତୀ ସମୟରେ ୪୭,୦୦୦ ପଏଣ୍ଟ ଛୁଇଁବା ନେଇ ସମ୍ଭାବନା ରହିଥିବା ଷ୍ଟାନଲେ କହିଛି।

## ସାମ୍‌ସଙ୍ଗର ନୂଆ ଗାଲାକ୍ସି ଏମ୍‌୩୦

ନୂଆଦିଲ୍ଲୀ,୧୨-୩

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ନୂଆ ଗାଲାକ୍ସି ଏମ୍ ୩୦ ସ୍ମାର୍ଟଫୋନ୍ ବଜାରକୁ ଆସିଛି। ଟେକ୍ନୋଲୋଜିପ୍ରିୟ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏଭଳି ଏକ ମଡେଲ ବଜାରକୁ ଆସିଛି। ନୂଆ ମଡେଲରେ ଟ୍ରିପଲ୍ ରିୟର କ୍ୟାମେରା, ସୁପର ଆମୋଲେଡ ଇନ୍‌ଫିନିଟି ୟୁ ଡିସ୍ପଲେ, ୫୦୦୦ ଏମ୍‌ଏଏଚ୍ ଫାଷ୍ଟ ଚାର୍ଜ ବ୍ୟାଟେରି ରହିଛି। କମ୍ପାନୀ ନିକଟରେ ଗାଲାକ୍ସି ଏମ୍ ୨୦ ଏବଂ ଏମ୍ ୧୦ ବଜାରକୁ ଛାଡିଥିଲା। ଯୁବ ଭାରତୀୟ ଗ୍ରାହକଙ୍କ ଟେକ୍ନୋଲୋଜି ଆବଶ୍ୟକତା ଆଧାରରେ ନୂଆ ସ୍ମାର୍ଟଫୋନ ବଜାରକୁ ଆସିଥିବା ସାମ୍‌ସଙ୍ଗ




ଇଣ୍ଡିଆର ବରିଷ୍ଠ ଉପସଭାପତି ଅସୀମ ୱାର୍‌ସୀ ସୂଚନା ଦେଇଛନ୍ତି।

## ମୋଟର ସ୍ପୋର୍ଟ୍‌ସକୁ ହୋଣ୍ଡା ଟୁହ୍ୱିଲର୍ସର ପ୍ରୋତ୍ସାହନ

ନୂଆଦିଲ୍ଲୀ,୧୨-୩

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ୨୦୧୯ ଅନ୍ତର୍ଜାତୀୟ ମୋଟର ସ୍ପୋର୍ଟ୍ସ ଲାଗି ଟିମ୍ ଘୋଷଣା କରାଯାଇଛି। ଦେଶରେ ଅନ୍ତର୍ଜାତୀୟ ସ୍ତରର ମୋଟର ଚାଳକ ପ୍ରସ୍ତୁତି ନେଇ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ଏ ପଦକ୍ଷେପ ଅନ୍ତର୍ଗତ ୩ ପ୍ରକାରର ରଣନୀତି ଉପରେ କମ୍ପାନୀ କାର୍ଯ୍ୟ କରିବ। ଜିତିବା ପାଇଁ ହୋଣ୍ଡା ଆହ୍ୱାନ ଏବଂ ଅଭିଳାଷ ଉପରେ କାର୍ଯ୍ୟ କରୁଥିବା କମ୍ପାନୀର ବ୍ରାଣ୍ଡ ଏବଂ ଯୋଗାଯୋଗ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି। କମ୍ପାନୀ ପକ୍ଷରୁ ଏପି ୨୫୦ ବର୍ଗ ଲାଗି ଦୁଇ



ଜଣ ଅଭିଜ୍ଞ ଚାଳକ ରାଜୀବ ସେତୁ ଏବଂ ସେନ୍ଥିଲ କୁମାରଙ୍କୁ ଚୟନ କରାଯାଇଛି। ହୋଣ୍ଡା ଟ୍ୟାଲେଣ୍ଟ ହଣ୍ଟ ଦ୍ୱାରା ଚାଳକଙ୍କୁ ଏସିଆ ସ୍ତରରେ ପହଞ୍ଚାଇବା ଲାଗି ଉଦ୍ୟମ କରାଯାଉଛି। ଏମାନଙ୍କ ମଧ୍ୟରେ ୧୪ ବର୍ଷୀୟ ମହମ୍ମଦ ମିକାଇଲ ଏବଂ ୧୮ ବର୍ଷୀୟ କାର୍ତ୍ତିକ ହବିବ ରହିଛନ୍ତି। ଏମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତରରେ

ନୂଆଦିଲ୍ଲୀ,୧୨-୩

ଫେବୃୟାରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୨.୭୫%କୁ ବୃଦ୍ଧି ଘଟିଛି। ଘରୋଇ ବଜାରରେ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ଖାଉଟି ମୂଲ୍ୟସୂଚୀ (ସିପିଆଇ) ଭିତ୍ତିରେ ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାର କରାଯାଇଥାଏ। ଏହା ଜାନୁୟାରୀରେ ୧୯ ମାସର ସର୍ବନିମ୍ନ ସ୍ତର ୧.୯୭%କୁ ହ୍ରାସ ଘଟିଥିଲା। ୨୦୧୮ ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ୪.୪୪% ରହିଥିଲା। ଫେବୃୟାରୀରେ ସିପିଆଇ ୨.୪୩ ସ୍ତରରେ ରହିବ ବୋଲି ରଏଟର ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରେ ଅର୍ଥନୀତିଜ୍ଞମାନେ ପୂର୍ବାନୁମାନ କରିଥିଲେ। ବର୍ତ୍ତମାନ ସମୟରେ ସିପିଆଇ ଭିତ୍ତିକ ଖାଦ୍ୟ ମୁଦ୍ରାସ୍ଫୀତି ନକରାତ୍ମକ ସ୍ତରରେ ରହି ୦.୬୬% ରହିଛି। ଏହା ଜାନୁୟାରୀରେ (-) ୨.୨୪ %ରହିଥିଲା। ପୂର୍ବରୁ ନଭେମ୍ବର ୨୦୧୮ରେ ଖୁଚୁରା ମୁଦ୍ରାସ୍ଫୀତି ୨.୩୩% ରହିଥିଲା। ସୂଚନାଦଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହାର ସୁଧହାର ଘୋଷଣା ବେଳେ ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାର କରି ନିଷ୍ପତ୍ତି ନେଇଥାଏ।

### ଶିଳ୍ପ ଉତ୍ପାଦନରେ ହ୍ରାସ



ଅପରପକ୍ଷରେ ସରକାର ପ୍ରଦାନ କରିଥିବା ତଥ୍ୟ ମୁତାବକ, ଜାନୁୟାରୀରେ ଶିଳ୍ପ ଉତ୍ପାଦନ ହ୍ରାସ ଘଟି ୧.୭% ରହିଛି। ଏହା ୨୦୧୮ ଡିସେମ୍ବରରେ ୨.୪% ରହିଥିଲା। ଶିଳ୍ପ ଉତ୍ପାଦନ ସୂଚୀ(ଆଇଆଇପି)ରେ ଏହାକୁ ବିଚାର କରାଯାଉଥିବା ବେଳେ ଗତ ବର୍ଷ ଜାନୁୟାରରେ ୭.୫% ବୃଦ୍ଧି ଘଟିଥିଲା। ୨୦୧୮–୧୯ ବର୍ଷର ଏପ୍ରିଲ–ଜାନୁୟାରୀ ସମୟରେ ଶିଳ୍ପ ଉତ୍ପାଦନ ୪.୪% ବୃଦ୍ଧି ଘଟିଛି। ଏହା ୨୦୧୭–୧୮ ସମୟରେ ୪.୧% ରହିଥିବା କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ତଥ୍ୟରୁ ସାମ୍ନାକୁ ଆସିଛି।




ମିଣ୍ଡା ଡିଷ୍ଟ୍ରିବ୍ୟୁଶନ ଆଣ୍ଡ ସର୍ଭିସେସ୍ ଲିମିଟେଡ ପକ୍ଷରୁ ନୂଆ ସକ୍, ଆବ୍‌ଜରବର୍ସ ପ୍ରଡକ୍ଟ ବଜାର ପ୍ରବେଶ ଅବସରରେ କମ୍ପାନୀର ଅଧିକାରୀବୃନ୍ଦ।

## ବ୍ୟକ୍ତିଗତ ଆକାଉଣ୍ଟ୍‌ସକୁ ୯୩୪ କୋଟି ଚାଲାଣ କରିଛନ୍ତି ନୀରବ

ବମ୍ବେ,୧୨-୩

ପଳାତକ ଘୋଷିତ ହୀରା ବ୍ୟବସାୟୀ ନୀରବ ମୋଦି ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟ ସହ ଅନ୍ୟ ଦୁଇ ଆକାଉଣ୍ଟକୁ ୯୩୪ କୋଟି ଟଙ୍କା ବେଆଇନ ଚାଲାଣ କରିଥିବା ଜଣାପଡ଼ିଛି। ଅନ୍ୟ ଆକାଉଣ୍ଟଗୁଡ଼ିକ ମଧ୍ୟରେ ଗୋଟିଏ ତାଙ୍କର ସ୍ତ୍ରୀ ଆମୀ ଏବଂ ଅନ୍ୟଟି ତାଙ୍କର ବାପାଙ୍କର ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏହାର ଅତିରିକ୍ତ ଚାର୍ଜଶିଟରେ ଦର୍ଶାଇଛି। ସୋମବାର ବମ୍ବେର ସ୍ୱତନ୍ତ୍ର ବେଆଇନ ଅର୍ଥ କାରବାର ନିରୋଧୀ ଆଇନ(ପିଏମ୍‌ଏଲ୍‌ଏ) କୋର୍ଟରେ ଇଡି ଏହି ଚାର୍ଜଶିଟ୍ ଦାଖଲ କରିଛି। ମୋଟ ଅର୍ଥ ମଧ୍ୟରୁ ୫୬୦ କୋଟି ନୀରବଙ୍କ ବିଦେଶ ଆକାଉଣ୍ଟକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଆମୀଙ୍କ ଆକାଉଣ୍ଟକୁ ୨୦୦ କୋଟି ଏବଂ ବାପା ଦୀପକ ମୋଦିଙ୍କ ଆକାଉଣ୍ଟକୁ ୧୭୪ କୋଟି ଟଙ୍କା ଚାଲାଣ ହୋଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ୧୪,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ମହାଘୋଟାଲାରେ ନୀରବ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ପଳାତକ ଘୋଷଣା ହୋଇ ବର୍ତ୍ତମାନ ଲଣ୍ଡନରେ ରହୁଛନ୍ତି। ନୀରବ ଏବଂ ତାଙ୍କ ପରିବାର ସ୍ଥାପନ କରିଥିବା ବିଭିନ୍ନ କମ୍ପାନୀର ବ୍ୟାଙ୍କ କାରବାର ତଥ୍ୟ ଇଡ଼ି ଚାର୍ଜଶିଟରେ ପ୍ରଦାନ କରିଛି। ଏହି ଆକାଉଣ୍ଟଗୁଡ଼ିକ ଦୁବାଇ, ୟୁନାଇଟେଡ ଆରବ ଏବଂ ସିଙ୍ଗାପୁର ଭଳି ସ୍ଥାନରେ ରହିଛି। କୌଶଳ କ୍ରମେ ବେଆଇନ ଭାବେ ନୀରବ ନିଜ ତଥା ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ଟଙ୍କା ଚାଲାଣ କରିବାକୁ ସକ୍ଷମ ହୋଇଥିବା ଇଡି କହିଛି। ଏହି ମାମଲାରେ ନୀରବଙ୍କ ସ୍ତ୍ରୀ ଆମିଙ୍କୁ ଇଡି ଅଭିଯୁକ୍ତ ଭାବେ ଦର୍ଶାଇଛି।

## ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ




ନୂଆଦିଲ୍ଲୀ,୧୨-୩

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନୂଆଦିଲ୍ଲୀଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏଫଜିଏମ୍‌ଓ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ମହିଳା ଶ୍ରମ ଶକ୍ତିକୁ ପ୍ରଶଂସା କରିଥିଲେ। ନେତୃତ୍ୱ ଗ୍ରହଣ ଦିଗରେ ମହିଳାଙ୍କୁ ପ୍ରୋତ୍ସାହନ ଉପରେ ସେ ମତ ରଖିଥିଲେ। ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକରେ ମହିଳା ଦିବସ ପାଳନ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ବରିଷ୍ଠ କାର୍ଯ୍ୟ ନିର୍ବାହୀ, ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଫସିପାରନ୍ତି ଦୀପକ କୋଚ୍ଚର

ବମ୍ବେ,୧୨-୩

ଆଇସିଆଇସିଆଇ–ଭିଡ଼ିଓକନ୍ ଋଣ ମାମଲାରେ ବିବାଦୀୟ ହୋଇ ପଡିଥିବା ଚନ୍ଦା କୋଚ୍ଚରଙ୍କ ସ୍ୱାମୀ ଦୀପକ କୋଚ୍ଚରଙ୍କ ଅଡୁଆ ବଢ଼ିପାରେ। ଦୀପକ କୋଚ୍ଚରଙ୍କ ନ୍ୟୁପାୱାର ରିନ୍ୟୁଏବଲ୍ସରେ ଟିକସ ଠକେଇ ନେଇ ଆୟକର ବିଭାଗ ଠୋସ ପ୍ରମାଣ ପାଇ ନାହିଁ। ମାତ୍ର ବେନାମୀ କାରବାର ନିରୋଧ ଆଇନ ଅଧୀନରେ ଦୀପକଙ୍କ କିଛି ସମ୍ପତ୍ତିର ଯାଞ୍ଚ କରିବାକୁ ଟିକସ ଅଧିକାରୀମାନେ ବିଚାର କରୁଛନ୍ତି। କମ୍ପାନୀରେ ୪୦୫ କୋଟି ବିଦେଶୀ ନିବେଶ ନେଇ ଗତ ବର୍ଷ ଏପ୍ରିଲରେ ତାଙ୍କୁ ଟିକସ ଅଧିକାରୀମାନେ ଜେରା କରିଥିଲେ। ସିଙ୍ଗାପୁର ଭିତ୍ତିକ ଏସିଅନ୍ ଡାଇଭର୍ସିଫାଏଡ ଷ୍ଟ୍ରାଟେଜିକ ଫଣ୍ଡ (ଏଡିଏସ୍‌ଏଫ୍) ପକ୍ଷରୁ ଏହି ନିବେଶ କରାଯାଇଥିଲା। ଏଡିଏସ୍‌ଏଫ୍ ଏହାର ମରିସସ୍ ଭିତ୍ତିକ ସହଯୋଗୀ ସଂସ୍ଥା ଡି.ଏଚ୍. ରିନ୍ୟୁଏବଲ ହୋଲ୍ଡିଂ ଦ୍ୱାରା କରିଥିବା ଜଣା ପଡିଛି।

# ପୁଞ୍ଜିବାଦ ଉପରେ ଏବେ ବିପଦ:ରାଜନ

ଲଣ୍ଡନ,୧୨-୩

ବର୍ତ୍ତମାନ ସମୟରେ ପୁଞ୍ଜିବାଦ ଉପରେ ବଡ ବିପଦ ଲାଗି ରହିଛି। ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟରେ ସଂଘର୍ଷ ଯୋଗୁ ପୁଞ୍ଜିବାଦ ବର୍ତ୍ତମାନ ବିପଦରେ ରହିଥିବା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ମଙ୍ଗଳବାର ସତର୍କ କରାଇଛନ୍ତି। ୨୦୦୮ ପରେ ବିଶ୍ୱ ଅର୍ଥନୀତି ଉପରେ ଆସିଥିବା ପ୍ରଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହା ଦ୍ୱାରା ଲୋକଙ୍କ ହିତକୁ ଅଣଦେଖା କରାଯାଉଥିବା



ସେ କହିଛନ୍ତି। ଶିକାଗୋ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଥିବା ରାଜନ ବିବିସି ରେଡିଓ୪କୁ ଏକ ସାକ୍ଷାତକାରରେ କହିଛନ୍ତି, ବିଶ୍ୱର ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡ଼ିକ ସାମାଜିକ ଅସମାନତାକୁ ଧ୍ୟାନରେ ରଖି ପଦକ୍ଷେପ ନେବା ଆବଶ୍ୟକ। ଏହାକୁ ଅଣଦେଖା କରିବା ଅର୍ଥନୀତିଗୁଡ଼ିକ ପକ୍ଷରେ କ୍ଷତିକାରକ ହେବ ବୋଲି ରାଜନ ଚେତାଇଛନ୍ତି। ସିଂହଭାଗ ଲୋକଙ୍କ ହିତକୁ ଧ୍ୟାନରେ ରଖି ସେହି ଅନୁସାରେ ସୁବିଧା ସୁଯୋଗ ପ୍ରଦାନ ସମ୍ପର୍କରେ ବିଚାର କରାଯିବା ଆବଶ୍ୟକ। ମାତ୍ର ଏହା ବର୍ତ୍ତମାନ ହେଉ ନ ଥିବା ଦେଖାଯାଉଛି। ଏହା ହେଲେ ଅନେକ ପୁଞ୍ଜିବାଦ ବିରୋଧରେ ବିଦ୍ରୋହ କରିବାକୁ ଆଗେଇ ଆସିବେ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ)ର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ ଭାବେ କାର୍ଯ୍ୟ କରିଥିବା ରାଜନ କହିଛନ୍ତି। ସମାନ ପ୍ରକାରର ସୁବିଧା ସୁଯୋଗ ଯୋଗାଣ ଦିଗରେ ସକ୍ଷମ ହେଉନ ଥିବାରୁ ଧୀରେ ଧୀରେ ପୁଞ୍ଜିବାଦ କ୍ଷତିଗ୍ରସ୍ତ ହେଉଥିବା ସେ ମତ ରଖିଛନ୍ତି। ସୁବିଧା ସୁଯୋଗ ଲାଭ କରୁ ନ ଥିବା ଲୋକଙ୍କର ସ୍ଥିତି ଅତ୍ୟନ୍ତ ଖରାପ ହୋଇଛି। ଉତ୍ପାଦନର ସବୁ ଧାରାକୁ ସାମାଜିକୀକରଣ କରିବା ଦ୍ୱାରା ପ୍ରଭୁତ୍ୱବାଦ ଭଳି ସ୍ଥିତି ଉପୁଜୁଛି। ଏ ଦିଗରେ ଏକ ସମତୁଲ ପଦକ୍ଷେପ ଆବଶ୍ୟକ। ସୁବିଧା ସୁଯୋଗକୁ ଉନ୍ନତ କରିବା ଦ୍ୱାରା ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ରାଜନ ମତ ଦେଇଛନ୍ତି।


## ବିଜ୍ଞାପନ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିଜ୍ଞାପନ ଅନୁଯାୟୀ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୧୯–୨୦ ଶିକ୍ଷା ବର୍ଷ ପାଇଁ ୨୧୪ଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ ସିଓଆର ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ। ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ (ଦିବ୍ୟାଧାୟୀ) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ। ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୫।୦୩।୨୦୧୯, ପ୍ରବେଶିକା ପରୀକ୍ଷା ୨୪।୦୩।୨୦୧୯ରେ ହେବ। ପ୍ରକାଶଥାଉକି ଚଳିତ ବର୍ଷ ପ୍ରଥମ ଥର ପାଇଁ ଦେଓଗାଁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲା ଯାଉଛି। କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ। ନାମ ଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଓ ବିଦ୍ୟାଳୟକୁ ଯିବା ଆସିବା କରିବେ।

Sd./- I/C Principal of OAV Deogaon
BEO Deogaon Block

“ବିଶ୍ୱକପ୍ ବେଳେ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କଠାରୁ ଅଧିକ ଆଶା କଲେ ଏହା ଦଳର ପ୍ରଦର୍ଶନ ଉପରେ ପ୍ରଭାବ ପକାଇବ ।
–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



“ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଯେଉଁ କମ୍ବିନେଶନ ନେଇ ଖେଳିଛି ବିଶ୍ୱକପ୍‌ରେ ହୁଏତ ଏଥିରେ ପରିବର୍ତ୍ତନ କରାଯାଇ ପାରେ ।
–ଭରତ ଅରୁଣ, ଭାରତୀୟ ବୋଲିଂ କୋଚ୍



## ସଂକ୍ଷେପରେ

### ମୁମ୍ବାଇ ଇଣ୍ଡିଆନ୍ସର ଟ୍ରେନିଂ ଆରମ୍ଭ

**ନବି ମୁମ୍ବାଇ, ୧୨।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆସନ୍ତା ୧୨ଶ ସଂସ୍କରଣ ପାଇଁ ତିନିଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଟ୍ରେନିଂ କ୍ୟାମ୍ପ ଆରମ୍ଭ କରିଛି। ଏହା ଘାନ୍‌ସୋଲିସ୍ଥିତ ରିଲାଏନ୍ସ କର୍ପୋରେଟ୍ ପାର୍କ କ୍ରିକେଟ ଗ୍ରାଉଣ୍ଡରେ ଆୟୋଜିତ ହୋଇଛି। ଏଥିରେ ଯୋଗଦେଇଥିବା ଖେଳାଳିଙ୍କ ମଧ୍ୟରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ତାଙ୍କ ବଡ଼ ଭାଇ କ୍ରୁନାଲ ଅଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ଜଣେ ଅଫସିଆଲଙ୍କ କହିବା ଅନୁସାରେ ଏହି କ୍ୟାମ୍ପରେ ଅଫ୍ ସ୍ପିନର ଜୟନ୍ତ ଯାଦବ, ଲେଗ୍‌ସ୍ପିନର ରାହୁଲ ଚହର, ପେସର ବରିନ୍ଦର ଶ୍ରନ୍, ରାଶିଖ ସଲାମ, ମିଚେଲ ମ୍ୟାକ୍‌କ୍ଲିନାହାନ ଏବଂ ଉଇକେଟକିପର ଈଶାନ କିଶାନ ପ୍ରମୁଖ ମଧ୍ୟ ଯୋଗ ଦେଇଛନ୍ତି। ନ୍ୟୁ ମୁମ୍ବାଇସ୍ଥିତ ଉକ୍ତ ଷ୍ଟାଡିୟମରେ ଏକ ସପ୍ତାହ ଧରି ଟ୍ରେନିଂ କାର୍ଯ୍ୟକ୍ରମ ଚାଲିବା ପରେ ମାର୍ଚ୍ଚ ୧୭ରେ ଏହା ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମକୁ ସ୍ଥାନାନ୍ତର ହେବ। ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ମାର୍ଚ୍ଚ ୨୪ରେ ୱାଙ୍ଖଡେ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

### ସ୍କ୍ୱାଶ କିମ୍ବଦନ୍ତୀଙ୍କୁ ହରାଇଲେ ଜ୍ୟୋତ୍ସ୍ନା

**କାଇରୋ, ୧୨।୩ (ପି.ଟି.):** ଏଠାରେ ଚାଲିଥିବା ୧,୦୭,୦୦୦ ଡଲାର ପୁରସ୍କାର ବିଶିଷ୍ଟ ମହିଳା ବ୍ଲାକବଲ୍ ସ୍କ୍ୱାଶ୍ ଓପନ୍‌ରେ ଭାରତ ଅଗ୍ରଣୀ ସ୍କ୍ୱାଶ ଖେଳାଳି ଜ୍ୟୋତ୍ସ୍ନା ଚିନାପ୍ପା ପ୍ରଥମ ରାଉଣ୍ଡରେ ୮ଥର ବିଶ୍ୱ ଚାମ୍ପିୟନ ନିକୋଲ ଡେଭିଡ୍‌ଙ୍କୁ ହରାଇ ଦେଇଛନ୍ତି। ସୋମବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ସେ ୧୧-୮, ୧୧-୬, ୧୨-୧୦ରେ ମାଲେସିଆନ କିମ୍ବଦନ୍ତୀଙ୍କୁ ହରାଇ ଦେଇଥିଲେ। ୨୧ଶ ର୍‌ୟାଙ୍କିଂପ୍ରାପ୍ତ ନିକୋଲଙ୍କ ବିପକ୍ଷରେ ଜ୍ୟୋତ୍ସ୍ନାଙ୍କର ଏହା ତୃତୀୟ ବିଜୟ। ଇଣ୍ଡୋନେସିଆରେ ୨୦୧୮ ଏସିଆନ ଗେମ୍ସରେ ମଧ୍ୟ ଭାରତୀୟ ଖେଳାଳି ମାଲେସିଆନ କିମ୍ବଦନ୍ତୀଙ୍କୁ ପରାସ୍ତ କରିଥିଲେ। ନିକୋଲ ସିଜନ ଶେଷରେ ଖେଳରୁ ଅବସର ନେବେ। ଜ୍ୟୋତ୍ସ୍ନା ବର୍ତ୍ତମାନ ୬ଷ୍ଠ ସିଡ୍ ତଥା ଇଂଲଣ୍ଡର ସାରା ଜେନ୍ ପେରୀଙ୍କୁ ଭେଟିବେ।

### ରାଜ୍ୟ ଓପନ ଚେସ୍ ୧୭ରେ

**ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ(ଓଏସସିଏ) ଆନୁକୂଲ୍ୟରେ ସତ୍ୟ ସାଇ ଓପନ ଚେସ୍ ଚଳିତମାସ ୧୭ରେ ଜଟଣୀସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ୧୩,୧୦୦ଟଙ୍କାର ପୁରସ୍କାର ରାଶି ରଖା ଯାଇଛି। ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନର ବ୍ୟବସ୍ଥା ଥିବାବେଳେ ସ୍କୁଲ ପିଲା, ଶ୍ରେଷ୍ଠ ଭେଟେରାନ ଓ ମହିଳା ପ୍ରତିଯୋଗୀଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ସ୍ୱରୂପ ୧୮ଟି ଟ୍ରଫି ପ୍ରଦାନ କରାଯିବ। ୨୮୦ ଟଙ୍କାର ଏଣ୍ଟ୍ରି ଫି’ ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ସିରିଜ ନିର୍ଣ୍ଣାୟକ ମ୍ୟାଚ୍ ଆଜି

**ନୂଆଦିଲ୍ଲୀ, ୧୨।୩(ପି.ଟି.)**

ସାଂଘାତିକ ବୋଲିଂ ବିଫଳତା, ଆଭରେଜ ଫିଲ୍ଡିଂ ଓ କେତୋଟି ବୈଷୟିକ ତ୍ରୁଟିକୁ ପଛରେ ପକାଇ ଭାରତ ବୁଧବାର ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଛି। ସିରିଜ ଏବେ ୨-୨ ସମାନ ସ୍ତରରେ ଥିବାରୁ ଏହି ମ୍ୟାଚର ଗୁରୁତ୍ୱ ବଢ଼ିଯାଇଛି। ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଅନ୍ତିମ ମ୍ୟାଚ୍‌କୁ ଜିତି ଉଭୟ ଦଳ ସିରିଜ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ଏବେକାର ଭାରତୀୟ ବୋଲିଂ ବିଭାଗକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଥିଲା। ତେବେ ମୋହାଲିରେ ଅନୁଷ୍ଠିତ ଚତୁର୍ଥ ଦିନିକିଆରେ ୩୫୮ ରନ ସଂଗ୍ରହ କରିବା ସତ୍ତ୍ୱେ ଭାରତ ପରାଜୟ ବରଣ କରିବାପରେ ଏବେ ବୋଲିଂକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ନିର୍ଭରଯୋଗ୍ୟ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ମଧ୍ୟ ଆଷ୍ଟନ ଟର୍ନର ଅତି ସହଜରେ ଶଟ୍ ମାନ ଖେଳିଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତି ଅଧିନାୟକ ବିରାଟ କୋହଲି ଓ ଭାରତୀୟ ଦଳ ଅନୁଭବ କରିଛନ୍ତି। ଚାପରେ ଧୋନୀ ବେଶ୍ ଶାନ୍ତ ରହିବା ସହ ଠିକ୍ ତଥା ନିର୍ଣ୍ଣାୟକ ନିଷ୍ପତ୍ତି ନେଇଥାନ୍ତି ଓ ଦଳ ପାଇଁ ଏହା ବେଶ୍ ସହାୟକ ସାବ୍ୟସ୍ତ ହୋଇଥାଏ। ମୋହଲି ଷ୍ଟାଡିୟମ ଅବଶ୍ୟ ଫ୍ଲାଟ୍ ଥିଲା ଓ ଏହି ଉଇକେଟରେ ବୋଲରଙ୍କ ପାଇଁ ଆଦୌ ସହାୟ ନ ଥିଲା। କିନ୍ତୁ ବିଶ୍ୱସ୍ତରୀୟ ବିବେଚିତ ହେଉଥିବା ଭାରତୀୟ ବୋଲିଂ ବିଭାଗ ସତ୍ତ୍ୱେ ଅଷ୍ଟ୍ରେଲିଆ ୩୫୦ରୁ ଊର୍ଦ୍ଧ୍ୱ ରନକୁ ଚେଜ୍ କରି ବିଜୟୀ ହେବା କେତେକଙ୍କର ହଜମ ହୋଇନାହିଁ। ଭାରତର ଦୁର୍ବଳ ଫିଲ୍ଡିଂର ସୁଯୋଗ ନେଇ ଟର୍ନର ୪୩ ବଲରୁ ୫ ଚୌକା ଓ ୬ ଛକା ସହ ଦ୍ରୁତ ତଥା ଅପରାଜିତ ୮୪ ରନ କରି ଦଳକୁ ଅତି ସହଜରେ ବିଜୟୀ କରାଇଥିଲେ। ଅବଶ୍ୟ କାକର ଭାରତୀୟ ବୋଲରଙ୍କୁ ସମସ୍ୟାରେ ପକାଇଥିଲା। ବୋଲରମାନେ ବଲ୍‌କୁ ନିଜ ଇଚ୍ଛା ମୁତାବକ ଧରିବା ସହ ବୋଲିଂ କରିବାରେ ସଫଳ ହୋଇ ନ ଥିଲେ।

ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଉଇକେଟ ମନ୍ଥର ହେବା ସହ ନିଚା ରହିବ। ଫଳରେ ଏଠାରେ ଟସ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। ଏଠାରେ ଖେଳାଯାଇଥିବା ଗତ ଦୁଇଟି ମ୍ୟାଚ୍‌ରେ ବେଶି ରନ୍ ସଂଗ୍ରହ ହୋଇ ନ ଥିଲା। ୨୦୧୬ ଅକ୍ଟୋବରରେ ଭାରତ ଏଠାରେ ନ୍ୟୁଜିଲାଣ୍ଡଠାରୁ ୬ ରନରେ ପରାସ୍ତ ହୋଇଥିଲା। ଏହା ପୂର୍ବରୁ ୨୦୧୪ ଅକ୍ଟୋବରରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୪୮ ରନରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଥିଲା। ତେବେ ଏଠାରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ବିପୁଳ ସଂଖ୍ୟାରେ ରନ ସଂଗ୍ରହ ହୋଇଥିଲା। ପରାଜୟ ସତ୍ତ୍ୱେ ଭାରତ ପାଇଁ ସବୁଠାରୁ ବଡ଼ ଖୁସି ଖବର ହେଉଛି ଶିଖର ଧାୱନ ଫର୍ମକୁ ଫେରିବା। ୧୧୫ ବଲରୁ ୧୮ ଚୌକା ଓ ୩ ଛକା ସହ ଦ୍ରୁତ ୧୪୩ ରନର ଇନିଂସ ଖେଳି ସେ ସମାଲୋଚକଙ୍କୁ ଚୁପ୍ କରାଇବାରେ ସଫଳ ହୋଇଛନ୍ତି। ଏବେ ନିଜ ଘରୋଇ ଗ୍ରାଉଣ୍ଡରେ ଶିଖର ପୁଣି ଥରେ କମାଲ କରିବେ ବୋଲି ଆଶା କରାଯାଉଛି। ତେବେ ଏହି ପିଚ୍ ବ୍ୟାଟିଂକୁ କେତେ ସୁହାଉଛି ତାହା ଦେଖିବାକୁ ବାକି ରହିଲା। ଇତିହାସକୁ ଦେଖିବାକୁ ଗଲେ ଏଠାରେ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲ ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ। କାରଣ ପୂର୍ବରୁ ଏହି ପିଚ୍‌ରେ ସ୍ଲୋ ବୋଲରମାନେ ଭଲ ପ୍ରଦର୍ଶନ କରିଛନ୍ତି।

ଅଷ୍ଟ୍ରେଲୀୟ ଦୃଷ୍ଟିକୋଣରୁ ବିଚାର କଲେ ଉସ୍‌ମାନ ଖ୍ୱାଜା ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଟପ୍ ଅର୍ଡରରେ ତାଙ୍କ ପ୍ରଭାବୀ ବ୍ୟାଟିଂ ଦଳ ପାଇଁ ଲାଭବାନ ସାବ୍ୟସ୍ତ ହୋଇଛି। ଖ୍ୱାଜାଙ୍କୁ ସଅଳ ଆଉଟ କରିପାରିଲେ ଭାରତ ସୁବିଧାରେ ରହିବ। ଅଧିନାୟକ ଆରୋନ ଫିଞ୍ଚ୍, ପିଟର ହ୍ୟାଣ୍ଡସ୍କମ୍ବ ଓ ଟର୍ନରଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ଏବେ ନୂଆ ରୂପ ପାଇଛି। ବିଶ୍ୱକପ୍ ପୂର୍ବରୁ ଭାରତ ତା’ର ଶେଷ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଛି। ତେଣୁ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ପାଇଁ ଖେଳାଳିମାନେ ଏହି ଶେଷ ସୁଯୋଗର ସଦ୍ ବ୍ୟବହାର କରିବେ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ବିଜୟ ଶଙ୍କର ସୀମିତ ସୁଯୋଗରେ ଭଲ ପ୍ରଦର୍ଶନ କରିଛନ୍ତି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ମୋହାଲିରେ କେତୋଟି ସୁଯୋଗ ହାତଛଡ଼ା କରିଛନ୍ତି। ତେବେ ଜଣେ ବ୍ୟାଟ୍ସମ୍ୟାନ ହିସାବରେ ସେ ଅବଶ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଭାରତୀୟ ଟପ୍ ଓ ମିଡିଲ ଅର୍ଡର ସ୍ଥିର ମନେହେଉଛି। ତେବେ ପନ୍ତ, ଶଙ୍କର, ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କ ନିଜକୁ ପ୍ରମାଣ କରିବା ପାଇଁ ଏହି ମ୍ୟାଚ୍‌ରେ ଶେଷ ସୁଯୋଗ ପାଇଛନ୍ତି ଓ ଏଥିରେ ଏମାନେ ସଫଳ ହେବେ ବୋଲି ଆଶା କରାଯାଉଛି। କୋଟଲା ପିଚ୍‌ରେ ବାମହାତୀ ସ୍ପିନ ପ୍ରଭାବୀ ସାବ୍ୟସ୍ତ ହେବ। ଫଳରେ ଜାଡେଜା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଖେଳିବା ନିଶ୍ଚିତ ମନେହେଉଛି।



ଅଭ୍ୟାସ ସେସନ୍ ଅବସରରେ ଅଷ୍ଟ୍ରେଲିଆ ଖେଳାଳି ଓ ସପୋର୍ଟ ଷ୍ଟାଫ୍।

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, କେଦାର ଯାଦବ, ରିଷଭ ପନ୍ତ (ଉଇକେଟ କିପର), ବିଜୟ ଶଙ୍କର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ ଓ ଭୁବନେଶ୍ୱର କୁମାର | ଆରୋନ ଫିଞ୍ଚ୍ (ଅଧିନାୟକ), ଉସ୍‌ମାନ ଖ୍ୱାଜା, ପିଟର ହ୍ୟାଣ୍ଡସ୍କମ୍ବ, ଶନ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ୍, ଆଷ୍ଟନ ଟର୍ନର, ଝେ ରିଚାର୍ଡଶନ, ଆଡାମ ଜାମ୍ପା, ଆଣ୍ଡ୍ରୁ ଟାଏ, ପ୍ୟାଟ୍ କୁମିନ୍ସ, ନାଥନ କୁଲ୍ଟର ନିଲ, ଆଲେକ୍ସ କେରୀ, ନାଥନ ଲିୟନ ଓ ଜାସନ ବେହରେନଡୋର୍ଫ |

**ସମୟ: ଅପରାହ୍ନ ୧.୩୦**
**ସ୍ଥାନ: ନୂଆଦିଲ୍ଲୀ, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ଆଇସିସି ଟି୨୦ ର୍‌ୟାଙ୍କିଙ୍ଗ୍
## ରାହୁଲ ଉଠିଲେ, କୁଲଦୀପ୍ ଖସିଲେ

**ଦୁବାଇ, ୧୨।୩:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ବିଶ୍ୱ ଟି୨୦ ର୍‌ୟାଙ୍କିଙ୍ଗ୍‌ରେ ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ଅବନତି ଘଟିଛି। ବୋଲିଂ ତାଲିକାରେ କୁଲଦୀପ ଗୋଟିଏ ସ୍ଥାନ ତଳକୁ ଖସି ୫ମ ସ୍ଥାନ ଲାଭ କରିଛନ୍ତି। ନିକଟରେ କୁଲଦୀପ ଅଷ୍ଟ୍ରେଲିଆ ବିପକ୍ଷ ୨ଟି ଟି୨୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ଫଳରେ ଏହା ତାଙ୍କ ର୍‌ୟାଙ୍କିଙ୍ଗ୍ ଉପରେ ପ୍ରଭାବ ପକାଇଥିଲା। ଅପରପକ୍ଷରେ ଇଂଲଣ୍ଡ ଲେଗ୍-ସ୍ପିନର ଆଦିଲ ରଶିଦ ୨ଟି ପାହାଚ ଉପରକୁ ଉଠି ୩ୟ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ରଶିଦ ମୋଟ୍ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏଥିସହ ବୋଲିଂ ର୍‌ୟାଙ୍କିଙ୍ଗ୍‌ରେ ସେ ପ୍ରଥମଥର ପାଇଁ ୭୦୦ ପଏଣ୍ଟ ଅତିକ୍ରମ କରିଛନ୍ତି। ଏହି ସିରିଜରେ ଇଂଲଣ୍ଡ ୩-୦ରେ ଘରୋଇ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ସିରିଜ କ୍ଲିନ୍‌ସୁଇପ କରିଥିଲା। ଅନ୍ୟତମ ଇଂଲଣ୍ଡ ବୋଲର କ୍ରିସ ଜୋର୍ଡାନ କ୍ୟାରିୟର ଶ୍ରେଷ୍ଠ ୧୦ମ ସ୍ଥାନ ଲାଭ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ସେ ୬ଟି ଉଇକେଟ୍ ନେଇଥିଲେ। ବ୍ୟାଟିଂ ତାଲିକାରେ ଭାରତର ଲୋକେଶ ରାହୁଲ ୨ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୨ଟି ଟି୨୦ ମ୍ୟାଚ୍‌ରେ ସେ ଯଥାକ୍ରମେ ୪୭ ଓ ୫୦ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ, ଯାହା ତାଙ୍କ ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିଥିଲେ। ସେହିଭଳି ଦୁଇ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜନୀ ବେୟାରଷ୍ଟୋ ଓ ସାମ୍ ବିଲିଙ୍ଗ୍ସ ଯଥାକ୍ରମେ ୫୫ତମ ଓ ୮୪ତମ ସ୍ଥାନକୁ ଉଠିଛନ୍ତି। ଆଇସିସି ଟି୨୦ ଟିମ୍ ତାଲିକାରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆକୁ ପଛରେ ପକାଇ ଇଂଲଣ୍ଡ ୩ୟ ସ୍ଥାନକୁ ଲମ୍ଫ ପ୍ରଦାନ କରିଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ସିରିଜ କ୍ଲିନ୍‌ସୁଇପ କରିଥିବାରୁ ଇଂଲଣ୍ଡକୁ ର୍‌ୟାଙ୍କିଙ୍ଗ୍‌ରେ ଉପରକୁ ଉଠିବାରେ ଏହା ସହାୟକ ହୋଇଥିଲା। ପାକିସ୍ତାନ ଓ ଭାରତ ଯଥାକ୍ରମେ ପୂର୍ବବତ୍ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।

### ■ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ
# ରାନୀଙ୍କୁ ସ୍ୱର୍ଣ୍ଣ, ଉତ୍କଳକୁ ୩ ପଦକ

**ଭୁବନେଶ୍ୱର, ୧୨।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିଶାଖାପାଟଣାଠାରେ ମାର୍ଚ୍ଚ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ମୋଟ୍ ୩ଟି ପଦକ ମିଳିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି। ମହିଳା ତାତ୍‌ମୀ ପଏଣ୍ଟ ଫାଇଟ୍‌ର ୭୦ କିଗ୍ରା ବର୍ଗରେ ରାନୀ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଶ୍ରୁତି ସିଂଙ୍କୁ ପରାସ୍ତ କରିଥିଲେ। ସେହିଭଳି ପୁରୁଷ ୬୯ କିଗ୍ରା ବର୍ଗରେ ଜଗନ୍ନାଥ ଦାସ ଓ ୭୪ କିଗ୍ରାରେ ଆଦିତ୍ୟ ନାରାୟଣ ଲେଙ୍କାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଉଭୟ ଜଗନ୍ନାଥ ଓ ଆଦିତ୍ୟ ସେମିଫାଇନାଲରେ ରୋହତକ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀଙ୍କ ନିକଟରୁ ହାରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶା ଆମେଚର କିକ୍ ବକ୍ସିଂ ସଂଘର ସହଯୋଗରେ ଉତ୍କଳ ପ୍ରଥମଥର ପାଇଁ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଦଳର ସଫଳତା ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବିର ମୋହନ ସେଠୀ, ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରମୋଦ କୁମାର ନାୟକ ଓ ଓଡ଼ିଶା ଆମେଚର କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଚନ୍ଦ୍ର ଡାକୁଆ, ସହ ସମ୍ପାଦକ କୃଷ୍ଣଚନ୍ଦ୍ର ଡାକୁଆ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ଉତ୍କଳ ବିଶ୍ୱବିଦ୍ୟାଳୟ ଟିମ୍: ମହିଳା–** ମଧୁସ୍ମିତା ସାହୁ, ନମ୍ରତା ନନ୍ଦା, ସୁଜାତା ସାହୁ, କୀର୍ତ୍ତିରାନୀ ସାହୁ। **ପୁରୁଷ ଟିମ୍–** ସନ୍ତୋଷ କୁମାର ରାଉତ, ଜଗନ୍ନାଥ ଦାସ, ଆଦିତ୍ୟ ନାରାୟଣ ଲେଙ୍କା, ଅବିନାଶ ଦାସ। **କୋଚ୍–** ମିହିର କୁମାର ସାହୁ, **ମ୍ୟାନେଜର–** ପ୍ରବୀର କୁମାର ମହାନ୍ତି।



ପଦକ ସହ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀମାନେ।

# ଆଜରବୈଜାନ ସହ ଡ୍ର ରଖିଲା ଭାରତୀୟ ପୁରୁଷ ଦଳ

**ଅଷ୍ଟାନା, ୧୨।୩ (ପି.ଟି.):** ୱାର୍ଲ୍ଡ ଟିମ୍ ଚେସ୍ ଚାମ୍ପିୟନଶିପ୍‌ର ୭ମ ରାଉଣ୍ଡରେ ଭାରତୀୟ ପୁରୁଷ ଦଳ ଆଜରବୈଜାନ ବିପକ୍ଷ ମୁକାବିଲା ୨-୨ରେ ଡ୍ର ରଖିଛି। ଫଳରେ ଦଳ ୧୦ ପଏଣ୍ଟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିଛି। ୭ମ ରାଉଣ୍ଡର ଅନ୍ୟ ମୁକାବିଲାଗୁଡ଼ିକ ମଧ୍ୟରେ ଇଜିପ୍ଟ ବିପକ୍ଷରେ ଇଂଲଣ୍ଡ ଟିମ୍ ୨.୫-୧.୫ ବ୍ୟବଧାନରେ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୨.୫-୧.୫ ପଏଣ୍ଟରେ ପରାସ୍ତ କରି ରୁଷିଆ ସ୍ୱର୍ଣ୍ଣ ପଦକ ନିକଟତର ହୋଇଛି। ଟେବୁଲରେ ୧୨ ପଏଣ୍ଟ ସହ ରୁଷିଆ ପ୍ରଥମ ସ୍ଥାନରେ ରହିଥିବାବେଳେ ଇଂଲଣ୍ଡ ୧୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛି। ପୁରୁଷ ସହିତ ଏକ ସଙ୍ଗରେ ଅନୁଷ୍ଠିତ ହେଉଥିବା ମହିଳା ଟୁର୍ନାମେଣ୍ଟରେ ଭାରତ ଯୁକ୍ତରାଷ୍ଟ୍ର ଆମେରିକାକୁ ୪-୦ରେ ହରାଇ ଦେଇଛି। ତେବେ ନିମ୍ନ ର୍‌ୟାଙ୍କିଙ୍ଗପ୍ରାପ୍ତ ଇଜିପ୍ଟ ବିପକ୍ଷରେ ୪-୦ରେ ବିଜୟ ଦ୍ୱାରା ଚାଇନା ଆପାତତଃ ସ୍ୱର୍ଣ୍ଣ ପଦକ ଜିତିବା ସ୍ପଷ୍ଟ ହୋଇଛି। ଚାଇନା ସର୍ବାଧିକ ୧୪ ପଏଣ୍ଟରୁ ୧୪ ପଏଣ୍ଟ ଅର୍ଜନ କରି ଟେବୁଲର ପ୍ରଥମ ସ୍ଥାନ ଅଧିକାର କରିଛି। ରୁଷିଆ ୟୁକ୍ରେନ୍ ସହ ଡ୍ର ରଖି ୧୧ମ୍ୟାଚ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଜର୍ଜିଆ ଓ ୟୁକ୍ରେନ୍ ୧୦ ପଏଣ୍ଟ ସହ ମିଳିତ ତୃତୀୟ ସ୍ଥାନରେ ଅଛନ୍ତି। ପୋଡିୟମ ଫିନିଶ କରିବାକୁହେଲେ ଭାରତୀୟ ମହିଳା ଦଳକୁ ହଙ୍ଗେରୀ ଓ ୟୁକ୍ରେନ ବିପକ୍ଷ ଏହାର ଅବଶିଷ୍ଟ ଦୁଇଟି ମ୍ୟାଚରେ ବିଜୟ ହାସଲ କରିବାକୁ ପଡ଼ିବ।

**ୱାର୍ଲ୍ଡ ଟିମ୍ ଚେସ୍**

# ଲଗାତର ୫ ଟେଷ୍ଟ ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ୱେଲିଂଟନ, ୧୨।୩(ଏଏଫପି)**

ୱେଲିଂଟନ ଟେଷ୍ଟରେ ଭ୍ରମଣକାରୀ ବାଂଲାଦେଶକୁ ଏକ ଇନିଂସ ଓ ୧୨ ରନରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ମଧ୍ୟ ନ୍ୟୁଜିଲାଣ୍ଡ ଇନିଂସ ଓ ୫୨ ରନରେ ବିଜୟ ଲାଭ କରିଥିଲା। ଏଥିସହ ନ୍ୟୁଜିଲାଣ୍ଡ ଟେଷ୍ଟ କ୍ରିକେଟ ଇତିହାସରେ ପ୍ରଥମଥର ପାଇଁ ଲଗାତର ୫ମ ଟେଷ୍ଟ ସିରିଜ ଜିତିବାର ସଫଳତା ପାଇଛି। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଆସନ୍ତା ୧୬ରୁ ଖ୍ରୀଷ୍ଟଚର୍ଚ୍ଚରେ ଆରମ୍ଭ ହେବ।

ବାଂଲାଦେଶର ପ୍ରଥମ ଇନିଂସ ସ୍କୋର ୨୧୧ ରନ ଜବାବରେ ନ୍ୟୁଜିଲାଣ୍ଡ ରସ୍ ଟେଲରଙ୍କ ୨୦୦ ରନ (୨୧୨ ବଲ, ୧୯ ଚୌକା, ୪ ଛକା), ହେନରୀ ନିକୋଲାସ ୧୦୭ (୧୨୯ ବଲ, ୯ ଚୌକା) ଓ ଅଧିନାୟକ କେନ୍ ୱିଲିୟମସନଙ୍କ ୭୪ ରନ ବଳରେ ପ୍ରଥମ ଇନିଂସରେ ୬ ଉଇକେଟ୍ ବିନିମୟରେ ୪୩୨ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ୨୨୧ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ବାଂଲାଦେଶ ସୋମବାର ୪ର୍ଥ ଦିବସ ଶେଷ ସୁଦ୍ଧା ୩ ଉଇକେଟ୍ ହରାଇ ୮୦ ରନ୍ ସଂଗ୍ରହ କରିଥିଲା। ପରାଜୟ ଏଡ଼ାଇବା ପାଇଁ ବାଂଲାଦେଶକୁ ମଙ୍ଗଳବାର ଦିନସାରା ବ୍ୟାଟିଂ ଆବଶ୍ୟକ ହେଉଥିଲା। କିନ୍ତୁ ବାମହାତୀ ଦ୍ରୁତ ବୋଲର ନେଲ୍ ୱାଗନରଙ୍କ ବାଉନ୍ସରକୁ ବୁଝି ନ ପାରି ବାଂଲାଦେଶ ୨୦୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ମହମ୍ମଦୁଲ୍ଲା ସର୍ବାଧିକ ୬୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ମିଥୁନ ୪୭, ସୌମ୍ୟ ସର୍କାର ୨୮ ଓ ଶଦମନ ଇସଲାମ ୨୯ ରନ କରିଥିବାବେଳେ ତାମିମ ଇକବାଲ (୪ ରନ) ନିରାଶ କରିଥିଲେ। ଘରୋଇ ଦଳ ପକ୍ଷରୁ ୱାଗନର (୧୪-୪-୪୫-୫) ଓ ଟ୍ରେଣ୍ଟ ବୋଲ୍ଟ (୧୬-୫-୫୨-୪) ସୁନ୍ଦର ବୋଲିଂ ଫିଗର ହାସଲ କରିଥିଲେ। ବର୍ଷା ଯୋଗୁ ମ୍ୟାଚ୍‌ର ପ୍ରଥମ ଦୁଇ ଦିନ ଖେଳ ସମ୍ଭବପର ହୋଇପାରି ନ ଥିଲା। ତଥାପି ବାଂଲାଦେଶ ଏହାର ଫାଇଦା ନେଇପାରି ନ ଥିଲା। ଦ୍ୱିଶତକୀୟ ଇନିଂସ ଲାଗି ଭେଟେରାନ ରସ୍ ଟେଲର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ନେଲ୍ ୱାଗନର

### ଡିନ୍ ଜୋନ୍ସ

# ମୁକାବିଲା ରୋମାଞ୍ଚକ ହେବ

ଚତୁର୍ଥ ଦିନିକିଆରେ ଅଷ୍ଟ୍ରେଲିଆ ବିଜୟୀ ହେବ ବୋଲି କିଏ ଭାବିଥିଲା ? ରେକର୍ଡ ରନ ଚେଜ୍ କରିବା, ମିଡଲ ଅର୍ଡର ସମସ୍ୟା ସମାଧାନ ହେବା, ୩ ଜଣ ସ୍ପିନରଙ୍କୁ ଖେଳାଇବା, ଆଷ୍ଟନ ଟର୍ନର ଜବରଦସ୍ତ ବ୍ୟାଟିଂ କରିବା ସବୁ ଅଷ୍ଟ୍ରେଲିଆ ପାଇଁ ବେଶ୍ ଲାଭଦାୟକ ଥିଲା। ତେବେ ବିଶ୍ୱକପ୍ ପାଇଁ ଏହା ଶ୍ରେଷ୍ଠ ଅଷ୍ଟ୍ରେଲୀୟ ନୁହଁ ବୋଲି କୁହାଯାଇପାରେ। ଶେଷରେ ବିଶ୍ୱର ଶ୍ରେଷ୍ଠ ଦଳ ବିପକ୍ଷରେ ଖେଳିବାକୁ ଅଷ୍ଟ୍ରେଲିଆ ତା’ର ମାନସିକ ସମସ୍ୟାକୁ ସମାଧାନ କରିବାରେ ସଫଳ ହୋଇଛି। ଗତ ମ୍ୟାଚର ପ୍ରଦର୍ଶନ ଅଷ୍ଟ୍ରେଲିଆର ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟ ହୋଇଛି। ଆଗାମୀ ବିଶ୍ୱକପ୍‌ରେ ଭଲ ଖେଳିବ ବୋଲି ଅଷ୍ଟ୍ରେଲିଆ ଏବେ ବିଶ୍ୱାସ ହାସଲ କରିଛି।

ଅପରପକ୍ଷରେ ନିଜ ପ୍ରଦର୍ଶନରେ ଭାରତ ନିଶ୍ଚିତ ଭାବେ ନିରାଶ ହୋଇଥିବ। ସେମାନେ ଏଥିରେ ଆତଙ୍କିତ କିମ୍ବା ବ୍ୟଥିତ ହେବାର ଆବଶ୍ୟକତା ନାହିଁ। ତେବେ ଯେତେ ବି ରନ ସଂଗ୍ରହ କରାଯିବ ତାହା ଯଥେଷ୍ଟ ନୁହଁ ବୋଲି ଭାରତ ହୃଦୟଙ୍ଗମ କରିଥିବ। ଏହ ଅର୍ଥ ମିଡଲ ଓଭରରେ ଅଷ୍ଟ୍ରେଲିଆ ବେଶ୍ ନିୟନ୍ତ୍ରିତ ପ୍ରଦର୍ଶନ କରିବାରେ ସଫଳ ହୋଇଛି। ୧୧ରୁ ୪୦ ଓଭର ମଧ୍ୟରେ ଅଷ୍ଟ୍ରେଲିଆ ଖେଳାଳିମାନେ ବେଶ୍ ସୁନ୍ଦର ପ୍ରଦର୍ଶନ କରିଛନ୍ତି। ଜଷ୍ଟିନ ଲାଙ୍ଗର ନିଜର ଚତୁରତା ଦେଖାଇଛନ୍ତି। ଆଡାମ ଜାମ୍ପା, ନାଥନ ଲିୟନ ଓ ପ୍ୟାଟ କୁମିନ୍ସଙ୍କୁ ମିଡଲ ଓଭରରେ ବେଶ୍ ସୁନ୍ଦରଭାବେ ବ୍ୟବହାର କରାଯାଇଛି ଓ ଏମାନେ ଉଇକେଟ ହାସଲ କରିବାରେ ସଫଳ ହୋଇଛନ୍ତି।

ଭାରତୀୟ ବୋଲରମାନେ ମିଡଲ ଓଭରରେ ଉଇକେଟ ଅକ୍ତିଆର କରିବାର ଆବଶ୍ୟକତା ରହିଛି। କୋଟଲା ଗ୍ରାଉଣ୍ଡ ସ୍ପିନରଙ୍କୁ ସୁହାଇବ। ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଫେଭରାଇଟ୍ ବୋଲି କୁହାଯାଇପାରେ। ଟସ୍ ଜିତିବାର ଦଳ ପ୍ରଥମେ ବ୍ୟାଟିଂ କରିବା ଆଶା କରାଯାଉଛି। ଲୋକେଶ ରାହୁଲ, ବିଜୟ ଶଙ୍କର, ଶିଖର ଧାୱନ ଅଧିକ ରନ୍ ସଂଗ୍ରହ କରିବେ ବୋଲି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚାହିଁବ। ଅଷ୍ଟ୍ରେଲିଆ ପାଇଁ ମୋର ଗୋଟିଏ ପ୍ରଶ୍ନ। ପିଟର ହ୍ୟାଣ୍ଡସ୍କମ୍ବଙ୍କୁ ଉଇକେଟ କିପିଙ୍ଗ୍ କରାଇ ଆଲେକ୍ସ କେରୀଙ୍କ ସ୍ଥାନକୁ ସଫଳ ଉପଯୋଗ କରାଯାଇପାରିଲେ ଭଲ ହୁଅନ୍ତା ବୋଲି ମୁଁ ଭାବୁଛି। ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ପ୍ରଥମେ ଟି୨୦ ସିରିଜ ଜିତିବା ସହ ଏବେ ଦିନିକିଆ ସିରିଜ ଜିତିବାର ସମ୍ଭାବନା ସୃଷ୍ଟି କରିଛି। ଅଷ୍ଟ୍ରେଲିଆ ଏତେ ଉନ୍ନତି କରିବ ବୋଲି କିଏ ଭାବିଥିଲା ? ପ୍ରଥମ ଦୁଇଟି ଦିନିକିଆରେ ପରାସ୍ତ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରି ସିରିଜକୁ ସମାନ ସ୍ତରକୁ ଆଣିଛି। ଅନ୍ତିମ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ଓ ଏହାକୁ ଦେଖିବା ପାଇଁ ମୁଁ ବ୍ୟଗ୍ର।

(ଗେମ୍ ପ୍ଲାନ୍)







# ମାଟିର ପୋଷକତତ୍ତ୍ୱ ପରିଚାଳନା

ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ପରିବର୍ଦ୍ଧିତ ଖାଦ୍ୟଶସ୍ୟ ଚାହିଦାକୁ ଆଖି ଆଗରେ ରଖି ଅଧିକ ଫସଲ ଉତ୍ପାଦନ ପାଇଁ ମୃତ୍ତିକାର ସମନ୍ୱିତ ପୋଷକତତ୍ତ୍ୱ ପରିଚାଳନା ଅପରିହାର୍ଯ୍ୟ। ମାଟିର ଉର୍ବରତା ବୃଦ୍ଧି ଲାଗି ପ୍ରଥମ, ଦ୍ୱିତୀୟ ଏବଂ ଅଣୁ ପୋଷକ ତତ୍ତ୍ୱଗୁଡିକର ସୁଷମ ଉପଲବ୍ଧତା ଆବଶ୍ୟକ।

ଖତ ଓ ରାସାୟନିକ ସାର ପ୍ରୟୋଗ ମାଟିର ଉର୍ବରତା ବୃଦ୍ଧି କରିବା ସଙ୍ଗେସଙ୍ଗେ ଅଧିକ ଅମଳ ପାଇବାରେ ସହାୟକ ହୋଇଥାଏ। ସବୁଜ ବିପ୍ଳବ ପରେ ଆମ ଦେଶରେ ଯବକ୍ଷାରଯାନ, ଫସ୍‌ଫରସ୍ ଓ ପଟାସ ଜାତୀୟ ରାସାୟନିକ ସାରର ବ୍ୟବହାର ୧.୧ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ୨୫ ଲକ୍ଷ ଟନ୍‌ରେ ପହଞ୍ଚିଛି। ଅନ୍ତର୍ଜାତୀୟ ସାର ସଂଘର ଆକଳନ ଅନୁସାରେ ୨୦୧୨ରେ ଭାରତ ରାସାୟନିକ ସାର ବ୍ୟବହାରରେ ଦ୍ୱିତୀୟ ସ୍ଥାନରେ ଥିଲା । ୧୯୯୧-୯୨ ମସିହାରେ ଆମଦେଶରେ ରାସାୟନିକ ସାରର ବ୍ୟବହାର ହେକ୍ଟର ପିଛା ୬୯.୮୪ କିଗ୍ରା ଥିଲାବେଳେ ବର୍ତ୍ତମାନ ଏହା ହେକ୍ଟର ପିଛା ୧୨୮.୮୪ କିଗ୍ରାରେ ପହଞ୍ଚିଛି। ଭାରତର ବିଭିନ୍ନ ପ୍ରଦେଶରେ ରାସାୟନିକ ସାରର ବ୍ୟବହାର ଅଲଗା ଅଲଗା । ପଞ୍ଜାବ, ହରିୟାଣା, ଆନ୍ଧ୍ର ପ୍ରଦେଶରେ ରାସାୟନିକ ସାରର ବ୍ୟବହାର ହେକ୍ଟର ପିଛା ୨୦୦ କିଗ୍ରା ଥିବା ସ୍ଥଳେ ଓଡ଼ିଶା, କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ ଇତ୍ୟାଦି ରାଜ୍ୟରେ ଏହାର ବ୍ୟବହାର ହେକ୍ଟର ପିଛା ୧୦୦ କିଗ୍ରାରୁ କମ୍। ୨୦୧୫-୧୬ରେ ଓଡ଼ିଶାରେ ୫୧୯.୭ ହଜାର ଟନ୍ ରାସାୟନିକ ସାର ବ୍ୟବହୃତ ହୋଇଥିଲା। ଯେଉଁଥିରେ ଯବକ୍ଷାରଯାନ, ଫସ୍‌ଫରସ ଓ ପଟାସ ଜାତୀୟ ସାରର ବ୍ୟବହାର ଯଥାକ୍ରମେ ୩୨୭.୧୯, ୧୩୩.୬୬ ଏବଂ ୫୮.୮୫ ହଜାର ଟନ୍ ଥିଲା । ୨୦୧୫-୧୬ରେ ଓଡ଼ିଶାରେ ହେକ୍ଟର ପିଛା ରାସାୟନିକ ସାରର ବ୍ୟବହାର ୬୨.୬୪ କିଗ୍ରା ଥିଲା, ଯେଉଁଥିରେ ଯବକ୍ଷାରଜାନ, ଫସଫରସ ଓ ପଟାସ ଜାତୀୟ ରାସାୟନିକ ସାରର ବ୍ୟବହାର ହେକ୍ଟର ପିଛା ଯଥାକ୍ରମେ ୩୯.୪୩, ୧୬.୧୧ ଏବଂ ୭.୦୯ କିଗ୍ରା ଥିଲା। ମୋଟାମୋଟି ଦେଖିବାକୁ ଗଲେ ଓଡ଼ିଶାରେ ରାସାୟନିକ ସାରର ବ୍ୟବହାର ସର୍ବଭାରତୀୟ ହାର ଅପେକ୍ଷା ଯଥେଷ୍ଟ କମ୍ । ପର୍ଯ୍ୟାପ୍ତ ଜଳସେଚିତ ଜମିର ଅଭାବ, ଚାଷୀମାନଙ୍କର ଆର୍ଥିକ ଦୁରବସ୍ଥା, ଠିକ୍ ସମୟରେ ରାସାୟନିକ ସାର ସମବାୟ ସଂସ୍ଥା ଓ ଖୋଲା ବଜାରରେ ଉପଲବ୍ଧ ନ ହେବା, ରାସାୟନିକ ସାରର କ୍ରମାଗତ ଦରବୃଦ୍ଧି, ବୈଷୟିକ ଜ୍ଞାନ କୌଶଳର ଅଭାବ ଏବଂ କ୍ରମାଗତ ରାସାୟନିକ ସାର ପ୍ରୟୋଗ ହେଲେ ଜମିର ଉର୍ବରତା କମ୍ ହୋଇଯିବା ଭଳି ଅନ୍ଧବିଶ୍ୱାସ ଏଥିପାଇଁ ଦାୟୀ । ଓଡ଼ିଶା ସରକାରଙ୍କ ତରଫରୁ ଘୋଷଣା କରାଯାଇଛି ଯେ ଯେ ରାସାୟନିକ ସାରର ବ୍ୟବହାର ହେକ୍ଟର ପିଛା ୬୭ କି.ଗ୍ରାକୁ ବୃଦ୍ଧି ପାଇବ ।

ରାସାୟନିକ ସାରର ବହୁଳ ବ୍ୟବହାର ଲାଗି ୨୦୧୦ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପୋଷକତତ୍ତ୍ୱ ଉପରେ ଆଧାରିତ ଅନୁଦାନ ଘୋଷଣା କରାଯାଇଛି । ଏହି ଯୋଜନାରେ ପ୍ରାଥମିକ ପୋଷକତତ୍ତ୍ୱ ଯବକ୍ଷାରଯାନ, ଫସଫରସ, ପଟାସ ଏବଂ ଅଣୁ ପୋଷକତତ୍ତ୍ୱ ଜିଙ୍କ୍ ଏବଂ ବୋରନ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି । ୟୁରିଆ ସାରର ବଜାର ଦରକୁ ନିୟନ୍ତ୍ରିତ କରାଯାଇଛି । ୨୦୧୦ଠାରୁ ଅନ୍ତର୍ଜାତୀୟ ରାସାୟନିକ ସାରର ବଜାର ଦରକୁ ଆଖରେ ରଖି ସାର ଉତ୍ପାଦନକାରୀ କମ୍ପାନୀଗୁଡିକ ସାରର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି । ପୋଷକ ତତ୍ତ୍ୱ ଉପରେ ଆଧାରିତ ଅନୁଦାନ ସରକାର ଘୋଷଣା କରିବା ପରେ ଫସ୍‌ଫରସ୍ ଓ ପଟାସ ସାରର ଆଶାତୀତ ଦର ବୃଦ୍ଧି ଘଟିଛି କିନ୍ତୁ ୟୁରିଆ ସାରର ବଜାର ଦରକୁ ନିୟନ୍ତ୍ରଣରେ ରଖାଯାଇ ପାରିଛି । ୨୦୦୧ରୁ ୨୦୦୯ ମଧ୍ୟରେ ଭାରତର ଯବକ୍ଷାରଯାନର ବ୍ୟବହାର ଶତକଡା ୩୮ ଭାଗ ବଢିଥିବା ବେଳେ ଫସଫରସ ଓ ପଟାସ ବ୍ୟବହାର ଯଥାକ୍ରମେ ଶତକଡା ୬୬ ଭାଗ ଓ ୧୧୮ ଭାଗ ବୃଦ୍ଧି ପାଇଥିଲା । କିନ୍ତୁ ପୋଷକତତ୍ତ୍ୱ ଉପରେ ଆଧାରିତ ଅନୁଦାନ ଲାଗୁହେବା ପରେ ଯବକ୍ଷାରଯାନ ଜାତୀୟ ସାରର ବ୍ୟବହାର ବୃଦ୍ଧି ପାଇଥିବାବେଳେ ପଟାସ ଓ ଫସଫରସ ଜାତୀୟ ସାରର ବ୍ୟବହାର ହ୍ରାସ ପାଇଛି । ଅପରପକ୍ଷେ ପୋଷକ ତତ୍ତ୍ୱ ଉପରେ ଆଧାରିତ ଅନୁଦାନ ମୃତ୍ତିକାର ସୁଷମ ପୋଷକ ତତ୍ତ୍ୱ ରଖିବାରେ ସହାୟକ ହୋଇନାହିଁ। ତେଣୁ ପୋଷକତତ୍ତ୍ୱ ଉପରେ ଆଧାରିତ ଅନୁଦାନ ବ୍ୟବସ୍ଥା ବ୍ୟାପକ ହେବା ଆବଶ୍ୟକ। ମାଟିର ପୋଷକତତ୍ତ୍ୱ ଓ ରାସାୟନିକ ସାରର ବ୍ୟବହାର ବହୁଳ ହେବା ସକାଶେ ଭାରତ ସରକାର କେତେକ ପଦକ୍ଷେପ ନେଇଛନ୍ତି । ୟୁରିଆ ସାରରେ ନିମ୍ବ ପ୍ରଲେପ ଦିଆଯାଇ ପ୍ରସ୍ତୁତ କରାଯାଉଛି । ସରକାର ମୃତ୍ତିକା ପରୀକ୍ଷା ଗାରରେ ମାଟି ପରୀକ୍ଷା କରାଇ ରାସାୟନିକ ସାର ବ୍ୟବହାର ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି । ମୃତ୍ତିକାର ଉତ୍ତମ ସ୍ୱାସ୍ଥ୍ୟ ଲାଗି ଖତ ଓ ରାସାୟନିକ ସାରର ମାତ୍ରାରେ ତାଳମେଳ ରହିବା ଆବଶ୍ୟକ । ସରକାର ମୃତ୍ତିକା ପରୀକ୍ଷା କେନ୍ଦ୍ର, ରାସାୟନିକ ସାରର ମାନ ପରୀକ୍ଷା ଓ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଉଛନ୍ତି । ୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ରାସାୟନିକ ସାର ଅନୁଦାନ ପାଇଁ ସରକାର ୭୦୦୭୯.୮୫ କୋଟି ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କରିଛନ୍ତି, ଯେଉଁଥିରେ ୟୁରିଆ ସାର ଲାଗି ୪୨୭୨୧.୭୦ କୋଟି ଟଙ୍କା ଏବଂ ପୋଷକତତ୍ତ୍ୱ ଉପରେ ଆଧାରିତ ଅନୁଦାନ ପାଇଁ ୨୨୨୫୧.୮ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ।

> ଖତ ଓ ରାସାୟନିକ ସାର ପ୍ରୟୋଗ ମାଟିର ଉର୍ବରତା ବୃଦ୍ଧି କରିବା ସଙ୍ଗେସଙ୍ଗେ ଅଧିକ ଅମଳ ପାଇବାରେ ସହାୟକ ହୋଇଥାଏ। ସବୁଜ ବିପ୍ଳବ ପରେ ଆମ ଦେଶରେ ଯବକ୍ଷାରଯାନ, ଫସ୍‌ଫରସ୍ ଓ ପଟାସ ଜାତୀୟ ରାସାୟନିକ ସାରର ବ୍ୟବହାର ୧.୧ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ୨୫ ଲକ୍ଷ ଟନ୍‌ରେ ପହଞ୍ଚିଛି..

ଏଣୁ ଚାଷୀଭାଇମାନେ ଜମିରୁ ଅଧିକ ଅମଳ ପାଇବା ପାଇଁ ମୃତ୍ତିକା ପରୀକ୍ଷା କରି ଉପଯୁକ୍ତ ପରିମାଣରେ ଖତ ଏବଂ ସାର ପ୍ରୟୋଗ ଦ୍ୱାରା ମାଟିର ସ୍ୱାସ୍ଥ୍ୟ ଓ ଉର୍ବରତା ବୃଦ୍ଧି କରିପାରିବେ ।

ମୋ- ୭୮୯୪୩୩୫୩୭୧

# ଧୈର୍ଯ୍ୟ ସଫଳତାର ବାଟ ଦେଖାଇଛି



ସଫଳ ଚାଷୀ

ହରେକୃଷ୍ଣ ରାଉଳ

ମାଟ୍ରିକ୍ ପାଶ୍ କରିବା ପରେ ତାଙ୍କର କେତେକ ସାଙ୍ଗ ଚାକିରି କଲେ ତ ଆଉ କେତେକ ଉଚ୍ଚଶିକ୍ଷା ପାଇଁ କଲେଜରେ ପଢିଲେ। ହେଲେ ଏସବୁ ପ୍ରତି ତାଙ୍କର ମନବଳିଲା ନାହିଁ। ଚାଷକାର୍ଯ୍ୟ କରି ସ୍ୱରୋଜଗାରକ୍ଷମ ହେବାକୁ ସେ ଅଣ୍ଟା ଭିଡ଼ିଲେ। ମାତ୍ର ବର୍ଷ କେଇଟାରେ ସେ ସ୍ଥାନୀୟ ଅଞ୍ଚଳର ଜଣେ ସଫଳ ଚାଷୀ ଭାବେ ନିଜକୁ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ହରେକୃଷ୍ଣ ରାଉଳ(ମୋ: ୭୭୫୦୦୯୬୪୫୪)। ବାଲେଶ୍ୱର ଜିଲା ଖଇରା ବ୍ଳକର ବଡନୂଆଗାଁ ଗ୍ରାମପଞ୍ଚାୟତ ଅଧୀନ ସଇଁ ଗ୍ରାମରେ ତାଙ୍କର ଘର।

୧୯୮୮ରେ ବାଘୁଆ ସ୍କୁଲରୁ ମାଟ୍ରିକ ପାଶ୍ ପରେ ଚାଷକାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲେ। ତାଙ୍କ ବାପା ଚିନ୍ତାମଣି ଚାଷ କରୁଥିବାର ଜମିର ଦାୟିତ୍ୱ ନେଲେ। ସାନଭାଇ ଗୋଲକ ପ୍ରସାଦ ଏଥିରେ ସହଯୋଗ କଲେ। ୨୦୦୨ମସିହାରେ ପ୍ରଥମେ ୫୦ଡେସିମିଲ ଜମିରେ ଚାଷକାମ ଆରମ୍ଭ କରିଥିଲେ ହରେକୃଷ୍ଣ । ସେହିବର୍ଷ କିଛି କ୍ଷତିସହିବାକୁ ପଡିଥିଲା। ତଥାପି ସେ ଧୈର୍ଯ୍ୟହରା ହୋଇ ନ ଥିଲେ । ପରବର୍ତ୍ତୀ ସମୟରେ ଲାଭ ହେଲା ଆଉ ଏହା ତାଙ୍କ ମନୋବଳ ବଢାଇଦେଲା । ଏବେ ସେ ୧ହେକ୍ଟର ଜମିରେ ବାଇଗଣ, ବିଲାତି, ଲଙ୍କା, ବନ୍ଧାକୋବି,ଫୁଲକୋବି,ମକା ଇତ୍ୟାଦି ଚାଷ କରୁଛନ୍ତି । ଅନ୍ୟ ଚାଷରୁ ଯାହାକିଛି ଲାଭ ମିଳୁଥିବା ବେଳେ ଏଥର ବିଲାତି ଚାଷସମ୍ପୂର୍ଣ୍ଣ କ୍ଷତି ପହଞ୍ଚାଇଛି । ୫୦ଡେସିମିଲ ଜମିରେ ସେ ବିଲାତି ଲଗାଇଥିଲେ । ମଞ୍ଜି ସାର ଔଷଧ ଏମିତି ସବୁ ମିଶାଇଲେ ତାଙ୍କର ୨୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ଠିକ ବିଲାତି ପାଚି ଆସିବା ବେଳକୁ ବର୍ଷା ହେବାରୁ ଅର୍ଦ୍ଧାଧିକ ବିଲାତି ପଚିଗଲା । ଆଉ ଯାହାବି କିଛି ବିକ୍ରି ଯୋଗ୍ୟଥିଲା ବଜାରରେ ଏବେ କିଲୋ ୨ରୁ ୩ଟଙ୍କା ଦରରେ ବିକ୍ରି ହେଉଥିବାରୁ ତୋଳାମଜୁରି ବି ଉଠିବା ସମ୍ଭାବନା ନ ଥିବାରୁ ଆଉ ତାକୁ ନ ତୋଳି ସେହି ଜମିରେ ଛାଡି ଦେଇଛନ୍ତି । ଅବଶ୍ୟ ବିବାହ ଋତୁ ଆସିଲେ ବିଶେଷ କରି ବାଇଗଣରୁ କିଛି ଅଧିକ ଲାଭ ମିଳିଥାଏ ବୋଲି ସେ କୁହନ୍ତି।

ନିଜର ପିଲାଙ୍କୁ ଲାଳନପାଳନ କଲାଭଳି ଗଛମୂଳରୁ ଅନାବନା ଘାସ ବାଛିବା, ସାର ଓ ପାଣିଦେବା, କୀଟନାଶକ ସ୍ପ୍ରେ କରିବା କାର୍ଯ୍ୟରେ ସବୁବେଳେ ଲାଗିଥାଆନ୍ତି ହରେକୃଷ୍ଣ । ଖଇରା ବ୍ଲକର ବର୍ତ୍ତନା, କୁପାରୀ ଇତ୍ୟାଦି ଅଞ୍ଚଳକୁ ପରିବା ଯୋଗାଇ ଗ୍ରାହକଙ୍କର ବିଶ୍ୱାସଭାଜନ ହୋଇପାରିଛନ୍ତି ସେ। ତେବେ ଏହି ଚାଷରୁ ନିଜ ପରିବାର ଚଳାଇବା ସହ ଘରଖଣ୍ଡେ କରିଛନ୍ତି । ନିଜ ପିଲା ଓ ଭାଇମାନଙ୍କର ପିଲାମାନଙ୍କୁ ମଧ୍ୟ ପାଠ ପଢାଉଛନ୍ତି । ସରକାରୀ ଯୋଜନାରୁ ଏ ପର୍ଯ୍ୟନ୍ତ ତାଙ୍କୁ କୌଣସି ସହାୟତା ମିଳି ନ ଥିବା କୁହନ୍ତି ସେ । ତେବେ ତାଙ୍କ ଜମି ସନ୍ନିକଟରେ ୫ବର୍ଷ ତଳୁ କେନାଲ ଖୋଳାଯାଇ ସାରିଥିଲେ ହେଁ ଦରକାର ସମୟରେ ପାଣିମିଳେ ନାହିଁ । ସେହି ବୋରୱେଲ ହିଁ ଏକମାତ୍ର ଜଳର ଉତ୍ସ । ପରିବା ନଷ୍ଟ ହେଉଥିଲେ ମଧ୍ୟ କୌଣସି ବିମା ନ ଥିବାରୁ ସେଥିରୁ ମଧ୍ୟ କିଛିମିଳିବାର ଆଶା ନ ଥାଏ । ଯଦି ସରକାର ଶୀତଳ ଭଣ୍ଡାରଟିଏ ପ୍ରତିଷ୍ଠା ପାଇଁ ଧ୍ୟାନ ଦିଅନ୍ତେ ତେବେ ଚାଷୀମାନଙ୍କୁ ଚାଷକାର୍ଯ୍ୟ ପାଇଁ ପ୍ରୋତ୍ସାହନ ମିଳିପାରନ୍ତା ବୋଲି କୁହନ୍ତି ହରେକୃଷ୍ଣ ।

- ଉତ୍କଳବନ୍ଧୁ ପଣ୍ଡା

## ସୂର୍ଯ୍ୟମୁଖୀର ସଙ୍କଟକାଳ

ଦାନାଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କିଗ୍ରା ଓ ସଙ୍କରଜାତୀୟ ପାଇଁ ୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।



## ମକାରେ ଜଳସେଚନ



ଦିନର ତାପମାତ୍ରା ବଢୁଥିବାରୁ ପାଣିର ଆବଶ୍ୟକତା ବଢିଥାଏ। ମାଟିର ଅବସ୍ଥା ଦେଖି ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ। ମକା ଚଅଁର ବାହାରିବା ଅବସ୍ଥାରେ ଥିଲେ ଦ୍ୱିତୀୟ ବାର କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ତା'ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

## ରାଶିରେ ସାର ପ୍ରୟୋଗ



ରାଶି ୨ରୁ ୩ ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛନ୍ତୁ। ଏକର ପ୍ରତି ୧ କିଗ୍ରା ୟୁରିଆ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। କୋଡାଖୁସା, ଘାସ ବଛା ଓ ସାର ପ୍ରୟୋଗ ଆଦି କାମ ମଞ୍ଜି ବୁଣିବାର ୨୫ ଦିନ ଭିତରେ ସାରି ଦିଅନ୍ତୁ। କାରଣ ୨୫ ଦିନ ପରେ ଫୁଲ ଧରିବା ଆରମ୍ଭ ହୁଏ। ପତ୍ରଛଦା ପୋକ ଦେଖାଦେଲେ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରନ୍ତୁ।

## ଲାଞ୍ଚ: ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆର୍‌ଆଇ

କଟକ ଅଫିସ,୧୨।୩

୫ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କଟକ ଜିଲା ମାହାଙ୍ଗା ତହସିଲ ଗୌଡ଼ପଡ଼ା ରାଜସ୍ୱ ନିରୀକ୍ଷକ ମହେନ୍ଦ୍ର ବେହେରା। ଆର୍‌ଆଇ ବେହେରା ମଙ୍ଗଳବାର ଏହି ଲାଞ୍ଚ ରାଣୀଗୁଡ଼ା ଗ୍ରାମର ବାସୁଦେବ ରାଉତଙ୍କଠାରୁ ଗ୍ରହଣ କରୁଥିଲେ। ବାସୁଦେବଙ୍କ ୩ଟି ମ୍ୟୁଟେଶନ କେଶ୍ ତଦନ୍ତ ରିପୋର୍ଟ ତହସିଲଦାରଙ୍କ ନିକଟରେ ଦାଖଲ ପାଇଁ ବେହେରା ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ମଙ୍ଗଳବାର ଆର୍‌ଆଇ ଅଫିସରେ ବାସୁଦେବଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଡ଼ା ତେଲ,**
**ମେଣ୍ଢା ବାଳ ।**

ଜଡ଼ାତେଲ ଭାରି ଅଠାଳିଆ। ମେଣ୍ଢା ବାଳ ଛୋଟ ଓ ଫୁରୁଫୁରିଆ ହୋଇଥିବା ବେଳେ ସେଠାରେ ଜଡ଼ାତେଲ ଲାଗିଲେ ଅଠା ଧରି ବସିଯାଏ, ମୋଟେ ଛାଡ଼େ ନାହିଁ। ପରୋକ୍ଷରେ ଅଭେଦ ପ୍ରୀତି ବା ଘନିଷ୍ଠ ବନ୍ଧୁତା । କେହି କାହାକୁ ଦଣ୍ଡେ ଛାଡ଼ି ରହି ନ ପାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜାତି ଗଲା,**
**ପେଟ ପୂରିଲା ନାହିଁ।**

ଅପାତ୍ରରେ ଯାଚଞ୍ଚା କରିବା। ତୁଣ୍ଡ ହରେଇବ। କେହି ଛୋଟ ଜାତି ଘରେ ଖାଆନ୍ତି ନାହିଁ। ପାଣି ବି ଛୁଅନ୍ତି ନାହିଁ। ଯଦି ଅସୁବିଧାରେ ପଡ଼ି ବାଧରେ ଖାଇବାକୁ ପଡ଼ିଲା ଏବଂ ସେ ଖାଇବାରେ ପେଟ ନ ପୂରିଲା ତା'ହେଲେ ଇଜ୍ଜତ ଗଲା ସିନା ମାନ ମିଳିଲାନି। ଏପରିସ୍ଥଳେ ମନସ୍ତାପ କରିବା ହିଁ ସାର ହୋଇଥାଏ। ଛୋଟ ଲୋକ ପାଖରେ ମୁହଁ ହରେଇଲେ ବି କାମ ନ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଭାଜପାରେ ଯୋଗଦେଲେ ବାବୁ ସିଂ

### ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀରେ ଭାଜପା ବିଜୟୀ ହେବ: ବାବୁ



ଭାଜପାରେ ସାମିଲ ପରେ ବାବୁ ସିଂ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

ନିକଟରେ ବିଜେଡି ଛାଡିଥିବା ବରିଷ୍ଠ ନେତା ବାବୁ ସିଂ ମଙ୍ଗଳବାର ଭାଜପାରେ ଯୋଗ ଦେଇଛନ୍ତି। ବାବୁ ନିଜର ଶତାଧିକ ସମର୍ଥକଙ୍କ ସହ ଏକ ବାଇକ ଶୋଭାଯାତ୍ରାରେ ଆସି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳରେ ସାମିଲ ହୋଇଛନ୍ତି। ଏହାସହ ବାବୁଙ୍କ ବହୁ ସମର୍ଥକ ମଧ୍ୟ ସୋମବାର ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଚିନ୍ମୟ ପ୍ରଧାନ, ଦିଲୀପ ସେନାପତି, ମନୋଜ ପଶ୍ଚିମ କବାଟ, ଭବାନୀ ସ୍ୱାଇଁ ପ୍ରମୁଖ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। କେନ୍ଦ୍ରାପଡା ଜିଲା ପୂର୍ବତନ କଂଗ୍ରେସ ସଭାପତି ଉମାକାନ୍ତ ନାୟକ, ପାଟକୁରା ଯୁବନେତା ଉମାକାନ୍ତ ଚୌଧୁରୀ, ପୂର୍ବତନ କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ମିନତି ରାଉତ, ଦେବକାନ୍ତ ରାଉତ, ଅମରଜିତ ରାଉତ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି । ରାଜ୍ୟ ଉପସଭାପତି ସମୀର ମହାନ୍ତି ଦଳରେ ସାମିଲ ହୋଇଥିବା ସମସ୍ତ ନେତୃବୃନ୍ଦଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି। ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳରେ ସାମିଲ ହୋଇଥିବା ନେତାଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଛନ୍ତି । ଭାଜପାରେ ମିଶିବା ପରେ ବାବୁ କହିଛନ୍ତି ଯେ, ଆସନ୍ତା ନିର୍ବାଚନରେ ଭ୍ରଷ୍ଟାଚାରୀ ଓ ଅଗଣତାନ୍ତ୍ରିକ ବିଜେଡିକୁ ହରାଇବା ସହ ଭାଜପାକୁ ବିଜୟୀ କରାଇବା ପାଇଁ ମୁଁ ସଂକଳ୍ପ ନେଇ କାର୍ଯ୍ୟ କରିବି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଭାଜପାରେ ସାମିଲ ହୋଇଛି। ଆସନ୍ତା ନିର୍ବାଚନରେ ଏକାମ୍ର ତଥା ଭୁବନେଶ୍ୱରର ୩ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବିଜୟୀ ହେବ ବୋଲି ବାବୁ କହିଛନ୍ତି। ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟସରକାରଙ୍କ ସ୍ଥାଣୁତା ଏବଂ ଦୁର୍ନୀତି ବିରୋଧରେ ରାଜ୍ୟବାସୀ ଅତିଷ୍ଠ ହୋଇପଡିଛନ୍ତି। ୨୯ ରାଜ୍ୟରୁ ଆର୍ଥିକ ଦୃଷ୍ଟିରୁ ଓଡିଶା ଉପରୁ ୨୫ ନମ୍ବରରେ ରହିଛି। ନାରୀ ନିର୍ଯାତନାରେ ଓଡିଶା ତଳୁ ତୃତୀୟ ସ୍ଥାନରେ ଅଛି । ରାଜ୍ୟର ସବୁ ସ୍ଥାନରେ ପରିବର୍ତ୍ତନର ପବନ ବହୁଛି ବୋଲି ଅପରାଜିତା କହିଛନ୍ତି। ବିଜେଡି ପ୍ରତି ଅତିଷ୍ଠ ହୋଇ ଏବଂ ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛନ୍ତି ବୋଲି ନୂଆକରି ମିଶିଥିବା ନେତା କହିଛନ୍ତି।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ମାର୍ଚ୍ଚ ୧୩/୨୦୧୯ Sambalpur, Wednesday, March 13 / 2019


## ସଂକ୍ଷେପରେ

## ୧୫ରେ ବରଗଡ଼ ଆସିବେ ରାହୁଲ

**ବରଗଡ଼ ଅଫିସ,୧୨।୩-** ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୧୫ରେ ବରଗଡ଼ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ବରଗଡ଼ ସହର ଉପକଣ୍ଠ ନୂଆଁ ସରସରା ପଡ଼ିଆରେ ରାହୁଲ ୧୫ ତାରିଖ ଅପରାହ୍ନ ୧ଟାରେ ପହଞ୍ଚି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୨ଟା ୧୫ରେ ବରଗଡ଼ରୁ ରାୟପୁର ଅଭିମୁଖେ ବାହାରିବେ। ଏନେଇ ମଙ୍ଗଳବାର ଏଆଇସିସି ସମ୍ପାଦକ ମସ୍ତାନ ଅଲ୍ଲୀ, ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ, ପୂର୍ବତନ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସମେତ ଦଳର ଏକ ପ୍ରତିନିଧି ଦଳ ନୂଆଁ ସରସରା ପଡ଼ିଆ ପରିଦର୍ଶନ କରିଥିଲେ। ସେହିପରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ରାହୁଲଙ୍କ ଗସ୍ତ ନେଇ ଅନୁଷ୍ଠିତ ବୈଠକରେ କଂଗ୍ରେସ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା ।

### ■ ଭାରତ-ପାକ୍ ସୀମାନ୍ତରେ ସନ୍ଦିଗ୍ଧ ସନ୍ତ୍ରାସବାଦୀ ଧରାପଡ଼ିବା ଘଟଣା

# ଗିରଫ ନୂଆପଡ଼ାର ସୁମିତଙ୍କୁ ଛାଡ଼ିଲା ପୋଲିସ

**ନୂଆପଡା ଅଫିସ,୧୨।୩**

ଚଳିତ ମାସ ପ୍ରଥମ ସପ୍ତାହରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧକାଳୀନ ପରିସ୍ଥିତି ଚାଲିଥିବାବେଳେ ରାଜସ୍ଥାନ ସୀମାନ୍ତରେ ଭାରତୀୟ ସେନା କେତେଜଣ ସନ୍ଦିଗ୍ଧ ସନ୍ତ୍ରାସବାଦଙ୍କୁ ଗିରଫ କରିଥିଲା । ସେଥିରେ ନୂଆପଡା ଜିଲାରୁ ଜଣେ ସାମିଲ ଥିବା ଜଣାପଡିଥିଲା । ସେ ହେଉଛନ୍ତି ସ୍ଥାନୀୟ ଅଏଁଲାଜୁବା ଗାଁର ସୁମିତରାମ ଜଗତ (୪୨) । ପୋଲିସ ଛାନ୍‌ଭିନ ପରେ ସେ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡିଥିଲା । ଏହା ପରେ ପୋଲିସ ତାଙ୍କୁ ଖଲାସ କରିଛି । ପରିବାରବର୍ଗ ତାଙ୍କୁ ଆଣିବାକୁ ସେଠାକୁ ଯାଇଥିବା ଜଣାପଡ଼ିଛି। ମିଳିଥିବା ଖବର ଅନୁଯାୟୀ ଗତ ୩ ତାରିଖରେ ରାଜସ୍ଥାନ ଜୈସାଲମେର ଜିଲା ସରୋଡା ଥାନାଠାରୁ କିଛି ଦୂର ପାକିସ୍ତାନ ସୀମାନ୍ତ ଅଞ୍ଚଳରେ ପୋଲିସ ଛାନ ଭିନ ଚଳାଇଥିବା ବେଳେ



ସୁମିତରାମଙ୍କ ଫାଇଲ ଫଟୋ ।



ଘରକୁ ଆସିବା ବାଟକୁ ଜଗି ବସିଛନ୍ତି ସ୍ତ୍ରୀ ଓ ମା'।

ଆତଙ୍କବାଦୀ ସନ୍ଦେହରେ କେତେଜଣ ଯୁବକଙ୍କୁ ଗିରଫ କରିଥିଲା । ସେମାନଙ୍କ ମଧ୍ୟରେ ଥିବା ସୁମିତରାମଙ୍କୁ ଦିନତମାମ ଜେରା କରିବା ପରେ ସେ ନୂଆପଡାର ଏବଂ ସେ ମାନସିକ ଭାବେ ବିକାରଗ୍ରସ୍ତ ଥିବା ଜଣାପଡିଥିଲା। ଏ ସମ୍ପର୍କରେ ଜୈସାଲମେର ପୋଲିସ ନୂଆପଡା ଜିଲା ଖରିଆରରୋଡ ଜୋନ୍ଙ୍କ ପୋଲିସକୁ ଯୋଗାଯୋଗ କରି ତାଙ୍କର ଫଟୋ ପଠାଇଥିଲା । ଏଥିରେ ପରିବାରବର୍ଗ ଜାଣି ପାରି ସେଠାକୁ ଯାଇଛନ୍ତି । ଦୁଇଦିନତଳେ ସୁମିତରାମଙ୍କ ବଡ ପୁଅ ଗୋବିନ୍ଦା, ବଡଭାଇ ପୁନିତରାମ ଏବଂ ସମ୍ପର୍କୀୟ ଭାଇ ଯତିରାମ ଜଗତ ରାଜସ୍ଥାନ ଯାଇଛନ୍ତି । ବଡଭାଇ ପୁନିତରାମଙ୍କ ସହ ଆମ ପ୍ରତିନିଧିଙ୍କ ଯୋଗାଯୋଗ କରିବାରୁ ସେମାନେ ଜୈସାଲମେର ପହଞ୍ଚି ପୋଲିସକୁ ତଦନ୍ତରେ ସହଯୋଗ କରିଥିବା କହିଛନ୍ତି । ସୀମାନ୍ତରେ ସନ୍ତ୍ରାସବାଦୀ ବୋଲି ଅଟକ ରଖାଯାଇଥିଲା । ମଙ୍ଗଳବାର ସକାଳେ ପୋଲିସ ଛାଡିଦେଇଥିବା ଫୋନ ଯୋଗେ କହିଛନ୍ତି । ଏମାନେ ବୁଧବାର ସକାଳେ ଏଠାକୁ ପହଞ୍ଚିବାକୁ ଥିବା ଜଣାପଡିଛି। ଏହି ଖବର ପାଇବା ପରେ ପରିବାର ସମେତ ଗାଁରେ ଖୁସିର ଲହରି ଖେଳିଯାଇଛି । ଉଲ୍ଲେଖଯୋଗ୍ୟ ଯେ, ସୁମିତରାମ ଆଜକୁ ୩ ବର୍ଷ ତଳେ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ଦିନେ ହଠାତ କାହାରିକୁ କିଛି ନ କହି କୁଆଡେ ଚାଲିଯାଇଥିଲେ। ସେହି ଦିନଠାରୁ ପରିବାର ଲୋକ ଖୋଜାଖୋଜି କରି ହାରିଯାଇଥିଲେ। ଏହି ଖବର ପାଇବା ପରେ ଖୁସିରେ କାନ୍ଦି ଉଠିଛନ୍ତି ମା' ଘରମନି ଜଗତ। ଭାରତୀୟ ପୋଲିସ/ସେନା ଉପରେ ମୋରି ପୂର୍ଣ୍ଣ ଭରସା ରହିଛି। ମୋ ପୁଅଙ୍କୁ ରକ୍ଷା କରି ଫେରାଇ ଦେଇଛନ୍ତି ବୋଲି ମା' ଘରମନି କହିଛନ୍ତି ।

## ଦୁର୍ଘଟଣାରେ ୨ ମୃତ

**ଜଗନ୍ନାଥପ୍ରସାଦ,୧୨।୩**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଜରିପଲ୍ଲୀ ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ତାରସିଂ ଥାନା ଗାଲେରି ଅଞ୍ଚଳ ଖମଣସାହିର ଚକରା ପଟ୍ଟନାୟକ ଓ ସୁଧୀର ଭୋଇ। ପ୍ରକାଶ ଯେ, ଚକରା ଓ ସୁଧୀର ଗୋଟିଏ ବାଇକରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଭଞ୍ଜନଗର ଅଭିମୁଖେ ଯାଉଥିଲେ। ଜରିପଲ୍ଲୀ ନିକଟରେ ଏକ ଟାଟାମ୍ୟାଜିକ୍ ସହ ବାଇକ୍‌ର ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଚକରାଙ୍କର ମୃତ୍ୟୁ ହୋଇଯାଇଥିଲା। ଆହତ ସୁଧୀରଙ୍କୁ ପୋଲିସ ଉଦ୍ଧାର କରି ଜଗନ୍ନାଥପ୍ରସାଦ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର ବେଳେ ରାତି ପ୍ରାୟ ସାଢେ ୧୦ଟାରେ ମୃତ୍ୟୁ ଘଟିଛି।

## ୨ ଅପହୃତଙ୍କୁ ଛାଡିଲେ ମାଓବାଦୀ

**ମାଲକାନଗିରି,୧୨।୩(ସ୍ୱ.ପ୍ର.)**

ସୀମାନ୍ତ ଛତିଶଗଡ଼ରେ ୨ଦିନ ତଳେ ମାଓବାଦୀମାନେ ଜଣେ ଶିକ୍ଷକ ଜୟସିଙ୍ଗ କୁରେଟି ଓ ପୋଲିସ ଏଏସଆଇ ଲଳିତ କାଶ୍ୟପଙ୍କୁ ଅପହରଣ କରି ନେଇଥିଲେ। ସେମାନଙ୍କ ମଧ୍ୟରୁ ଏଏସଆଇ କାଶ୍ୟପଙ୍କୁ ମାଓବାଦୀମାନେ ହତ୍ୟା କରିଥିବା ମିଛ ପ୍ରଚାର କରି ଜଣକର ମୃତଦେହ ଆଣି ଗ୍ରାମ ମୁଣ୍ଡରେ ଫିଙ୍ଗି ଚାଲିଯାଇଥିଲେ। ପରେ ସେହି ମୃତଦେହ ଏଏସଆଇଙ୍କର ନୁହେଁ ବୋଲି ମଧ୍ୟ ଜଣାପଡିଥିଲା। ମାଓବାଦୀମାନେ ଶିକ୍ଷକ ଜୟସିଙ୍ଗ ଏବଂ ଏଏସଆଇ କଶ୍ୟପଙ୍କୁ ସୋମବାର ବିଳମ୍ବିତ ରାତିରେ ଛାଡିଦେଇଛନ୍ତି। ପୋଲିସ ଡିପାର୍ଟମେଣ୍ଟକୁ ହଇରାଣ କରିବାକୁ ସେମାନେ ଏପରି ଯୋଜନା କରିଥିଲେ ବୋଲି ମଙ୍ଗଳବାର ଦାନ୍ତେଓ୍ୱାଡ଼ା ଏସିପି ଅଭିଷେକ କହିଛନ୍ତି। ଅନ୍ୟପକ୍ଷରେ ଏଏଆଆଇ କଶ୍ୟପ ଓ ଶିକ୍ଷକ ଜୟସିଙ୍ଗ ଅତ୍ୟଧିକ ମଦ ପିଇ ଦେଇଥିଲେ। ସେମାନେ ନିଶାରେ ମାଓବାଦୀ ଅଞ୍ଚଳକୁ ଚାଲିଯାଇଥିଲେ। ପୋଲିସ କାର୍ଯ୍ୟାଳୟରୁ ଅନୁମତି ନ ନେଇ ମାଓବାଦୀ ଅଞ୍ଚଳକୁ ଯାଇଥିବାରୁ ଏଏସଆଇ କାଶ୍ୟପଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି ।

### ■ ପଞ୍ଚମ ହୋଟେଲ ଅଗ୍ନିକାଣ୍ଡ ଘଟଣା

# ହକି ତାରକା ଫିଲିସିଆ ଟପୋଙ୍କ ବାପା ମୃତ

**ରାଉରକେଲା ଅଫିସ,୧୨।୩**

ଫେବୃୟାରୀ ୨୪ରେ ପାନପୋଷସ୍ଥିତ ପଞ୍ଚମ ହୋଟେଲରେ ଗ୍ୟାସ୍ ଲିକ୍‌ଜନିତ ଅଗ୍ନିକାଣ୍ଡରେ ଗୁରୁତର ଆହତ ହୋଇଥିବା ଅନ୍ତର୍ଜାତୀୟ ହକି ତାରକା ଫିଲିସିଆ ଟପୋଙ୍କ ବାପା ତେଲେଶ୍ୱର ଟପୋ (୬୪)ଙ୍କର ସୋମବାର ରାତିରେ ଆଇଜିଏଚ୍‌ରେ ମୃତ୍ୟୁ ଘଟିଛି। ତାଙ୍କ ଘର ରାଜଗାଙ୍ଗପୁର କୁକୁଡ଼ା ଗାଁରେ। ତେଲେଶ୍ୱରଙ୍କ ମୃତଦେହ ମର୍ଗ ହାଉସରେ ପଡ଼ି ରହିଛି। ତାଙ୍କ ପରିବାର ସଦସ୍ୟଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସମ୍ପର୍କୀୟ ଅଡ଼ି ବସିଛନ୍ତି। ତେଲେଶ୍ୱରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଯାଏ ଆଇଜିଏଚ୍‌ରେ ସମ୍ପର୍କୀୟମାନେ ରୁଣ୍ଡ ହୋଇଥିଲେ। କ୍ଷତିପୂରଣ ନ ମିଳିବା ଯାଏ ମୃତଦେହ ଗ୍ରହଣ କରିବାକୁ ମନା କରିଥିଲେ। ଏ ନେଇ ଫିଲିସିଆ ମଙ୍ଗଳବାର ରଘୁନାଥପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଣେ ସନ୍ଧ୍ୟା ସୁଦ୍ଧା ମର୍ଗ ହାଉସରୁ ମୃତଦେହ ଉଠିପାରି ନ ଥିବା ଜଣାଯାଇଛି। ଅନ୍ତର୍ଜାତୀୟ ଖେଳରେ ଭାଗନେଇ ରାଉରକେଲା ସ୍ପୋର୍ଟସ ହଷ୍ଟେଲକୁ ଫେରିଥିବା ଝିଅ ଫିଲିସିଆଙ୍କୁ ଦେଖିବାକୁ ସେ ଦିନ ରାଉରକେଲା ଆସୁଥିଲେ



କ୍ଷତିପୂରଣ ଦାବିରେ ମୃତ ତେଲେଶ୍ୱରଙ୍କ ସମ୍ପର୍କୀୟମାନେ ଆଇଜିଏଚ୍ ପରିସରରେ ଅଡ଼ିବସିଛନ୍ତି।

**କ୍ଷତିପୂରଣ ଦାବିରେ ମୃତଦେହ ଗ୍ରହଣ କରୁନାହାନ୍ତି ସମ୍ପର୍କୀୟ**

ତେଲେଶ୍ୱର। ପାନପୋଷ ଗାନ୍ଧୀ ଛକଠାରେ ଥିବା ପଞ୍ଚମ ହୋଟେଲରେ ଜଳଖିଆ ଖାଇବାକୁ ଯାଇଥିଲେ। ସମୟ ସକାଳ ପ୍ରାୟ ୯ଟା ହେବ। ସିଲିଣ୍ଡରରୁ ହଠାତ୍ ଗ୍ୟାସ୍ ଲିକ୍ ହେଲା। ଚାହୁଁଚାହୁଁ ଏହା ହୋଟେଲ ଭିତରକୁ ବ୍ୟାପିଯାଇଥିଲା। ଏଥିରେ ତେଲେଶ୍ୱରଙ୍କ ସମେତ ଅନ୍ୟ ୪ ଜଣ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ନିଆଯାଇଥିଲା। ସେତେବେଳେ ଘଟଣାକୁ ଚାପି ଦେବାକୁ ଯୋଜନା ହୋଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସାମାନ୍ୟ ଆହତ କହି ଘଟଣାକୁ ହାଲୁକା କରିବାକୁ ଉଦ୍ୟମ କରାଯାଇଥିଲା। କେହି ଗୁରୁତର ହୋଇନାହାନ୍ତି। ସମସ୍ତେ ଭଲ ଅଛନ୍ତି ବୋଲି ହୋଟେଲ କର୍ତ୍ତୃପକ୍ଷ ସଫେଇ ଦେଇଥିଲେ। ପରେ ତେଲେଶ୍ୱରଙ୍କ ଅବସ୍ଥା ଗୁରୁତର ହୋଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ମଙ୍ଗଳବାର ତେଲେଶ୍ୱରଙ୍କ ପରିବାର ଲୋକେ ରାଉରକେଲା ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ବୁଧବାର ସୁଦ୍ଧା ସମସ୍ୟାର ସମାଧାନ ହୋଇଯିବ ବୋଲି ଫିଲିସିଆଙ୍କ ସମ୍ପର୍କୀୟ ଆଶା ବ୍ୟକ୍ତ କରିଛନ୍ତି।

# ଗରିବଙ୍କୁ ମାଗଣା ଚିକିତ୍ସା କରିବାକୁ ଘରୋଇ ହସ୍ପିଟାଲ ବାଧ୍ୟ

**କଟକ ଅଫିସ, ୧୨।୩**

ସରକାରଙ୍କଠାରୁ କମ୍ ମୂଲ୍ୟରେ କିମ୍ବା ମାଗଣାରେ ଜମି ନେଇ ବହୁ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ଗଢ଼ିଉଠିଛି। ଏଣିକି ଏସବୁ ଘରୋଇ ଚିକିତ୍ସାଳୟ ଗରିବ ଲୋକଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ବାଧ୍ୟ ହେବେ। ଏଠାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରୋଗୀମାନଙ୍କୁ ଇନ୍‌ଡୋରରେ ୧୦ ପ୍ରତିଶତ ଏବଂ ଆଉଟ୍‌ଡୋରରେ ୨୫ ପ୍ରତିଶତ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବେ। ଏଥିସହ ଉକ୍ତ ଘରୋଇ ହସ୍ପିଟାଲ ଓ ନର୍ସିଂହୋମଗୁଡ଼ିକ ସରକାରଙ୍କ ଅବଗତି ନିମନ୍ତେ ଏ ସଂକ୍ରାନ୍ତ ସବିଶେଷ ତଥ୍ୟ ଅନ୍‌ଲାଇନରେ ଉପଲବ୍ଧ କରାଇବେ। ଏଥିରେ ଖିଲାପ କଲେ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ହସ୍ପିଟାଲ ବିରୋଧରେ ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ (କଣ୍ଟ୍ରୋଲ ଆଣ୍ଡ ରେଗୁଲେଶନ) ଆମେଣ୍ଡମେଣ୍ଟ ଆକ୍ଟ ୨୦୧୬ ଏବଂ ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ (କଣ୍ଟ୍ରୋଲ ଆଣ୍ଡ ରେଗୁଲେଶନ) ରୁଲ୍ ୨୦୧୮ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକସ୍ଥଳେ ସରକାରଙ୍କଠାରୁ ଏମାନେ ନେଇଥିବା ଜମିର ମୂଲ୍ୟକୁ ବର୍ତ୍ତମାନର ବଜାର ଦର ଅନୁଯାୟୀ ଆଦାୟ କରାଯିବ। ମାର୍ଚ୍ଚ ୨ରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏହାର ନକଲ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅବଗତି ନିମନ୍ତେ ପଠାଯାଇଛି।

ସୂଚନାଥାଉ କି, ରାଜ୍ୟରେ ପାଖାପାଖି ୪୨ରୁ ଅଧିକ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ କଟକ ଓ ଭୁବନେଶ୍ୱର ସମେତ

**■ବିଜ୍ଞପ୍ତି ପ୍ରକାଶ କଲେ ସରକାର**

**■ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ**

ରାଜ୍ୟର ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜମିକୁ ମାଗଣାରେ ଅଥବା କମ୍ ମୂଲ୍ୟରେ ନେଇଛନ୍ତି। କିନ୍ତୁ ଚୁକ୍ତି ଓ ନିୟମ ଅନୁଯାୟୀ ଉପରୋକ୍ତ ହସ୍ପିଟାଲଗୁଡ଼ିକରେ ଗରିବ ରୋଗୀଙ୍କୁ ଚିକିତ୍ସା ସହାୟତା ମିଳୁନି। ସୂଚନା ଅଧିକାର କର୍ମୀ ତଥା ଓଡ଼ିଆ ଯୁବ ମଞ୍ଚର ସଭାପତି ରୋହନ ମହାନ୍ତି ସୂଚନା ଅଧିକାର ଆଇନ ବଳରେ ଉପରୋକ୍ତ ତଥ୍ୟ ହାସଲ କରିବା ପରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ସରକାରଙ୍କୁ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଦେଶ ଦେଇଥିଲେ। ୨୦୧୪ରେ ରାଜ୍ୟ ସରକାର ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିରେ ରାଜ୍ୟର ୪୪ ଘରୋଇ ହସ୍ପିଟାଲ ଓ ନର୍ସିଂହୋମର ନାମ ପ୍ରକାଶ କରାଯିବା ସହ ଏଠାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରୋଗୀଙ୍କୁ ନିର୍ଦ୍ଧାରିତ ପ୍ରତିଶତ ମାଗଣାରେ ଚିକିତ୍ସା ସେବା ମିଳିବ ବୋଲି ଉଲ୍ଲେଖ କରାଯାଇଥିଲା। ମାତ୍ର ଏହାକୁ ଅନେକ ଘରୋଇ ଚିକିତ୍ସା ଅନୁଷ୍ଠାନଗୁଡ଼ିକ ଅନୁପାଳନ ନ କରିବାରୁ ଆବେଦନକାରୀ ମହାନ୍ତି ଏ ସମ୍ପର୍କରେ ପୁନର୍ବାର ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ହାଇକୋର୍ଟ ଉକ୍ତ ଘରୋଇ ହସ୍ପିଟାଲଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଜମିର ବଜାର ମୂଲ୍ୟ ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ତହସିଲ କାର୍ଯ୍ୟାଳୟରେ ଭଙ୍ଗାରୁଜା: ୧୬ ଗିରଫ

**ବେଗୁନିଆ,୧୨।୩ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଭଙ୍ଗାରୁଜା ଘଟଣାକୁ ୪୮ ଦିନ ନ ପୂରୁଣୁ ପୁଣି ମଙ୍ଗଳବାର ତହସିଲ ଅଞ୍ଚଳରେ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ନେଇ ଅଭାବନୀୟ ଘଟଣା ଘଟିଛି। ଲୋକେ ତହସିଲ କାର୍ଯ୍ୟାଳୟରେ ପଶି ଆସବାବପତ୍ର ଭାଙ୍ଗି ଦେବା ସହ ତହସିଲଦାରଙ୍କୁ ଧମକଚମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ୧୬ ଜଣଙ୍କୁ ଗିରଫ କରିଛି। କେସ୍ ନଂ. ୪୧/୧୯। ଗିରଫ ୧୬ ଜଣଙ୍କ ମଧ୍ୟରେ ୩ ଜଣ ବୃଦ୍ଧ ଅଛନ୍ତି। ତହସିଲଦାର ବିବେକାନନ୍ଦ ପରିଡାଙ୍କ ଅଭିଯୋଗ ଅନୁସାରେ, କୁରାଡିଲୋ ରାଜସ୍ୱ କାର୍ଯ୍ୟାଳୟ ଅଧୀନ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଗୋଡିପୋଖରୀ ଗ୍ରାମରେ ଜଣେ ବ୍ୟକ୍ତି ଦୀର୍ଘଦିନ ହେଲା ସରକାରୀ ଜମିକୁ ଜବରଦଖଲ କରି ରଖିଛନ୍ତି। ଜମିରୁ ଜବରଦଖଲ ହଟେଇବାକୁ ଉକ୍ତ ଗ୍ରାମର ବହୁବ୍ୟକ୍ତି ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି। ହେଲେ ତହସିଲ ପ୍ରଶାସନ ଶୁଣି ନ ଥିଲା। ପରେ ଲୋକେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସରକାରୀ ଜମିରୁ ଅବରୋଧ ହଟେଇବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

## ୨୩ବର୍ଷରୁ କମ୍ ମହିଳା କ୍ରିକେଟ: ସୁଶ୍ରୀ ଅଧିନାୟିକା

**କଟକ ଅଫିସ,୧୨।୩:** ଆସନ୍ତା ୧୭ରୁ ଗୁଜରାଟର ସୁରଟଠାରେ ଆରମ୍ଭ ହେବ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ । ପ୍ରଥମ ଦିବସରରେ ଓଡ଼ିଶା ଘରୋଇ ଗୁଜରାଟ ଦଳକୁ ଭେଟିବ । ୧୮ ତାରିଖରେ କେରଳ ଓ ୨୧ ତାରିଖରେ ରେଲୱେ ବିପକ୍ଷରେ ମ୍ୟାଚ୍ ଖେଳିବ। ଓଡ଼ିଶା ଏଲିଟ ଗ୍ରୁପ-ଏ ଓ ବିରେ ସ୍ଥାନ ପାଇଛି । ଓଡ଼ିଶା ଦଳ: ସୁଶ୍ରୀ ଦିବ୍ୟଦର୍ଶିନୀ(ଅଧିନାୟିକା), କାଜଲ ଜେନା, ଅଞ୍ଜଳି ସିଂ, ରାଣୀ ଟୁଡୁ, ପୁନମ ନାୟକ, ସୁନୀତା ମୁର୍ମୁ, କୁନି ବଦରା, ରାଜଶ୍ରୀ ସ୍ୱାଇଁ, ରୀମାଲକ୍ଷ୍ମୀ ଏକ୍କା, ଇନ୍ଦ୍ରାଣୀ ଛତ୍ରିଆ, ଲୁଇସା ଦାସ, ବର୍ଷାରାଣୀ ସିଂ, ରଶ୍ମିତା ଚିନ୍ନାରା(ଉଇକେଟ କିପର), ପୁର୍ଣ୍ଣିମା ରାୟ, ମୋନାଲିସା ରାଉତ(ଉଇକେଟ କିପର) । ଇନ୍ଦିରା ନନ୍ଦିନୀ ନାଥ-ମ୍ୟାନେଜର, ଇତିଶ୍ରୀ ପଟ୍ଟନାୟକ-କୋଚ୍, ଅପର୍ଣ୍ଣା ମିଶ୍ର-ଫିଜିଓ, ଶ୍ୱେତା ସାମନ୍ତରାୟ-ଟ୍ରେନର ।

## ପ୍ରମୋଦ, ଅନୁରାଧାଙ୍କୁ ଟାଇଟଲ

**କଟକ ଅଫିସ,୧୨।୩:** ପୁରୀର କିଶୋର କ୍ଲବଠାରେ ୪୦ତମ ରାଜ୍ୟ ବାହୁକୁସ୍ତି ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବର୍ଗରେ ପ୍ରମୋଦ ମୁଖୀ ଚାମ୍ପିୟନ ଅଫ ଚାମ୍ପିୟନ ହୋଇଥିବା ବେଳେ ଅନୁରାଧା ବେହେରା ମହିଳା ବର୍ଗରେ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୁଷ ୫୫ କେଜି ବିଭାଗରେ ଚରଣ ନାୟକ, ୬୦ କେଜି ବିଭାଗରେ କୁନୁ ମୁଖୀ, ୬୫ କେଜି ବିଭାଗରେ ପ୍ରବୀର ଷଡ଼ଙ୍ଗୀ, ୭୦ କେଜି ବିଭାଗରେ କୁନା ମହାନ୍ତି, ୭୫ କେଜି ବିଭାଗରେ ମାନସ ଓଝା, ୮୦ କେଜି ବିଭାଗରେ ସୋମନାଥ ପାତ୍ର, ୮୫ କେଜି ବିଭାଗରେ ପି. ରବି କୁମାର, ୯୦ କେଜି ବିଭାଗରେ ରବୀନ୍ଦ୍ର ବରାଳ, ୧୦୦ କେଜି ବିଭାଗରେ ମହମ୍ମଦ ରାଜ, ୧୧୦ କେଜି ବିଭାଗରେ ପ୍ରମୋଦ ମୁଖୀ, ୧୨୦ କେଜି ବିଭାଗରେ ରଞ୍ଜିତ କୁମାର ସାମଲ, ବାଳକ ୭୦ କେଜି ବିଭାଗରେ ତାପସ ଓଝା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେହିପରି ମହିଳା ୫୦ କେଜି ବିଭାଗରେ ଅନୁରାଧା ବେହେରା, ୬୦ କେଜି ବିଭାଗରେ ଲିଜା ପରିଡ଼ା, ୫୫କେଜି ବିଭାଗରେ ଜସ୍ମିନ ସାୟଦ, ୫୦ କେଜି ବିଭାଗରେ ସୀମା ପରିଡ଼ା ସ୍ୱର୍ଣ୍ଣ ପଦକ ଜିତିଥିଲେ। ବରିଷ୍ଠ ଖେଳାଳିମାନଙ୍କୁ ନେଇ ମାଷ୍ଟର ରାଉଣ୍ଡ ମୁକାବିଲା ହୋଇଥିଲା । ୭୦ କେଜି ମାଷ୍ଟର ବିଭାଗରେ ପ୍ରଶାନ୍ତ କୁମାର ସାହୁ, ୮୦କେଜି ବିଭାଗରେ ଜନ୍ ଦେବାଶିଷ ଦାସ, ୯୦ କେଜି ବିଭାଗରେ ଶଶିକାନ୍ତ ଜେନା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ରାଜ୍ୟ ବାହୁକୁସ୍ତି ସଂଘର ସଭାପତି ପ୍ରଦୀପ୍ତ କୁମାର ଦାସ, ପୁରୀର ପୂର୍ବତନ ନଗରପାଳ ବେଣୁଧର ସେଠୀ ଓ ମହମ୍ମଦ ସାହେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କର୍ପୋରେଟର ସୁଦର୍ଶନ ସାହୁ, ଗୌରାଙ୍ଗ ପାତ୍ର, ଲୋକନାଥ ସାହୁ, ପ୍ରଶାନ୍ତ କୁମାର ସାହୁ, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।





Limited Period Offer | ₹14,999/- Low Down Payment# | upto ₹7,000/- Savings## | ₹0/- Processing Fee*

Apache RTR SERIES RACING DNA UNLEASHED

www.tvsapache.com | For further details please give a missed call to 18003157227 | TVS showrooms are open on Sundays also.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005 ; Udanbandh, Vinit Automobiles, Ph : 7326042333, 7326042335. McCann/Blr/Tvs/340/03/19





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



"ପବିତ୍ର ବାରି କହିଲେ ତୀର୍ଥଜଳ ବା ଗଙ୍ଗାଜଳ ନୁହେଁ, ନୟନର ବାରି ହିଁ ପବିତ୍ର। ଯେ ନେତ୍ର ଜଳରେ ପ୍ରଭୁଙ୍କର ପଦଧୌତକରେ ତା'ର ଜନ୍ମ ଜନ୍ମର ପାପ ଧୋଇ ହୋଇଯାଏ।
- ଠାକୁର ଅଭିରାମ ପରମହଂସ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧା ମୃତ

ବିନିକା,୧୨।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଳି-ନକ୍ଟାମୁଣ୍ଡା ରାସ୍ତାରେ ସୋମବାର ରାତିରେ ବାଇକ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ମହଦା ଗ୍ରାମର ବିଶାଖା ମେହେର(୬୦)। ସିଆଳି ଧନୁଯାତ୍ରାରେ ଚିନାବାଦାମ ବିକ୍ରି କରି ନକ୍ଟାମୁଣ୍ଡାକୁ ଫେରୁଥିବା ବେଳେ ବିଶାଖାଙ୍କୁ ଏକ ସବୁଜ ରଙ୍ଗର ବାଇକ୍ ଧକ୍କା ଦେଇଥିଲା । ଧକ୍କା ଦେବାପରେ ଆରୋହୀ ଦୁର୍ଘଟଣାସ୍ଥଳରେ ବାଇକ୍ ଛାଡି ଫେରାର ହୋଇଯାଇଥିଲେ । ଗାଡିର ନମ୍ବର ହେଲା ଓ.ଆର୍.୧୭ବି-୪୫୧୦। ଖବର ପାଇ ଲଛିପୁର ଫାଣ୍ଡି ପୋଲିସ ଦୁର୍ଘଟଣାରେ ଗୁରୁତର ବୃଦ୍ଧାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ । ମଙ୍ଗଳବାର ବିନିକା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୃଦ୍ଧା ବିଶାଖାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୩୯/୧୯)ରୁଜୁ ହୋଇଛି। ବାଇକ ଛାଡି ଚମ୍ପଟ ମାରିଥିବା ଆରୋହୀଙ୍କୁ ଧରିବା ପାଇଁ ପଦକ୍ଷେପ ନିଆଯାଉଥିବା ଲଛିପୁର ଫାଣ୍ଡି ସବ୍‌ଇନ୍ସପେକ୍ଟର କ୍ଷୀରୋଦ ଚନ୍ଦ୍ର ବାଗ ସୂଚନା ଦେଇଛନ୍ତି। ପ୍ରକାଶଥାଉକି ମୃତା ବିଶାଖା ମେହେର ଚିନାବାଦାମ ବିକ୍ରି କରି ପରିବାର ପୋଷଣ କରୁଥିଲେ। ତାଙ୍କ ଉପରେ ନିର୍ଭର କରୁଥିବା ଦିବ୍ୟାଙ୍ଗ ଝିଅକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

### ସିଆଳି ଧନୁଯାତ୍ରା: ଅକ୍ରୁରଙ୍କ ଗୋପପୁର ଗମନ

ବିନିକା, ୧୨।୩ (ଡି.ଏନ୍.ଏ.): ସୁବର୍ଣପୁର ଜିଲା ସିଆଳି ଯାତ୍ରା ପଡିଆଠାରେ ଚାଲିଥିବା ଧନୁଯାତ୍ରାର ଷଷ୍ଠ ସନ୍ଧ୍ୟାରେ ରାଧାକୃଷ୍ଣଙ୍କ ନାବକେଳି ଓ କଂସଙ୍କ ନିର୍ଦ୍ଦେଶରେ ଅକ୍ରୁର ଗୋପପୁର ଗମନ କରିଛନ୍ତି। ଅକ୍ରୁର ଗୋପପୁର ଯାଉଥିବା ବେଳେ ଯମୁନା ନଦୀରେ କୃଷ୍ଣଙ୍କ ପାଦ ଦର୍ଶନ କରିଛନ୍ତି। ପାଦଧୂଳିକୁ ମୁଣ୍ଡରେ ମାରି ନିଜକୁ ଧନ୍ୟ ମନେ କରୁଛନ୍ତି। ପରେ ନନ୍ଦ ରାଜା ଓ ଯଶୋଦାଙ୍କୁ ସାକ୍ଷାତ କରି କୃଷ୍ଣ ବଳରାମଙ୍କୁ ମଥୁରା ନଗରୀ ଆଣିବା ପାଇଁ ଅନୁରୋଧ କରିବା ଦୃଶ୍ୟ ଅଭିନୀତ ହୋଇଥିଲା।

# ୮୦ହେକ୍ଟର ଜମିକୁ କେନାଲ ପାଣି ଅପହଞ୍ଚ

ବିନିକା, ୧୨।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଖିଦାଦର ଗ୍ରାମର ୫୧କେନାଲ ଆଡିର ତଳମୁଣ୍ଡରେ ରବିଧାନ ଚାଷ କରୁଥିବା ୪୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଖରେ କେନାଲ ପାଣି ପହଞ୍ଚୁନାହିଁ। ଏବେ ରବିଧାନ କ୍ଷେତ ପ୍ରଚୁର ପାଣି ଆବଶ୍ୟକ କରୁଥିବା ବେଳେ ଜଳାଭାବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଚଳିତବର୍ଷ ରାମପୁର-ଅରିଗାଁ ମୁଖ୍ୟ କେନାଲ ୫୧ନଂ ଆଡି ଚାଷୀ ହଜାରହଜାର ଟଙ୍କା ଖର୍ଚ୍ଚ କରି ଧାନଚାଷ କରିଛନ୍ତି। ମାତ୍ର କେନାଲ ପାଣି ନ ପହଞ୍ଚିବାରୁ କେନାଲ ତଳମୁଣ୍ଡ ଚାଷୀଙ୍କ ଫସଲ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଥିବା ନରସିଂହ ଭରାସାଗର, ବେଣୁଧର ନାୟକ, ଯୁଧିଷ୍ଠିର ଭୋଇ, ପ୍ରସାଦୀ ମାଝୀ, କୃପାସିନ୍ଧୁ ଭୂଏ, ଦୟାନିଧି ଭୂଏ, ବୃନ୍ଦାବନ ବୁଡେକ, କଳଦାର ଭୂଏ, ମିଠୁ ରଣା, ବାଞ୍ଛାଧର ବାଘ ପ୍ରମୁଖ ଚାଷୀ କହିଛନ୍ତି। ସେମାନେ ଉଭୟ ଖରିଫ ଓ ରବି ଫସଲ ପାଇଁ ଜଳକର ବି ଦେଉଥିଲେ ବି କାହିଁକି ପାଣି ଦିଆ ଯାଉନାହିଁ ବୋଲି ସେମାନେ ଓଲଟା ପ୍ରଶ୍ନ କରିଛନ୍ତି। ଆଗକୁ ଏହି କ୍ରସବନ୍ଧ ନ ହଟିଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ କେନାଲ ବିଭାଗ କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ହାଁସଦା ଚାଷୀଙ୍କ ଯୁକ୍ତିକୁ ନିୟମ ଉଲ୍ଲଂଘନ ବୋଲି ଦର୍ଶାଇଛନ୍ତି। ତାଙ୍କ କହିବା ମୁତାବକ ୫୧କେନାଲ ଆଡି ତଳମୁଣ୍ଡକୁ ପାଣି ଯିବା ପ୍ରୋଭିଜନ ନାହିଁ । ଏଥିପାଇଁ ଯଥେଷ୍ଟ ପୂର୍ବରୁ ତଳମୁଣ୍ଡ ଚାଷୀଙ୍କୁ ରବିଧାନ ଚାଷ ନ କରିବାକୁ କୁହାଯାଉଛି। ମାତ୍ର ତଳମୁଣ୍ଡ ଚାଷୀ ଏହାକୁ ମାନୁ ନାହାନ୍ତି ଓ ଚାଷ କରି କ୍ଷତିରେ ପଡୁଛନ୍ତି ବୋଲି କହିଛନ୍ତି। ତେବେ ଏ ନେଇ ଆଲୋଚନା ଚାଲିଛି, ଆଗାମୀ ଆର୍ଥିକ ବର୍ଷରେ କିଭଳି ଭାବେ କେନାଲ ପାଣି ତଳମୁଣ୍ଡକୁ ଯାଇ ପାରିବ ତାହାର ସମୀକ୍ଷା କରାଯାଉଛି ବୋଲି କହିଥିଲେ ।



ବିଭାଗ ପକ୍ଷରୁ କେନାଲରେ ବନ୍ଧ ପକାଇ ଦିଆଯାଇଛି।

# ସୁବର୍ଣ୍ଣପୁର ଜିଲା : ଏଥର ୩୨୫୬ ଦିବ୍ୟାଙ୍ଗ ଭୋଟର

ସୋନପୁର,୧୨।୩(ନି.ପ୍ର)

- ନେବା ଆଣିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
- ୬୩ ବୁଥ୍‌ରେ ୱେବ୍ କାଷ୍ଟିଂ, ୧୮ ବୁଥ୍‌ରେ ସିସିଟିଭି

ଏପ୍ରିଲ ୧୮ ଦ୍ୱିତୀୟ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲାରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପ୍ରଶାସନ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଉଦ୍ୟମ କରୁଛି। ମଙ୍ଗଳବାର ସୁବର୍ଣ୍ଣପୁର ଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ନିର୍ବାଚନରେ ଜିଲାରେ ୭୮% ମତଦାନ ହୋଇଥିଲା। ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି କରିବାକୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ଜିଲାପାଳ କହିଥିଲେ। ଭାରତର ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦିବ୍ୟାଙ୍ଗ ମତଦାତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜିଲାର ୩୨୫୬ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଛି। ଦିବ୍ୟାଙ୍ଗ ମତଦାତାଙ୍କୁ ଘରୁ ନେବା ଆଣିବା ପାଇଁ ବ୍ୟବସ୍ଥା କରାଯିବ। ଆବଶ୍ୟକସ୍ଥଳେ ୧୮ ବର୍ଷରୁ କମ୍ ବୟସର ସ୍ୱେଚ୍ଛାସେବୀ ସବୁ ବୁଥ୍‌ରେ ଦିବ୍ୟାଙ୍ଗ ମତଦାତାଙ୍କୁ ମତଦାନରେ ସହଯୋଗ କରିବେ। ଏଥିସହକାରେ ବୁଥ୍ ଗୁଡିକରେ ର୍‍ୟାମ୍ପ ନିର୍ମାଣକୁ ତ୍ୱରାନ୍ୱିତ କରାଯାଇଛି। ୫୮୬ଟି ବୁଥ୍‌ରୁ ୯୦ ପ୍ରତିଶତ ବୁଥ୍‌ରେ ର୍‍ୟାମ୍ପ ଅଛି । ବାକି ବୁଥଗୁଡିକରେ ନିର୍ବାଚନ ପୂର୍ବରୁ ର୍‍ୟାମ୍ପ ନିର୍ମାଣ ସରିବ। ସେହିପରି ବୁଥଗୁଡିକରେ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ମତଦାନର ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଜିଲାର ୬୩ଟି ବୁଥ୍‌ରେ ୱେବ କାଷ୍ଟିଂ କରାଯିବ। ସେହିପରି ୧୮ଟି ଅଧିକ ସମ୍ବେଦନଶୀଳ ବୁଥ୍‌ରେ ସିସିଟିଭି ଲଗାଯିବ। ୨୦ଟି ବୁଥ୍‌ରେ ମାଇକ୍ରୋ ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ। ଲୋକଙ୍କ ସୁବିଧା ପାଇଁ ଜିଲା କଲ କେନ୍ଦ୍ର ଖୋଲାଯାଇଛି। ଟୋଲ ଫ୍ରି ନମ୍ବର ୦୬୬୫୪-୧୯୫୦ରେ ଜନସାଧାରଣ ଆପତ୍ତି ଅଭିଯୋଗ ଜଣାଇବା ସହ ନିଜର ପ୍ରଶ୍ନ ପଚାରି ପାରିବେ। ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା, ଡେପୁଟି କଲେକ୍ଟର ସୀତାରା ଜାହାଁ, ସୂର୍ଯ୍ୟାଂଶୁ ରୁଟ୍ ଓ ସହକାରୀ ଜିଲାପାଳ ନିର୍ବାଚନ ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### କୃଷକ ସଂଗଠନର ବନ୍ଦ ଡାକରା ବିଫଳ ହେବା ଘଟଣା

# ପୋଲିସ ଗିରଫଦାରୀକୁ ନିନ୍ଦା

ସୋନପୁର,୧୨।୩(ନି.ପ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷକ ବିକାଶ ପରିଷଦର କର୍ମକର୍ତ୍ତାଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିବା ଘଟଣାକୁ ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ସମନ୍ୱୟ ସମିତି ନିନ୍ଦା କରିଛି। ପୋଲିସର ପଦକ୍ଷେପ କୃଷକଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରିଛି। ଏକ ଅଣ ରାଜନୈତିକ ସଂଗଠନର ଯୁକ୍ତି ସଙ୍ଗତ ଆନ୍ଦୋଳନକୁ ନିର୍ବାଚନ ଆଚରଣ ବିଧିର ଆଳ ଦେଖାଇ ଭଣ୍ଡୁର କରିବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ବୋଲି କୃଷକ ବିକାଶ ସମନ୍ୱୟ ସମିତି ପକ୍ଷରୁ ସୋନପୁରଠାରେ ଏକ ଖବରଦାତା ସମ୍ମିଳନୀରେ ମଙ୍ଗଳବାର ଅଭିଯୋଗ କରାଯାଇଛି। ସମିତିର ଜିଲା ସଭାପତି ଆଇନଜୀବୀ ରାଜେନ୍ଦ୍ର କୁମାର ନାୟକ କହିଛନ୍ତି ଯେ, କୃଷି ଓ କୃଷକଙ୍କ ସମସ୍ୟା ସମ୍ପର୍କିତ ୪ଦଫା ଦାବି ନେଇ ବୀରମହାରାଜପୁର କୃଷକ ବିକାଶ ପରିଷଦ ପକ୍ଷରୁ ଗତ ସୋମବାର ୧୨ଘଣ୍ଟିଆ ବୀରମହାରାଜପୁର ବନ୍ଦ ଡାକରା ଦିଆଯାଇଥିଲା। ହରିହର ଯୋର ମୁଖ୍ୟ କେନାଲ ନିର୍ମାଣ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ, ଜମିକୁ ଜଳ ଯୋଗାଣ ନକରି ଜଳକର ଆଦାୟ ବନ୍ଦ କରିବା, ଚାଷୀଙ୍କ ନାମରେ ଥିବା ମାମଲା ପ୍ରତ୍ୟାହାର, ହରିହର ଯୋର ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ ନିର୍ମାଣ କରି ଚାଷଜମିକୁ ଜଳସେଚିତ କରିବା ଓ ମରୁଡି, ଚକଡା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଶାସନ ସହାୟତା ରାଶି ତୁରନ୍ତ ପ୍ରଦାନ ପାଇଁ ସମିତି ପକ୍ଷରୁ ଦାବି ହୋଇଥିଲା। ଏ ସମ୍ପର୍କରେ ଉପଜିଲାପାଳ ଓ ଥାନା ଅଧିକାରୀଙ୍କୁ ସଂଗଠନ ପକ୍ଷରୁ ପୂର୍ବରୁ ଲିଖିତ ଭାବେ ଜଣାଯାଇଥିଲା। ପ୍ରଶାସନ ପକ୍ଷରୁ ଦାବିଗୁଡିକ ପୂରଣ କରାଯାଇ ନ ଥିଲା। ଅନ୍ୟପକ୍ଷେ ସୋମବାର ସକାଳେ ସଂଗଠନର କର୍ମକର୍ତ୍ତାମାନଙ୍କ ସମେତ କିଛି ଆନ୍ଦୋଳନକାରୀ ସ୍ଥାନୀୟ ମୁଖ୍ୟ ଛକଠାରେ ରାସ୍ତା ଅବରୋଧ କରିବା ପାଇଁ ପ୍ରସ୍ତୁତି ଚଳାଇ ଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିବା ସହିତ ପରବର୍ତ୍ତୀ ସମୟରେ ପିଆର ବଣ୍ଡରେ ଛାଡିଥିଲା। ଫଳରେ ବନ୍ଦର କୌଣସି ପ୍ରଭାବ ପଡି ନ ଥିଲା। ଖବରଦାତା ସମ୍ମିଳନୀରେ ଜିଲା କୃଷକ ବିକାଶ ସମନ୍ୱୟ ସମିତି ଉପସଭାପତି ବୈକୁଣ୍ଠ ଶତପଥୀ, କୃଷକ ବିକାଶ ପରିଷଦ ବୀରମହାରାଜପୁରର ସଭାପତି ପ୍ରଦୀପ ସ୍ୱାଇଁ, ସମ୍ପାଦକ ରାଜେନ୍ଦ୍ର ପଧାନ, ଉଲୁଣ୍ଡା ବ୍ଲକ ସ୍ତରୀୟ କୃଷକ ସଂଗଠନ ସମନ୍ୱୟ ସମିତିର ସମ୍ପାଦକ ସତ୍ୟନାରାୟଣ ପଧାନ ଓ ଉପସଭାପତି ସୁଧୀର କୁମାର ବଘାର ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କୃଷକ ସଂଗଠନର ନେତୃବୃନ୍ଦ ।

### ବୋଲେରୋ ଧକ୍କାରେ ଜଣେ ମୃତ

ଉଲୁଣ୍ଡା, ୧୨।୩(ଡି.ଏନ.ଏ.)

ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ଏସ. ପତ୍ରାପାଲିଠାରେ ବୋଲେରୋ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଏସ.ପତ୍ରାପାଲି ପଞ୍ଚାୟତ ଅନ୍ତର୍ଗତ ଅରଖମୁଣ୍ଡା ଗ୍ରାମର ନୁଆସ ରୁଗୁନ(୬୦)। ସୂଚନା ଅନୁସାରେ ନୁଆସ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୯ ଟାରେ ପଞ୍ଚାୟତକୁ ଚାଉଳ ନେବାକୁ ଆସୁଥିଲେ। ଏହି ସମୟରେ ସମ୍ବଲପୁର ପଟରୁ ଆସୁଥିବା ଏକ ବୋଲେରୋ (ଓଆର ୧୬ ଇ୧୭୮୬) ତାଙ୍କୁ ଉପରୋକ୍ତ ସ୍ଥାନରେ ଧକ୍କାଦେଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଅଘାତ ଲାଗିଥିଲା। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ବୁର୍ଲା ଦାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ବୁର୍ଲା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୨୨୩/୧୯ ) ରୁଜୁ କରିଛି। ବୁଧବାର ମଅତଦେହ ବ୍ୟବଛେଦ କରାଯିବ ବୋଲି ଫାଣ୍ଡି ତରଫରୁ ସୂଚନା ମିଳିଛି। ଉଲୁଣ୍ଡା ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ମେଟାକାନିଠାରୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର ଥିବା ଆଇଆଇସି ବିଧୁଭୂଷଣ ପୁଟା ସୂଚନା ଦେଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

### ଡୁଙ୍ଗୁରିପାଲି: ବିଭିନ୍ନ ସ୍ଥାନରୁ ହଟିଲା ବ୍ୟାନର, ହୋର୍ଡିଂ

ଡୁଙ୍ଗୁରିପାଲି, ୧୨।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଫଳରେ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ସ୍ଥାନମାନଙ୍କରେ ଲାଗିଥିବା ରାଜନୈତିକ ନେତୃବୃନ୍ଦଙ୍କ ଫଟୋ ଥିବା ବ୍ୟାନର, ପୋଷ୍ଟର ହୋର୍ଡିଂ ସବୁକୁ ବ୍ଲକ ପ୍ରଶାସନ ପକ୍ଷରୁ ହଟାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ସହଦେବ ସମାଧିଆଙ୍କ ନେତୃତ୍ୱରେ ମଙ୍ଗଳବାର ଡୁଙ୍ଗୁରିପାଲି ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ବ୍ଲକ କର୍ମଚାରୀମାନେ ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ, ବ୍ଲକ ପରିସର, ସହଲା କେନାଲ ଛକ, ଆରଏମସି ଛକ, ଦୈନିକ ବଜାରରେ ଲାଗିଥିବା ହୋର୍ଡିଂକୁ ହଟାଇ ଦିଆଯାଇଛି । ଏପରିକି ବ୍ଲକ ଅଧିକାରୀମାନେ ବିଭିନ୍ନ ପଞ୍ଚାୟତକୁ ଯାଇ ସେଠାରେ ଲାଗିଥିବା ପୋଷ୍ଟର, ହୋର୍ଡିଂକୁ ହଟାଇଥିଲେ।

### ଘରଡିହ ପଟ୍ଟା ମିଳିବାରେ ବିଳମ୍ବ

# ମ୍ୟୁନିସିପାଲିଟି ଅଫିସ ଫାଟକରେ ତାଲା ପକାଇଲେ ମହିଳା



ଭୂମିହୀନ ପରିବାରର ମହିଳାମାନେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଫିସ ଫାଟକରେ ତାଲା ପକାଇଛନ୍ତି ।

ସୋନପୁର,୧୨।୩(ନି.ପ୍ର)

ସହରରେ ରହୁଥିବା ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରାଯିବନି । ଜାଗା ମିଶନରେ ସେମାନଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ କରାଯିବ। ତେବେ ଏହି ପଟ୍ଟା ପ୍ରଦାନରେ ବିଳମ୍ବ ହେଉଛି । ମ୍ୟୁନିସିପାଲିଟିର ୯ ନଂ ଓ ୧୦ ନଂ ୱାର୍ଡର ମହିଳା ଏ ସମ୍ପର୍କରେ ସୋମବାର ଇଓ ଅଶୋକ କୁମାର ମିଶ୍ରଙ୍କୁ ପଚାରିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଏବେ ପଟ୍ଟା ବଣ୍ଟନ ସମ୍ଭବ ନୁହେଁ ବୋଲି ମିଶ୍ର କହିଥିଲେ। ତେବେ ରାତିରେ ଅନ୍ୟ ୱାର୍ଡର ଭୂମିହୀନଙ୍କୁ ପଟ୍ଟା ଦିଆଯାଇଥିବା ଅଭିଯୋଗ କରି ଖଦାଳପଡାର ମହିଳାମାନେ ମଙ୍ଗଳବାର ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ହୋହାଲ୍ଲା କରିଥିଲେ। ଏପରିକି ମୁଖ୍ୟ ଫାଟକରେ ତାଲା ପକାଇ କୈଫିୟତ ଚାହିଁଥିଲେ। ନିର୍ବାହୀ ଅଧିକାରୀ ଆନ୍ଦୋଳନକାରୀ ମହିଳାଙ୍କ ସହିତ ଆଲୋଚନା କରିବା ପରେ ତାଲା ଖୋଲିଥିଲା। ପରେ ଆନ୍ଦୋଳନକାରୀ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact:
9438668573

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ସିଟି ଫାଇନାନ୍ସ ଲି଼
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବ ନ୍ଦ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

MORE SPACE • SAME PRICE


| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra


MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନିର୍ବାଚନ ଆଚରଣବିଧି ଲାଗୁ: ହଟିଲା ବ୍ୟାନର

**ବରପାଲି, ୧୨।୩ (ଡି.ଏନ.ଏ.)-** ରବିବାର ନିର୍ବାଚନ ତାରିଖ ଘୋଷଣା ସହ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଫଳରେ ବରପାଲି ଅଞ୍ଚଳର ରାସ୍ତା କଡରେ ଲାଗିଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲାଗିଥିବା ହୋର୍ଡିଂ, ବ୍ୟାନର ଆଦି ଖୋଲି ଦିଆଯାଇଛି। ଏପରି କି ପ୍ରଶାସନ ପକ୍ଷରୁ ବରପାଲି ଏନ୍‌ଏସି ତତ୍ତ୍ୱାବଧାନରେ ଥିବା ସମସ୍ତ ହୋର୍ଡିଂ ଏବଂ ପୋଷ୍ଟରଗୁଡିକ ସୋମବାର ସନ୍ଧ୍ୟାରେ ହଟାଇ ଦିଆଯାଇଛି।

### ହରଭଙ୍ଗା ବାର୍ ଆସୋସିଏଶନର ନୂତନ ସଂଘ ଗଠିତ

**ପଲସାଗୋରା, ୧୨।୩(ଡି.ଏନ୍.ଏ.)-** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକଠାରେ ନୂତନ ବାର ଆସୋସିଏଶନ ସଂଘ ସଭାପତି ଅକ୍ଷୟ ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଭାବେ ଅକ୍ଷୟ ସାହୁ, ଉପ ସଭାପତି ଭାବେ ରବୀନ୍ଦ୍ର ପ୍ରଧାନ, ସମ୍ପାଦକ ରଞ୍ଜିତ ପ୍ରଧାନ, ସହ ସମ୍ପାଦକ ନିକୁଞ୍ଜ ମାଧବ ପ୍ରଧାନ, କୋଷାଧକ୍ଷ ଦିଲୀପ ପଲ୍ଲିଆ, ଲାଇବ୍ରେରିଆନ ସୁଶାନ୍ତ ମାଝି ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରସନ୍ନ ପ୍ରଧାନ, ରାଜ କିଶୋର ଅଗ୍ରୱାଲ, ବିଶ୍ୱଜିତ ମିଶ୍ର, କ୍ଷୀରୋଦ ପାତ୍ର, ବିକାଶ ଚନ୍ଦ୍ର ବେହେରା, ଦିଲୀପ ଧଳ ପ୍ରମୁଖ ଆସୋସିଏଶନର ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଚାରିଛକରେ ଏକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଖୋଲିବାକୁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଦାବି କରାଯାଇଥିଲା।

### ଷୋହଳ ପ୍ରହର ନାମଯଜ୍ଞ

**ଝାରବନ୍ଧ, ୧୨।୩ (ଡି.ଏନ.ଏ.)-** ଝାରବନ୍ଧ ବ୍ଲକ ବିଲାସପୁରଠାରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍କିନ୍ଦା, କିଷ୍ଟା, ରେମଡା, ଛାନ୍ଦନପୁର, ବିଲାସପୁର ଓ ଧଉରାଭଟା ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଥିଲେ। କର୍ତ୍ତାଭାବେ ଅକ୍ଷୟ ପ୍ରଧାନ ଓ ତାଙ୍କ ସ୍ତ୍ରୀ ହୀରାବତୀ ପ୍ରଧାନ ପୂଜା କାର୍ଯ୍ୟ ତୁଲାଇ ଥିଲେ। ପୂଜକ ଝସକେତନ ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଗୁଣନିଧି ଏଣ୍ଡଜା, ତୁଳାରାମ ଭୋଇ, ରକ୍ମଣ ରଣା, ଫେକନ ନାଏକଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଏପରି କି ଗ୍ରାମବାସୀ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଅର୍ଣ୍ଣ ଭୋଗର ବ୍ୟବସ୍ଥା କରାଯାଇଥିଲା।

### ଭାଜପା ଛାଡ଼ିଲେ ସଞ୍ଜୁଲତା

**ବରଗଡ଼ ଅଫିସ, ୧୨।୩-** ଆଉ ମାସକ ପରେ ସାଧାରଣ ନିର୍ବାଚନ। ଗତ ବିଜେପୁର ଉପନିର୍ବାଚନ ଭଳି ଆସନ୍ତା ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଭାଜପାକୁ ଝଟ୍‌କା ଲାଗିବା ଆରମ୍ଭ ହୋଇଯାଇଛି। ମଙ୍ଗଳବାର ବରଗଡ଼ ଜିଲା ଭାଜପା ଜିଲା ସମ୍ପାଦିକା ସଞ୍ଜୁଲତା ଶତପଥୀ ତାଙ୍କ ପଦବୀ ସମେତ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜିଲା ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏ ସମ୍ପର୍କରେ ଭାଜପାର ବରଗଡ଼ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁଙ୍କୁ ପଚାରିବାରୁ ଶାରୀରିକ ଅସୁସ୍ଥତା ଯୋଗୁ ଦଳ ପାଇଁ ସମୟ ଦେଇ ପାରୁ ନ ଥିବା ଯୋଗୁ ସଞ୍ଜୁଲତା ଦଳ ଛାଡୁଥିବା କହିଛନ୍ତି।

■ ଦାଦନ ଦୁଃଖ

# ଛତିଶଗଡ଼ର ଶ୍ରମିକ ବରଗଡ଼ରୁ ଉଦ୍ଧାର

**ବରଗଡ଼ ଅଫିସ, ୧୨।୩**

ବରଗଡ଼ ଜିଲାରୁ ଜିଲା ତଥା ରାଜ୍ୟ ବାହାରକୁ ଶ୍ରମିକମାନେ ଦାଦନ ଖଟିବାକୁ ଯିବା ସାଧାରଣରେ ପରିଣତ ହୋଇଛି। ଅନ୍ୟପଟେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ବରଗଡ଼ ଜିଲାକୁ ଦାଦନ ଖଟିବାକୁ ଆସି ଶ୍ରମିକମାନେ ଏଠାରେ ଜଣେ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧାପଡ଼ି ନିର୍ଯାତିତ ହେବା ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ଛତିଶଗଡ଼ର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ପାଖରୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସମ୍ପୃକ୍ତ ଶ୍ରମିକମାନେ ସେମାନଙ୍କ ଘରକୁ ଫେରିଛନ୍ତି। ପ୍ରକାଶ ଯେ, ଗତ ଅକ୍ଟୋବର ମାସରୁ ଛତିଶଗଡ଼ ରାଜ୍ୟ ଚାମ୍ପା ଜାଞ୍ଜଗିର ଜିଲା ହସୌଦ ଥାନା ହରେଠୀକେଲା ଗ୍ରାମର ୫ ପରିବାରର ୧୪ଜଣ ୨ଦାଦନ ଦଲାଲଙ୍କ ପ୍ରଲୋଭନରେ ଇଟା ଗଢ଼ିବାକୁ ବରଗଡ଼ ସଦର ଥାନା ଅନ୍ତର୍ଗତ ଗୁଡ଼େଶିରା ନିକଟ ଏକ ଇଟାଭାଟିକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ଶିବନାଥ(୪୬), ସ୍ତ୍ରୀ ଶ୍ୟାମବାଇ(୪୦), ବିନୋଦ(୨୨),



ଶ୍ରମିକଙ୍କୁ ଉଦ୍ଧାର ପାଇଁ ଆସିଥିବା ସ୍ୱେଚ୍ଛାସେବୀମାନେ ବରଗଡ଼ ଜିଲାପାଳ ଅଫିସରେ।

ସ୍ତ୍ରୀ ରାଗିଣୀ(୧୯), ରାଜକୁମର(୫୨), ସ୍ତ୍ରୀ ଗଙ୍ଗାବାଇ(୪୮), ନରେଶ(୧୮), ବଡ଼ଭାଇ ପ୍ରକାଶ(୨୫), ପ୍ରକାଶଙ୍କ ସ୍ତ୍ରୀ ପୂଜା(୨୧), ଶିଶୁକନ୍ୟା ପିଙ୍କି(୧), ବିକ୍ରମ(୩୬), ସ୍ତ୍ରୀ କଞ୍ଚନ(୩୨), ଝିଅ ମଧୁ(୫), ପୁଅ ଲକ୍ଷ୍ମଣ(୨) ପ୍ରମୁଖ ରହିଥିଲେ। ତେବେ ପ୍ରତି ଏକ ହଜାର ଇଟା ଗଢ଼ିବା ବାବଦକୁ ୫୫୦ ଟଙ୍କା ଲେଖାଏଁ

- ■ଇଟାଭାଟି ମାଲିକଙ୍କ ପାଖରେ ବନ୍ଧା ପଡ଼ିଥିଲେ
- ■ସ୍ୱେଚ୍ଛାସେବୀ ସଂଗଠନ, ପ୍ରଶାସନର ହସ୍ତକ୍ଷେପ
- ■୫ମାସ ପରେ ମୁକ୍ତ ହୋଇ ଘରକୁ ଫେରିଲେ

ଦିଆଯିବ ବୋଲି କହି ଇଟାଭାଟି ମାଲିକ ଓ ସମ୍ପୃକ୍ତ ଦଲାଲ ସେମାନଙ୍କୁ ଆଣିଥିଲେ ହେଁ ପରବର୍ତ୍ତୀ ସମୟରେ ସେହି ହାରରେ ଶ୍ରମିକମାନଙ୍କୁ ପ୍ରାପ୍ୟ ପ୍ରଦାନ କରି ନ ଥିଲେ। ପ୍ରାପ୍ୟ ମାଗିଲେ କୁଆଡ଼େ ଇଟାଭାଟି ମାଲିକ ରହିବା, ଖାଇବାରେ ବାଧା ସୃଷ୍ଟି କରି ମାନସିକ ନିର୍ଯାତନା ଦେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏପରି କି ଶ୍ରମିକମାନେ ତାଙ୍କ ଘର ଫେରି ଯିବାନେଇ ଇଟାଭାଟି ମାଲିକଙ୍କ ନିକଟରେ କାକୁତିମିନତି ହେଲେ ମଧ ସେଠାରୁ ସେମାନଙ୍କୁ ଘରକୁ ଯିବା ପାଇଁ ମଧ୍ୟ ଛଡ଼ା ଯାଇ ନ ଥିଲା। ତେବେ କୌଶଳ କ୍ରମେ ବନ୍ଧା ପଡ଼ିଥିବା ଶ୍ରମିକଙ୍କ ମଧ୍ୟରୁ ଜଣେ ଖସି ଆସି ଘରକୁ ଯାଇଥିଲେ। ସେଠାରେ ଏକ ସ୍ୱେଚ୍ଛାସେବୀ ସଂଗଠନ ଜନ ଜାଗରଣ ମଜଦୁର ଅଧିକାର ମଞ୍ଚ ଓ ଜନ ଜାଗୃତି କେନ୍ଦ୍ରକୁ ଘଟଣା ସମ୍ପର୍କରେ କହିଥିଲେ। ପରେ ସମ୍ପୃକ୍ତ ସଂଗଠନର ସ୍ୱେଚ୍ଛାସେବୀ ବିମଳା ମହାନ୍ତି, ଖେମଲାଲ ଖଟାଜୀ, ମନୀଷା କୁଅଁର, ରାଜେଶ ଲହରା ପ୍ରମୁଖ ସେଠାକାର ପ୍ରଶାସନକୁ ଅବଗତ କରିବା ସହିତ ମଙ୍ଗଳବାର ବରଗଡ଼ ଆସି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟିଥିଲେ। ପ୍ରଶାସନ ପକ୍ଷରୁ ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଶ୍ରମିକମାନେ ସ୍ୱେଚ୍ଛାସେବୀଙ୍କ ଗହଣରେ ଘରକୁ ଫେରିଥିଲେ।

### ୧୪ରୁ କଣ୍ଟାମାଳରେ ଭାଗବତ ପାରାୟଣ, ପ୍ରବଚନ

**ପଲସାଗୋରା, ୧୨।୩(ଡି.ଏନ୍.ଏ.)–** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ରାମ ଚରିତ ମାନସ ଭକ୍ତବୃନ୍ଦଙ୍କ ଦ୍ୱାରା କଣ୍ଟାମାଳ ବ୍ଲକ ଦୁର୍ଗାପୂଜା ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଦ୍ୱାଦଶ ସ୍କନ୍ଦ ଭାଗବତ ପାରାୟଣ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ୧୦ ଦିନ ଧରି ହେବାକୁ ଥିବା ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ଫାଲ୍‌ଗୁନ ଶୁକ୍ଳପକ୍ଷ ଅଷ୍ଟମୀ ୧୪ତାରିଖରୁ ଆରମ୍ଭ ହୋଇ ୨୩ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟ ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ୧୪ତାରିଖ ସକାଳ ୭ଟାରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ୧୦ଟାରୁ ୨ଟା ପର୍ଯ୍ୟନ୍ତ ପାରାୟଣ ଏବଂ ସନ୍ଧ୍ୟା ସାଢେ ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଦ୍ୱାଦଶ ସ୍କନ୍ଦ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ପ୍ରବଚକ ଭାବେ ମାନସ କଳ୍ପତରୁ ପଣ୍ଡିତ, ଉମାକାନ୍ତ ମହାପାତ୍ର ପ୍ରବଚନ ଦେବା ନେଇ ସ୍ଥିରୀକୃତ ହୋଇଛି। ସେହିପରି ସୋନପୁର ଜିଲା ତେଲେଣ୍ଡାର ଗୋବର୍ଦ୍ଧନ ମିଶ୍ର, ଅଙ୍ଗଁଳାସାରିର ଶୁଭମ ପାଣିଗ୍ରାହୀ ପ୍ରମୁଖ ବ୍ୟାସ ଭାବେ ଯୋଗଦେବେ ବୋଲି ଆୟୋଜକ ପକ୍ଷରୁ ସମ୍ପାଦକ ଦାମୋଦର ସ୍ୱାଇଁ ପ୍ରକାଶ କରିଛନ୍ତି। ୧୦ ଦିନ ଧରି ହେବାକୁ ଥିବା ଏହି ପ୍ରବଚନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ କରିବାକୁ ଆୟୋଜକଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ: ଚାଳକ ଗିରଫ

**ବୌଦ୍ଧ/ପୁରୁଣାକଟକ, ୧୨।୩ (ସ୍ୱ.ପ୍ର./ଡି.ଏନ୍.ଏ.)**

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ୫୭ ଜାତୀୟ ରାଜପଥ ଆଡେଣିଗଡ଼ ଫାଣ୍ଡି ସମ୍ମୁଖରେ ମଙ୍ଗଳବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଘମାରୀ ଗ୍ରାମର ଶ୍ୟାମଘନ ନାଏକ (୬୫)। ମିଳିଥିବା ସୂଚନା ମୁତାବକ କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ଦେବାଶିଷ ନାୟକ(୧୯) ଏକ ବାଇକ୍ ଯୋଗେ ପୁରୁଣାକଟକର ଶରଧାପୁର ଗ୍ରାମକୁ ଆସୁଥିଲେ। ଆଡେଣିଗଡ଼ ଫାଣ୍ଡି ସମ୍ମୁଖରେ ଦେବାଶିଷ ବାଇକ୍‌ରୁ ଭାରସାମ୍ୟ ହରାଇ ରାସ୍ତାରେ ଶ୍ୟାମଘନଙ୍କୁ ଧକ୍କା ଦେଇଥିଲେ। ଫଳରେ ଶ୍ୟାମଘନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୁରୁଣାକଟକ ପୋଲିସ ଏକ ମାମଲ(ନଂ.୪୧/୧୯) ରୁଜୁ କରି ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରିବା ସହିତ ଚାଳକକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ଜଳାଶୟ ପୋତୁଛନ୍ତି କାରଖାନା କର୍ତ୍ତୃପକ୍ଷ

**ବରଗଡ଼ ଅଫିସ, ୧୨।୩**

ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା ସିମେଣ୍ଟନଗର ନିକଟ ଏକ ଜଳାଶୟ ପିପିଲିପାଲି କଁଟାକୁ ମାଟି ପକାଇ ପୋତି ଦେଉଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ ଶରଦ କୁମାର ଅଦାବର, ଜିଲା ପରିଷଦ ସଭ୍ୟ ଶଙ୍କର ଖାଲକୋ ପ୍ରମୁଖ ବରଗଡ଼ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଏପରି କି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି କାରଖାନା କର୍ତ୍ତୃପକ୍ଷଙ୍କ ବେଆଇନ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ। ପ୍ରକାଶ ଯେ, ଉକ୍ତ ଜଳାଶୟକୁ ପୂର୍ବରୁ ଲିଜ୍ ସୂତ୍ରରେ କାରଖାନାକୁ ଦିଆଯାଇଥିଲା। ଲିଜ୍ ପରେ କାରଖାନା କର୍ତ୍ତୃପକ୍ଷ ଉକ୍ତ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଜନ ପ୍ରତିନିଧିମାନେ।

ଜଳାଶୟର ରକ୍ଷଣାବେକ୍ଷଣ ସହିତ ବୋଲି ସର୍ତ୍ତ ରଖାଯାଇଥିଲା। କେବଳ ପାଣି ବ୍ୟବହାର କରିବେ ସେହିପରି ଜନ ସାଧାରଣ ସ୍ନାନ, ଚାଷ ଓ ନିତ୍ୟ ବ୍ୟବହାର୍ଯ୍ୟ କାମ ପାଇଁ ଜଳାଶୟ ପାଣି ବ୍ୟବହାର କରି ପାରିବେ ବୋଲି ସେହି ସର୍ତ୍ତରେ ଉଲ୍ଲେଖିତ ରହିଥିଲା। ମାତ୍ର କାରଖାନା କର୍ତ୍ତୃପକ୍ଷ ସର୍ତ୍ତ ଉଲ୍ଲଂଘନ କରି ଜଳାଶୟକୁ ପୋତି ଦେଉଥିବା ସ୍ଥାନୀୟ ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଫଳରେ ଜଳାଶୟର ପୁନରୁଦ୍ଧାର ସହିତ କାରଖାନା କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ନେବାକୁ ଜନପ୍ରତିନିଧି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

- ■କାରଖାନା କର୍ତ୍ତୃପକ୍ଷଙ୍କ ସର୍ତ୍ତ ଖିଲାପ
- ■ଜିଲାପାଳଙ୍କୁ ଜନ ପ୍ରତିନିଧି ଫେରାଦ
- ■ପୁନରୁଦ୍ଧାର ପାଇଁ ନିବେଦନ

## ୪ ଦିନ ହେଲା ଜଳ ଯୋଗାଣ ବନ୍ଦ

**ପୁରୁଣାକଟକ, ୧୨।୩ (ଡି.ଏନ.ଏ.)**

**ପାଣି ପାଇଁ ଲୋକେ ଡହଳବିକଳ**

ବୌଦ୍ଧ ଜିଲା ପୁରୁଣାକଟକରେ ୪ ଦିନ ହେଲା ଜଳଯୋଗାଣ ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ଓ ପରିମଳ ବିଭାଗ ପକ୍ଷରୁ ପୁରୁଣାକଟରେ ପାନୀୟଜଳ ଯୋଗାଇ ଦିଆଯାଉଛି। ହେଲେ ବିଭିନ୍ନ ସ୍ଥାନରେ ପାଇପ୍ ଯାଇଥିବା ବେଳେ ଏହା ମରାମତି କରା ନ ଯାଇ ଜଳଯୋଗାଣକୁ ବନ୍ଦ କରି ଦିଆଯାଇଛି। ପାଇପ୍ ପାଣି ଉପରେ ନିର୍ଭର କରୁଥିବା ପ୍ରାୟ ୩ ହଜାର ଲୋକ ପାଣି ପାଇଁ ଡହଳବିକଳ ହେଉଛନ୍ତି। ବର୍ତ୍ତମାନ ଦିନକୁ ଦିନ ତାପମାତ୍ର ବଢୁଥିବା ବେଳେ ପାନୀୟଜଳ ସମସ୍ୟା ନେଇ ଲୋକେ ଚିନ୍ତାରେ ପଡିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି କାଲସାଏଙ୍କୁ ପଚାରିବାରୁ ଖୁବ ଶୀଘ୍ର ପାଇପ୍ ମରାମତି କରି ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ।

## ଗଞ୍ଜେଇ ଚାଲାଣ: ମହିଳା ଗିରଫ

**ବୌଦ୍ଧ, ୧୨।୩(ସ୍ୱ.ପ୍ର.)**

ଗଞ୍ଜେଇ ଚାଲାଣ ଅଭିଯୋଗରେ ବୌଦ୍ଧ ଅବକାରୀ ବିଭାଗ ମଙ୍ଗଳବାର ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ପୁରୁଣାକଟକ ଥାନା ଅଧୀନ ଗାଡିମୁଣ୍ଡା ଗ୍ରାମର ଇନ୍ଦୁ ବେହେରା (୬୫)। ମିଳିଥିବା ସୂଚନା ମୁତାବକ, ଇନ୍ଦୁ କନ୍ଧମାଳ ଜିଲା ସୁଦ୍ରୁକୁମ୍ପାରୁ ଗଞ୍ଜେଇ ଧରି ଏକ ସରକାରୀ ଯାତ୍ରୀବାହୀ ବସ୍‌ରେ ଅନୁଗୋଳ ଯାଉଥିବା ବୌଦ୍ଧ ଅବକାରୀ ବିଭାଗକୁ ଖବର ମିଳିଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଖବରପାଇ ବୌଦ୍ଧ ସହରର ବୁଟୁପାଲିଠାରେ ବସ୍‌କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଅଧିକାରୀମାନେ ଇନ୍ଦୁଙ୍କ ନିକଟରୁ ୫ କେଜି ୩୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲେ। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଇନ୍ଦୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଭାଜପାର ସଂକଳ୍ପ ଅଭିଯାନ

**ଜାମଟିକ୍ରା, ୧୨।୩ (ଡି.ଏନ.ଏ)**

ଅତାବିରା ସାପ୍ତାହିକ ବଜାର ପ୍ରାଙ୍ଗଣରେ ସୋମବାର ଭାଜପା ପକ୍ଷରୁ ସଂକଳ୍ପ ଅଭିଯାନ ଆରମ୍ଭ ହୋଇଯାଇଛି। ଏଥିରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଶୋକ ପଣ୍ଡା, ଲୋକସଭା ପ୍ରଭାରୀ ସୀମାଞ୍ଚଳ ଖଟାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରବୀନ୍ଦ୍ର ନାୟକ, ପୂର୍ବତନ ଭଟଲି ବିଧାୟକ କୁମର ବେହେରା, ଉର୍କୁଲୁ ତାଣ୍ଡି,



ଭାଜପା ସଂକଳ୍ପ ଅଭିଯାନରେ ସାମିଲ ହୋଇଥିବା କର୍ମକର୍ତ୍ତା।

କେ. ସରସ୍ୱତୀ, କ୍ଷୀରେଶ୍ୱର ସ୍ୱାଇଁ, କୁଶ କୁମ୍ଭାର, ଅଭିଯାନ ପ୍ରଭାରୀ ବିପିନ ଭୋସାଗର ପ୍ରମୁଖ ଉପସ୍ଥିତ ରହି ଭାଜପା ସଂକଳ୍ପ ଅଭିଯାନକୁ ସଫଳ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

# କଦଳୀପାଲି ମୁଖ୍ୟରାସ୍ତାରେ ଗର୍ତ୍ତ

■ ନିର୍ବାଚନୀ ପ୍ରଚାରରେ ଜବାବ ଦେବେ ଗ୍ରାମବାସୀ



କଦଳୀପାଲି ମୁଖ୍ୟରାସ୍ତାରେ ଗର୍ତ୍ତ।

**ଅତାବିରା/ଭେଡେନ, ୧୨।୩ (ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ପପଙ୍ଗା ପଞ୍ଚାୟତ କଦଳୀପାଲି ଗାଁରୁ କେନାଲ ଛକ ରାସ୍ତା ଉପରେ ଏକ ବିରାଟ ଗର୍ତ୍ତ ହୋଇଛି। ଫଳରେ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ସ୍ଥାନୀୟ ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳରେ ଜନଅସନ୍ତୋଷ ଦେଖାଯାଇଛି। ଏପରି କି ରାସ୍ତାରେ ଗର୍ତ୍ତସୃଷ୍ଟି ହୋଇଥିବାରୁ ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ର, ବାଟୋଇ ବିଭିନ୍ନ ସମୟରେ ଗର୍ତ୍ତରେ ପଡି ଆହତ ହେଉଛନ୍ତି। ଏଣୁ ଅଞ୍ଚଳବାସୀ ନିର୍ବାଚନ ପ୍ରଚାର ସମୟରେ ପ୍ରାର୍ଥୀମାନଙ୍କୁ ଉଚିତ ଜବାବ ଦେବାକୁ ସଜବାଜ ହେଉଛନ୍ତି। ଅନ୍ୟପକ୍ଷେ ତୁରନ୍ତ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଶହୀଦ ସ୍ମୃତି ନାଇଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ମହୁଲପାଲି ଦଳ ଚାମ୍ପିୟନ

**ପଦ୍ମପୁର, ୧୨।୩ (ଡି.ଏନ.ଏ)**


ପୁଲୱାମାରେ ଶହୀଦ ଯବାନଙ୍କ ସ୍ମୃତିରେ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ପ୍ରଥମ ଶହୀଦ ସ୍ମୃତି ନାଇଟ କ୍ରିକେଟ ପ୍ରତିଯୋଗୀତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ ସାହୁ ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୪୦ଟି ଦଳ ଭାଗ ନେଇଥିବା ବେଳେ ମହୁଲପାଲି ଏବଂ ଭୁତମୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଭୁତମୁଣ୍ଡା ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪୫ ରନ୍ କରିଥିଲେ। ମହୁଲପାଲି ଦଳ





ଅତିଥିଙ୍କ ସହ ଖେଳାଳିମାନେ।

୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ୮ଟି ବଲ୍ ବାକି ଥାଇ ହାସଲ କରି ଚାମ୍ପିୟନ ହୋଇଥିଲା। ମହୁଲପାଲି ଦଳର ବିପ୍ଳବ ମ୍ୟାଚ ଅଫ୍ ଦି ଫାଇନାଲ, ମହୁଲପାଲି ଦଳର ପ୍ରଶାନ୍ତ ସାହୁ ବ୍ୟାଟ୍ସମ୍ୟାନ ଅଫ୍ ଦି ପ୍ରତିଯୋଗିତା, ମହୁଲପାଲି ଦଳର ରଜତ ପ୍ରତିଯୋଗିତାର ଶ୍ରେଷ୍ଠ ବୋଲର, ଭୁତମୁଣ୍ଡାର ସୋମୁ ଶ୍ରେଷ୍ଠ ଫିଲ୍ଡର, ମହୁଲପାଲି ଦଳର ପ୍ରଶାନ୍ତ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ସଭାପତି ପ୍ରମୋଦ ମେହେର, ଉପସଭାପତି ହିତେଶ ଅଗ୍ରୱାଲ, ସମ୍ପାଦକ କୁନାଲ ପାଣିଗ୍ରାହୀ, କୋଷାଧକ୍ଷ ନରେଶ ସୁନ୍ଦର ସାହୁ, ପ୍ରିତେଶ ବୋହିଦାର, ଅଶୋକ ମିଶ୍ର, ସୁନୀଲ ଅଗ୍ରୱାଲ, ନାରାୟଣ ପୁରୋହିତ, ଅଜନ ପଧାନ, ମନିସ ରଥ, ସୁବାସ ପାତ୍ର, ନାରାୟଣ ପୁରୋହିତ, ରସପାଲ ସିଂ, ଅରବିନ୍ଦ ପାଣିଗ୍ରାହୀ, ନବକିଶୋର କଣ୍ଡା, ଅଭିପ୍ରୀତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ତୁମେ ନିଜେ ଯେଉଁଭଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ୪ ଦିନ ହେଲା ଜଳ ଯୋଗାଣ ବନ୍ଦ

ପୁରୁଣାକଟକ ତା ୧୨।୩ (ଡି.ଏନ.ଏ.) ବୌଦ୍ଧ ଜିଲା ପୁରୁଣାକଟକରେ ୪ ଦିନ ହେଲା ଜଳଯୋଗାଣ ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ଓ ପରିମଳ ବିଭାଗ ପକ୍ଷରୁ ପୁରୁଣାକଟରେ ପାନୀୟଜଳ ଯୋଗାଇ ଦିଆଯାଉଛି। ହେଲେ ବିଭିନ୍ନ ସ୍ଥାନରେ ପାଇପ୍ ଯାଇଥିବା ବେଳେ ଏହା ମରାମତି କରା ନ ଯାଇ ଜଳଯୋଗାଣକୁ ବନ୍ଦ କରି ଦିଆଯାଇଛି। ପାଇପ୍ ପାଣି ଉପରେ ନିର୍ଭର କରୁଥିବା ପ୍ରାୟ ୩ ହଜାର ଲୋକ ପାଣି ପାଇଁ ଡହଳବିକଳ ହେଉଛନ୍ତି। ବର୍ତ୍ତମାନ ଦିନକୁ ଦିନ ତାପମାତ୍ର ବଢୁଥିବା ବେଳେ ପାନୀୟଜଳ ସମସ୍ୟା ନେଇ ଲୋକେ ଚିନ୍ତାରେ ପଡିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି କାଲସାଏଙ୍କୁ ପଚାରିବାରୁ ଖୁବ ଶିଘ୍ର ପାଇପ୍ ମରାମତି କରି ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ।

### ଭାଜପାର ସଂକଳ୍ପ ଅଭିଯାନ

ଜାମଟିକ୍ରା, ୧୨।୩ (ଡି.ଏନ.ଏ)- ଅତାବିରା ସାପ୍ତାହିକ ବଜାର ପ୍ରାଙ୍ଗଣରେ ଭାଜପା ପକ୍ଷରୁ ସଂକଳ୍ପ ଅଭିଯାନ ଆରମ୍ଭ ହୋଇଯାଇଛି । ଏଥିରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଶୋକ ପଣ୍ଡା, ଲୋକସଭା ପ୍ରଭାରୀ ସୀମାଞ୍ଚଳ ଖଟାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରବୀନ୍ଦ୍ର ନାୟକ, ପୂର୍ବତନ ଭଟଲି ବିଧାୟକ କୁମର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

ନୂଆପଡ଼ାରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ

# ଶୃଙ୍ଖଳିତ ନିର୍ବାଚନ ଉପରେ ଗୁରୁତ୍ୱ

ନୂଆପଡା ଅଫିସ,୧୨।୩

୧୭ତମ ସାଧାରଣ ନିର୍ବାଚନ ସକାଶେ ମୁଖ୍ୟ ନିର୍ବାଚନ କମିଶନ ବିଧିବଦ୍ଧ ଘୋଷଣା କରି ସାରିଥିବା ବେଳେ ଏହାକୁ କିପରି ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କରାଯିବ ତାର ଗୁରୁ ଦାୟିତ୍ୱ ରହିଛି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମୋଡେଲ କୋଡ ଅଫ କଣ୍ଡକ୍ଟକୁ ମାନି ଚଳିବା ଆମର ପରମ କର୍ତ୍ତବ୍ୟ ବୋଲି ଜିଲାପାଳ ଡା.ପୋମା ଟୁଡୁ ଏକ ଖବରଦାତା ସମ୍ମିଳନିରେ କହିଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟାରେ ସ୍ଥାନୀୟ ଜିଲାପାଳଙ୍କ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନିରେ ଜିଲାପାଳ ସୂଚନା ଦେଇ କହିଥିଲେ ଯେ, ଆସନ୍ତା ଏପ୍ରିଲ ୧୧ ତାରିଖରେ କଳାହାଣ୍ଡି ଲୋକ ସଭା ନିର୍ବାଚନ ମଣ୍ଡଳି ଅର୍ଥାତ ନୂଆପଡା ଜିଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳି ନୂଆପଡା ଏବଂ ଖଡିଆଳରେ ନିର୍ବାଚନ ହେବ। ଏଥି ସକାଶେ ଆସନ୍ତା ୧୮ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବାକୁ ବିଜ୍ଞପ୍ତି ଜାରି ହେବ । ଏହା ୨୫ ତାରିଖ ଯାଏଁ ଚାଲିବ । ନାମାଙ୍କନ ପତ୍ରଗୁଡିକ ୨୬ ତାରିଖରେ ଯାଞ୍ଚ ହେବ।



ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହ ଅଧିକାରୀମାନେ।

- ନିର୍ବାଚନ ଆଚରଣ ବିଧିକୁ ମାନିବା ଆମର କର୍ତ୍ତବ୍ୟ
- ୬୦୩ଟି ବୁଥରେ ହେବ ନିର୍ବାଚନ
- ୪୭୦୪ କର୍ମଚାରୀ ନିୟୋଜିତ ହେବେ
- ୬୩ଟି ବୁଥରେ ହେବ ୱେବ କାଷ୍ଟିଙ୍ଗ
- ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ର୍ୟାମ୍ପ, ହ୍ୱିଲ ଚେୟାରର ବ୍ୟବସ୍ଥା

୨୮ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି । ଏଥିରେ ଜିଲାରେ ନୂଆପଡା (୭୧)ରେ ୩୦୧ ଏବଂ ଖଡିଆଳ (୭୨)ରେ ୩୦୨ କରି ମୋଟ ୬୦୩ଟି ବୁଥରେ ଭୋଟଗ୍ରହଣ ହେବ। ୧୧ରେ ନିର୍ବାଚନ ଏବଂ ମେ ୨୩ ତାରିଖରେ ଭୋଟଗଣତି ହେବ । ଏଥିରେ ପ୍ରତି ବୁଥରେ ୬ଜଣ କର୍ମଚାରୀ ହିସାବରେ ମୋଟ ୪ ହଜାର ୭୦୪ଜଣ କର୍ମଚାରୀ ନିୟୋଜିତ ହେବେ । ଏଥର ପ୍ରତି ବୁଥରେ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ର୍ୟାମ୍ପ ଏବଂ ହ୍ୱିଲ ଚେୟାର ବ୍ୟବସ୍ଥା କରାଯିବ । ଜିଲାରେ ଯେକୌଣସି ସମୟରେ ନିର୍ବାଚନ ସଂକ୍ରାନ୍ତୀୟ ସୂଚନା ଜାଣିବାକୁ ଚାହିଁଲେ ଜିଲା ନିର୍ବାଚନ ଟୋଲଫ୍ରି ନମ୍ବର ୧୯୫୦ (୦୬୬୭୮)କୁ ପୂର୍ବାହ୍ନ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଯୋଗାଯୋଗ କରିପାରିବେ। ନିର୍ବାଚନ ସମୟରେ କୌଣସି ପ୍ରକାର ନିୟମ ଉଲ୍ଲଂଘନ ହେଉଥିଲେ ସି ଭିଜନ ନାମକ ଏକ ଆପ୍ଲିକେସନରେ ଜଣାଇପାରିବେ । ଏଥର ପ୍ରଥମ ଥର ପାଇଁ ଜିଲାର ୧୦ ପ୍ରତିଶତ ଅର୍ଥାତ ୬୩ଟି ବୁଥର ନିର୍ବାଚନୀ ହାଲଚାଲକୁ ୱେବକାଷ୍ଟିଙ୍ଗ କରାଯିବ । ରାଜନୈତିକ ଦଳର ପ୍ରାର୍ଥୀମାନେ ଫର୍ମ ନମ୍ବର ୨୬ରେ ଆଫିଡେଭିଟ କରି ନିଜର ସମ୍ପତ୍ତି ସାଙ୍ଗକୁ ଫୌଜଦାରି ମାମଲା ବିଷୟରେ ଜଣାଇବେ। ଏହାକୁ ପୁଣି ନିର୍ବାଚନର ଦୁଇ ଦିନ ପୂର୍ବରୁ ଅନ୍ତତଃ ତିନିଥର କୌଣସି ଖବର କାଗଜରେ ବହୁଳ ପ୍ରଚାର ପ୍ରସାର ସକାଶେ ବିଜ୍ଞାପନ ଦେବେ । ଏହିଭଳି ଗଣମାଧ୍ୟମଗୁଡିକ ମଧ୍ୟ ବିଜ୍ଞାପନ ପ୍ରସାର ହେଉକି ବିଭିନ୍ନ ପ୍ରକାର ଖବର ପ୍ରକାଶନ ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ଟୁଡୁ ପରାମର୍ଶ କରିଥିଲେ । ଏଥର ନିର୍ବାଚନକୁ କିପରି ସହଜ, ସରଳ ଏବଂ ଶୃଙ୍ଗଳିତ କରାଯାଇ ପାରିବ ସେଥିପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଉପଜିଲାପାଳ ତରଣୀସେନ ନାଏକ, ଡେପୁଟି କଲେକ୍ଟର ଜୟଲାଲ ବେଶ୍ରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସିଟିଓ ପ୍ରିୟବ୍ରତ ଗଡତିଆ ପ୍ରମୁଖ ଯୋଗଦେଇଥିଲେ।

### ଶିକ୍ଷକଙ୍କ ବଦଳିକୁ ବିରୋଧ, ସ୍କୁଲରେ ତାଲା

ସମ୍ବଲପୁର,୧୨।୩(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ତାଳପାଲି ବିଦ୍ୟାଳୟର ଶିକ୍ଷକ ଦୁଃଶାସନ ରାଉତଙ୍କ ବଦଳିକୁ ବିରୋଧ କରି ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ପୂର୍ବାହ୍ନରେ ସେମାନେ ମୁଖ୍ୟ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣ ଦେଇଥିଲେ। ଶିକ୍ଷକ ରାଉତଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ପୁଣି ସ୍କୁଲରେ ଅବସ୍ଥାପିତ କରିବାକୁ ଦାବି କରିଥିଲେ। ଏବେ ପରୀକ୍ଷା ଋତୁରେ କିପରି ଶିକ୍ଷକଙ୍କ ବଦଳି କରାଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଥିଲେ। ଏହି ବିଦ୍ୟାଳୟରେ ୮ ଶ୍ରେଣୀକୁ ୫ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ରାଉତଙ୍କୁ ଏଠାରୁ ବଦଳି କରାଗଲେ ଶିକ୍ଷକ ସଂଖ୍ୟା ୪ ହୋଇଯିବ। ଫଳରେ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବ ବୋଲି ସେମାନେ କହିଥିଲେ। ମାନେଶ୍ୱର ବିଇଓ ସନାତନ ବିଶ୍ୱାଳ ଓ ସିଆର୍‌ସିସି ଦୁର୍ଗା ସିଂ ସ୍କୁଲରେ ପହଞ୍ଚି ଅଭିଭାବକ ଓ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ମଙ୍ଗଳବାର ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାସଙ୍କୁ ପଚାରିବାରୁ କହିଲେ, ପରୀକ୍ଷା ସମୟରେ ଶିକ୍ଷକଙ୍କୁ ବଦଳି କରିବାର ଆବଶ୍ୟକତା ନ ଥିଲା। ତେଣୁ ତାଙ୍କ ବଦଳି ଆଦେଶକୁ ରଦ୍ଦ କରାଯିବ। ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ

## ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା

- ୯ ଗ୍ରାମପଞ୍ଚାୟତ ଅଞ୍ଚଳ ବୁଲିଲା

ନୂଆପଡା ଅଫିସ/ସିନାପାଲି, ୧୨।୩ (ଡି.ଏନ.ଏ.)

ମଙ୍ଗଳବାରଠାରୁ ନୂଆପଡ଼ା ଜିଲା ଖଡିଆଳ ନିର୍ବାଚନ ମଣ୍ଡଳିରେ ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା ଆରମ୍ଭ ହୋଇଯାଇଛି । ପୂର୍ବାହ୍ନ ସାଢେ ୯ଟାରେ ସିନାପାଲି ଦୁର୍ଗା ମନ୍ଦିରରୁ ଆରମ୍ଭ ହୋଇଥିଲା । ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଭାରୀ ଦୃଷ୍ଟିଚନ୍ଦ୍ର ମାଝି, ଉପସଭାପତି ପୃଥୀରାଜ ମହାନ୍ତି, ସାଧାରଣ ସମ୍ପାଦକ ସୁବ୍ରତ ଠାକୁର, ଦେବ ଦେବ ସିଂ ଦେଓ, ମମତାଞ୍ଜଳୀ ମାଝି, କେଶବ ମାଝି, ନିମାଇଁ ତାଣ୍ଡି, ଅରିଗଞ୍ଜନ ଯୋଷୀ, ଜେମାମଣୀ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଏଠାରୁ ଯାତ୍ରା ବାହାରି ଘଣ୍ଟିଗୁଡା, ହାତୀ ବନ୍ଧା, ଲିଟି ଗୁଡା, ନୂଆପଡା, ଗମ୍ଭାରୀ ଗୁଡା, ଭରୁଆ ମୁଣ୍ଡା, କୁସୁମ ଜୋରର କାଶୀପାଣି, ସିଙ୍ଗଝର, ଗୋଡାଲ ଆଦି ୯ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ମୋଦଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିବାବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପର ସମାଲୋଚନା କରିଥିଲେ । ଏହି ନିର୍ବାଚନରେ କିପରି ମିଶନ ୧୨୦କୁ ସାକାର କରାଯିବ ସେଥିପାଇଁ ଲୋକଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ କାର୍ଯ୍ୟକର୍ତ୍ତାମାନେ । ଏହି ଯାତ୍ରା ଆଗକୁ ୭ ଦିନ ଧରି ଚାଲିବାକୁ ଥିବା ଜିଲା ସଭାପତି ମୁଣ୍ଡ କହିଛନ୍ତି ।



ଗାଁ ଗାଁରେ ବୁଲୁଥିବା ବିଜୟ ସଙ୍କଳ୍ପ ଯାତ୍ରାରେ ଲୋକଙ୍କୁ ବିଭିନ୍ନ ଯୋଜନା ଉପରେ ଅବଗତ କରାଯାଉଛି ।

## ଓଏମ୍‌ଏଲ୍‌ଟିଏର ନୂତନ କର୍ମକର୍ତ୍ତା ନିର୍ବାଚନ

ଚିପିଲିମା,୧୨।୩(ଡି.ଏନ୍.ଏ.)

ଓଡ଼ିଶା ମେଡିକାଲ ଲାବୋରେଟୋରି ଟେକ୍ନିସିଆନ ଆସୋସିଏଶନ୍ (ଓଏମ୍‌ଏଲ୍‌ଟିଏ)ର ରାଜ୍ୟସ୍ତରୀୟ ସମ୍ମିଳନୀ ବୁର୍ଲା ଭିମସାର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ କଟକ ଏସ୍‌ସିବିର ଯୁଧିଷ୍ଠିର ସେଠୀ, ଉପସଭାପତି ଭାବେ ବୁର୍ଲା ଭିମସାରର ସୁମନ୍ତ କୁମାର ସାହୁ, ସମ୍ପାଦକ ଭାବେ ପୁରୀ ମୁଖ୍ୟ ଚିକିତ୍ସାଳୟର ଅକ୍ଷୟ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ କଟକ ଏସ୍‌ସିବିର ବିଶ୍ୱଜିତ ସେନାପତି ଓ କୋଷାଧ୍ୟକ୍ଷ ଭାବେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଲଳିତ କୁମାର ସ୍ୱାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ସାଂଗଠନିକ ଅଧକ୍ଷ ପ୍ରତାପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ତଥା ସମ୍ପାଦକ ତାପସ ରଞ୍ଜନ ମହନ୍ତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଭିମସାର ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର, ଡିନ ତଥା ଅଧକ୍ଷ ପ୍ରଫେସର ଡ. ବ୍ରଜମୋହନ ମିଶ୍ର, ଅଧିକ୍ଷକ ପ୍ରଫେସର ଡ. ଜୟଶ୍ରୀ ଦୋରା, ପାଥୋଲୋଜି ମୁଖ୍ୟ ପ୍ରଫେସର ଡ. କୈଳାସ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇଥିଲେ।

## ଶହୀଦ ସ୍ମୃତି ନାଇଟ୍ କ୍ରିକେଟ: ମହୁଲପାଲି ଦଳ ଚାମ୍ପିୟନ

ପଦ୍ମପୁର,୧୨।୩ (ଡି.ଏନ.ଏ)

ପୁଲୱାମାରେ ଶହୀଦ ଯବାନଙ୍କ ସ୍ମୃତିରେ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ପ୍ରଥମ ଶହୀଦ ସ୍ମୃତି ନାଇଟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହୁଲପାଲି ଏବଂ ଭୁତମୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଭୁତମୁଣ୍ଡା ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪୫ ରନ୍ କରିଥିଲେ । ମହୁଲପାଲି ଦଳ ୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ୮ଟି ବଲ୍ ବାକି ଥାଇ ହାସଲ କରି ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ସଭାପତି ପ୍ରମୋଦ ମେହେର, ଉପସଭାପତି ହିତେଶ ଅଗ୍ରୱାଲ, ସମ୍ପାଦକ କୁନାଲ ପାଣିଗ୍ରାହୀ, କୋଷାଧ୍ୟକ୍ଷ ନରେଶ ସୁନ୍ଦର ସାହୁ, ପ୍ରିତେଶ ବୋହିଦାର, ଅଶୋକ ମିଶ୍ର, ସୁନୀଲ ଅଗ୍ରୱାଲ, ନାରାୟଣ ପୁରୋହିତ, ଅଜନ ପଧାନ, ଅରବିନ୍ଦ ପାଣିଗ୍ରାହୀ, ନବକିଶୋର କଣ୍ଟା, ଅଭିପ୍ରିତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବ ନ୍ଦ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

| TARIFF | MORE SPACE • SAME PRICE | | | | | | | | * GST 5% Extra |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | | |
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ । 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ପାଣି ଶୁଖେ ନାହିଁ,
ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।
- ସନ୍ଥ କବୀର ଦାସ

## ସଂକ୍ଷେପରେ

### ଭାଜପାର ବିଜୟ ସଂକଳ୍ପ ଅଭିଯାନ

**ଲୋଇସିଂହା,୧୨।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଶିବ ମନ୍ଦିରରେ ପୂଜାର୍ଚ୍ଚନା ପରେ ଭାଜପାର ବିଜୟ ସଂକଳ୍ପ ଅଭିଯାନ ଯାତ୍ରା ମଙ୍ଗଳବାର ଶୁଭାରମ୍ଭ ହୋଇଛି । ଯୋଗୀସର୍ଡା, ବାଦିବାହାଲ, ବୁର୍ଡା, କନ୍ଦାଜୁରୀ, ଲୋଇସିଂହା ପ୍ରଭୃତି ସ୍ଥାନରେ ପଥପ୍ରାନ୍ତ ନାଟକ ଓ ସଭା ଅନୁଷ୍ଠିତ ହୋଇଥିଲା । ପଥପ୍ରାନ୍ତ ନାଟକ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଉଛି । ନିର୍ବାଚନମଣ୍ଡଳୀ ପ୍ରଭାରୀ ସରୋଜ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କର୍ମୀ ଓ କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଗୁଣଗାନ କରୁଛନ୍ତି। ଡା ମୁକେଶ ମହାଲିଙ୍ଗ, ଯାତ୍ରା ସଂଯୋଜକ ଜଗଦୀଶ ଉଦଗାତା, ମଣ୍ଡଳ ଉପସଭାପତି ବାହାଦୁର ନନ୍ଦମଗୌରାଙ୍ଗ ନାଏକ, ତୁମେଶ୍ୱର ସାହୁ, ଭୂତନାଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପୂର୍ଣ୍ଣ ବିଶ୍ୱାଳ, ବଳରାମ ସା, ଆନନ୍ଦ ନାଏକଙ୍କ ସମେତ ୭ ଜଣ ଆଶାୟୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମକୁ ଯାଇ ଜନସମ୍ପର୍କ ସ୍ଥାପନ କରୁଛନ୍ତି।

### ଗୁଡ଼ଭେଲା ବ୍ଲକରେ ବିଜୟ ସଂକଳ୍ପ ଯାତ୍ରା

**ଗୁଡଭେଲା,୧୨।୩ (ଡି.ଏନ.ଏ.):** ଭାରତୀୟ ଜନତା ପାର୍ଟି ପକ୍ଷରୁ ଗୁଡଭେଲା ବ୍ଲକର ବିଭିନ୍ନ ଗ୍ରାମରେ ବିଜୟ ସଂକଳ୍ପ ଯାତ୍ରା ଆରମ୍ଭ ହୋଇ ଯାଇଛି । ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଜାମୁଟ, ବିରାମୁଣ୍ଡା, ଘୁନା, ଗୁଡଭେଲା, ମାଡେକେଲା ଆଦି ଗ୍ରାମରେ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ମହେନ୍ଦ୍ର ଠାକୁର, ଅର୍ଜୁନ ଭାଟୀ, ଖଗେଶ୍ୱର ରଣା, ପ୍ରକାଶ ଚନ୍ଦନ, ଅମରେଶ କେଡ଼ିଆ, ତରୁଣ ମାଝି ପ୍ରମୁଖ ଭାଜପା କର୍ମୀମାନେ ସାମିଲ ଥିଲେ।

### ବାଇକ୍ ଧକ୍କାରେ ବୃଦ୍ଧା ମୃତ

**ବିନିକା,୧୨।୩(ଡି.ଏନ୍.ଏ.)** ବିନିକା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଲି-ନକ୍ଟାମୁଣ୍ଡା ରାସ୍ତାରେ ସୋମବାର ରାତିରେ ବାଇକ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ମହଦା ଗ୍ରାମର ବିଶାଖା ମେହେର(୬୦)। ସିଆଲି ଧନୁଯାତ୍ରାରେ ଚିନାବାଦାମ ବିକ୍ରି କରି ନକ୍ଟାମୁଣ୍ଡାକୁ ଫେରୁଥିବା ବେଳେ ବିଶାଖାଙ୍କୁ ଏକ ସବୁଜ ରଙ୍ଗର ବାଇକ୍ ଧକ୍କା ଦେଇଥିଲା । ଧକ୍କା ଦେବାପରେ ଆରୋହୀ ଦୁର୍ଘଟଣାସ୍ଥଳରେ ବାଇକ୍ ଛାଡି ଫେରାର ହୋଇଯାଇଥିଲେ । ଗାଡିର ନମ୍ବର ହେଲା ଓ.ଆର୍.୧୭ବି-୪୫୧୦। ଲଛିପୁର ଫାଣ୍ଡି ପୋଲିସ ଦୁର୍ଘଟଣାରେ ଗୁରୁତର ବୃଦ୍ଧାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ମଙ୍ଗଳବାର ବିନିକା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୃଦ୍ଧା ବିଶାଖାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୩୯/୧୯)ରୁଜୁ ହୋଇଛି। ବାଇକ ଛାଡି ଚମ୍ପଟ ମାରିଥିବା ଆରୋହୀଙ୍କୁ ଧରିବା ପାଇଁ ପଦକ୍ଷେପ ନିଆଯାଉଥିବା ଲଛିପୁର ଫାଣ୍ଡି ସବ୍‌ଇନ୍ସପେକ୍ଟର କ୍ଷୀରୋଦ ଚନ୍ଦ୍ର ବାଗ ସୂଚନା ଦେଇଛନ୍ତି।

### ବାପର ଚିକିତ୍ସା ଲାଗି ଦାଦନ ସାଜିଛେ ବଡ଼ଖା ପୁଓ

# ଅଜନା ରୋଗ୍‌ରେ ପୀଡ଼ିତ ଲିଙ୍ଗରାଜ

**ଲାଠୋର,୧୨।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗାଁର ଲିଙ୍ଗରାଜ ଠେଲା(୫୦)। ପେସାରେ ସେ ଝନେ ପାଉଁରୁଟି କାରିଗର। ପାଉଁରୁଟି ବିକାଭଂଗା କରି ଯାହା ରୁଜ୍‌ଗାର କରୁଥିଲେ ସେଥିରେ ତାକର ପରିବାର ଖୁସିରେ ଚଲିଯାଉଥିଲା। ତାକର ପରିବାର କହେଲେ ମାଏକିନା ଲଲିତା, ଦୁଇ ପୁଓ ବଳରାମ ଆର ପରମାକୁଁ ନେଇ ସୁଖର ସଁସାର। ଜମିବାଡ଼ି, ଘରଡ଼ିହି ବଲି କିଛି ନାଇଁ। ସରକାରନୁ ପାଇଥିବାର ୩ ଡିସିମିଲ ଜାଗାରେ ଖପର ଛାଉନି ଟିକେ କରି କୁଟୁମବସିଆ ରହିଆସୁଛନ୍। ଗଲା ୪ ବଛର ତଲେ ଲିଙ୍ଗରାଜକେ ଝାଡ଼ାବାଁତି ହେଲାରୁ ପରିବାର ଲୋକ୍ ତାହାକୁ


ଲିଙ୍ଗରାଜ ଠେଲା।

ପାଟଣାଗଡ଼ ଡାକ୍ତରଖାନାରେ ଭରତି କରିଥିଲେ। ସେଠାନୁ ଫିରଲା ଉତାରୁ କେନ୍ ରୋଗ୍‌ରେ ପଡ଼ଲେ କେଜାନେ, ସେଦିନ୍‌ଠାନୁ ଆର ଚାଲବୁଲ କରି ନାଇଁପାରଲେ। ଅବସ୍ତା ଏନ୍‌ତା ହେଲା ଯେ ଦିନୁଦିନ୍‌କେ ସେ ଶୁନି ନାଇଁ ପାରଲେ କି କହି ନାଇଁ ପାରଲେ। ମଝି ମଝିରେ ମୁଡ଼ ଦୁଖା ହେସି। ମୁଡ଼ଦୁଖାଲେ ସେ ମୁରଛା ହେଇଯାଏସନ୍। ଚେତା ଫିରୁନ୍ ଫିରୁନ୍ ୮ରୁ ୧୦ ଘଁଟା ବି ଲାଗି ଯାଏସି। ପରିବାର ଲୋକ୍ ପେଟ କାଟି ଯାହା ସଁଚିଥିଲେ ବଲାଙ୍ଗୀରନୁ ମୂଲ୍ କରି ଭୁବନେଶ୍ୱରର ଭିନେ ଭିନେ ଡାକ୍ତରଖାନାରେ ଚିକିତ୍ସା କରେ ସରବ୍‌ସୁଆଁତ୍ ହେଲେ। ହେଲେ ଲିଙ୍ଗରାଜକର ରୋଗ୍ ଭଲ ନାଇଁହେଲା। ଘରର ଗୁଟେନ ବଲି ରୁଜଗାରିଆ ଲୋକ୍ ପଡ଼ିରହିଲାରୁ ଦିନୁଦିନ୍‌କେ ପରିବାରର ଥିତି ଦୁହୁଲି ଯାଉଛେ। ଅଭାବ ଅନାଟନ ଲାଗି ଚିକିତ୍ସିତ ନାଇଁ ହେଇପାରି ରୋଗ୍ ବି ବଢ଼ି ବଢ଼ି ଯାଉଛେ। ଏନ୍‌ତାଥି ବଡ଼ଖା ପୁଓ ବଳରାମ ବାପର ଚିକିତ୍ସା ଆର ପରିବାର ଚଲବାର ଲାଗି ୩୦ ହଜାର ଟଁକା ବଏନା ନେଇ ଆନ୍ଧ୍ରପ୍ରଦେଶକେ ଦାଦନ ଖଟି ଯାଇଛନ୍। ଅଭାବ ଅନାଟନ ଲାଗି ପରିବାର ଲୋକ୍ ଲିଙ୍ଗରାଜକେ ଠିକ୍‌ସେ ମୁଠେ ଖାଏବାକେ ଦେଇ ନାଇଁ ପାରବାର, ଏନ୍‌ତାଥି ଉଷୋକଷା ତେନ୍‌କେ ଥାଉ। ଇ ବାବ୍‌ଦେ ବଲାଙ୍ଗୀର ସିଡିଏମଓଙ୍କୁଁ ପଚରାଲାରୁ ଲିଙ୍ଗରାଜ ଯେନ୍‌ଠାନେ ଚିକିତ୍ସିତ ହେଇଛନ୍ ସେ କାଗଜପତର ଧରିକରି ଆଏଲେ ତାହାକୁ ସରକାରୀ ହିସାବେ ଚିକିତ୍ସା ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି କହିଥିଲେ।

# ସୁଜିଆ ରାସ୍ତାରେ ଲୁଟପାଟ

**ଲୋଇସିଂହା,୧୨।୩(ଡି.ଏନ.ଏ.)**

**ଲୋକେ ଭୟଭୀତ**

ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା–ସୁଜିଆ ରାସ୍ତାରେ ସନ୍ଧ୍ୟାବେଳେ କିଛିଦିନ ହେଲା ଲୁଟପାଟ ବୃଦ୍ଧି ପାଇଛି । ସ୍ଥାନୀୟ ପୋଲିସର ପାଟ୍ରୋଲିଂ ଅଭାବରୁ ଏପରି ଅଭାବନୀୟ ଘଟଣା ଦିନକୁ ଦିନ ବଢି ଚାଲିଥିବା ଅଭିଯୋଗ ହୋଇଛି। ଅଭିଯୋଗ ସତ୍ତ୍ୱେ ପୋଲିସ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ସୁଜିଆ ଗ୍ରାମାବସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ସୁଜିଆ ଗାଁ ଲୋଇସିଂହା ଥାନା ଠାରୁ ୪କ.ମି ଦୂରରେ ଅବସ୍ଥିତ । ଲୋଇସିଂହା –ପଦ୍ମପୁର ରାସ୍ତାର ସମ୍ବଲପୁରିଆ ପଡା ସୁଜିଆକୁ ରାସ୍ତା ସଂଯୋଗ ହୋଇଛି । ଏହି ରାସ୍ତାରେ ଥିବା କଂକ୍ରିଟ ଖଲାରେ ସନ୍ଧ୍ୟା ସମୟରେ ମଦ୍ୟପଙ୍କ ଆଡ୍ଡା ଜମୁଛି । ସନ୍ଧ୍ୟା ସମୟରେ ଯାତାୟତ କରୁଥିବା ଲୋକେ ଦୁର୍ବୃତ୍ତଙ୍କ ଶିକାର ହେଉଛନ୍ତି। ସୁଜିଆ ଗ୍ରାମର ପିଙ୍କୁ ମଟାରୁ ଲୋଇସିଂହାର ଏକ ବ୍ୟବସାୟିକ ପ୍ରତିଷ୍ଠାନରେ କାମ କରନ୍ତି। କିଛି ଦିନ ତଳେ ଦୋକାନ ବନ୍ଦ ପରେ ମାସିକ ପାରିଶ୍ରମିକ ନେଇ ସେ ଘରକୁ ଯାଉଥିଲେ । କେତେକ ଦୁର୍ବୃତ୍ତ ତାଙ୍କୁ ଲହୁଲୁହାଣ କରି ଟଙ୍କା ଛଡାଇ ଫେରାର ହୋଇଯାଇଥିଲେ। ଏହାର କିଛି ଦିନ ପୂର୍ବରୁ ମକାରୁ ଧରୁଆଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଲୁଟପାଟ କରିଥିଲେ। ଏହା ପୂର୍ବରୁ ତନୁଜ ସାହୁ ନାମକ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଗୋଡାଇଥିଲେ। ସେ ଖସିଯିବାରେ ସକ୍ଷମ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ମକାରୁ ଧରୁଆ ଲୋଇସଂହା ଥାନାରେ ଅଭିଯୋଗ କଲା ପରେ ଧର୍ମକୁ ଆଖିଠାର ସଦୃଶ ସ୍ଥାନୀୟ ପୋଲିସ ରାତିରେ ପାଟ୍ରୋଲିଂ କଡାକଡି କରିବା ପରିବର୍ତ୍ତେ ଦିନବେଳା ଚକ୍କର କାଟି ଫେରିଯିବାକୁ ନେଇ ଲୋକେ ନାପସନ୍ଦ କରିଛନ୍ତି। ଏ ନେଇ ଥାନା ଆଇଆଇସି ଲଳିତା ଲାକ୍ରା କହିଛନ୍ତି ଯେ, ସେ ଏଠାରେ ଏବେ ନୂଆ କରି ଯୋଗ ଦେଇଛନ୍ତି। ଉକ୍ତ ରାସ୍ତାରେ ଯଦି ଲୁଟ୍‌ପାଟ୍ ହେଉଛି ତେବେ ପାଟ୍ରୋଲିଂ କଡାକଡି କରାଯିବ ବୋଲି ସଫେଇ ଦେଇଛନ୍ତି।

# ୧୫୪ ଜଣଙ୍କ ଚକ୍ଷୁ ପରୀକ୍ଷା

**ଗୁଡଭେଲା,୧୨।୩ (ଡି.ଏନ.ଏ.)**

ତୁଷରା ମାରୱାଡ଼ି ମହିଳା ସମିତି, ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ଓ ମାରୱାଡ଼ି ଯୁବା ମଞ୍ଚର ମିଳିତ ସହଯୋଗରେ ମଙ୍ଗଳବାର ତୁଷରାସ୍ଥିତ ଅଗ୍ରସେନ ଭବନଠାରେ ନେତ୍ର ପରିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମାରୱାଡ଼ି ମହିଳା ସମିତିର ଅଧକ୍ଷା ନିର୍ମଳା ଅଗ୍ରୱାଲଙ୍କ ନେତୃତ୍ୱରେ ୧୫୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଛି। ଏହି ରୋଗୀଙ୍କୁ ସମ୍ବଲପୁର ବୁଢ଼ାରାଜାସ୍ଥିତ ତ୍ରିଲୋଚନ ନେତ୍ରାଳୟକୁ ମାଗଣାରେ ଅପରେଶନ କରିବା ପାଇଁ ନିଆଯାଇଥିଲା। ଚତ୍ରିଲୋଚନ ନେତ୍ରାଳୟର ଡ଼. ଗୌରବ ପାଣ୍ଡେ, ସହଯୋଗୀ ଅମରେଶ ପ୍ରଧାନ, ପରିତୋଷ ବାରିକ, ପିଙ୍କି ଓରାମ ପ୍ରମୁଖ ଯୋଗ ଦେଇ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧରେ ସନ୍ତୋଷ ଦେବୀ କେଡ଼ିଆ, ଅନୁ ଅଗ୍ରୱାଲ, ରେଣୁ ଜୈନ, ଉଷା କେଡ଼ିଆ, ମାରୱାଡ଼ି ଯୁବା ମଞ୍ଚର ସଭାପତି ମନୋଜ ଜୈନ, ଈଶ୍ୱର ଦୟାଲ କେଡ଼ିଆ, ଆଶିଷ ଜୈନ, ସଙ୍ଗୀତ ଜୈନ, ବୀରେନ୍ଦ୍ର ଜୈନ, ଓମ୍‌ପ୍ରକାଶ କେଡ଼ିଆ ପ୍ରମୁଖ ସହଯୋଗ କରିଥିଲେ।



ଡାକ୍ତର ଚକ୍ଷୁ ପରୀକ୍ଷା କରୁଛନ୍ତି।

### ଲୋଇସିଂହା ବ୍ଲକ ହାତପମ୍ପ କାରିଗରଙ୍କ ବୈଠକ

**ଲୋଇସିଂହା,୧୨।୩(ଡି.ଏନ.ଏ)**

ଲୋଇସିଂହା ବ୍ଲକ ହାତପମ୍ପ କାରିଗର ସଂଘର ଏକ ବୈଠକ ସ୍ଥାନୀୟ ରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କାରିଗର ସଂଘ ତରଫରୁ ନଳକୂପ ତଳ ଅଂଶ କାମ ନ କରିବାକୁ ସଂଘ ନିଷ୍ପତ୍ତି ଗ୍ରହଣ କରିଛି । ଏ ସଂକ୍ରନ୍ତରେ ବିଡିଓ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନକରାଯାଇଛି। ସୂଚନାମତେ, ସଂଘ ସଭାପତି ଦୈତାରୀ ସାହୁଙ୍କ ବୈଠକରେ ଅଧ୍ୟକ୍ଷତା କରିଥିଲେ । ୨୦୦୨ ମସିହାରୁ ବ୍ଲକରେ ହାତପମ୍ପ କାରିଗର କାର୍ଯ୍ୟରତ ଅଛନ୍ତି। ପରିଶ୍ରମ ମୁତାବକ ପାରିଶ୍ରମିକ ମିଳୁ ନ ଥିବାରୁ ସଂଘପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ୫ ବର୍ଷରେ ମାତ୍ର ୫ ଶହ ଟଙ୍କା ବୃଦ୍ଧି କରି ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ସଂଘ ପକ୍ଷରୁ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ନଳକୂପର ଉପର ଅଂଶ କେବଳ କାମ କରିବେ ବୋଲି ନିଷ୍ପତି ନେଇଛନ୍ତି। ଉକ୍ତ ବୈଠକରେ ସଂପାଦକ ଦିଲୀପ ଥନାପତି, କୋଷାଧ୍ୟକ୍ଷ ଯୋଗେଶ୍ୱର ବିଶି, ଭୋଲଶଙ୍କର ସାହୁ, ଜୟକୃଷ୍ଣ ମାହାର, ଶ୍ୟାମ ପୋଢ, ଅକ୍ଷୟ ପଧାନ, ସୌମିତ୍ରୀ ମାଝି, ରାମଚନ୍ଦ୍ର ଉଦୁରକୁଳିଆଙ୍କ ସମେତ ୪୦ ଜଣ କାରିଗର ଉପସ୍ଥିତ ଥିଲେ ।



ମଙ୍ଗଳବାର ବଲାଙ୍ଗୀର ସ୍ୱଧାର ଗୃହର ଜଣେ ଅନ୍ତେବାସିନୀଙ୍କୁ ଅଙ୍କରିଆପଦା ଗାଁର ଜଣେ ଯୁବକ ବିବାହ କରିବା ଅବସରରେ ସରକାରୀ ଅଧିକାରୀ ଓ ସ୍ୱଧାର ଗୃହ କର୍ମକର୍ତ୍ତା ନବ ଦମ୍ପତିଙ୍କ ସହ ଉପସ୍ଥିତ ଅଛନ୍ତି। (ଫଟୋ–ସୁନୀଲ)

### ଅଦିନିଆଁ ବର୍ଷାର ଲାଗି ଚାଷୀକର ଭାଲନି

# ପରଭାବିତ ହେବା ଆମ୍, କାଜୁ ଅମଲ

**ଟିକ୍ରାପଡ଼ା, ୧୨।୩ (ଡି.ଏନ.ଏ)** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା, ଝିଙ୍କିଡୁଙ୍ଗୁରୀ, ଯୁରାବନ୍ଧ, କରମତଲା ପଁଚେତ୍ ଅଂଚଲରେ ମଙ୍ଗଳବାର ବେଲବୁଡ଼େ ଧୁକାଗରେଲ ସଂଗେ ବର୍ଷା ହେଇଛେ। ଇ ଅଦିନିଆଁ ବର୍ଷା ପବନରେ ମହୁଲ ଫୁଲ, ଚୁଲ, କାଜୁ, ଅମ୍, ଜାମ୍, କୁସୁମ ଅମଲ ପରଭାବିତ ହେବା। ଇ ସବୁ ଜିନିଷ ଉପରେ ନିରଭର କରି କୁଟୁମ ପୁଷୁଥିବାର ଚାଷୀକର ଭିତରେ ଭାଲନି ପଡ଼ିଯାଇଛେ। ଆମ୍ ଆର କାଜୁ ଗଛର ବଉଲ ସବୁ ଝଡ଼ି ଯାଇଛେ। ଯେନ୍‌ଥିରଲାଗି ଅମଲ କମ ହେବାର ଆଶଁକା ଦେଖାଦେଇଛେ। ଅଂଚଲର ବଡ଼ଭାଗି ଲୋକ୍ ମହୁଲ ଫୁଲ ଠୁଲେଇ, ବିକି ନିଜର ପରିବାର ଚଲାସନ୍। ହେଲେ ଇ ଅଦିନିଆଁ ଧୁକାଗରେଲ ସେମାନକୁ ନିରାଶ କରିଛେ।

### ସିଆଲି ଧନୁଯାତ୍ରା: ଅକ୍ରୁରଙ୍କ ଗୋପପୁର ଗମନ

**ବିନିକା, ୧୨।୩ (ଡି.ଏନ୍.ଏ.):** ସିଆଲି ଯାତ୍ରା ପଡିଆଠାରେ ଚାଲିଥିବା ଧନୁଯାତ୍ରା ଷଷ୍ଠ ସନ୍ଧ୍ୟାରେ ରାଧାକୃଷ୍ଣଙ୍କ ନାବକେଳି ଓ କଂସଙ୍କ ନିର୍ଦ୍ଦେଶରେ ଅକ୍ରୁର ଗୋପପୁର ଗମନ କରିଛନ୍ତି। ଅକ୍ରୁର ଗୋପପୁର ଯାଉଥିବା ବେଳେ ଯମୁନା ନଦୀରେ କୃଷ୍ଣଙ୍କ ପାଦ ଦର୍ଶନ କରିଛନ୍ତି। ପାଦଧୂଳିକୁ ମୁଣ୍ଡରେ ମାରି ନିଜକୁ ଧନ୍ୟ ମନେ କରୁଛନ୍ତି। ପରେ ନନ୍ଦ ରାଜା ଓ ଯଶୋଦାଙ୍କୁ ସାକ୍ଷାତ କରି କୃଷ୍ଣ ବଳରାମଙ୍କୁ ମଥୁରା ନଗରୀ ଆଣିବା ପାଇଁ ଅନୁରୋଧ କରିବା ଦୃଶ୍ୟ ଅଭିନୀତ ହୋଇଥିଲା।

# ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବଲାଙ୍ଗୀର ଅଫିସ, ୧୨।୩**

- ହତ୍ୟା ପଛରେ ପରକୀୟା ପ୍ରୀତି ଅଭିଯୋଗ
- ଟାଉନ୍ ଥାନାରେ ଏତଲା

ବଲାଙ୍ଗୀର ସହର ଇଚ୍ଛାପଡା ନିକଟ ଏକ ବେଲଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଟାଉନ୍ ଥାନା ପୋଲିସ ମଙ୍ଗଳବାର ସକାଳେ ଉଦ୍ଧାର କରିଛି । ଏହି ଘଟଣା ଜଣାପଡିବା ପରେ ପ୍ରଥମରୁ ମୃତ ମହିଳା ଜଣକ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ ପରେ ମହିଳାଙ୍କ ପରିଚୟ ମିଳିବାରୁ ଏହା ପରକିୟା ପ୍ରୀତିରୁ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହୋଇଛି। ମୃତ ମହିଳା ଜଣକ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମର ସୁଷମା ସେଠ୍ (୨୫) ବୋଲି ଚିହ୍ନଟ କରାଯାଇଛି। ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଥିବା ଜଣାପଡିଛି । ଟାଉନ୍ ଥାନା ପୋଲିସ ମହିଳାଙ୍କ ମୃତଦେହ ଉଦ୍ଧାର ପରେ ଭୀମ ଭୋଇ ସରକାରୀ ମେଡିକାଲ କଲେଜ ହସପିଟାଲରେ ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାକୁ ନେଇ ଟାଉନ୍ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୨୧/୨୦୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମର ରତନ ସେଠ୍‌ଙ୍କ ସ୍ତ୍ରୀ ସୁଷମା ସୋମବାର ଅପରାହ୍ଣ ୪ଟାରୁ କୁଆଡେ ଚାଲିଯାଇଥିଲେ । ରାତି ୮ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତିତ ହୋଇପଡି ଖୋଜାଖୋଜି କରିଥିଲେ । ମଙ୍ଗଳବାର ସକାଳେ ବଲାଙ୍ଗୀର ସହର ଇଚ୍ଛାପଡା ନିକଟରେ ଥିବା ଏକ ବେଲଗଛରେ ଜଣେ ମହିଳା ବେକରେ ଶାଢ଼ୀ ଲଗାଇ ଝୁଲୁଥିବା ଦେଖାଯାଇଥିଲା । ଏ ନେଇ ଟାଉନ୍ ଥାନାକୁ ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ମୃତ ମହିଳାଙ୍କ ପାଖରେ ଏକ ମୋବାଇଲ ଫୋନ୍ ଓ ଚପଲ ପଡିଥିବା ଦେଖାଯାଇଥିଲା । ମହିଳା ଜଣକ ବେକରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଥିବା ଭଳି ଦେଖାଯାଉଥିଲେ ମଧ ମହିଳାଙ୍କ ଗୋଡ ଦୁଇଟି ମାଟିକୁ ଲାଗି ରହିଥିବାରୁ ଘଟଣାଟି ସନ୍ଦେହଜନକ ହୋଇପଡିଥିଲା । ଜଣେ ମହିଳା ଗଛରେ ଝୁଲୁଥିବା ଖବର ପାଇବା ପରେ ସୁଷମାଙ୍କ ବଡଭାଇ ଶ୍ରୀକାନ୍ତ ସେଠ୍ ଘଟଣାସ୍ଥଳକୁ ପହଞ୍ଚି ମୃତ ମହିଳା ଜଣକ ତାଙ୍କର ଭଉଣୀ ବୋଲି ଚିହ୍ନଟ କରି ସମ୍ପୂର୍ଣ୍ଣ ପରିଚୟ ଦେଇଥିଲେ । ସୋମବାର ଅପରାହ୍ଣରୁ ଖୁଣ୍ଟପାଲି ଗାଁରୁ ସେ କୁଆଡେ ଚାଲିଯାଇଥିଲେ ବୋଲି କହିଥିଲେ । ସୁଷମାଙ୍କ ମୃତଦେହ ଓ ପାରିପାର୍ଶ୍ୱିକ ସ୍ଥିତି ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ଶ୍ରୀକାନ୍ତ ସେଠ୍ ସନ୍ଦେହ ପ୍ରକାଶ କରି ଟାଉନ୍ ଥାନାରେ ଇଚ୍ଛାପଡାର ଜଣେ ବ୍ୟକ୍ତିଙ୍କ ନାଁରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ଏକ ଅଟୋରିକ୍ସା ଚାଳକ ଓ ତାଙ୍କ ସହ ସୁଷମାଙ୍କ ସମ୍ପର୍କ ରହିଥିବା ଚର୍ଚ୍ଚା ହୋଇଛି। ସୁଷମା ପ୍ରକୃତରେ ଆତ୍ମହତ୍ୟା କରିଛନ୍ତି ନାଁ ତାଙ୍କୁ କେହି ହତ୍ୟା କରିଛି ତାହା ଜଣାପଡିନାହିଁ। ତେବେ ଅଟୋରିକ୍ସା ଚାଳକ ଜଣକ ଘରେ ନ ଥିବାରୁ ଘଟଣାଟି ଅଧିକ ରହସ୍ୟଜନକ ହୋଇପଡିଛି । ଏ ନେଇ ଟାଉନ୍ ଥାନା ଅଧିକାରୀ ତୋଫାନ୍ ବାଗଙ୍କୁ ପଚାରିବାରୁ ପୋଲିସ ଟିମ୍ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି । ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା କହିଛନ୍ତି ।

# ନିର୍ବାଚନୀ ଇସ୍ତାହାରରେ କୋଶଲ ରାଜ୍ୟ ପ୍ରସଙ୍ଗ ସ୍ଥାନ ପାଉ

**ବଲାଙ୍ଗୀର ଅଫିସ, ୧୨।୩**

କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ନେତୃତ୍ୱର ଏକ ଜରୁରୀ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଆଗାମୀ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ କୋସଲ ରାଜ୍ୟ ସମନ୍ୱୟ ସମିତିର ଭୂମିକା ସମ୍ପର୍କରେ ବୈଠକରେ ବିଶଦ୍ ଆଲୋଚନା ହୋଇଥିଲା । କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର ବୈଠକରେ ଅଧକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ପୁଲୱାମା ଆକ୍ରମଣରେ ଶହୀଦ ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ କୋସଲ ଆନ୍ଦୋଳନ ଭୂମିକା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ ଅଧକ୍ଷ ମିଶ୍ର ବକ୍ତବ୍ୟ ରଖି ଆଗାମୀ ନିର୍ବାଚନରେ କୋସଲ ଆନ୍ଦୋଳନକୁ ଯେଉଁ ରାଜନୈତିକ ଦଳ ସମର୍ଥନ କରିବ ତାକୁ ହିଁ କୋସଲ ଆନ୍ଦୋଳନ ସମର୍ଥନ ଦେବା ଉଚିତ ବୋଲି କହିଥିଲେ । ଗତ ଦୁଇ ଦଶନ୍ଧି ଧରି ଏକ ନିର୍ଦ୍ଦିଷ୍ଟ ଦଳ ରାଜ୍ୟରେ ଶାସନ କରୁଥିଲେ ମଧ କୋସଲାଞ୍ଚଳରେ ଚାଷୀ ଆତ୍ମହତ୍ୟା, ଅନାହାର ମୃତ୍ୟୁ, ଦାଦନ ଶ୍ରମିକ ଚାଲାଣ, ଧାନ ଅଭାବୀ ବିକ୍ରି ଭଳି ସମସ୍ୟା ଲାଗି ରହିଛି। କୋସଲାଞ୍ଚଳରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ଶିକ୍ଷା ପ୍ରତିଷ୍ଠାନ ଓ କୃଷି ଭିତ୍ତିକ ଶିଳ୍ପ ସ୍ଥାପନ, କୃଷି ଭିତ୍ତିଭୂମି ପ୍ରତିଷ୍ଠା, ଜଳସେଚନ, ଗମନାଗମନ କ୍ଷେତ୍ରକୁ ଅବହେଳା କରାଯାଇଥିବା ମିଶ୍ର କହିଥିଲେ। କ୍ଷୁଦ୍ର ରାଜ୍ୟ ଏଜେଣ୍ଡାରେ ବିଶ୍ୱାସ କରୁଥିବା ତଥା କେନ୍ଦ୍ର ସରକାରରେ ଥିବା ଦଳ ମଧ ତୁରନ୍ତ ସ୍ୱତନ୍ତ୍ର କୋସଲ ରାଜ୍ୟ ପ୍ରସଙ୍ଗ ଉପରେ ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ସେ ଦାବି କରିଥିଲେ । ସଭାରେ କେନ୍ଦ୍ରୀୟ ଉପାଧକ୍ଷ ମୋନସିଂ ବରିହା, ମନୋରଞ୍ଜନ ସାହୁ, ସାଧାରଣ ସମ୍ପାଦକ ବିଭୁଦତ୍ତ ମିଶ୍ର, ସଂଗଠନ ସମ୍ପାଦକ ସୁଶୀଳ ପଣ୍ଡା, ଇରଫାନ ମହମ୍ମଦ, ସୁରେନ୍ଦ୍ର ପଣ୍ଡା, ବରିଷ୍ଠ ସଂଗଠକ ବିକ୍ରମାନନ୍ଦ ବହିଦାର, କୋସଲ ଏକାଡେମୀ ଫୋରମର ପ୍ରଫେସର ଯତୀନ୍ଦ୍ର ମୁଣ୍ଡ, ବରିଷ୍ଠ ସଗଠକ ରଣରାଜ ସିଂଦେଓ, ଶ୍ରମିକ ନେତା ରବି ମିଶ୍ର, କୋସଲ ଯୁବ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସବ୍ୟସାଚୀ ପୂଜାରୀ, ସାଂଗଠାନିକ ସମ୍ପାଦକ ପ୍ରୀତମ ଠାକୁର, ବରିଷ୍ଠ ସଂଗଠକ ଅମୁଲ୍ୟ ପତି, ସୁରସେନ ବହିଦାର, ଛାତ୍ର ସଂଗଠକ ସୁରମ୍ୟ ମିଶ୍ର, ଦୟାସାଗର ମହାକୁର, ଦୀପକ ରଥ, ସୁରଥ ପଟେଲ, କେନ୍ଦ୍ରୀୟ କୋଷାଧକ୍ଷ ପ୍ରମୋଦ ଝାଙ୍କର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ କୋସଲ ରାଜ୍ୟ ଦାବିକୁ ସବୁ ରାଜନୈତିକ ଦଳ ସେମାନଙ୍କ ଆଗାମୀ ନିର୍ବାଚନ ଇସ୍ତାହାରରେ ସ୍ଥାନିତ କରନ୍ତୁ ବୋଲି ମତପ୍ରକାଶ ପାଇଥିଲା। ରାଜ୍ୟ ସରକାର ଗତ କୋଡିଏ ବର୍ଷ ଭିତରେ କୋଶଳାଞ୍ଚଳ ପାଇଁ କ’ଣ କରିଛନ୍ତି ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦାବି କରାଯାଇଥିଲା ।

### ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସ୍‌ପିଟାଲ


# ଦରମା ନ ମିଳିବାରୁ ଝାଡୁଦାରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୧୨।୩**

ବଲାଙ୍ଗୀର ସନ୍ଥ ଭୀମ ଭୋଇ ସରକାରୀ ମେଡିକାଲ କଲେଜ ହସପିଟାଲର ଝାଡୁଦାରମାନେ ଦୀର୍ଘ ୩ ମାସର ଦରମା ନ ପାଇବାରୁ ଓ ଏରିଅର ଦିଆ ନ ଯିବାରୁ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି । ୩୦ ମହିଳା ଓ ୧୦ ଜଣ ପୁରୁଷଙ୍କ ସହ ସମୁଦାୟ ୪୦ ଜଣ ଝାଡୁଦାର ଏହି ଆନ୍ଦୋଳନରେ ଯୋଗ ଦେଇଛନ୍ତି । ଝାଡୁଦାରମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ହସପିଟାଲରେ ସଫେଇ କାମ ଠପ୍ ହୋଇ ପଡିଛି। ୪୦ ଜଣ ଝାଡୁଦାର ଦୀର୍ଘ ୩ ମାସ ହେଲା ଦରମା ପାଇ ନ ଥିବା ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଓ ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅଭିଯୋଗ କରାଯାଇ ଶୀଘ୍ର ଦରମା ଦେବାକୁ ଝାଡୁଦାରମାନେ ଦାବି କରିଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା । ଫଳରେ ମାର୍ଚ୍ଚ ୧୨ ତାରିଖରୁ ଝାଡୁଦାରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ । ଦାବିପୂରଣ ନ ହେବାରୁ ମଙ୍ଗଳବାରଠାରୁ ହସପିଟାଲ ଝାଡୁଦାରମାନେ କାର୍ଯ୍ୟବନ୍ଦ କରି ଧାରଣାରେ ବସିଛନ୍ତି । ଏ ନେଇ ଭାରପ୍ରାପ୍ତ ସିଡିଏମ୍‌ଓ ଜ୍ଞାନବ୍ରତ ମହାନ୍ତିଙ୍କୁ ପଚାରିବାରୁ ଝାଡୁଦାରମାନଙ୍କ ଦରମା ବାବଦକୁ ଫଣ୍ଡ ଅଭାବ କାରଣରୁ ଦରମା ଦିଆଯାଇ ନ ଥିବା ସୂଚନା ଦେଇଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲେଖାଯାଇଛି । ଟଙ୍କା ଆସିଲେ ଶୀଘ୍ର ଦରମା ଦିଆଯିବ ବୋଲି କହିଛନ୍ତି । ଅନ୍ୟପଟେ ଝାଡୁଦାରମାନେ ୩ ମାସର ଦରମା ଓ ଏରିଅର ଦିଆ ନ ଗଲେ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି।



ଝାଡୁଦାରମାନେ ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସ୍‌ପିଟାଲ ପରିସରରେ ଧାରଣାରେ ବସିଛନ୍ତି।



ତୁମେ ନିଜେ ଯେଉଁଭଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।

- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ୪ ଦିନ ହେଲା ଜଳ ଯୋଗାଣ ବନ୍ଦ

ପୁରୁଣାକଟକ ତା ୧୨।୩ (ଡି.ଏନ.ଏ.) ବୌଦ୍ଧ ଜିଲା ପୁରୁଣାକଟକରେ ୪ ଦିନ ହେଲା ଜଳଯୋଗାଣ ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ଓ ପରିମଳ ବିଭାଗ ପକ୍ଷରୁ ପୁରୁଣାକଟରେ ପାନୀୟଜଳ ଯୋଗାଇ ଦିଆଯାଉଛି। ହେଲେ ବିଭିନ୍ନ ସ୍ଥାନରେ ପାଇପ୍ ଯାଇଥିବା ବେଳେ ଏହା ମରାମତି କରା ନ ଯାଇ ଜଳଯୋଗାଣକୁ ବନ୍ଦ କରି ଦିଆଯାଇଛି। ପାଇପ୍ ପାଣି ଉପରେ ନିର୍ଭର କରୁଥିବା ପ୍ରାୟ ୩ ହଜାର ଲୋକ ପାଣି ପାଇଁ ଡହଳବିକଳ ହେଉଛନ୍ତି। ବର୍ତ୍ତମାନ ଦିନକୁ ଦିନ ତାପମାତ୍ରା ବଢୁଥିବା ବେଳେ ପାନୀୟଜଳ ସମସ୍ୟା ନେଇ ଲୋକେ ଚିନ୍ତାରେ ପଡିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି କାଲସାଏଙ୍କୁ ପଚାରିବାରୁ ଖୁବ ଶିଘ୍ର ପାଇପ୍ ମରାମତି କରି ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ।

### ଭାଜପାର ସଂକଳ୍ପ ଅଭିଯାନ

ଜାମଟିକ୍ରା, ୧୨।୩ (ଡି.ଏନ.ଏ)- ଅତାବିରା ସାପ୍ତାହିକ ବଜାର ପ୍ରାଙ୍ଗଣରେ ଭାଜପା ପକ୍ଷରୁ ସଂକଳ୍ପ ଅଭିଯାନ ଆରମ୍ଭ ହୋଇଯାଇଛି। ଏଥିରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଶୋକ ପଣ୍ଡା, ଲୋକସଭା ପ୍ରଭାରୀ ସୀମାଞ୍ଚଳ ଖଟାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରବୀନ୍ଦ୍ର ନାୟକ, ପୂର୍ବତନ ଭଟଲି ବିଧାୟକ କୁମର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

ନୂଆପଡ଼ାରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ

# ଶୃଙ୍ଖଳିତ ନିର୍ବାଚନ ଉପରେ ଗୁରୁତ୍ୱ

ନୂଆପଡା ଅଫିସ,୧୨।୩

୧୭ତମ ସାଧାରଣ ନିର୍ବାଚନ ସକାଶେ ମୁଖ୍ୟ ନିର୍ବାଚନ କମିଶନ ବିଧିବଦ୍ଧ ଘୋଷଣା କରି ସାରିଥିବା ବେଳେ ଏହାକୁ କିପରି ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କରାଯିବ ତାର ଗୁରୁ ଦାୟିତ୍ୱ ରହିଛି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମୋଡେଲ କୋଡ ଅଫ କଣ୍ଡକ୍ଟକୁ ମାନି ଚଳିବା ଆମର ପରମ କର୍ତ୍ତବ୍ୟ ବୋଲି ଜିଲାପାଳ ଡା.ପୋମା ଟୁଡୁ ଏକ ଖବରଦାତା ସମ୍ମିଳନିରେ କହିଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟାରେ ସ୍ଥାନୀୟ ଜିଲାପାଳଙ୍କ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନିରେ ଜିଲାପାଳ ସୂଚନା ଦେଇ କହିଥିଲେ ଯେ, ଆସନ୍ତା ଏପ୍ରିଲ ୧୧ ତାରିଖରେ କଳାହାଣ୍ଡି ଲୋକ ସଭା ନିର୍ବାଚନ ମଣ୍ଡଳି ଅର୍ଥାତ ନୂଆପଡା ଜିଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳି ନୂଆପଡା ଏବଂ ଖଡିଆଳରେ ନିର୍ବାଚନ ହେବ। ଏଥି ସକାଶେ ଆସନ୍ତା ୧୮ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବାକୁ ବିଜ୍ଞପ୍ତି ଜାରି ହେବ । ଏହା ୨୫ ତାରିଖ ଯାଏଁ ଚାଲିବ । ନାମାଙ୍କନ ପତ୍ରଗୁଡିକ ୨୬ ତାରିଖରେ ଯାଞ୍ଚ ହେବ। ୨୮ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି । ଏଥିରେ ଜିଲାରେ ନୂଆପଡା (୭୧)ରେ ୩୦୧ ଏବଂ ଖଡିଆଳ (୭୨)ରେ ୩୦୨ କରି ମୋଟ ୬୦୩ଟି ବୁଥରେ ଭୋଟଗ୍ରହଣ ହେବ। ୧୧ରେ ନିର୍ବାଚନ ଏବଂ ମେ ୨୩ ତାରିଖରେ ଭୋଟଗଣତି ହେବ । ଏଥିରେ ପ୍ରତି ବୁଥରେ ୬ଜଣ କର୍ମଚାରୀ ହିସାବରେ ମୋଟ ୪ ହଜାର ୭୦୪ଜଣ କର୍ମଚାରୀ ନିୟୋଜିତ ହେବେ । ଏଥର ପ୍ରତି ବୁଥରେ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ର୍‌ୟାମ୍ପ ଏବଂ ହ୍ୱିଲ ଚେୟାର ବ୍ୟବସ୍ଥା କରାଯିବ । ଜିଲାରେ ଯେକୌଣସି ସମୟରେ ନିର୍ବାଚନ ସଂକ୍ରାନ୍ତୀୟ ସୂଚନା ଜାଣିବାକୁ ଚାହିଁଲେ ଜିଲା ନିର୍ବାଚନ ଟୋଲଫ୍ରି ନମ୍ବର ୧୯୫୦ (୦୬୬୭୮)କୁ ପୂର୍ବାହ୍ନ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଯୋଗାଯୋଗ କରିପାରିବେ। ନିର୍ବାଚନ ସମୟରେ କୌଣସି ପ୍ରକାର ନିୟମ ଉଲ୍ଲଂଘନ ହେଉଥିଲେ ସି ଭିଜନ ନାମକ ଏକ ଆପ୍ଲିକେସନରେ ଜଣାଇପାରିବେ । ଏଥର ପ୍ରଥମ ଥର ପାଇଁ ଜିଲାର ୧୦ ପ୍ରତିଶତ ଅର୍ଥାତ ୬୩ଟି ବୁଥର ନିର୍ବାଚନୀ ହାଲଚାଲକୁ ୱେବକାଷ୍ଟିଙ୍ଗ କରାଯିବ । ରାଜନୈତିକ ଦଳର ପ୍ରାର୍ଥୀମାନେ ଫର୍ମ ନମ୍ବର ୨୬ରେ ଆଫିଡେଭିଟ କରି ନିଜର ସମ୍ପତ୍ତି ସାଙ୍ଗକୁ ଫୌଜଦାରି ମାମଲା ବିଷୟରେ ଜଣାଇବେ। ଏହାକୁ ପୁଣି ନିର୍ବାଚନର ଦୁଇ ଦିନ ପୂର୍ବରୁ ଅନ୍ତତଃ ତିନିଥର କୌଣସି ଖବର କାଗଜରେ ବହୁଳ ପ୍ରଚାର ପ୍ରସାର ସକାଶେ ବିଜ୍ଞାପନ ଦେବେ । ଏହିଭଳି ଗଣମାଧ୍ୟମଗୁଡିକ ମଧ୍ୟ ବିଜ୍ଞାପନ ପ୍ରସାର ହେଉକି ବିଭିନ୍ନ ପ୍ରକାର ଖବର ପ୍ରକାଶନ ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ଟୁଡୁ ପରାମର୍ଶ କରିଥିଲେ । ଏଥର ନିର୍ବାଚନକୁ କିପରି ସହଜ, ସରଳ ଏବଂ ଶୃଙ୍ଗଳିତ କରାଯାଇ ପାରିବ ସେଥିପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଉପଜିଲାପାଳ ତରଣୀସେନ ନାଏକ, ଡେପୁଟି କଲେକ୍ଟର ଜୟଲାଲ ବେଶ୍ରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସିଟିଓ ପ୍ରିୟବ୍ରତ ଗଡତିଆ ପ୍ରମୁଖ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହ ଅଧିକାରୀମାନେ।

- ନିର୍ବାଚନ ଆଚରଣ ବିଧିକୁ ମାନିବା ଆମର କର୍ତ୍ତବ୍ୟ
- ୬୦୩ଟି ବୁଥରେ ହେବ ନିର୍ବାଚନ
- ୪୭୦୪ କର୍ମଚାରୀ ନିୟୋଜିତ ହେବେ
- ୬୩ଟି ବୁଥରେ ହେବ ୱେବ କାଷ୍ଟିଙ୍ଗ
- ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ର୍‌ୟାମ୍ପ, ହ୍ୱିଲ ଚେୟାରର ବ୍ୟବସ୍ଥା

### ଶିକ୍ଷକଙ୍କ ବଦଳିକୁ ବିରୋଧ, ସ୍କୁଲରେ ତାଲା

ସମ୍ବଲପୁର,୧୨।୩(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ତାଳପାଲି ବିଦ୍ୟାଳୟର ଶିକ୍ଷକ ଦୁଃଶାସନ ରାଉତଙ୍କ ବଦଳିକୁ ବିରୋଧ କରି ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ପୂର୍ବାହ୍ନରେ ସେମାନେ ମୁଖ୍ୟ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣ ଦେଇଥିଲେ। ଶିକ୍ଷକ ରାଉତଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ପୁଣି ସ୍କୁଲରେ ଅବସ୍ଥାପିତ କରିବାକୁ ଦାବି କରିଥିଲେ। ଏବେ ପରୀକ୍ଷା ଋତୁରେ କିପରି ଶିକ୍ଷକଙ୍କ ବଦଳି କରାଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଥିଲେ। ଏହି ବିଦ୍ୟାଳୟରେ ୮ ଶ୍ରେଣୀକୁ ୫ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ରାଉତଙ୍କୁ ଏଠାରୁ ବଦଳି କରାଗଲେ ଶିକ୍ଷକ ସଂଖ୍ୟା ୪ ହୋଇଯିବ। ଫଳରେ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବ ବୋଲି ସେମାନେ କହିଥିଲେ। ମାନେଶ୍ୱର ବିଇଓ ସନାତନ ବିଶ୍ୱାଳ ଓ ସିଆର୍‌ସିସି ଦୁର୍ଗା ସିଂ ସ୍କୁଲରେ ପହଞ୍ଚି ଅଭିଭାବକ ଓ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ମଙ୍ଗଳବାର ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାସଙ୍କୁ ପଚାରିବାରୁ କହିଲେ, ପରୀକ୍ଷା ସମୟରେ ଶିକ୍ଷକଙ୍କୁ ବଦଳି କରିବାର ଆବଶ୍ୟକତା ନ ଥିଲା। ତେଣୁ ତାଙ୍କ ବଦଳି ଆଦେଶକୁ ରଦ୍ଦ କରାଯିବ। ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ

## ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା

- ୯ ଗ୍ରାମପଞ୍ଚାୟତ ଅଞ୍ଚଳ ବୁଲିଲା

ନୂଆପଡା ଅଫିସ/ସିନାପାଲି, ୧୨।୩ (ଡି.ଏନ.ଏ.)

ମଙ୍ଗଳବାରଠାରୁ ନୂଆପଡ଼ା ଜିଲା ଖଡିଆଳ ନିର୍ବାଚନ ମଣ୍ଡଳିରେ ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା ଆରମ୍ଭ ହୋଇଯାଇଛି । ପୂର୍ବାହ୍ନ ସାଢେ ୯ଟାରେ ସିନାପାଲି ଦୁର୍ଗା ମନ୍ଦିରରୁ ଆରମ୍ଭ ହୋଇଥିଲା । ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଭାରୀ ଦୃଷ୍ଟିଚନ୍ଦ୍ର ମାଝି, ଉପସଭାପତି ପୃଥୀରାଜ ମହାନ୍ତି, ସାଧାରଣ ସମ୍ପାଦକ ସୁବ୍ରତ ଠାକୁର, ଦେବ ଦେବ ସିଂ ଦେଓ, ମମତାଞ୍ଜଳୀ ମାଝି, କେଶବ ମାଝି, ନିମାଇଁ ତାଣ୍ଡି, ଅରିଗଞ୍ଜନ ଯୋଷୀ, ଜେମାମଣୀ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଏଠାରୁ ଯାତ୍ରା ବାହାରି ଘଣ୍ଟିଗୁଡା, ହାତୀ ବନ୍ଧା, ଲିଟି ଗୁଡା, ନୂଆପଡା, ଗମ୍ଭାରୀ ଗୁଡା, ଭରୁଆ ମୁଣ୍ଡା, କୁସୁମ ଜୋରର କାଶୀପାଣି, ସିଙ୍ଗଝର, ଗୋଡାଲ ଆଦି ୯ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ମୋଦିଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିବାବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପର ସମାଲୋଚନା କରିଥିଲେ । ଏହି ନିର୍ବାଚନରେ କିପରି ମିଶନ ୧୨୦କୁ ସାକାର କରାଯିବ ସେଥିପାଇଁ ଲୋକଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ କାର୍ଯ୍ୟକର୍ତ୍ତାମାନେ । ଏହି ଯାତ୍ରା ଆଗକୁ ୭ ଦିନ ଧରି ଚାଲିବାକୁ ଥିବା ଜିଲା ସଭାପତି ମୁଣ୍ଡ କହିଛନ୍ତି ।



ଗାଁ ଗାଁରେ ବୁଲୁଥିବା ବିଜୟ ସଙ୍କଳ୍ପ ଯାତ୍ରାରେ ଲୋକଙ୍କୁ ବିଭିନ୍ନ ଯୋଜନା ଉପରେ ଅବଗତ କରାଯାଉଛି ।

## ଓଏମ୍‌ଏଲ୍‌ଟିଏର ନୂତନ କର୍ମକର୍ତ୍ତା ନିର୍ବାଚନ

ଚିପିଲିମା,୧୨।୩(ଡି.ଏନ୍.ଏ.)

ଓଡ଼ିଶା ମେଡିକାଲ ଲାବୋରେଟୋରି ଟେକ୍ନିସିଆନ ଆସୋସିଏଶନ୍ (ଓଏମ୍‌ଏଲ୍‌ଟିଏ)ର ରାଜ୍ୟସ୍ତରୀୟ ସମ୍ମିଳନୀ ବୁର୍ଲା ଭିମସାର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ କଟକ ଏସ୍‌ସିବିର ଯୁଧିଷ୍ଠିର ସେଠୀ, ଉପସଭାପତି ଭାବେ ବୁର୍ଲା ଭିମସାରର ସୁମନ୍ତ କୁମାର ସାହୁ, ସମ୍ପାଦକ ଭାବେ ପୁରୀ ମୁଖ୍ୟ ଚିକିତ୍ସାଳୟର ଅକ୍ଷୟ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ କଟକ ଏସ୍‌ସିବିର ବିଶ୍ୱଜିତ ସେନାପତି ଓ କୋଷାଧ୍ୟକ୍ଷ ଭାବେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଲଳିତ କୁମାର ସ୍ୱାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ସାଂଗଠନିକ ଅଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ତଥା ସମ୍ପାଦକ ତାପସ ରଞ୍ଜନ ମହନ୍ତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଭିମସାର ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର, ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡ. ବ୍ରଜମୋହନ ମିଶ୍ର, ଅଧିକ୍ଷକ ପ୍ରଫେସର ଡ. ଜୟଶ୍ରୀ ଦୋରା, ପାଥୋଲୋଜି ମୁଖ୍ୟ ପ୍ରଫେସର ଡ. କୈଳାସ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇଥିଲେ।

## ଶହୀଦ ସ୍ମୃତି ନାଇଟ୍ କ୍ରିକେଟ: ମହୁଲପାଲି ଦଳ ଚାମ୍ପିୟନ

ପଦ୍ମପୁର,୧୨।୩ (ଡି.ଏନ.ଏ)

ପୁଲୱାମାରେ ଶହୀଦ ଯବାନଙ୍କ ସ୍ମୃତିରେ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ପ୍ରଥମ ଶହୀଦ ସ୍ମୃତି ନାଇଟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହୁଲପାଲି ଏବଂ ଭୁତମୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଭୁତମୁଣ୍ଡା ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪୫ ରନ୍ କରିଥିଲେ । ମହୁଲପାଲି ଦଳ ୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ୮ଟି ବଲ୍ ବାକି ଥାଇ ହାସଲ କରି ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ସଭାପତି ପ୍ରମୋଦ ମେହେର, ଉପସଭାପତି ହିତେଶ ଅଗ୍ରୱାଲ, ସମ୍ପାଦକ କୁନାଲ ପାଣିଗ୍ରାହୀ, କୋଷାଧକ୍ଷ ନରେଶ ସୁନ୍ଦର ସାହୁ, ପ୍ରିତେଶ ବୋହିଦାର, ଅଶୋକ ମିଶ୍ର, ସୁନୀଲ ଅଗ୍ରୱାଲ, ନାରାୟଣ ପୁରୋହିତ, ଅଜନ ପଧାନ, ଅରବିନ୍ଦ ପାଣିଗ୍ରାହୀ, ନବକିଶୋର କଣ୍ଟା, ଅଭିପ୍ରିତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ସିଟି ଫାଇନାନ୍ସ ଲି଼
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବ ନ୍ଦ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଖରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବହୁତ ହୋଇଗଲା। ଅନନ୍ତ କାଳ ଯାଏ ଆତଙ୍କବାଦକୁ ସହ୍ୟ କରିପାରିବ ନାହିଁ ଭାରତ।

-ନରେନ୍ଦ୍ର ମୋଦି,
ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ



### ଗୁଣ୍ଡରୀ ପଞ୍ଚାୟତରେ ବାଘ ଆତଙ୍କ, ବନ ବିଭାଗ ନୀରବଦ୍ରଷ୍ଟା

ଲାଞ୍ଜିଗଡ଼,୧୨।୩(ଡି.ଏନ.ଏ.) କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୁଣ୍ଡରୀ ପଞ୍ଚାୟତର ଦୁର୍ଗମ ଗ୍ରାମାଞ୍ଚଳରେ ଏକ ସପ୍ତାହେରୁ ଅଧିକ ହେଲା ବାଘ ଆତଙ୍କ ଦେଖା ଦେଇଛି । ଏକ ବାଘ ଅତର୍କିତ ଆକ୍ରମଣ କରି ଗାଈଗୋରୁ, ଛେଳିମାନଙ୍କୁ ମାରି ଦେଉଥିବାବେଳେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ ବାଘକୁ ଚିହ୍ନଟ କରିବା ଦୂରର କଥା ବାଘ ସମ୍ପର୍କରେ କୌଣସି ଖୋଜଖବର ପାଇପାରିନି ବନବିଭାଗ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ଦେଖା ଦେଇଥିବାବେଳେ ବନବିଭାଗର ଅବହେଳାକୁ ସ୍ଥାନୀୟ ଲୋକେ ଦାୟି କରିଛନ୍ତି । ଏପରିକି ବାଘ ଭୟ ଯୋଗୁ ସନ୍ଧ୍ୟା ନ ହେଉଣୁ କାବାଙ୍ଗହେଜୁ, ଅଡସତଲା, ଜାମକନା, ସାନକାର୍ଲି, ଗୁଣ୍ଡରୀ, ଅଦଲାଡୁ ଆଦି ଗାଁଗୁଡିକରେ ତାଟିକବାଟ ପଡିଯାଉଥିବା ଭଳି ପରିସ୍ଥିତି ଦେଖାଦେଇଛି। ତୁରନ୍ତ ବାଘକୁ ଚିହ୍ନଟ ସହିତ ଏ ଅଞ୍ଚଳରୁ ସ୍ଥାନାନ୍ତର ପାଇଁ ଜିଲା ପରିଷଦ ସଦସ୍ୟ ଉପେନ୍ଦ୍ର ରାଉତଙ୍କ ସମେତ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଗାଡ଼ି ଧକ୍କାରେ ସ୍କୁଟି ଚାଳକ ଗୁରୁତର

ଭବାନୀପାଟଣା,୧୨।୩(ଡି.ଏନ.ଏ.) ମଙ୍ଗଳବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ଜଣକ ହେଲେ ଯୋସବନ୍ତ ମହାନନ୍ଦ (୨୭) । ତାଙ୍କ ଘର ଭବାନୀପାଟଣା ନିକଟସ୍ଥ ଡୁଙ୍ଗରିପଦର ଗ୍ରାମର ବୋଲି ଜଣାପଡିଛି। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ଘୋଡାଘାଟ ଛକରୁ ମ୍ୟୁନିସିପାଲଟି ରାସ୍ତାରେ ଜଣେ ସ୍କୁଟି ଚାଳକ ଗାଡି ଚଳାଇଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କାଦେଇ ଏନ୍ଏଚ୍ ୨୬ର ଜୁନାଗଡ ରାସ୍ତାରେ ଚାଲିଯାଇଥିଲା। ଖବର ପାଇ ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ଓ ଏସଆଇ କୁନା ସେଠୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ତଦନ୍ତ ଜାରି ରଖିଛନ୍ତି।

ଅବହେଳିତ ଡଙ୍ଗରମୁର୍ଲି ଶୈବପୀଠ

# ପ୍ରଶାସନ ତରଫରୁ ଦୃଷ୍ଟି ଦିଆଯାଉନି

## ଶିବରାତ୍ରି କମିଟି ପକ୍ଷରୁ ଅଭିଯୋଗ

- ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ମନ୍ଦିରର ବିଭିନ୍ନ ନୀତିକାନ୍ତି ହେଉଛି
- କେତେକ ଯୁବକଙ୍କ ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥାଏ

ଭବାନୀପାଟଣା,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲାର କେସିଙ୍ଗା ବ୍ଲକ କିକିଆ ଡଙ୍ଗରମୁର୍ଲି ପାତାଳେଶ୍ୱର ହେଉଛି ଜିଲାର ଏକ ବହୁ ପୁରାତନ ଶୈବ ପୀଠ। ୧୯୩୩ରେ କଳାହାଣ୍ଡି ରାଜ ବ୍ରଜମୋହନ ଦେଓଙ୍କ ଅମଳରେ ଏହାର ଅବିର୍ଭାବ ବୋଲି କୁହାଯାଏ। କିନ୍ତୁ ଏହି ଶୈବ ପୀଠ ଏବେ ଅବହେଳିତ ଅବସ୍ଥାରେ ରହିଛି। ଜିଲାର ଏହି ପୁରାତନ ମନ୍ଦିର ଯେତିକି ଉନ୍ନତି ହେବା କଥା ତାହା ହୋଇ ନାହିଁ। ପରିଚାଳନା କମିଟି ରହିଥିଲେ ମଧ୍ୟ ନାମକୁମାତ୍ର ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ମନ୍ଦିରରେ ପ୍ରତି ସୋମବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିବା ବେଳେ ଅଞ୍ଚଳର ଲୋକମାନେ ରୁଦ୍ରାଭିଷେକ, ଜଳାଭିଷେକ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିଥାନ୍ତି। ପ୍ରତିବର୍ଷ ଶିବରାତ୍ରି ମହା ଧୁମଧାମରେ ପାଳିତ ହୋଇଥାଏ। ହେଲେ ମନ୍ଦିରର ଉନ୍ନତି ପ୍ରତି ପ୍ରଶାସନ ତରଫରୁ ଯେତିକି ଦୃଷ୍ଟି ଦେବା କଥା ତାହା ଦିଆଯାଉ ନ ଥିବା ନେଇ ଶିବରାତ୍ରି କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପୀଠକୁ ପର୍ଯ୍ୟଟନସ୍ଥଳିର ମାନ୍ୟତା ଦେବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଏକ ଟିମ୍ ପରିଦର୍ଶନରେ ଆସି ତଦନ୍ତ କରି ଯାଇଥିଲେ। ହେଲେ ରାଜସ୍ୱ ବିଭାଗ ପକ୍ଷରୁ ଯେଉଁ ସବୁ ରିପୋର୍ଟ ଯିବା କଥା ତାହା ହୋଇପାରି ନ ଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଏହି ସର୍ବପୁରାତନ ଶୈବ ପୀଠ ଯଦି ପର୍ଯ୍ୟଟନସ୍ଥଳିର ମାନ୍ୟତା ପାଏ, ତା' ହେଲେ ମନ୍ଦିର ଉନ୍ନତି ହେବା ସାଙ୍ଗକୁ ଅଞ୍ଚଳର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ବିଭିନ୍ନ ପୂଜା ପାର୍ବଣରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଯାହା ଦାନ ହୋଇଥାଏ । ସେହି ଅର୍ଥରେ ମନ୍ଦିରର ବିଭିନ୍ନ ନୀତିକାନ୍ତି ହେଉଥିବା ବେଳେ ପୂଜକଙ୍କ ସହାୟତାରେ ମନ୍ଦିର ଚାଲୁଥିବା କୁହାଯାଏ। ବଣ ପାହାଡ ତଳେ ପ୍ରକୃତି କୋଳରେ ଅବସ୍ଥିତ ଏହି ମନ୍ଦିର ପ୍ରତି ସରକାରଙ୍କ ଦୂରଦୃଷ୍ଟିର ଯୋଗୁ ବିଭିନ୍ନ ସମସ୍ୟା ଭିତରେ ରହିଛି। ହେଲେ ଏଥିପ୍ରତି ମନ୍ଦିର ପରିଚାଳନା କମିଟି ଆନ୍ତରିକତା ଅଭାବ ମଧ୍ୟ ରହିଥିବା ପରିଲକ୍ଷିତ ହେଉଛି। କମିଟି ଥିଲେ ମଧ୍ୟ ନ ଥିଲା ଭଳି ଅଭିଯୋଗ ହେଉଥିବା ବେଳେ ଅଞ୍ଚଳର କେତେ ଯୁବକଙ୍କ ସହାୟତାରେ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥାଏ। ହେଲେ ମନ୍ଦିରରେ ପାନୀୟ ଜଳର ଅଭାବ ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ପାଇଁ ବିଶ୍ରାମ ଗୃହ ନ ଥିବାରୁ ଏଥିଲାଗି ଅନେକ ଦିନରୁ ଦାବି ହୋଇଆସୁଛି। କିନ୍ତୁ ତାହା ହୋଇପାରି ନ ଥିବା ଅଭିଯୋଗ ହେଉଛି। ଏହି ପୀଠରେ ମୁଖ୍ୟ ଦେବଦେବୀ ପାତାଳେଶ୍ୱର ବାବା ଓ ଦେବୀ ଚଣ୍ଡୀଙ୍କ ପାଇଁ ସ୍ଥାୟୀ ମନ୍ଦିର ଥିବା ବେଳେ ପାର୍ଶ୍ୱ ଦେବାଦେବୀ ଏଠାରେ ବର୍ଷ ସାରା ପୂଜା ପାଉଛନ୍ତି। ମନ୍ଦିର ନିର୍ମାଣ ହୋଇପାରି ନ ଥିବାରୁ ପାର୍ଶ୍ୱ ଦେବଦେବୀ ଖୋଲା ସ୍ଥାନରେ ପୂଜା ପାଉଛନ୍ତି। ସେହିପରି ୨୦୦୭ରେ ତତ୍କାଳୀନ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ୧ ଲକ୍ଷ ୫୦ ହଜାର ଟଙ୍କା ଅଟକଳରେ ମନ୍ଦିର ପରିସରରେ ଏକ କମ୍ୟୁନିଟି ଗୃହ ନିର୍ମାଣ ପାଇଁ ବ୍ଲକକୁ ଅନୁଦାନ ଯୋଗାଇ ଦିଆଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ କରା ନ ଯାଇ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। କଳାହାଣ୍ଡି ଜିଲାର ଏହା ଏକ ସର୍ବପୁରାତନ ଶୈବ ପୀଠ ହୋଇଥିବା ବେଳେ ଏଥିପ୍ରତି ପ୍ରଶାସନ ପକ୍ଷରୁ ଯେତିକି ସହଯୋଗ ମିଳିବା କଥା ମିଳିପାରୁ ନାହିଁ। ସ୍ଥାନୀୟ ଏମ୍‌ପି ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ମିଳୁନାହିଁ ବୋଲି ମନ୍ଦିର ଶିବରାତ୍ର ପୂଜା କମିଟି ସଭାପତି ଲମ୍ବୋଦର ମାଝି ଓ ସମ୍ପାଦକ ଡୋଲାମଣୀ ମାଝି ଅଭିଯୋଗ କରିଛନ୍ତି। ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ମନ୍ଦିରକୁ ପୂଜା କରିବା ପାଇଁ ଆସିଥାନ୍ତି। ହେଲେ ମନ୍ଦିରରେ ଯେଉଁ ସବୁ ସୁବିଧା ରହିବା କଥା ତାହା ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନାହିଁ ବୋଲି ମନ୍ଦିର ପୂଜକ ଖଗେନ୍ଦ୍ର ମାଝି କହିଛନ୍ତି ।



ଡଙ୍ଗରମୁର୍ଲି ଶୈବ ପୀଠ।

# ବେକରେ ଦଉଡ଼ି ଦେଇ ନବବଧୂଙ୍କ ଆତ୍ମହତ୍ୟା ଅଭିଯୋଗ

କୋକସରା,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଟେମରା ଗ୍ରାମରେ ମଙ୍ଗଳବାର ଜଣେ ନବବଧୂ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (୦୨/୧୯) ରୁଜୁ ହୋଇଛି । ଅନ୍ୟପକ୍ଷେ ବାପଘର ଲୋକେ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୫୦/୧୯) ରୁଜୁ କରିଛି । କୋକସରା ବ୍ଲକ୍ ଟେମରା ଗ୍ରାମର ଦେବ ଚଣ୍ଡିଙ୍କ ଝିଅ ତାରା ଚଣ୍ଡୀ (୨୦) ଗତ ୩ ତାରିଖରେ ବୈଦିକ ରୀତିନୀତି ଅନୁସାରେ ଧର୍ମଗଡ଼ ବ୍ଲକ ଜୟନ୍ତପୁର କଲୋନିପଡ଼ା ଗ୍ରାମର ସାମନ୍ତ ଜାଲଙ୍କ ସହ ବିବାହ କରିଥିଲେ। ବିବାହ ପରେ ଝିଅଙ୍କୁ କନ୍ୟା ପିତା ନିଜ ସମ୍ବଳ ମୁତାବକ ଜାନିଯୌତୁକ ଦେଇ ପଠାଇଥିଲେ। ବର ଘରେ ପହଞ୍ଚିବା ପରେ ହସଖୁସିରେ ନବବଧୁଙ୍କୁ ସ୍ୱାଗତ କରିଥିଲେ। ବର ଘର ପକ୍ଷରୁ ଅତିଥିମାନଙ୍କୁ ଭୋଜିଭାତ ସହ ଆପ୍ୟାୟାତ କରାଯାଇଥିଲା । ସୋମବାର ରାତିରେ ନବବଧୂ ନିଜ ଶୋଇବା କୋଠରିରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ସକାଳେ ଶ୍ୱଶୁର ଘର ଲୋକେ ବୋହୂଙ୍କୁ ଶୋଇବା ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଦଉଡ଼ି ଖୋଲିବା ବେଳେ ନବବଧୂଙ୍କ ମୃତ୍ୟୁ ହୋଇ ସାରିଥିଲା । ଏହା ପରେ କୋକସରା ପୋଲିସରେ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି। ଏ ନେଇ କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି । ନବବଧୂ କାହିଁକି ଏଭଳି ଚରମ ନିଷ୍ପତ୍ତି ଗ୍ରହଣ କଲେ ଏହା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ତାହା ଅସ୍ପଷ୍ଟ ରହିଛି।

## ଜୁନାଗଡ଼ରେ ୭୨ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ଜୁନାଗଡ,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ମଙ୍ଗଳବାର ୭୨ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା, ପୁରୁଷ ସାମିଲ ହୋଇ ନିକଟସ୍ଥ ହାତୀନଦୀରୁ ମାନସିକ ଜଳପୂର୍ଣ୍ଣ କଳସ ଉଠାଇ ମଣ୍ଡପ ନିକଟରେ ପହଞ୍ଚିଥିଲେ। ପରେ ରିତୀନିତୀ ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯଜ୍ଞର ମୁଖ୍ୟ କର୍ତ୍ତା ଭାବେ ସତ୍ୟ ନାରାୟଣ ଦଣ୍ଡସେନା ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଯଜ୍ଞ ସଭାପତି ଭାବେ ବେଦ ପ୍ରକାଶ ଗୋଏଲ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ସିଙ୍ଘଲ, ମୁକେଶ ଅଗ୍ରୱାଲ, ଦୁର୍ଗା ପ୍ରସାଦ ନାଏକ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ଲଳିତ ମୁଣ୍ଡ ଓ ବିରଜା ମୁନ୍‌ଡ ଦାୟିତ୍ୱ ତୁଲାଉଛନ୍ତି।




କଳସ ଯାତ୍ରାରେ ସାମିଲ ହୋଇଥିବା ଶତାଧିକ ମହିଳା,ପୁରୁଷ ।

# ୪ ଦିନ ପରେ ଜାମିନରେ ମୁକୁଳିଲେ ଲିଙ୍ଗରାଜ ଆଜାଦ

ଭବାନୀପାଟଣା,୧୨।୩(ଡି.ଏନ.ଏ.)

ସସମାଜବାଦୀ ଜନପରିଷଦ ଉପାଧ୍ୟକ୍ଷ ତଥା ନିୟମଗିରି ସୁରକ୍ଷା ସମିତି ନେତା ଲିଙ୍ଗରାଜ ଆଜାଦଙ୍କୁ ସୋମବାର ସନ୍ଧ୍ୟାରେ ଏସଡିଜେଏମ୍ କୋର୍ଟରୁ ଜାମିନ ମିଳିଛି। ଗିରଫ ହେବାର ୪ ଦିନ ପରେ ତାଙ୍କ ଜାମିନ ମଞ୍ଜୁର ହୋଇଛି ବୋଲି ତାଙ୍କ ଓକିଲ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଲିଙ୍ଗରାଜଙ୍କ ଗିରଫ ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଥିଲା । ଲିଙ୍ଗରାଜଙ୍କ ଗିରଫ ପ୍ରତିବାଦରେ ସୋମବାର ଭୁବନେଶ୍ୱରଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ଗିରଫକୁ ବେଆଇନ ଦର୍ଶାଇ ସାମାଜିକ କାର୍ଯ୍ୟକର୍ତ୍ତାମାନେ ଜାତୀୟ ଓ ରାଜ୍ୟ ମାନବାଧିକାର କମିସନରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା ମେଧା ପାଟେକରଙ୍କ ଠାରୁ ଆରମ୍ଭ କରି ଯୋଗେନ୍ଦ୍ର ଯାଦବ, ବିନାୟକ ସେନ୍, ଦମୟନ୍ତୀ ବାର୍ଲା, ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ ସାଧାରଣ ଲୋକଙ୍କ ଜୀବନ ଜିବିକା ପାଇଁ ଲଢୁଥିବା ସଂଗ୍ରାମୀ ନେତାଙ୍କୁ ପୋଲିସ ମାଓବାଦୀ ସମର୍ଥକ ବୋଲି କହିବା ନିନ୍ଦନୀୟ ବୋଲି କହିଛନ୍ତି। ଅନ୍ୟପଟେ ଲିଙ୍ଗରାଜଙ୍କ ଜାମିନ ମଞ୍ଜୁର ପରେ କଳାହାଣ୍ଡି ସଚେତନ ନାଗରିକ ମଞ୍ଚର ସତ୍ୟ ମାହାର ସତ୍ୟର ଜୟ ହେଲା ବୋଲି କହିଛନ୍ତି। ଜାମିନରେ ଜେଲରୁ ବାହାରିବା ପରେ ବିଭିନ୍ନ ସଙ୍ଗଠନ ଓ ସାମାଜିକ କାର୍ଯ୍ୟକର୍ତ୍ତା ପୁଷ୍ପଗୁଛ ଦେଇ ଲିଙ୍ଗରାଜଙ୍କୁ ସ୍ୱାଗତ କରିଥିଲେ।



ଲିଙ୍ଗରାଜ ଆଚାର୍ଯ୍ୟ।

## ୬ ଦିନ ପରେ ଅଚିହ୍ନା ଯୁବତୀଙ୍କ ଶବ ସତ୍କାର କଲା ପୋଲିସ

ଭବାନୀପାଟଣା,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ବିଜେପୁର ପୋଲିସ ଷ୍ଟେଶନ୍ ଅନ୍ତର୍ଗତ ମୁଣ୍ଡି ଘାଟି ନିକଟସ୍ଥ ପୁକେର ଗ୍ରାମ ପାଖରେ ଏକ ଅଜଣା ଯୁବତୀଙ୍କ ମୃତଦେହ ଗତ ୭ ତାରିଖରେ ପୋଲିସ ଉଦ୍ଧାର କରିଥିଲା। ଏହାକୁ ଚିହ୍ନଟ ପାଇଁ ୧୧ ତାରିଖ ପର୍ଯ୍ୟନ୍ତ ମୃତଦେହକୁ ରଖିଥିଲା। କେହି ଚିହ୍ନଟ ପାଇଁ ନ ଆସିବାରୁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ଶବ ସତ୍କାର କରାଯାଇଥିବା ବିଜେପୁର ଓଆଇସି ପ୍ରକାଶ କରିଛନ୍ତି। ଏ ନେଇ ବିଜେପୁର ଥାନାରେ ଧାରା ୩୦୨/୨୦୧ ଆପିସିରେ ଏକ ମାମଲା (ନଂ.୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଯୁବତୀଙ୍କ ଉଚ୍ଚତା ପ୍ରାୟ ୫ ଫୁଟ ୫ ଇଞ୍ଚ, ବୟସ ପ୍ରାୟ ୨୦ ରୁ ୨୫ ବର୍ଷ । ଶ୍ୟାମଳା ରଙ୍ଗ, ମଧ୍ୟମ ସ୍ୱାସ୍ଥ୍ୟ ଶରୀର, ସେ ଏକ ଗୋଲାପି ରଙ୍ଗର ସାଲୁଆର ପିନ୍ଧିଛନ୍ତି ଓ ତାଙ୍କ ବାମ ହାତରେ ତରସିଲ ବୋଲି ଲେଖାଯାଇଥିବା ଦେଖାଯାଇଛି। ଯେ କୌଣସି ବ୍ୟକ୍ତି ଉକ୍ତ ମୃତଦେହକୁ ଚିହ୍ନଟ କଲେ ସୂଚନା ଦେବାକୁ ବିଜେପୁର ଓଆଇସି ଅନୁରୋଧ କରିଛନ୍ତି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ପୋଲିସର ତଦନ୍ତ ଜାରି

କୋକସରା,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଖୁଣ୍ଟିଆ ଗ୍ରାମପଞ୍ଚାୟତ ମିର୍ଜାପୁର ବନ୍ଧପଡ଼ାଠାରେ ଥିବା ଏକ ପଳାଶଗଛରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି । ତାଙ୍କ ନାମ ପ୍ରିୟା ମାଝି (୨୫) । ତେବେ ଏହା ଆତ୍ମହତ୍ୟା ନା ଏକ ହତ୍ୟାକାଣ୍ଡ ତାହା ସ୍ପଷ୍ଟ ହୋଇ ନାହିଁ । ସୂଚନା ମୁତାବକ ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଟାଙ୍ଗରଭଟା ଗ୍ରାମର ପ୍ରିୟା ଗତବର୍ଷ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର ଧନିରାମ ସୌରି ନାମକ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଉଭୟ ପ୍ରେମୀ ଯୁଗଳ ଏକାଠି ବେହେରା ଗ୍ରାମରେ ରହୁଥିଲେ। ସୋମବାର ସନ୍ଧ୍ୟାରୁ ପ୍ରିୟା ଘରୁ ବାହାରି ଆଉ ଫେରି ନ ଥିଲେ । ମଙ୍ଗଳବାର ସକାଳୁ ବେହେରା ଗ୍ରାମରୁ ୫ କି.ମି. ଦୂର ମିର୍ଜାପୁର ବନ୍ଧପଡ଼ା ନିକଟରେ ଥିବା ଏକ ପଳାଶଗଛରେ ପ୍ରିୟାଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ କୋକସରା ପୋଲିସରେ ଖବର ଦେଇଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୦୧/୧୯) ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି ।

ନିର୍ବାଚନ ଆଚରଣ ବିଧି ପରେ

# ଜିଲାର ସମସ୍ତ ଅଞ୍ଚଳରୁ ହଟିଲା ହୋର୍ଡିଂ, ବ୍ୟାନର

ଭବାନୀପାଟଣା,୧୨।୩(ଡି.ଏନ.ଏ.)

୨୦୧୯ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମତେ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ରାଜନୈତିକ ଦଳର ହୋର୍ଡିଂକୁ ବାହାର କରି ଦିଆଯାଇଛି। ସୋମବାର ଭବାନୀପାଟଣା ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ଉପସ୍ଥିତିରେ ସହରରେ ଲଗାଇଯାଇଥିବା ସମସ୍ତ ହୋର୍ଡିଂକୁ ବାହାର କରି ଦିଆଯାଇଛି। ସେହିପରି ଜିଲାର ସମସ୍ତ ଅଞ୍ଚଳରେ ଥିବା ଏଭଳି ହୋର୍ଡିଂ ଓ ସରକାରୀ ଯୋଜନା ସମ୍ପର୍କିତ ହୋର୍ଡିଂ, କାନ୍ଥଲେଖା ସବୁକୁ କଢାଯାଉଛି ଓ ଲିଭାଯାଉଛି। ସାଧାରଣ ନିର୍ବାଚନ ୨୦୧୯ ପାଇଁ ନିର୍ବାଚନ ତାରିଖ ଘୋଷଣା ହେବା ସହିତ ଆଚରଣ ବିଧି ମଧ୍ୟ ଲାଗୁ ହୋଇଛି। ଗତ ତିନି ମାସରୁ ଊର୍ଦ୍ଧ୍ୱ ହେବ ଆଶାୟୀ ନେତାମାନେ ବ୍ୟାନର ମାଧ୍ୟରେ ନିଜର ପ୍ରଚାରରେ ଲିପ୍ତ ଥିଲେ। ଏବେ ପ୍ରଶାସନ ଏହି ବ୍ୟାନର ପୋଷ୍ଟର ସବୁ ଉପରେ ଅଙ୍କୁଶ ଲଗାଇବା ପରେ ନେତାମାନେ ନିରାଶ ହୋଇଛନ୍ତି।

ଓକିଲଙ୍କୁ ଇଏଲନିସି ମିଶନ ସ୍କୁଲ ନିର୍ଦ୍ଦେଶକଙ୍କ ଧମକ ଅଭିଯୋଗ

# ଥାନାରେ ମାମଲା, ଗିରଫ ଦାବି କଲା ଓକିଲ ସଂଘ

ଧର୍ମଗଡ,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡସ୍ଥିତ ଇଏଲନିସି ମିଶନ ସ୍କୁଲ ନିର୍ଦ୍ଦେଶକ ସହରର ଜଣେ ଓକିଲଙ୍କୁ ଅସାଦାଚରଣ ଏବଂ ଧମକ ଦେବା ଅଭିଯୋଗ ହୋଇଛି । ଏ ନେଇ ଧର୍ମଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି । ଓକିଲଙ୍କୁ ଜାତିଆଣ ମନ୍ତବ୍ୟ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଏବଂ ତାଙ୍କୁ ଜୀବନରେ ମାରିଦେବା ଧମକ ଦେବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଓକିଲ ଜଣକ। ଏହି ଘଟଣାରେ ହସ୍ତକ୍ଷେପ କରିଛି ଧର୍ମଗଡ ଓକିଲ ସଂଘ। ଘଟଣାର ତଦନ୍ତ କରାଯାଇ ତୁରନ୍ତ ନିର୍ଦ୍ଦେଶକ ଜୟ କୁଜିଙ୍କୁ ଗିରଫ କରିବା ପାଇଁ ଓକିଲ ସଂଘ ଦାବି କରିଛି। ଗିରଫ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଓକିଲ ସଂଘ ଧମକ ମଧ୍ୟ ଦେଇଛି। ଅଭିଯୋଗରୁ ଜଣାଯାଇଛି ଯେ, ବିକ୍ରମଗୁଡା ଗ୍ରାମର ଆଇନଜୀବୀ ପ୍ରେମଲାଲ ସାଗର ଶନିବାର ସକାଳ ୭.୪୫ଟାରେ ନିଜ ପିଲାଙ୍କ ସ୍କୁଲ ବସ ଫେଲ ହେବାରୁ ସେ ନିଜେ ବାଇକ୍ ଯୋଗେ ଇଏଲନିସି ମିଶନ ସ୍କୁଲକୁ ଛାଡିବାକୁ ଯାଇଥିଲେ । ସେଠାରେ ପହଞ୍ଚିବା ପରେ ସେ ଭୁଲବଶତଃ ବିଦ୍ୟାଳୟ ଭିତରକୁ ବାଇକ୍ ପୁରାଇ ଦେଇଥିଲେ । ଏହାକୁ ନେଇ ସେଠାରେ ଥିବା ସିକ୍ୟୁରିଟି ଗାର୍ଡ ତାଙ୍କୁ ବାରଣ କରିବା ସହ ଯୁକ୍ତିତର୍କ କରି ବିଦ୍ୟାଳୟ ନିର୍ଦ୍ଦେଶକଙ୍କୁ ଏ ବିଷୟରେ ଅବଗତ କରାଇଥିଲା । ଏହାପରେ ସେ ସେଠାରୁ ଘରକୁ ଚାଲି ଆସିଥିଲେ। ଏହି ସମୟରେ ନିର୍ଦ୍ଦେଶକ ଜୟ କୁଜି ପ୍ରେମଲାଲଙ୍କୁ ଫୋନ କରି ତୁମେ ଓକିଲ ହୋଇ ନିୟମକାନୁନ ଜାଣି ନାହଁ କି ବୋଲି କହିବା ସହ ତମେ ଛୋଟ ଯାତି ସେଥିପାଇଁ ଏହା ଜାଣିପାରୁନାହଁ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ନିର୍ଦ୍ଦେଶକ ଉତକ୍ଷିପ୍ତ ହୋଇ ଜାତିଆଣ ମନ୍ତବ୍ୟ ଦେବା ସହ ମାରିଦେବା ଧମକ ଦେଇଥିଲେ ବୋଲି ପ୍ରେମଲାଲ ପ୍ରକାଶ କରିଛନ୍ତି । ଏ ନେଇ ଧର୍ମଗଡ ଥାନାରେ ଧାରା ୨୯୪, ୫୦୭ ଏବଂ ଏସସିଏସଟି ଆକ୍ଟରେ ଏକ ମାମଲା (ନଂ. ୨୮/୨୦୧୯) ରୁଜୁ କରି ତଦନ୍ତ ଚାଲିଥିବା ଧର୍ମଗଡ ଆଇଆଇସି ତମୁ ପରଜା କହିଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟ ନିର୍ଦ୍ଦେଶକ ଜୟ କୁଜିଙ୍କୁ ପଚାରିବାରୁ ଓକିଲ ବନ୍ଧୁ ଜଣକ ବିଦ୍ୟାଳୟ ନିୟମ ଭାଙ୍ଗି ବିଦ୍ୟାଳୟ ଭିତରକୁ ଜବରଦସ୍ତି ବାଇକ୍ ପୁରାଇବାରୁ ଆମ ସିକ୍ୟୁରିଟି ମନା କରିଥିଲା । ଏହା ପରେ ମୁଁ ଫୋନ ମାଧ୍ୟମରେ ମଧ୍ୟ ତାଙ୍କ ସହ କଥା ହୋଇଥିଲି । କିନ୍ତୁ ଗାଳିଗୁଲଜ କରିବା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏସବୁ ତଦନ୍ତ ସମ୍ମୁଖିନ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

# ପୋଷାକ, ଜୋତା ବଣ୍ଟନରେ ବିଳମ୍ବ

କେସିଙ୍ଗା,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ସ୍କୁଲ ପିଲାଙ୍କ ପୋଷାକ ବଣ୍ଟନ ୨ମାସ ହେଲାଣି ଶେଷ ହେଲାଣି । କିନ୍ତୁ ଏହି ବ୍ଲକ ଅନ୍ତର୍ଗତ ନାସିଗାଁ ହାଇସ୍କୁଲର ଇନଚାର୍ଜ ପ୍ରଧାନଶିକ୍ଷକଙ୍କ ଅବହେଳା ଯୋଗୁ ପୋଷାକ ଓ ଜୋତା ବଣ୍ଟନ ଏଯାଏ କରାଯାଇ ନାହିଁ । ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଉଛି । ଉକ୍ତ ସ୍କୁଲ ଜମା ଖାତାରେ ୨୭୪ ଜଣଙ୍କ ପୋଷାକ ଓ ଜୋତା ପାଇଁ ୧ ଲକ୍ଷ ୬୪ ହଜାର ୪୦୦ ଟଙ୍କା ଜମା ହୋଇ ରହିଛି । ପଶ୍ଚିମ ଓଡିଶାର ପୁଷପୁନି ଦିବସରେ ସମସ୍ତ ସ୍କୁଲ, କଲେଜ ବନ୍ଦ ହୋଇଥାଏ । ପଶ୍ଚିମ ଓଡିଶାରେ ୩ଦିନ ବ୍ୟାପି ଉତ୍ସବ ଚଲିଥାଏ। କିନ୍ତୁ ଏହି ପରି ଦିନରେ ଉକ୍ତ ସ୍କୁଲର ଇନଚାର୍ଜ ପ୍ରଧାନଶିକ୍ଷକ ସମସ୍ତ ଛାତ୍ରୀଛାତ୍ରଙ୍କ ନାମରେ ମଧ୍ୟାହ୍ନ ଭୋଜନ ବାବଦରେ ଛାତ୍ରୀଛାତ୍ରଙ୍କ ନାମରେ ଉପସ୍ଥାନ ପକାଇ ମଧ୍ୟାହ୍ନ ଭୋଜନର ଅର୍ଥକୁ ଆତ୍ମସାତ କରିଛନ୍ତି । ସେହିପରି ଫେବୃୟାରୀ ମାସରେ ଥରେ ହିଁ ଶନିବାର ଦିନ ଅଣ୍ଡା ଦିଆଯାଇଛି । ବାକି ଦିନରେ ଅଣ୍ଡା ଦିଆ ନ ଯାଇ ମିଥ୍ୟା ବିଲ ପ୍ରସ୍ତୁତ କରି ଅର୍ଥ ଆତ୍ମସାତ କରାଯାଇଛି। ବହୁବାର ଇନଚାର୍ଜ ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନରେ ଦୁର୍ନୀତିରେ ଲିପ୍ତ ରହିଆସୁଥିବା ଅଭିଯୋଗ ହେଉଛି । ଉଲ୍ଲେଖନୀୟ ଯେ, କେସିଙ୍ଗା ବ୍ଲକ ଅନ୍ତର୍ଗତ ନାସିଗାଁଠାରେ ୧୯୫୬ରେ ଏମଇ ସ୍କୁଲ ଖୋଲା ଯାଇଥିଲା । ଗତ ୧୯୮୯ରେ ଅପର ପ୍ରାଇମେରି ଭାବରେ ସ୍ୱିକୃତୀ ପାଇବା ପରେ ଗତ ୨୦୦୮ରେ ହାଇସ୍କୁଲର ମାନ୍ୟତା ରାଜ୍ୟ ଗଣଶିକ୍ଷା ବିଭାଗଠାରୁ ମିଳିଥିଲା । ଏଠାରେ ଏବେ ପ୍ରଥମ ଶ୍ରେଣୀରୁ ୧୦ମ ଶ୍ରେଣୀ ଯାଏ ୨୭୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏଥିପାଇଁ ୧୭ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଏଠାରେ ନିୟୋଜିତ କରାଯାଇଛି । ଏ ସଂକ୍ରାନ୍ତରେ ନାସିଗାଁ ହାଇସ୍କୁଲର ଇନଚାର୍ଜ ପ୍ରଧାନଶିକ୍ଷକ ତିଳକର ନାଏକଙ୍କୁ ପଚାରିବାରୁ ନିକଟସ୍ଥ ଆଫୁଆପଡା ନିୟୁ ପାଇମେରି ଏହି ସ୍କୁଲରେ ସାମିଲ କରାଯାଇଛି। ସେହି ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କ ପୋଷାକ ବାବଦ ଅର୍ଥ ଆସି ନ ଥିବାରୁ ବଣ୍ଟନ କରାଯାଇ ପାରୁନାହିଁ। ପୋଷାକ ସିଲେଇ ପାଇଁ ଦିଆଯାଇଛି। କମ୍ ଦିନ ଭିତରେ ପୋଷାକ ବଣ୍ଟନ କରାଯିବ ବୋଲି କହିଛନ୍ତି। ଉକ୍ତ ସ୍କୁଲ ମେନେଜିଂ କମିଟି ସଭାପତି ଜେତରାଜ ମାଝିଙ୍କୁ ମଧ୍ୟାହ୍ନ ଭୋଜନରେ ହେରଫେର ବାବଦରେ ପଚାରିବାରୁ ମୁଁ ଯଥାଶିକ୍ଷା ମିଟିଂ ଡାକି ଏହାର ସମାଧାନ କରିବା ପାଇଁ ଚେଷ୍ଟା କରିବି ବୋଲି ପ୍ରକାଶ କରିଥିଲେ ।




ନାସିଗାଁ ହାଇସ୍କୁଲ ।

## ନାସିଗାଁ ହାଇସ୍କୁଲ

- ମଧ୍ୟାହ୍ନଭୋଜନ ଅଣ୍ଡା ହଡପ ଅଭିଯୋଗ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୩ ମାର୍ଚ୍ଚ, ୨୦୧୯



ପବିତ୍ର ବାରି କହିଲେ ତୀର୍ଥଜଳ ବା ଗଙ୍ଗାଜଳ ନୁହେଁ, ନୟନର ବାରି ହିଁ ପବିତ୍ର। ଯେ ନେତ୍ର ଜଳରେ ପ୍ରଭୁଙ୍କର ପଦଧୌତକରେ ତା'ର ଜନ୍ମ ଜନ୍ମର ପାପ ଧୋଇ ହୋଇଯାଏ।
- ଠାକୁର ଅଭିରାମ ପରମହଂସ



## ସଂକ୍ଷେପରେ

### ଯୋଗେଶଙ୍କ ବିରୋଧରେ ଜାତିଗତ ମାମଲାକୁ ନେଇ ମିଥ୍ୟା ଖବର ପ୍ରଚାରକୁ ଖଣ୍ଡନ

**ସୁନ୍ଦରଗଡ, ୧୨।୩ (ଡି.ଏନ୍.ଏ):** -ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ଜାତିଗତ ମାମଲାକୁ ନେଇ କିଛି ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଅପପ୍ରଚାର କରୁଛନ୍ତି। ନିର୍ବାଚନ ପରିପ୍ରେକ୍ଷୀରେ କେତେକ ରାଜନୈତିକ ପ୍ରତିଦ୍ୱନ୍ଦୀ ବ୍ୟକ୍ତିଗତ ସ୍ୱାର୍ଥ ରଖି ଯୋଗେଶଙ୍କ ବିରୋଧରେ ବାରମ୍ବାର ଭୁଲତଥ୍ୟ ପ୍ରଚାର କରି ସୁନ୍ଦରଗଡବାସୀଙ୍କୁ ବିଭ୍ରାନ୍ତ କରି ତାଙ୍କ ନିର୍ମଳ ଭାବମୂର୍ତ୍ତିରେ ଆଞ୍ଚଆଣିବା ଉଦ୍ୟମ କରି ହୀନରାଜନୀତି କରୁଛନ୍ତି ବୋଲି ଯୋଗେଶଙ୍କ ବ୍ୟକ୍ତିଗତ ସଚିବ ଅଜିତ୍ ଦାସ, ଓକିଲ ସ୍ୱରାଜ ପଟେଲ, ସୁନ୍ଦରଗଡ ସଦର ବ୍ଲକ ଉପାଧ୍ୟକ୍ଷ ଓ ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମିଳିତ ଭାବେ ଏକ ପ୍ରେସବିବୃତ୍ତି ଜରିଆରେ କହିଛନ୍ତି। ଏଥିରେ ସେମାନେ ପ୍ରକାଶ କରିଛନ୍ତି ଯେ, ଗତ ସୋମବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରେ ହେବାକୁ ଥିବା ଶୁଣାଣି ଅନିର୍ଦ୍ଦିଷ୍ଟ କାଳପାଏ ଘୁଞ୍ଚି ଯାଇଥିଲା ବେଳେ ସ୍ଥାନୀୟ କେତେକ ଗଣମାଧ୍ୟମରେ ଜାଣିଶୁଣି ମିଥ୍ୟା ଓ ଭୁଲ ଖବର ପ୍ରକାଶ କରାଯାଇଛି। ଉଚ୍ଚ ନ୍ୟାୟାଳୟରେ ଯାଗେଶ କୁମାର ସିଂ ଭୂୟାଁ ସମ୍ପ୍ରଦାୟର ଓ ଆଦିବାସୀ ଶ୍ରେଣୀର ବୋଲି ତାଙ୍କ ରାୟ ଦେଇଥିବା ସତ୍ତ୍ୱେ ତାଙ୍କ ଜାତି ବିଷୟରେ ହୀନ ରାଜନୀତି କରାଯାଇ ଭୁଲତଥ୍ୟ ପ୍ରଚାର କରି ହୀନ ରାଜନୀତି ଷଡଯନ୍ତ୍ର କରୁଛନ୍ତି।

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣିଗାରେଡ଼ି ଉପରେ ଭରସା କରିଥିଲେ ମସ୍ତିଷ୍କ ଜ୍ୱର ପୀଡ଼ିତଙ୍କ ପରିବାର

# ମରଣ ମୁହଁରୁ ଛଡ଼ାଇ ଆଣିଲେ ସାମାଜିକ କର୍ମୀ

**ରାଉରକେଲା ଅଫିସ,୧୨।୩**

ଗୁଣିଗାରେଡ଼ି ଓ ତନ୍ତ୍ରମନ୍ତ୍ରକୁ ବିଶ୍ୱାସ କରି ଅକାଳରେ ଜୀବନ ହାରୁଛନ୍ତି ଅନେକ ନିରୀହ ଆଦିବାସୀ। ଯାବତୀୟ ସଚେତନତା ସତ୍ତ୍ୱେ ଏବେ ବି ଏପରି ଅନ୍ଧବିଶ୍ୱାସ ବଞ୍ଚି ରହିଛି। ମସ୍ତିଷ୍କ ମ୍ୟାଲେରିଆରେ ଆକ୍ରାନ୍ତ ଏମିତି ଜଣେ ବ୍ୟକ୍ତି ତନ୍ତ୍ରମନ୍ତ୍ର ଆଶ୍ରାରେ ମରଣ ମୁହଁକୁ ଠେଲି ହୋଇଯିବା ପୂର୍ବରୁ ଜଣେ ମହିଳା ସାମାଜିକ କର୍ମୀଙ୍କ ହସ୍ତକ୍ଷେପ ତାଙ୍କ ଜୀବନ ବଞ୍ଚାଇ ଦେଇଛି। ଏବେ ସେ ବିପଦମୁକ୍ତ ବୋଲି ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି।

ସୂଚନାନୁସାରେ, ଲାଠିକଟା ବ୍ଲକ ମୁଖ୍ୟାଳୟ ନିକଟ ଏରଗେଡ଼ା ଅଞ୍ଚଳରେ ପରିବାର ସହ ରହନ୍ତି ମାନସିଂ ଚାଣ୍ଡିଲ (୫୬)। ଗତ ଫେବୃଆରୀ ୨୭ରୁ ମାନସିଂ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଜଡ଼ିବୁଟି ଚିକିତ୍ସାରେ ରଖିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଜଟିଳ ହେଲା। ସେ ପାଗଳ ପରି ବ୍ୟବହାର କରିଥିଲେ। ଏପରି ଅବସ୍ଥାରେ କିଏ କହୁଥିଲା ପ୍ରେତ ଗ୍ରାସ କରିଛି ତ ଆଉ କିଏ କହୁଥିଲା ଗୁଣିଗାରେଡ଼ିର ବଶବର୍ତ୍ତୀ ହୋଇଛନ୍ତି ମାନସିଂ। ଏହି ଖବର ପାଇ ତାଙ୍କ ଘରେ



ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ମାନସିଂଙ୍କ ସହ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ।

ପହଞ୍ଚିଲେ ଏକାଧିକ ଗୁଣିଆ। ପୂଜାପାଠ ସହ ଚାଲିଲା ଛେଳି, ବୋଦା ଓ କୁକୁଡ଼ା ବଳି। ଏଣେ ମାନସିଂଙ୍କ ଅବସ୍ଥା ଅଧିକରୁ ଅଧିକ ଜଟିଳ ହେଉଥିଲା। ବାଧହୋଇ ପରିବାର ଲୋକେ ୪ ଦିନ ପରେ ତାଙ୍କୁ ଏକ ସରକାରୀ ଚିକିତ୍ସା କେନ୍ଦ୍ରକୁ ଆଣିଲେ। ଡାକ୍ତର ତାଙ୍କୁ ଗ୍ୟାସଟ୍ରିକ, ଇଂଫେକ୍ସନ ସହ ଆଉ କିଛି ଔଷଧ ଦେଇ ଚିକିତ୍ସାରେ ରହିବାକୁ ପରାମର୍ଶ ଦେଇ ଛାଡ଼ିଦେଲେ। ହେଲେ ଜ୍ୱର କମିଲାନି। ଏପରି ସମୟରେ ଗୋଟିଏ ଛେଳି ବଳି ଦେଲେ ରୋଗ ସମ୍ପୂର୍ଣ୍ଣ ଠିକ୍ ହୋଇଯିବ ବୋଲି ଜଣେ ମହିଳା ଗୁଣିଆ ମାନସିଂଙ୍କ ପରିବାରକୁ ପରାମର୍ଶ ଦେଲେ। ଯଦି ମୋ କଥା ନ ଶୁଣିବ ତେବେ ମାନସିଂଙ୍କ ମୃତ୍ୟୁ ସୁନିଶ୍ଚିତ। ରୋଗୀର ଶେଷ ସମୟ ଆସି ପହଞ୍ଚିଲାଣି। ହାତ ଗୋଡ଼ ଥଣ୍ଡା ହୋଇ ଆସିଲାଣି। ମୁହଁ ବନ୍ଦ ହେବାକୁ ବସିଲାଣି ବୋଲି କହି ମହିଳା ଗୁଣିଆ ଜଣକ ପରିବାର ଲୋକଙ୍କୁ ଡରାଇ ଦେଲେ। ସେତେବେଳେକୁ ମାନସିଂଙ୍କ ଚିକିତ୍ସାରେ ସବୁ ସଞ୍ଚିତ ଅର୍ଥ ଶେଷ ହୋଇ ସାରିଥାଏ। ତଥାପି ପୂଜାପାଠ ପାଇଁ ପରିବାର, ସମ୍ପର୍କୀୟଙ୍କ ମନରୁ ଆଗ୍ରହ କମି ନ ଥାଏ। ଏମିତି ଅବସ୍ଥାରେ ମାନସିଂଙ୍କ ପୁଅ ବିଶାଲ ଗ୍ରାମବାସୀଙ୍କ ପରାମର୍ଶ ନେଲେ। ସମସ୍ତେ କହିଲେ, ଶିକ୍ଷିତ ଝିଅ ଚାନ୍ଦମଣିଙ୍କୁ ସମସ୍ୟା ଜଣାଇଲେ ସେ ନିଶ୍ଚିତ କିଛି ସମାଧାନ ରାସ୍ତା ବାହାର କରି ଦେବେ। ଶେଷରେ ସେୟା ହେଲା। ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ ମାନସିଂଙ୍କ ଅବସ୍ଥା ଦେଖି ସଙ୍ଗେ ସଙ୍ଗେ ଏକ ଅଟୋ ଭଡ଼ା କରି ସ୍ଥାନୀୟ ଅଞ୍ଚଳର ଜଣେ ଘରୋଇ ଡାକ୍ତରଙ୍କ ପାଖକୁ ତାଙ୍କୁ ନେଇଗଲେ। ତେବେ ରୋଗୀ ଅବସ୍ଥା ଅତ୍ୟନ୍ତ ସଙ୍ଗିନ ଥିବା ଦେଖି ଡାକ୍ତର ସିଧା ମନା କରିଦେଲେ। ମୁଁ ରିସ୍କ ନେଇପାରିବି ନାହିଁ ବୋଲି ଶୁଣାଇ ଦେଲେ। ଏପରି ଅବସ୍ଥାରେ ଦମ୍ଭ ଧରି ଠିଆହେଲେ ଚାନ୍ଦମଣି। କହିଲେ ଚିକିତ୍ସା କରନ୍ତୁ, ମୁଁ ପରିସ୍ଥିତି ସମ୍ଭାଳି ନେବି। ଆରମ୍ଭ ହେଲା ଚିକିତ୍ସା। ରକ୍ତ ପରୀକ୍ଷାରୁ ଜଣାପଡ଼ିଲା ମାନସିଂ ମସ୍ତିଷ୍କ ଜ୍ୱରରେ ଆକ୍ରାନ୍ତ। ଦୀର୍ଘ ୮ ଦିନ ପର୍ଯ୍ୟନ୍ତ ସମ୍ପୃକ୍ତ ଡାକ୍ତର ନିଷ୍ଠାର ସହ ମାନସିଂଙ୍କ ଚିକିତ୍ସା କରିବା ପରେ ଏବେ ସେ ବିପଦମୁକ୍ତ ବୋଲି କହିଛନ୍ତି। ସୋମବାର ଘରକୁ ଫେରିଛନ୍ତି ମାନସିଂ। ଏବେ ଗାଁ ଲୋକେ କହୁଛନ୍ତି, ଆଉ କାଳ ବିଳମ୍ବ କରିଥିଲେ ଆମେ ମାନସିଂଙ୍କୁ ଫେରିପାଇ ନ ଥାନ୍ତେ। ବାସ୍ତବରେ ଗୁଣିଗାରେଡ଼ି କିପରି ଜଣଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇପାରେ ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମାନସିଂଙ୍କ କ୍ଷେତ୍ରରେ। ଏନେଇ ସାମାଜିକ କର୍ମୀ ଚାନ୍ଦମଣି କହନ୍ତି, ଆମେ ଯେତେ ସଚେତନ ହେଲେ ବି କେତେଜଣ ଅସାଧୁ ଗୁଣିଆ ଏମାନଙ୍କୁ ପାଲରେ ପକାଇ ପଇସା ଲୁଟୁଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରାଯିବା ଆବଶ୍ୟକ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡ ମିଳିବା ଜରୁରୀ। ହେଲେ ତନ୍ତ୍ରମନ୍ତ୍ର ଭୟରେ ଏମାନଙ୍କ ବିରୋଧରେ କେହି ଅଭିଯୋଗ କରୁ ନ ଥିବାରୁ ଅନ୍ଧବିଶ୍ୱାସ ଆଜି ବି ବଞ୍ଚି ରହିଛି ବୋଲି ଚାନ୍ଦମଣି କହିଛନ୍ତି।

କୋଶଳ ଜନତା ଦଳର ନିର୍ବାଚନୀ ବୈଠକ

# ୬ ଲୋକ ସଭା, ୫୦ ବିଧାନସଭା ଆସନରେ ଲଢ଼ିବ ଦଳ

**ରାଉରକେଲା ଅଫିସ,୧୨।୩**

ପଶ୍ଚିମ ଓଡ଼ିଶାର ୫୦ ବିଧାନସଭା ଆସନ ସମେତ ୬ ଲୋକ ସଭା ଆସନରେ ଲଢ଼ିବ କୋଶଳ ଜନତା ଦଳ (କେଜେଡି)। ଏନେଇ ବେଦବ୍ୟାସ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ସୂଚନା ଦିଆଯାଇଛି। ସୁନ୍ଦରଗଡ଼ ଲୋକ ସଭା ଓ ତତ୍ ଅଧୀନ ସମସ୍ତ ୭ ବିଧାନସଭା କ୍ଷେତ୍ରରେ ଦଳ ପ୍ରାର୍ଥୀ ଦେବ ବୋଲି ଏହି ଅବସରରେ ଘୋଷଣା କରାଯାଇଛି। ଏ ନେଇ ଦଳର ରାଜ୍ୟ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଅମାତ କହିଛନ୍ତି, ଦଳ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ସଂଗଠନର ନୀତି ଆଦର୍ଶ ଓ ଲୋକଙ୍କ ସଦିଚ୍ଛା ଆଧାରରେ ଏଥର ଦଳ ନିର୍ବାଚନ ମଇଦାନକୁ ଓହ୍ଲାଇବ। ପଶ୍ଚିମ ଓଡ଼ିଶାକୁ କୋଶଳ ପ୍ରଦେଶ କରିବା ଦଳର ପ୍ରମୁଖ ଦାବି ତଥା ମୂଳ ଏଜେଣ୍ଡା। ଏଥିରେ ସାଲିସ କରିବାର ପ୍ରଶ୍ନ ଉଠୁନି ବୋଲି ଅମାତ କହିଥିଲେ। ସେହିଭଳି ସୁନ୍ଦରଗଡ଼ ଜିଲାର ସମସ୍ୟାକୁ ନେଇ ଦଳ ସମସ୍ତ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଛି। ଜିଲାରେ ଉତ୍କଟ ବେକାରି ସମସ୍ୟା ଦେଖାଦେଇଛି। ସ୍ଥାନୀୟ ଯୁବତୀ ଯୁବକଙ୍କ ନିଯୁକ୍ତିକୁ ଅବହେଳା କରାଯାଇଛି। ଦାଦନ ଓ ବିସ୍ଥାପନ ସମସ୍ୟା ଭଳି ଅନେକ ପ୍ରସଙ୍ଗକୁ ଆଧାର କରି ଦଳ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛି ବୋଲି ଏଥିରେ କୁହାଯାଇଥିଲା। ପଶ୍ଚିମ ଓଡ଼ିଶାକୁ କୋଶଳ ପ୍ରଦେଶ ଦାବି ନୂଆ ନୁହେଁ। ଏ ନେଇ କେନ୍ଦ୍ର କିମ୍ବା ରାଜ୍ୟ ସରକାର ମୁହଁ ନ ଖୋଲିବା ପରିତାପର ବିଷୟ। ସାଧାରଣ ଜନତାଙ୍କ ଦାବି ପ୍ରତି ଯେତେ କାଳକ୍ଷେପଣ କରାଯିବ ସେତେ ଅଡୁଆ ବଢ଼ିବ ବୋଲି ଏଥିରେ ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ସେହିପରି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ, କୋଶଲି ଭାଷାକୁ ସ୍ୱୀକୃତି ପ୍ରଦାନ ଆଦି ପ୍ରସଙ୍ଗ ଅବହେଳାର ନମୁନା ବୋଲି ଅଭିଯୋଗ କରାଯାଇଥିଲା। ଏପରି ଅବସ୍ଥାରେ ପଶ୍ଚିମ ଓଡ଼ିଶାବାସୀ କେଜେଡି ପ୍ରତି ନିଶ୍ଚିତ ଆସ୍ଥା ପ୍ରକଟ କରିବେ ବୋଲି ଉପସ୍ଥିତ ନେତା ପ୍ରକାଶ କରିଥିଲେ। ଦଳ ସଫଳତା ପାଇଲେ ନିଶ୍ଚିତ ରୂପେ କୋଶଳ ପ୍ରଦେଶ ନେଇ ସଂଗ୍ରାମକୁ ଶାଣିତ କରିବ ବୋଲି କୁହାଯାଇଥିଲା। ଏଥିରେ ବରିଷ୍ଠ ନେତା ସାଗରସିଂ ମାନକି, ହୃଦାନନ୍ଦ ବେହେରା, ଉଗ୍ରସେନ ପାତ୍ର, ମନସୁଖ ସମାସୀ, ଫିଲମନ ଟପୋ, ପଙ୍କଜ ଅଗ୍ରୱାଲ, ଅନୁପ ଅଗ୍ରୱାଲ, ଶଙ୍କର ସାହୁ ଓ ମନୋଜ ରାଉତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଚାକିରି ନାହିଁ, ବକେୟା ବି ମିଳୁନି

**ରାଉରକେଲା ଅଫିସ,୧୨।୩**

ବକେୟା ଦାବି ନେଇ ମଙ୍ଗଳବାର ସିଆଇଟିୟୁ ନେତୃତ୍ୱରେ କୋଣାର୍କ ସିନେମା ହଲ୍ ଶ୍ରମିକ ଧାରଣାରେ ବସିଛନ୍ତି। ୨୦୧୮ ଫେବୃଆରୀ ୧୫ରେ ହଲ୍ କର୍ତ୍ତୃପକ୍ଷ ଶ୍ରମିକଙ୍କ ବକେୟା ପାଉଣା ପ୍ରଦାନ ନେଇ ସିଆଇଟିୟୁ ମଧ୍ୟସ୍ଥତାରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ସିନେମା ହଲ୍ ଆଧୁନିକୀକରଣ ଆଳରେ ଦୀର୍ଘ ବର୍ଷାଧିକ କାଳ ହେବ ଏହା ବନ୍ଦ ରହିଛି। ଚାକିରି ହରାଇ ଘରେ ବସି ରହିଥିବା ଶ୍ରମିକଙ୍କ ପାଉଣା ଦେବାକୁ ସିଆଇଟିୟୁ ୟୁନିୟନ ପକ୍ଷରୁ ହଲ୍ ପରିଚାଳକ ଓ ଜିଲା ଶ୍ରମ ଦପ୍ତର ସହ ଆଲୋଚନା କରାଯାଇଥିଲା। ଛଟେଇ ଶ୍ରମିକଙ୍କ ନୋଟିସ ପେ, ଇଏଲ୍, ଛୁଟି ପ୍ରାପ୍ୟ, ବୋନସ ଓ ଗ୍ରାଚ୍ୟୁଇଟି ଆଦି ବକେୟା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏନେଇ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିଲା। ଏତିକି ନୁହେଁ, ସିନେମା ହଲ୍ ଚାଲୁ ହେଲେ ଏମାନଙ୍କ ମଧ୍ୟରୁ ୫ଜଣ ପୁରୁଣା କର୍ମଚାରୀଙ୍କୁ କାମରେ ନିୟୋଜିତ କରିବାକୁ ହଲ୍ ପରିଚାଳନା କର୍ତ୍ତୃପକ୍ଷ ରାଜି ହୋଇଥିଲେ। ଏହାବ୍ୟତୀତ ଧାର୍ଯ୍ୟ ସମୟ ସୁଦ୍ଧା ଅନ୍ୟ ଶ୍ରମିକଙ୍କ ବକେୟା ପ୍ରଦାନ କରିବାକୁ ସହମତ ହୋଇଥିଲେ। ପରବର୍ତ୍ତୀ ସମୟରେ ହଲ୍ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପାଳନ କରିବାରେ ଟାଳଟୁଳ ନୀତି ଆପଣାଇ ଆସୁଛନ୍ତି। ଏଣେ କାମଧନ୍ଦା ଅଭାବରୁ ଘରେ ବସି ରହିଛନ୍ତି ଶ୍ରମିକ। ଚାକିରି ନାହିଁ କି ବକେୟା ବି ମିଳୁନି। ଏପରି ଅବସ୍ଥାରେ ସିଆଇଟିୟୁ ନେତୃତ୍ୱରେ ମଙ୍ଗଳବାରଠାରୁ ସିନେମା ହଲ୍ ସମ୍ମୁଖରେ ଧାରଣା ଦେଇଛନ୍ତି ପ୍ରତାରିତ ଶ୍ରମିକ। ଏନେଇ ୟୁନିୟନର ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି କହିଛନ୍ତି, ଶ୍ରମିକଙ୍କୁ କାମରେ ଲଗାଇ ମୁନାଫା ଉଠାଉଥିବା ମାଲିକ ଗୋଷ୍ଠୀ ଏ ନେଇ ସଚେତନ ହେବା ଆବଶ୍ୟକ। ଗରିବ ଶ୍ରମିକଙ୍କ ଶ୍ରମ ବଳରେ ବଳିଆନ ସାଜିଥିବା କଳକାରଖାନା ତଥା ସଂସ୍ଥା ମାଲିକ ନିରୀହ ଶ୍ରମିକଙ୍କୁ ପ୍ରତାରିତ କରିବା ଠିକ ନୁହେଁ ବୋଲି ମାଇତି କହିଛନ୍ତି। ଏହି ଧାରଣାରେ ସିଆଇଟିୟୁ ନେତା ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝିଙ୍କ ସମେତ ସିନେମା କର୍ମଚାରୀ ଏ.ଏଲ୍. ରାୟ, ସୂର୍ଯ୍ୟ ପୃଷ୍ଟି, ବିଭୂତି ନାୟକ, ଶ୍ୟାମ ରାଉଳ, ସୁନୀଲ କୁମାର ପ୍ରମୁଖ ସାମିଲ ଥିଲେ।



ବକେୟା ଦାବିରେ କୋଣାର୍କ ସିନେମା କର୍ମଚାରୀ ଧାରଣାରେ ବସିଛନ୍ତି।

**କୋଣାର୍କ ସିନେମା ହଲ୍ ଶ୍ରମିକଙ୍କ ଧାରଣା**

# ସ୍ୱେରେଜ୍ ବୋର୍ଡ କାର୍ଯ୍ୟାଳୟ ଘେରାଉ



ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି।

**ରାଉରକେଲା ଅଫିସ,୧୨।୩**

ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସିଭିଲ ଟାଉନଶିପସ୍ଥିତ ସ୍ୱେରେଜ ବୋର୍ଡ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଚାଲିଥିବା ସ୍ୱେରେଜ ପାଇପ ଲାଇନ ବିଛା କାମରେ ଅହେତୁକ ବିଳମ୍ବ, ଅନିୟମିତତା, ଦୁର୍ନୀତି ଓ ନିଯୁକ୍ତି ନେଇ ସ୍ଥାନୀୟ ବେରୋଜଗାରଙ୍କୁ ଅବହେଳା ପ୍ରତିବାଦରେ ଏହି ଘେରାଉ କରାଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଏଥିରେ ଜିଲା ସଭାପତି ନିହାର ଦାସ, ରାଜ୍ୟ ସମ୍ପାଦକ କୈଳାସ ସାହୁଙ୍କ ସମେତ କଂଗ୍ରେସର ବହୁ ନେତା ଓ କର୍ମୀ ସାମିଲ ଥିଲେ। ସ୍ୱେରେଜ କାମ ଯୋଗୁ ଲୋକେ କିପରି ହୀନସ୍ତା ହେଉଛନ୍ତି ସେ ନେଇ ପ୍ରତିନିଧି ମଣ୍ଡଳୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବେପରୁଆ ପାଇପ ଲାଇନ ବିଛା ଯୋଗୁ ସହରର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟୁଛି। ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ଅନେକ ସ୍ଥାନରେ କୁଢ଼ କୁଢ଼ ମାଟି ଜମା ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏଥିଯୋଗୁ କଲୋନୀ ବାସିନ୍ଦାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ଖାଲରେ ପଡ଼ି ବୁଲା ଗାଈଗୋରୁ ଜଖମ ହେଉଛନ୍ତି। ଶାସକ ଦଳ ନେତାଙ୍କୁ ଖୁସି କରି କାମ ନେଇଥିବା କମ୍ପାନୀ ମନମାନି ଚଳାଇଛି ବୋଲି ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। କାମଧନ୍ଦା ଅଭାବରୁ ସ୍ଥାନୀୟ ବେରୋଜଗାର ଯୁବକ ଦାଦନ ଖଟିବାକୁ ଯାଉଥିବା ବେଳେ ଏହି କମ୍ପାନୀ ବାହାର ରାଜ୍ୟ ଶ୍ରମିକ ଆଣି କାମରେ ନିୟୋଜିତ କରିବା କେତେ ଯୁକ୍ତିସଙ୍ଗତ ତାହାର ତଦନ୍ତ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ଏତିକି ନୁହେଁ, ଅନଭିଜ୍ଞ ଠିକାଦାରଙ୍କୁ କାମ ବାଣ୍ଟି କମ୍ପାନୀ ନିଶ୍ଚିନ୍ତରେ ଶୋଇଛି। ଯେଉଁ କାରଣରୁ ପାଇପ ବିଛା ନିମ୍ନମାନର ହେଉଛି ବୋଲି ଅଭିଯୋଗ କରିଥିଲେ ସଂଗଠନ କର୍ମକର୍ତ୍ତା। ତୁରନ୍ତ କର୍ତ୍ତୃପକ୍ଷ ଯତ୍ନବାନ ନ ହେଲେ ପରିସ୍ଥିତି ଅଣାୟତ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଚିତ୍ତରଞ୍ଜନ ମହାନ୍ତି, ଆର୍.ପି. ସିଂ, ଶିବୁ ଓରାମ. ଯୁବ ସଭାପତି ପ୍ରବୋଧ ଦାସ, ଛାତ୍ର ନେତା ସୂର୍ଯ୍ୟକାନ୍ତ ବାରିକ, ଶିବୁ ଦୀପ, ସିଦ୍ଧେଶ୍ୱର ମଲ୍ଲିକ, ଏମ୍‌ଡି. ଇମାମ, ଆୟୁବ ଖାଁ, ରବୀନ୍ଦ୍ର ଦାସ, ବନଲତା ବେହେରା, ବିନୋଦ ରାଉତ, ମଧୁସୂଦନ ବଇନା, ରାଜେନ୍ଦ୍ର ବାରିକ, ଶୁକଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor. Vishal Tower. Cannaught Place. Delhi.

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବ ନ୍ଧୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



**ସଂକ୍ଷେପରେ**

## ୧୬ ଓ ୧୯ବର୍ଷରୁ କମ୍ ଜିଲା କ୍ରିକେଟ ଦଳ ଚୟନ ଶିବିର

ସୁନ୍ଦରଗଡ଼, ୧୨।୩ (ଡି.ଏନ୍.ଏ) -ଏପ୍ରିଲ ୨ରୁ ୧୬ବର୍ଷରୁ କମ୍ ଓ ଏପ୍ରିଲ ୧୫ରୁ ୧୯ବର୍ଷରୁ କମ୍ ଆନ୍ତଃଜିଲା ଘରୋଇ କ୍ରିକେଟ ପ୍ରତିଯୋଗିତା କଟକରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥି ନିମନ୍ତେ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଜିଲା କମିଟି ଚୟନ ସକାଶେ ସ୍ଥିର ହୋଇଛି। ଚଳିତ ମାସ ୧୭ରେ ୧୬ବର୍ଷରୁ କମ୍ ଓ ୧୯ରେ ୧୯ବର୍ଷରୁ କମ୍ ଖେଳାଳି ଚୟନ କରାଯିବ। ୧୬ବର୍ଷରୁ କମ୍ ଓ ୧୯ବର୍ଷରୁ କମ୍ ଖେଳାଳିମାନେ ଯଥାକ୍ରମେ ୧୭ ଓ ୧୯ ତାରିଖ ସକାଳ ୮ଟାରେ ଜିଲା କ୍ରୀଡା ସଂସଦ ଷ୍ଟାଡିୟମରେ ପହଞ୍ଚି ନାମ ପଞ୍ଜିକରଣ କରିବା ନିମନ୍ତେ ଅନୁରୋଧ କରାଯାଇଛି। ନାମ ପଞ୍ଜିକରଣ କରାଇବା ପାଇଁ ଖେଳାଳିମାନେ ନିଜ ସାଙ୍ଗରେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌରପରିଷଦରୁ ପ୍ରାପ୍ତ ଜନ୍ମଗତ ପ୍ରମାଣପତ୍ର, ଆଧାର କାର୍ଡ, ପାନକାର୍ଡ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ସହ ଶେଷ ୩ ବର୍ଷର ମାର୍କସିଟ, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ ବୟସ ପ୍ରମାଣପତ୍ରର ସତ୍ୟପାଠ, ସ୍କୁଲ କିମ୍ବା କଲେଜର ପରିଚୟପତ୍ର ସାଙ୍ଗରେ ଆଣିଚୟନ ଶିବିରରେ ଭାଗ ନେଇପାରିବେ। ଚଳିତ ମାସ ୨୦ ତାରିଖ ସୁଦ୍ଧା ପ୍ରତ୍ୟେକ ଜିଲାରୁ ୨୫ଜଣ ଖେଳାଳିଙ୍କ ନାମ ଓଡିଶା କ୍ରିକେଟ ଆସୋସିଏଶନଙ୍କୁ ପଠାଇବା ନିମନ୍ତେ ନିର୍ଦ୍ଦେଶନାମା ଆସିଥିବା କ୍ରୀଡା ସଂସଦ ପକ୍ଷରୁ କୁହାଯାଇଛି।



ମଙ୍ଗଳବାର ବେଦବ୍ୟାସ ମେଳା ଚାଲିଛି।

# ଅସୁରକ୍ଷିତ ଭାବେ ଚାଲିଛି ବେଦବ୍ୟାସ ମେଳା

- ଉଦ୍‌ଯାପନ ପରେ ବି ଚାଲିଛି
- ପ୍ରଶାସନର ନିଷ୍ପତ୍ତିକୁ ବେଖାତିରି
- ପୋଲିସ, ଦମକଳ ବାହିନୀ ନାହାନ୍ତି

**ବେଦବ୍ୟାସ, ୧୨।୩ (ଡି.ଏନ.ଏ)** ଐତିହାସିକ ପ୍ରସିଦ୍ଧ ବେଦବ୍ୟାସ ମେଳା ଚଳିତବର୍ଷ ମାର୍ଚ୍ଚ ୪ ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବା ନିମନ୍ତେ ଜିଲା ପ୍ରଶାସନ ଓ ବେଦବ୍ୟାସ ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା। ଏନେଇ ପୋଲିସ ପ୍ରଶାସନଠାରୁ ନେଇ ଦମକଳ ବିଭାଗ ପର୍ଯ୍ୟନ୍ତ ମେଳା ଦାଣ୍ଡରେ ନିୟୋଜିତ ଥିଲେ। ସୋମବାର ମେଳା ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ କରାଯାଇଥିଲେ ମଧ୍ୟ ମଙ୍ଗଳବାର ବିନା ପୋଲିସ, ଦମକଳ ବିଭାଗ ଓ ବହୁବିଧ ବ୍ୟବସ୍ଥାର ଉପଲବ୍ଧ ହୋଇଥିଲେ ମଧ୍ୟ ବେଦବ୍ୟାସ ଟ୍ରଷ୍ଟବୋର୍ଡ ତରଫରୁ କେଉଁ ନୀତିନିୟମ ବଳରେ ଅସୁରକ୍ଷିତ ଅବସ୍ଥାରେ ମେଳା ଚଳାଯାଉଛି ସାଧାରଣରେ ଚର୍ଚ୍ଚାର ବିଷୟ। ଏ ସଂକ୍ରାନ୍ତରେ ସୁନ୍ଦରଗଡ ଜିଲାପାଳ ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ସଭାନେତ୍ରୀ ରଶ୍ମିତା ପଣ୍ଡାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବେଦବ୍ୟାସ ମେଳା ମାର୍ଚ୍ଚ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବା ନିମନ୍ତେ ନିଷ୍ପତ୍ତି ଦିଆଯାଇଥିଲା। ଯଦି ସେଭଳି କୌଣସି ବ୍ୟକ୍ତି ବିଶେଷ ଆଦେଶ ଓ ନିଷ୍ପତ୍ତିକୁ ଅମାନ୍ୟକରି ଚଳାଉଥାନ୍ତି ତଦନ୍ତ କଲା ପରେ ତାଙ୍କପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ବିଷୟରେ ଉପଖଣ୍ଡୀୟ ଆରକ୍ଷୀ ଅଧକ୍ଷକ ଅସୀମ ପଣ୍ଡା ଯୋଗାଯୋଗ କରାଯିବାରୁ ସେ କହିଲେ, ଆଇନ ଶୃଙ୍ଖଳା ଦୃଷ୍ଟିରୁ ଜିଲାପ୍ରଶାସନ ଓ ବେଦବ୍ୟାସ ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତାଙ୍କ ନିଷ୍ପତ୍ତିକ୍ରମେ ମାର୍ଚ୍ଚ ୪ରୁ ୧୧ ପର୍ଯ୍ୟନ୍ତ ଆମେ ବ୍ୟାପକ ପୋଲିସ ମୁତୟନ କରି ଶାନ୍ତିଶୃଙ୍ଖଳା ସହ ବେଦବ୍ୟାସ ମେଳାକୁ ସଫଳତାର ସହ ସମାପନ କରିବା ନିମନ୍ତେ ସହଯୋଗ କରିଛୁ। କିନ୍ତୁ ୧୧ ପରେ କିଭଳି ମେଳା ଚାଲୁଛି ତାହା ଅନୁଧ୍ୟାନ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ବିଷୟରେ ସ୍ଥାନୀୟ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ୨ ଦିନ ନିମନ୍ତେ ମେଳାର ଅବଧି ବଢ଼ାଯାଇଛି ବୋଲି ଟ୍ରଷ୍ଟ ବୋର୍ଡ ତରଫରୁ କହିବାରୁ ଆମେ ବିଦ୍ୟୁତ ସରବରାହ ଜାରି ରଖିଛୁ। କିନ୍ତୁ କୌଣସି ଲିଖିତ କାଗଜପତ୍ର ନେଇନାହାନ୍ତି। ଏ ବିଷୟରେ ଟ୍ରଷ୍ଟ ବୋର୍ଡର ସମ୍ପାଦକ ଅନୁପମ ରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇ ନ ଥିଲା। ବର୍ତ୍ତମାନ ବାହାର ରାଜ୍ୟର ଶହଶହ ବ୍ୟବସାୟୀ ଅନ୍ଧାର ଓ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। କିଛି ଅଘଟନ ହେଲେ ସେଥିପାଇଁ ଦାୟୀ କିଏ ରହିବେ ତାହା ସାଧାରଣରେ ପ୍ରଶ୍ନ ଓ ଆଲୋଚନା ହେଉଛି।

## ରାସ୍ତା କାମରେ ନିୟୋଜିତ ରୋଲରକୁ ନିଆଁ ଲଗେଇଲେ ଦୁର୍ବୃତ୍ତ

**ବିଶ୍ରା, ୧୨।୩ (ଡି.ଏନ.ଏ)** ସୋମବାର ରାତି ୮ଟାରେ ବିଶ୍ରା ଥାନା ଅନ୍ତର୍ଗତ ସାନରାମଲୋଇ ନିକଟସ୍ଥ ଖାରୱାକୋଚାଠାରେ ଦୁର୍ବୃତ୍ତମାନେ ରାସ୍ତା କାମରେ ନିୟୋଜିତ ହୋଇଥିବା ରୋଲରକୁ ନିଆଁ ଲଗେଇ ଦେଇଥିଲେ। ଉକ୍ତ ରାସ୍ତା କାମ ବରସୁଆଁଠାରୁ ବଡରାମଲୋଇ ପର୍ଯ୍ୟନ୍ତ ଚାଲୁଛି। ଉକ୍ତ କାମକୁ ଏନବିସିସି ନାମକ ସଂସ୍ଥା ଠିକା ନେଇ କାମକୁରଛି। ରାତିରେ ଦୁର୍ବୃତ୍ତମାନେ ଆସି ଚାଳକ, ସୁପରଭାଇଜରଙ୍କୁ ଧମକ ଦେଇ ରୋଲରରେ ନିଆଁ ଲଗେଇଥିଲେ। ମଙ୍ଗଳବାର ସୁପରଭାଇଜର ଓ ଚାଳକ ବିଶ୍ରା ଥାନାରେ ଅଭିଯୋଗ କରିଥିଲେ। ବିଶ୍ରା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପୂର୍ବରୁ ଉକ୍ତ ଅଞ୍ଚଳ ମାଓବାଦୀଙ୍କ ଚରାଭୂଇଁ ଥିଲା । ଲୋକେ ସନ୍ଦେହ କରୁଛନ୍ତି ଏହା ମାଓବାଦୀଙ୍କ କାମ ନା ଅସାମାଜିକ ତତ୍ତ୍ୱଙ୍କର। ପୂର୍ବରୁ ଠିକା ସଂସ୍ଥାକୁ ଲେବି ଟଙ୍କା ମଗାଯାଇଥିବାର ଶୁଣାଯାଉଛି । ଟଙ୍କା ନଦେବାରୁ ଏମିତି ଘଟଣା ଘଟିଲା ବୋଲି ଜଣାପଡିଛି ।



ରୋଲରକୁ ନିଆଁ ଲଗାଇ ଦିଆଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

- ଆଧାର ସମସ୍ୟାରେ ଗ୍ରାମୀଣ ବୃଦ୍ଧ

## ୬ବର୍ଷରେ ୮ଥର ନାମାଙ୍କିତ କରି ନିରାଶ

**ବଡ଼ଗାଁ, ୧୨।୩ (ଡି.ଏନ.ଏ)** ବୟସର ସୟାହ୍ନରେ ପହଞ୍ଚିଥିବାରୁ ବାରମ୍ବାର ଧାଁ ଦଉଡ କରିବାକୁ ଶକ୍ତି ନାହିଁ କି ସାମର୍ଥ ନାହିଁ। କିନ୍ତୁ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ ହୋଇଯିବ ଓ ସରକାରୀ ଯୋଜନାର ଘର ମିଳିବ ନାହିଁ ଶୁଣିବା ପରେ ଆଧାର କାର୍ଡ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଠୁ ସେଠିକି ଯାଇ ଖର୍ଚ୍ଚାନ୍ତରେ ପଡୁଥିଲା ବେଳେ ୨୦୧୩ରୁ ଏବେ ପର୍ଯ୍ୟନ୍ତ ୮ଥର ବିଭିନ୍ନ ସ୍ଥାନରେ ନାମାଙ୍କିତ (ଏନରୋଲ) କରିଥିଲେ ମଧ୍ୟ ନିରାଶ ହୋଇଛନ୍ତି। ସେ ହେଉଛନ୍ତି, ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଟିମନା ପଞ୍ଚାୟତ ଗୁଠିଆପଡାର ଭାଙ୍ଗା ବାହାଲା (୭୧)। ୨୦୧୩ ଜାନୁୟାରୀ ୨୯ ତାରିଖ ଭାଙ୍ଗା ଆଧାର ପାଇଁ ନାମାଙ୍କିତ କରାଇଥିଲେ ମଧ୍ୟ କାର୍ଡ ଆସି ନ ଥିଲା । ଏହା ପରେ ୨୦୧୫ରେ ଟିମନା ପ୍ରାଥମିକ ସ୍କୁଲରେ ଫଟୋ ଉଠାଇ ନାମାଙ୍କିତ କରିଥିଲେ। ନ ହେବାରୁ ପୁଣିଥରେ ନାମାଙ୍କିତ କଲେ । ତଥାପି ଆଧାର କାର୍ଡ ନ ଆସିବାରୁ ଏକମା ଗ୍ରାମରେ ମଧ୍ୟ ୨ଥର କରାଇଥିଲେ। ଏଥିରେ ମଧ୍ୟ ନିରାଶ ହେବାକୁ ପଡିବାରୁ କୁତ୍ରାର ଏକ ଦୋକାନରେ ଆଧାର ଏନରୋଲ୍ମ କରାଯାଉଥିବା ଶୁଣି ସେଠାକୁ ଯାଇ ଦେଢ଼ଶହ ଟଙ୍କା ଦେଇ ଫଟୋ ଉଠାଇ ନାମାଙ୍କିତ କରିଥିଲେ। ନ ହେବାରୁ ଦୋକାନୀଙ୍କ ପରାମର୍ଶକ୍ରମେ ଦ୍ୱିତୀୟ ଥର ଦେଢ଼ ଶହ ଟଙ୍କା ଦେଇ କରାଇଥିଲେ । ଏହାସତ୍ତ୍ୱେ ଆଧାର କାର୍ଡ ନ ଆସିବାରୁ ରାଜଗାଙ୍ଗପୁର ଲିପଲୋଇର ଏକ ଦୋକାନଠାରେ ଦେଢ଼ ଶହ ଟଙ୍କା ଦେଇ କରାଇଥିଲେ । ୬ବର୍ଷ ହେଲା ବିଭିନ୍ନ ସ୍ଥାନରେ ଫଟୋ ଉଠାଇ ନାମାଙ୍କିତ କରିଥିଲେ ମଧ୍ୟ ନ ହେବାରୁ ଗତ ମାସ ବଡଗାଁ ବ୍ଲକ ଅଫିସରେ ୫୦ ଟଙ୍କା ଦେଇ କରାଇଥିଲେ । ତଥାପି ବୃଦ୍ଧ ଭାଙ୍ଗା ବାହାଲାଙ୍କୁ ଏଯାଏ ଆଧାର କାର୍ଡ ମିଳିନାହିଁ । ଏ ସମ୍ପର୍କରେ ତାଙ୍କୁ ପଚାରିବାରେ ବାର୍ଦ୍ଧକ୍ୟ ଭତ୍ତା ଆଣିଲା ବେଳେ ଆଧାର କାର୍ଡ ମାଗୁଛନ୍ତି । ନହେଲେ ଭତ୍ତା କଟିଯିବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ କହୁଛନ୍ତି। ସରକାରୀ ସହାୟତାର ଘର ମଧ୍ୟ ମିଳିବ ନାହିଁ କି କୌଣସି କାମ ହେବ ନାହିଁ କହୁଥିବାରୁ ୬ବର୍ଷ ହେଲା ଆଧାର କାର୍ଡ କରିବା ପାଇଁ ଧାଁଉଛି। ଏଥିପାଇଁ ଅଢ଼େଇ ହଜାର ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି । ବୃଦ୍ଧଙ୍କ ଏହି ସମସ୍ୟା ସମ୍ପର୍କରେ ଜାଣିବା ପାଇଁ ୟୁଆଇଡିଏ ଆଧାର କଷ୍ଟମର କେୟାରକୁ ଫୋନରେ ଜଣାଇବାରେ ୨୦୧୩ ଜାନୁୟାରୀ ୨୯ରେ ତାଙ୍କ ନାମାଙ୍କିତ ହୋଇଥିଲା କହିଛନ୍ତି । ତେବେ ୬ବର୍ଷ ହେଲା ଆଧାର ନ ପାଇ ନିରାଶ ଥିବା ଭାଙ୍ଗାଙ୍କ ଭଳି ଅନେକ ବୃଦ୍ଧାବୃଦ୍ଧ ଏଭଳି ସମସ୍ୟାରେ ପଡିଥିବା ଜଣାପଡିଛି । ସରକାର ଆଧାର ବ୍ୟବସ୍ଥା କଲାପରେ ଲୋକେ କିପରି ସୁବିଧାରେ କରାଇବେ ସେଥିପ୍ରତି ସୁବ୍ୟବସ୍ଥା ନକରିବାର ପରିଣାମ ଭୋଗୁଛନ୍ତି ଗ୍ରାମୀଣ ବୃଦ୍ଧାବୃଦ୍ଧ ।



୬ବର୍ଷ ହେଲା ଆଧାର ପାଇଁ ଧାଉଁଛନ୍ତି ଟିମନା ଗ୍ରାମର ଭାଙ୍ଗା ବାହାଲା ।

## ଧନ୍ଦାମୂଳକ ତାଲିମ ଶିବିର ଉଦ୍‌ଯାପିତ

ସୁନ୍ଦରଗଡ, ୧୨।୩ (ଡି.ଏନ୍.ଏ) ଲାୟନ୍ସ କ୍ଲବ ହୀରାକୁଦ ଓ ଓଡିଶା ଶିଳ୍ପ ତାଲିମ କ୍ଲବ କିରେଇ ସୁନ୍ଦରଗଡ ଆନୁକୂଲ୍ୟରେ ସଦର ବ୍ଲକ ବାରଗାଡ ଗ୍ରାମପଞ୍ଚାୟତଠାରେ ଗତ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ବେକାର ଯୁବତୀ, ଯୁବକଙ୍କ ଆତ୍ମନିଯୁକ୍ତି ସକାଶେ ଚାଲିଥିବା ୩ଦିନିଆଁ ଧନ୍ଦାମୂଳକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶିକ୍ଷିତ ବେକାର ଯୁବକମାନଙ୍କୁ ଫ୍ୟାନ୍, କୁଲର, ମୋଟର ବାଇଡିଙ୍ଗ ଓ ଅନ୍ୟାନ୍ୟ ଘରୋଇ ବିଦ୍ୟୁତ୍ ସାମଗ୍ରୀ ମରାମତି ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁ ମୁଖ୍ୟ ଅତିଥି, ଜ୍ୟୋତିଷ ବିଦ୍ଧାଣୀ, ମହେଶ୍ୱର ଆଚାର୍ଯ୍ୟ, କୁଲଟା ଗ୍ରାମପଞ୍ଚାୟତର ସରପଞ୍ଚ ରେଣୁବାଳା ସା, ବାରଗାଡ ସରପଞ୍ଚ କପିଳେଶ୍ୱର ଧମେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦଯାପନୀ ଦିବସରେ ଇବ୍ ଆଇଟିସିର ଅଧ୍ୟକ୍ଷ ସୁଜିତ୍ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମନିଯୁକ୍ତି ସମ୍ପର୍କରେ ବୁଝାଇଥିଲେ। ତାଲିମ ଶିବିରରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ଓଡିଶା ଶିଳ୍ପ ତାଲିମ କ୍ଲବର ସରୋଜ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବାଲିଯୋରିସ୍ଥିତ ଇବ ଆଇଟିସିର ପ୍ରଶିକ୍ଷକ ହର୍ଷବର୍ଦ୍ଧନ ନାଏକଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଶିବିରକୁ କ୍ଲବର ସମ୍ପାଦକ ବିନୟ କୁମାର ନାଏକ, ମାନସ ଜେନା ପରିଚାଳନାରେ ସହଯୋଗ କରିଥିଲେ।




ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଉଛି।

## ସ୍ୱାମୀଙ୍କ କାଠଫାଳିଆ ମାଡରେ ସ୍ତ୍ରୀ ମୃତ

ଲହୁଣୀପଡା, ୧୨।୩ (ଡି.ଏନ.ଏ) ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଶଶ୍ୟକଳା ପଞ୍ଚାୟତ ଶଶ୍ୟକଳା ଗ୍ରାମ ମଝିସାହିରେ ରୋଷେଇ ନ କରିବାରୁ ସ୍ୱାମୀଙ୍କ କାଠଫାଳିଆ ମାଡରେ ସ୍ତ୍ରୀ ରକ୍ତାକ୍ତ ହେବା ଏବଂ ଚିକିତ୍ସା ନ କରିବାରୁ ଗୋଟାଏ ଦିନ ପରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ମଝିସାହିରେ ଦିନୁ ମୁଣ୍ଡା (୨୭) ଏବଂ ତାଙ୍କ ପରିବାର ରହନ୍ତି। ରବିବାର ସନ୍ଧ୍ୟାରେ ଦିନୁ ମଦ୍ୟପାନ କରି ଘରକୁ ଆସିଥିଲେ। ସ୍ତ୍ରୀ କୁନ୍ତୁରୀ (୨୫)ଙ୍କୁ ରୋଷେଇ କରିବାକୁ କହିଥିଲେ। ସେ ମନା କରିଥିଲେ। ଫଳରେ ଦିନୁ ରାଗିଯାଇ ଏକ କାଠଫାଳିଆରେ କୁନ୍ତୁରୀଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସେ ତଳେ ପଡିଯାଇଥିଲେ। କିନ୍ତୁ କୁନ୍ତୁରୀଙ୍କ ଅବସ୍ଥା ଗୁରୁତର ଦେଖି ଦିନୁ ଚୁପଚାପ ରହିଯାଇଥିଲେ। ରବିବାର ସନ୍ଧ୍ୟାରେ ଘଟଣା ହୋଇଥିବା ବେଳେ ଦିନୁ କାହାକୁ କହି ନ ଥିଲେ। ରକ୍ତାକ୍ତ ଅବସ୍ଥାରେ କୁନ୍ତୁରୀ ଘରେ ପଡି ରହିଥିଲେ। ସୋମବାର ସନ୍ଧ୍ୟାରେ କୁନ୍ତୁରୀ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ପଡିଶା ଲୋକମାନେ ଖବରପାଇ ମଙ୍ଗଳବାର ପୋଲିସକୁ ସୂଚନା ଦେଇଥିଲେ। ଲହୁଣୀପଡା ପୋଲିସ ସହିତ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଆଲୋକ କୁମାର ଦେହୁରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଦିନୁ ମୁଣ୍ଡାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଥିବା ଜଣାଯାଇଛି।

## ଭାରତ ସ୍କାଉଟ, ଗାଇଡ ରାଜ୍ୟ ପୁରସ୍କାର ଟେଷ୍ଟ



ସ୍କାଉଟ ଗାଇଡ ପରୀକ୍ଷାର୍ଥୀ ।


**ବଡଗାଁ, ୧୨।୩ (ଡି.ଏନ.ଏ)** ସୁନ୍ଦରଗଡ ଜିଲା ବଡଗାଁ ମହାବୀର ଛକ ନିକଟ ସରକାରୀ ସରବତୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୁନ୍ଦରଗଡ ଜିଲା ସ୍କାଉଟ, ଗାଇଡର ରାଜ୍ୟ ପୁରସ୍କାର ପରୀକ୍ଷା (ଟେଷ୍ଟ) ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖ ସମ୍ପୂର୍ଣ୍ଣ ହେବ । ଜିଲା ସ୍କାଉଟ ଗାଇଡର କମିଶନର ରଞ୍ଜନ କୁମାର ଗିରି, ଜିଲା ସମ୍ପାଦକ ବିଦ୍ୟାଧର ପ୍ରଧାନ ଅତିଥି ଭାବେ ଯୋଗଦେଇ ରାଜ୍ୟ ପୁରସ୍କାର ପରୀକ୍ଷା ଶୁଭାରମ୍ଭ କରିଥିଲେ। ସ୍କାଉଟ ଗାଇଡ କର୍ମକର୍ତ୍ତା ବିଭୀଷଣ ବାରିକ, ଟ୍ରେନିଂ କମିଶନର ଜନସନ ଖାଖାଙ୍କ ସହିତ ସୁଷମ ପଟେଲ, ଶୈଳେନ୍ଦ୍ରି ପଟେଲ ଓ ଭୁବନେଶ୍ୱରର ସାଧନ କର୍ମୀ ଚନ୍ଦନ କୁମାର ଦାଶ ପରୀକ୍ଷା ପରିଚାଳନା ଦାୟୀତ୍ୱ ତୁଲାଇଛନ୍ତି । ଜିଲାର ବିଭିନ୍ନ ବିଦ୍ୟାଳୟର ୧୮୩ ଜଣ ଗାଇଡ ଏବଂ ୧୮୧ ଜଣ ସ୍କାଉଟ କେଡେଟ ପରୀକ୍ଷାରେ ଅଂଶ ଗ୍ରହଣ କରିଛନ୍ତି । ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ୨୩ ତାରିଖ ରାଜଭବନ, ଭୁବନେଶ୍ୱରରେ ରାଜ୍ୟପାଳଙ୍କଠାରୁ ସାର୍ଟିଫିକେଟ ପାଇବେ ।

## ଜିଲାଶିକ୍ଷା ଅଧିକାରୀଙ୍କ ନୂଆଗାଁ ବ୍ଲକ ପରିଦର୍ଶନ

**ନୂଆଗାଁ, ୧୨।୩ (ଡି.ଏନ.ଏ)** ଜିଲା ଶିକ୍ଷା ଅଧିକାରୀ ରଞ୍ଜନ ଗିରି ନୂଆଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟସ୍ତରରେ ଶିକ୍ଷାଦାନ ପ୍ରକ୍ରିୟା ଗୁଣାତ୍ମକ ଶିକ୍ଷାରମାନ, ବିଦ୍ୟାଳୟର ଭିତ୍ତିଭୂମି, ସର୍ବନିମ୍ନ ସୁବିଧା ସୁଯୋଗ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହଭାଗିତା, ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ, ଉଜ୍ଜଳ ଉତଥାନ୍‌ର ଅରଗତି ଇତ୍ୟାଦି ନିରୀକ୍ଷଣ କରିଥିଲେ। ସେ ତାଙ୍କର ସ୍କୁଲ ମନିଟରିଂ ପାଇଁ ସୋରଡା କ୍ଲଷ୍ଟର ଅନ୍ତର୍ଗତ ବାରିବେଡା ପ୍ରାଥମିକ ବିଦ୍ୟାଳୟ, ସିମାନଟୋଲି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଲକୁଡୁଟୋଲି ପ୍ରାଥମିକ ବିଦ୍ୟାଳୟ, ସୋରଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନୂଆଗାଁ କ୍ଲଷ୍ଟର ଅନ୍ତର୍ଗତ କାରିମାଟି ପ୍ରାଥମିକ ବିଦ୍ୟାଳୟ ତଦାରଖ କରିଥିଲେ। ସେଥି ମଧ୍ୟରୁ ସେ ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟକାରିତା ଏବଂ ଉପଲବ୍ଧତା ଉପରେ ସନ୍ତୋଷ ପ୍ରକଟ କରିଥିଲେ। ବାରିବେଡା ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ବୁଝି ଅସନ୍ତୋଷ ପ୍ରକଟ କରିଥିଲେ। ସେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅହେତୁକ ଭାବରେ ନିଜ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ଏବଂ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଯତ୍ନବାନ ନ ହେବାରୁ ତାଙ୍କ ଦରମା ବନ୍ଦ କଠୋର କାର୍ଯ୍ୟାନୁଷ୍ଠାନ ହେବା ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ବିଦ୍ୟାଳୟ ଗୁଡିକ ମନିଟରିଂ କରିଲା ପରେ ଜିଲା ଶିକ୍ଷା ଅଧିକାରୀ ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ, ସିଆରସିସି ଏବଂ ବ୍ଲକ ଶିକ୍ଷା କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ। ଜିଲାଶିକ୍ଷା ଅଧିକାରୀଙ୍କ ସ୍କୁଲ ପରିଦର୍ଶନ ସମୟରେ ବ୍ଲକଶିକ୍ଷା ଅଧିକାରୀ ନୂଆଗାଁ ସସ୍ମିତା ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନୂତନଭାବରେ କାର୍ଯ୍ୟରେ ଯୋଗଦେଇଥିବା ଇବିଇଓ ମନ୍ମଥ କୁମାର ମଣ୍ଡାଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ସ୍ୱାଗତ କାର୍ଯ୍ୟକ୍ରମକୁ ସୋରଡା ସିଆରସିସି ମଙ୍ଗଳ କେର୍କେଟା ପରିଚାଳନା କରିଥିଲେ। କାଶିନାଥ ନବୀ ଧନ୍ୟବାଦ ଅର୍ପଣ କରିଥିଲେ।




ପରିଦର୍ଶନ ସମୟରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ ଗିରି ଓ ଅନ୍ୟମାନେ।



ତୁମେ ନିଜେ ଯେଭଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।

- ସ୍ୱାମୀ ଶିବାନନ୍ଦ ସରସ୍ୱତୀ

**ସଂକ୍ଷେପରେ**

## ସପ୍ତାହରେ ୬ ଦିନ ଚାଲିବ ରାଜ୍ୟରାଣୀ ଏକ୍ସପ୍ରେସ

ଝାରସୁଗୁଡ଼ା ଅଫିସ,୧୨।୩

ପଶ୍ଚିମ ଓଡ଼ିଶାରୁ ଦୈନନ୍ଦିନ ରାଜଧାନୀ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଖୁସି ଖବର। ରାଉରକେଲା-ଗୁଣପୁର ଯାଉଥିବା ରାଜ୍ୟରାଣୀ ଏକ୍ସପ୍ରେସ୍ ଏଣିକି ସପ୍ତାହରେ ୬ଦିନ ଯାତାୟତ କରିବ। ପୂର୍ବରୁ ଏହା ସପ୍ତାହରେ ମାତ୍ର ୩ ଦିନ ଯାତାୟତ କରୁଥିଲା। ଯାତ୍ରୀଙ୍କ ଦାବି ଏବଂ ପଶ୍ଚିମ ଓଡ଼ିଶାବାସୀଙ୍କ ଦାବିକୁ ରକ୍ଷା କରି ରେଳବାଇ ବୋର୍ଡ ଏହି ନିଷ୍ପତ୍ତି ନେଇଛି। ମାର୍ଚ୍ଚ ୧୩ ତାରିଖ ବୁଧବାରଠାରୁ ରାଉରକେଲା ପଟୁ ଏବଂ ୧୪ ତାରିଖଠାରୁ ଗୁଣପୁର ପଟୁ ଏହି ନୂତନ ଯାତ୍ରାସୂଚୀ ଲାଗୁ ହେବ। ଏ ନେଇ ଦକ୍ଷିଣ-ପୂର୍ବ ରେଳପଥର ମୁଖ୍ୟ ଯାତ୍ରୀ ନିର୍ବାହୀ ପ୍ରବନ୍ଧକ ସୂଚନା ଦେଇଛନ୍ତି।

ଏହି ଏକ୍ସପ୍ରେସ୍ ଟ୍ରେନ୍‌ର ନୂତନ ଯାତ୍ରାସୂଚୀ ଧାର୍ଯ୍ୟ ଲୋକଙ୍କୁ ଉତ୍ସାହିତ କରିଛି। କାରଣ ଦୈନନ୍ଦିନ ରାଜଧାନୀ ଯାତ୍ରା ପାଇଁ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏବଂ ହଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ ଉପରେ ଲୋକ ନିର୍ଭର କରୁଥିଲେ। ଏହି ଦୁଇଟି ଟ୍ରେନ୍ ଯାତାୟତ ସତ୍ତ୍ୱେ ଲୋକ ଟିକଟ୍ ପାଇବାରୁ ବଞ୍ଚିତ ହେଉଥିଲେ। ତେଣୁ ରାଜ୍ୟରାଣୀ ଏକ୍ସପ୍ରେସ୍‌କୁ ୩ ଦିନ ପରିବର୍ତ୍ତେ ୬ ଦିନ ଚଳାଇବାକୁ ଝାରସୁଗୁଡ଼ାର ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହେଉଥିଲା। ରେଳ ବିଭାଗର ଏହି ନିଷ୍ପତ୍ତି ଝାରସୁଗୁଡ଼ାବାସୀଙ୍କ ପାଇଁ ଖୁସି ଖବର ବୋଲି ଆଞ୍ଚଳିକ ବିକାଶ ପରିଷଦର ଆବାହକ ମନମୋହନ ପାଣ୍ଡେ, ସ୍ଥାନୀୟ ବାସିନ୍ଦା ପିଣ୍ଟୁ ପାଢ଼ୀ, ରମନ୍ନା ରାଓ ପ୍ରମୁଖ କହିଛନ୍ତି।

## ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

ରେଢ଼ାଖୋଲ,୧୨।୩(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଚାରମାଳ ଥାନା ପୋଲିସ କିସିଣ୍ଡାରେ ମଙ୍ଗଳବାର ଚଢ଼ାଉ କରି ଏକ ଚୋରା ଦେଶୀ ବନ୍ଧୁକ ଜବତ କରିଛି। ବନ୍ଧୁକ ରଖିଥିବା ମହମ୍ମଦ ବେହେରା (୨୨)ଙ୍କୁ ପୋଲିସ ଗିରଫ କରି ଏକ ମାମଲା (ନଂ. ୨୮) ରୁଜୁ କରିଛି।

ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି

# ପ୍ରତିଶ୍ରୁତି କାମରେ ପ୍ରତିଫଳନ ହେବା ଜରୁରୀ: ପିଡି

ଝାରସୁଗୁଡ଼ା ଅଫିସ,୧୨।୩

ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ମଙ୍ଗଳବାର ଜିଲା ସଂସ୍କୃତି ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ବୈଠକରେ ଯୋଗଦେଇ ସମସ୍ତ ବିଭାଗୀୟ ଅଧିକାରୀମାନେ ପୂର୍ବ ବର୍ଷ ଭଳି ସମସ୍ତ ପ୍ରକାର ସୁବିଧା କରିବେ ବୋଲି କହିଛନ୍ତି। ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଥିବାରୁ ପୂର୍ବବର୍ଷ ଅପେକ୍ଷା କୌଣସି ପ୍ରକାର ଅଧିକ ସୁବିଧାସୁଯୋଗ ମିଳିବନି। ଅତ୍ୟାବଶ୍ୟକ ସ୍ଥଳେ ନିର୍ବାଚନ କମିଶନଙ୍କ ଅନୁମତିକ୍ରମେ ଅତିରିକ୍ତ ସୁବିଧା ଉପଲବ୍ଧ କରାଯାଇପାରିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟ ନାରାରଣ ଦାଶ କହିଥିଲେ। ଏହାସହ ଗ୍ରୀଷ୍ମ ମୁକାବିଲା ପାଇଁ ଚୂଡାନ୍ତ କାର୍ଯ୍ୟ ତାଲିକା ପ୍ରସ୍ତୁତ କରି ଦୁଇଦିନ ଭିତରେ ଦାଖଲ କରିବାକୁ କୁହାଯାଇଛି। ଖରାଦିନେ ଲୋକଙ୍କୁ ସଚେତନ କରିବା, ଅଂଶୁଘାତ ମୃତ୍ୟୁ ସଂଖ୍ୟା ଶୂନ୍ କରିବା, ପଥଚାରୀ ଓ ଗୃହପାଳିତ ପଶୁଙ୍କୁ ପାଣି, ନିର୍ମାଣ ଶ୍ରମିକଙ୍କୁ ଖରାରେ କାମ କରିବାକୁ ବାରଣ କରିବା, ମଧ୍ୟାହ୍ନରେ ବସଯାତ୍ରା ବନ୍ଦ ରଖିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ପ୍ରତିବର୍ଷ ପ୍ରସ୍ତୁତି ବୈଠକରେ ସବୁ କରିବା ପାଇଁ ପ୍ରତିଶ୍ରୁତି ଦେଉଥିବା ବେଳେ ଏହାର କାମରେ ପ୍ରତିଫଳନ ହୁଏନାହିଁ। ତେଣୁ ପ୍ରତିଶ୍ରୁତି କାମରେ ପ୍ରତିଫଳନ ହେବା ଜରୁରୀ ବୋଲି ପିଡି କହିଛନ୍ତି।




ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ହୋଇଥିବା ନିଷ୍ପତ୍ତି ମୁତାବକ ଜିଲା ମୁଖ୍ୟାଳୟ, ବ୍ଲକ୍, ତହସିଲ, ମୁଖ୍ୟ ହସ୍ପିଟାଲ, ପୌର କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲିବ। କନିଷ୍ଠ ଯନ୍ତ୍ରୀମାନେ ଏହି କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ରହିବା ସହ ପିଇବା ପାଣି, ନଳକୂଅ ଖରାପ ମରାମତି ଜନିତ ସମସ୍ୟା ହେଲେ ୨୪ ଘଣ୍ଟା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟାହ୍ନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ବସ ଚଳାଚଳ ବନ୍ଦ ରଖିବା, ବସ୍‌ରେ ଓଆରଏସ୍ ଏବଂ ପାଣିର ବ୍ୟବସ୍ଥା ରଖିବାକୁ ବସ୍ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ଆରଟିଓ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ଗୃହପାଳିତ ପଶୁ ପକ୍ଷୀଙ୍କ ପାଇଁ ରାସ୍ତାକଡରେ ପାଣିକୁଣ୍ଡ ସ୍ଥାପନର ବ୍ୟବସ୍ଥା ରହିଥିଲେ ମଧ୍ୟ ଏହା କେବେ ଦେଖିବାକୁ ମିଳେନାହିଁ। ତେଣୁ ଏ ବର୍ଷ ପାଣିକୁଣ୍ଡ କରିବାକୁ ପିଡି ଦାଶ ତାଗିଦ୍ କରିଛନ୍ତି।

ନିର୍ମାଣ ଶ୍ରମିକ ୧୧ଟାରୁ ୩.୩୦ ଯାଏଁ କାମ କରିବେ ନାହିଁ। କାର୍ଯ୍ୟସ୍ଥଳରେ ଅସ୍ଥାୟୀ ସେଡ୍ ରହିବ ଏବଂ ଓଆରଏସ୍ ରଖିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ଜିଲା ଶ୍ରମ ବିଭାଗ ଅଧିକାରୀ କହିଛନ୍ତି। ସବୁଠାରୁ ଅଧିକ ଚିନ୍ତାର ବିଷୟ ହେଲା ବିଦ୍ୟୁତ କାଟ। ଏଣୁ ବିଦ୍ୟୁତ କାଟ ନ ହେବା ପାଇଁ ୱେସ୍କୋ ଅଧିକାରୀ ପ୍ରତିଶ୍ରୁତି ଦିଅନ୍ତି । କିନ୍ତୁ କେବେ ପାଳନ ହୁଏ ନାହିଁ। ଖରାଦିନେ ଘନ ଘନ ବିଦ୍ୟୁତ କାଟ ଯୋଗୁ ଲୋକ ଅତିଷ୍ଠ ହୁଅନ୍ତି। ଜିଲା ହସ୍ପିଟାଲରେ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଲେ ତହସିଲଦାର ଏବଂ ମେଡିକାଲ ଅଫିସର ୩ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପିଡି ଦାଶ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଜଳସଙ୍କଟ ଗାଁ ଗୁଡିକୁ ବିଭିନ୍ନ ଶିଳ୍ପସଂସ୍ଥା ତରଫରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ କୁହାଯାଇଛି। ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକରେ ଜିଲାସ୍ତରୀୟ ଅଧିକାରୀ ଏବଂ ଶିଳ୍ପସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ।

## ବେଲପାହାଡ଼ରେ ପାଣି ପାଇପ ବିଛାଇବା କାମରେ ଅନିୟମିତତା

ବେଲପାହାଡ଼,୧୨।୩(ଡି.ଏନ୍.ଏ.)

ଆଗାମୀ ଦିନରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳରେ ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିପାଇଁ ଏବେ ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ମାଟି ଖୋଳା ଯାଇ ପାଇପ ବିଛା ଯାଉଛି । ମାତ୍ର ଏହି ପାଇପ ବିଛାଇବା କାମ ଯୋଜନାବଦ୍ଧ ଭାବେ ହେଉନାହିଁ । ପାଇପ ବିଛା କାମ କରୁଥିବା ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ପକ୍ଷରୁ ରାସ୍ତା ପାର୍ଶ୍ୱରେ ମାଟି ଖୋଳାଯାଇ ସଙ୍ଗେସଙ୍ଗେ ପାଇପ ପୋତା ଯାଉଛି ଏବଂ ପାଇପ ପୋତା କାମ ସରିଲା ପରେ ଖୋଳା ସ୍ଥାନରେ ପୁଣି ମାଟି ଫିଲିଂ କରାଯାଉଛି । ମାତ୍ର ମାଟି ଫିଲିଂ କାମ ଠିକ ଭାବରେ କରାଯାଉ ନ ଥିବାରୁ ପାଇପ ବିଛା ଯାଇଥିବା ସ୍ଥାନରେ ମାଟି, ଗୋଡ଼ି ଓ ବଡ଼ ବଡ଼ ମେଟାଲ ପଡ଼ି ରହୁଛି । ଏଥିଯୋଗୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ମୁଖ୍ୟ ରାସ୍ତାରେ ପାଇପ ବିଛା କାମକୁ ନେଇ ଅନିୟମିତତା ଚାଲିଥିଲେ ହେଁ ଏଥିପ୍ରତି ପୌର ପରିଷଦ କିମ୍ବା ପିଏଚ୍‌ଡ଼ି ବିଭାଗ ପକ୍ଷରୁ କୌଣସି ଦିଆଯାଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ପୂର୍ବ ପରିଷଦ ସମୟରେ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ ବ୍ୟୟରେ ବେଲପାହାଡ଼ ସହରର ମୁଖ୍ୟ ରାସ୍ତାକୁ ପ୍ରଶସ୍ତୀକରଣ ସହିତ ନବୀକରଣ କରାଯାଇଥିଲା। ଏବେ ସେହି ରାସ୍ତାର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଦିଆ ନ ଯାଇ ବେପରୁଆ ପାଇପ ପୋତା କାମ ଚାଲିଛି। ଏଥିଯୋଗୁ ରାସ୍ତା କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଉଛି ଏ ସଂକ୍ରାନ୍ତରେ ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ପାଇପ ବିଛାଇବା କାମ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟାକୁ ନେଇ ପିଏଚ୍‌ଡ଼ି ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି ଏବଂ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରକାଶ କରିଛନ୍ତି।




ପାଇପ ବିଛାଇଲା ପରେ ଠିକ ଭାବରେ ମାଟି ଫିଲିଂ କରାଯାଇ ନ ଥିବାରୁ ବେଲପାହାଡ଼ ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ମାଟି ଓ ମେଟାଲ ଜମିରହିଛି।

ଭାଲୁପତ୍ରା ମଦଭାଟି ଉଚ୍ଛେଦ ଦାବିରେ ଧାରଣା ଅବ୍ୟାହତ

# ଜିଦ୍‌ରେ ଅଟଳ ମହିଳା ଗୋଷ୍ଠୀ

କିର୍ମିରା, ୧୨।୩ (ଡି.ଏନ.ଏ.)

ଭାଲୁପତ୍ରା ସ୍ଥିତ ମଦଭାଟି ସ୍ଥାନାନ୍ତର ଦାବିରେ ମହିଳାମାନେ ଫେବୃୟାରୀ ୪ ତାରିଖରୁ ଧାରଣାରେ ବସି ରହିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରାଯାଇଥିଲେ ମଧ୍ୟ ମହିଳା ମଦଭାଟି ଉଚ୍ଛେଦ ଦାବିରେ ଅଟଳ ରହିଛନ୍ତି । ପୋଲିସ ଆନ୍ଦୋଳନକୁ ଦମନ ପାଇଁ ପ୍ରୟାସ କରି ବିଫଳ ହୋଇଛି, ଯାହାର ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ଜଣେ ବରିଷ୍ଠ ପୋଲିସ ଅଫିସର ମହିଳା ଓ ଆନ୍ଦୋଳନକାରୀ ସମର୍ଥକଙ୍କୁ କଡା ଭାଷାରେ ଧମକାଇବା ସହିତ ଥାନା ଓ ଜେଲର ଧମକ ଦେଉଥିବା ଦେଖା ଯାଇଥିଲା । ଏହି ଘଟଣା ପରେ ବିଭିନ୍ନ ସ୍ୱେଚ୍ଛାସେବୀ ଏବଂ ସାମାଜିକ ସଂସ୍ଥା ଆନ୍ଦୋଳନକାରୀଙ୍କୁ ସମର୍ଥନ ଦେଇ ଧାରଣାରେ ସାମିଲ ହୋଇଛନ୍ତି । ସୋମବାର ଆଦିବାସୀ ଜନଅଧିକାର ମଞ୍ଚର ରାଷ୍ଟ୍ରୀୟ ଅଧ୍ୟକ୍ଷା ନବରଙ୍ଗପୁରର ହାରାବତୀ ଗଣ୍ଡା, ଜିଲା ନାରୀକଲ୍ୟାଣ ଅଧ୍ୟକ୍ଷା ସଞ୍ଜୁଲତା ନାଏକ ତିନି ଦିନ ହେଲା ମହିଳାଙ୍କୁ ସମର୍ଥନ ଦେଇ ଧାରଣାରେ ବସିଛନ୍ତି । ଝାରସୁଗୁଡା ଜନଜାଗରଣ ମଞ୍ଚ ମହିଳାଙ୍କ ଦାବିକୁ ପ୍ରାରମ୍ଭରୁ ସମର୍ଥନ ଦେଇ ଆସୁଥିବା ବେଳେ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ସାଢ଼େ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବେ। ତେବେ ଆନ୍ଦୋଳନକାରୀ ମହିଳା କହିଛନ୍ତି ଯେ, ଯଦି ଦାବି ପୂରଣ ନ ହେଲା ତେବେ ଆସନ୍ତା ସାଧାରଣ ନିର୍ବାଚନକୁ ମହିଳା ସଂଗଠନ ବର୍ଜନ କରିବ।



ମଦଭାଟି ଉଚ୍ଛେଦ ଦାବିରେ ମହିଳାମାନେ ଧାରଣାରେ ବସିଛନ୍ତି।

## ଆତ୍ମନିର୍ଭରଶୀଳ ପାଇଁ ମହିଳାମାନେ ତତ୍ପର

ଝାରସୁଗୁଡା ଅଫିସ, ୧୨।୩

ଝାରସୁଗୁଡା ବେଦାନ୍ତ ତରଫରୁ ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ବାଲାନ୍ସ ଫର ବେଟର ବିଷୟକୁ ନେଇ ଅନେକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ରକ୍ତଦାନ ଶିବିର, ପ୍ରତିଷ୍ଠିତ ମହିଳାଙ୍କୁ ସମ୍ବର୍ଦ୍ଧିତ, ଆର୍ଟ ଅଫ ଲିଭିଂ, ଲିଡରସିପ୍ ଭଳି କାର୍ଯ୍ୟକ୍ର କରାଯାଇ ମହିଳାଙ୍କୁ ଉତ୍ସାହିତ କରାଯାଇଥିଲା। ଆଜିର ମହିଳା ପ୍ରଗତି ଏବଂ ଆତ୍ମନିର୍ଭରଶୀଳ ପାଇଁ ତତ୍ପର ଅଛନ୍ତି। ବେଦାନ୍ତ ସେମାନଙ୍କୁ ଠିକ ମଞ୍ଚ ଦେବା ପାଇଁ ଇଚ୍ଛୁକ ବୋଲି କମ୍ପାନୀ ସିଇଓ ଅଭିଜିତ ପତି କହିଛନ୍ତି। ଠିକ ଜ୍ଞାନ ଓ ଉଚ୍ଚ ମନୋଭାବ ମହିଳାଙ୍କୁ ନିଯୁକ୍ତି ଦେଇ ଅଧିନାୟିକାରେ ରୂପାୟନ କରିବା ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଲକ୍ଷ୍ୟ ବୋଲି ପତିସ କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରୁ ୧୯୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରିତା ଅଗ୍ରୱାଲ, ପାୟଲ ପଟେଲ, ମାରିଆନା କୁଜୁର, ରମ୍ଭାବତୀ କିଶାନ, ବାସନ୍ତି କିଶାନ, ମସିତା ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ମହିଳା ଦିବସ ପାଳନ ଅବସରରେ ବେଦାନ୍ତ ଅଧିକାରୀ ଓ ମହିଳା କର୍ମଚାରୀ।

## ବେଦାନ୍ତରୁ ଫର୍ଣ୍ଣେସ୍ ଅଏଲ ଚୋରି: ୨ ଟ୍ରକ୍ ଚାଳକ ଗିରଫ

ଝାରସୁଗୁଡା ଅଫିସ,୧୨।୩

ବେଦାନ୍ତ ପାୱାର ପ୍ଲାଣ୍ଟରେ ବ୍ୟବହୃତ୍ ହେଭି ଫର୍ଣ୍ଣେସ୍ ଅଏଲ ଚୋରି ଅଭିଯୋଗରେ ବଡମାଲ ପୋଲିସ ମଙ୍ଗଳବାର ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ତହିଦ୍ ଅହମ୍ମଦ ଏବଂ ମୀରା ମହଦ୍ଦିନ୍। ପୋଲିସ ସେମାନଙ୍କଠାରୁ ୨ଟି ଟ୍ରକ୍ ଏବଂ ୯୦୦ ଲିଟର ହେଭି ଫର୍ଣ୍ଣେସ୍ ଅଏଲ ଜବତ କରିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି।

ଖବରମୁତାବକ, ବିଶାଖାପଟଣମ୍‌ର ଚାନ୍ଦ ଅଏଲ କେରିଅରର ଦୁଇଟି ଟ୍ରକ୍‌ରେ ହେଭି ଫର୍ଣ୍ଣେସ୍ ଅଏଲ ଲୋଡ କରାଯାଇଥିଲା। ଚାଳକ ତହିଦ ଅହମ୍ମଦ ଏବଂ ମୀରା ମହଦ୍ଦିନ ଗାଡି ନେଇ ବେଦାନ୍ତ ଅଭିମୁଖେ ଆସିଥିଲେ। ୧୧ ତାରିଖରେ ତହିଦ୍ ଅହମ୍ମଦ ଅଏଲ ଅନଲୋଡ କରି ଗାଡିକୁ ପ୍ଲାଣ୍ଟ ଭିତରେ ପାର୍କିଂ କରିଥିଲେ। ୧୨ ତାରିଖରେ ମୀରା ମହଦ୍ଦିନ ଗାଡି ନେଇ ପ୍ଲାଣ୍ଟ ଭିତରକୁ ପଶିଥିଲେ। ଅଏଲ ଅନଲୋଡ କରିବା ପୂର୍ବରୁ ପାର୍କିଂରେ ଛିଡା ହୋଇଥିବା ତହିଦଙ୍କ ଗାଡିକୁ ୯୦୦ ଲିଟର ଅଏଲ ଟ୍ରାନ୍ସଫର କରିଥିଲେ। ଖବର ପାଇ ବଡମାଲ ପୋଲିସ ବେଦାନ୍ତ ସୁରକ୍ଷାକର୍ମୀଙ୍କ ସହାୟତାରେ ଚୋରି ଅଏଲ, ଗାଡି ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବ ନ୍ଦ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସନରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

TARIFF
MORE SPACE • SAME PRICE


| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


* GST 5% Extra

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ନିର୍ବାଚନ ଆଚରଣବିଧି ଲାଗୁ: ହଟିଲା ବ୍ୟାନର

ବରପାଲି, ୧୨।୩ (ଡି.ଏନ.ଏ.)- ରବିବାର ନିର୍ବାଚନ ତାରିଖ ଘୋଷଣା ସହ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଫଳରେ ବରପାଲି ଅଞ୍ଚଳର ରାସ୍ତା କଡରେ ଲାଗିଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲାଗିଥିବା ହୋର୍ଡିଂ, ବ୍ୟାନର ଆଦି ଖୋଲି ଦିଆଯାଇଛି। ଏପରି କି ପ୍ରଶାସନ ପକ୍ଷରୁ ବରପାଲି ଏନ୍‌ଏସି ତତ୍ତ୍ୱାବଧାନରେ ଥିବା ସମସ୍ତ ହୋର୍ଡିଂ ଏବଂ ପୋଷ୍ଟରଗୁଡିକ ସୋମବାର ସନ୍ଧ୍ୟାରେ ହଟାଇ ଦିଆଯାଇଛି।

### ହରଭଙ୍ଗା ବାର୍ ଆସୋସିଏଶନର ନୂତନ ସଂଘ ଗଠିତ

ପଲସାଗୋରା,୧୨।୩(ଡି.ଏନ୍.ଏ.)- ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକଠାରେ ନୂତନ ବାର ଆସୋସିଏଶନ ସଂଘ ସଭାପତି ଅକ୍ଷୟ ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଭାବେ ଅକ୍ଷୟ ସାହୁ, ଉପ ସଭାପତି ଭାବେ ରବୀନ୍ଦ୍ର ପ୍ରଧାନ, ସମ୍ପାଦକ ରଞ୍ଜିତ ପ୍ରଧାନ, ସହ ସମ୍ପାଦକ ନିକୁଞ୍ଜ ମାଧବ ପ୍ରଧାନ, କୋଷାଧକ୍ଷ ଦିଲୀପ ପଲ୍ଲିଆ, ଲାଇବ୍ରେରିଆନ ସୁଶାନ୍ତ ମାଝି ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରସନ୍ନ ପ୍ରଧାନ, ରାଜ କିଶୋର ଅଗ୍ରୱାଲ, ବିଶ୍ୱଜିତ ମିଶ୍ର, କ୍ଷୀରୋଦ ପାତ୍ର, ବିକାଶ ଚନ୍ଦ୍ର ବେହେରା, ଦିଲୀପ ଧଳ ପ୍ରମୁଖ ଆସୋସିଏଶନର ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଚାରିଛକରେ ଏକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଖୋଲିବାକୁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଦାବି କରାଯାଇଥିଲା।

### ଷୋହଳ ପ୍ରହର ନାମଯଜ୍ଞ

ଝାରବନ୍ଧ,୧୨।୩ (ଡି.ଏନ.ଏ.)- ଝାରବନ୍ଧ ବ୍ଲକ ବିଲାସପୁରଠାରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଷ୍ଟିନ୍ଦା, କିଷ୍ଟା, ରେମଡା, ଛାନ୍ଦନପୁର, ବିଲାସପୁର ଓ ଧଉରାଭଟା ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଥିଲେ। କର୍ତ୍ତାଭାବେ ଅକ୍ଷୟ ପ୍ରଧାନ ଓ ତାଙ୍କ ସ୍ତ୍ରୀ ହୀରାବତୀ ପ୍ରଧାନ ପୂଜା କାର୍ଯ୍ୟ ତୁଲାଇ ଥିଲେ। ପୂଜକ ଝସକେତନ ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଗୁଣନିଧି ଏଣ୍ଡଜା, ତୁଳାରାମ ଭୋଇ, ରକ୍ମଣ ରଣା, ଫେକନ ନାଏକଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଏପରି କି ଗ୍ରାମବାସୀ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଅର୍ଣ୍ଣ ଭୋଗର ବ୍ୟବସ୍ଥା କରାଯାଇଥିଲା।

### ଭାଜପା ଛାଡ଼ିଲେ ସଞ୍ଜୁଲତା

ବରଗଡ଼ ଅଫିସ,୧୨।୩- ଆଉ ମାସକ ପରେ ସାଧାରଣ ନିର୍ବାଚନ। ଗତ ବିଜେପୁର ଉପନିର୍ବାଚନ ଭଳି ଆସନ୍ତା ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଭାଜପାକୁ ଝଟ୍‌କା ଲାଗିବା ଆରମ୍ଭ ହୋଇଯାଇଛି। ମଙ୍ଗଳବାର ବରଗଡ଼ ଜିଲା ଭାଜପା ଜିଲା ସମ୍ପାଦିକା ସଞ୍ଜୁଲତା ଶତପଥୀ ତାଙ୍କ ପଦବୀ ସମେତ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜିଲା ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏ ସମ୍ପର୍କରେ ଭାଜପାର ବରଗଡ଼ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁଙ୍କୁ ପଚାରିବାରୁ ଶାରୀରିକ ଅସୁସ୍ଥତା ଯୋଗୁ ଦଳ ପାଇଁ ସମୟ ଦେଇ ପାରୁ ନ ଥିବା ଯୋଗୁ ସଞ୍ଜଲତା ଦଳ ଛାଡୁଥିବା କହିଛନ୍ତି।

■ ଦାଦନ ଦୁଃଖ

# ଛତିଶଗଡ଼ର ଶ୍ରମିକ ବରଗଡ଼ରୁ ଉଦ୍ଧାର

ବରଗଡ଼ ଅଫିସ,୧୨।୩



ଶ୍ରମିକଙ୍କୁ ଉଦ୍ଧାର ପାଇଁ ଆସିଥିବା ସ୍ୱେଚ୍ଛାସେବୀମାନେ ବରଗଡ଼ ଜିଲାପାଳ ଅଫିସରେ ।

■ଇଟାଭାଟି ମାଲିକଙ୍କ ପାଖରେ ବନ୍ଧା ପଡ଼ିଥିଲେ
■ସ୍ୱେଚ୍ଛାସେବୀ ସଂଗଠନ, ପ୍ରଶାସନର ହସ୍ତକ୍ଷେପ
■୫ମାସ ପରେ ମୁକ୍ତ ହୋଇ ଘରକୁ ଫେରିଲେ

ବରଗଡ଼ ଜିଲାରୁ ଜିଲା ତଥା ରାଜ୍ୟ ବାହାରକୁ ଶ୍ରମିକମାନେ ଦାଦନ ଖଟିବାକୁ ଯିବା ସାଧାରଣରେ ପରିଣତ ହୋଇଛି । ଅନ୍ୟପଟେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ବରଗଡ଼ ଜିଲାକୁ ଦାଦନ ଖଟିବାକୁ ଆସି ଶ୍ରମିକମାନେ ଏଠାରେ ଜଣେ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧାପଡ଼ି ନିର୍ଯାତିତ ହେବା ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି । ଛତିଶଗଡ଼ର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ପାଖରୁ ଉଦ୍ଧାର କରାଯାଇଛି । ଉଦ୍ଧାର ପରେ ସମ୍ପୃକ୍ତ ଶ୍ରମିକମାନେ ସେମାନଙ୍କ ଘରକୁ ଫେରିଛନ୍ତି। ପ୍ରକାଶ ଯେ, ଗତ ଅକ୍ଟୋବର ମାସରୁ ଛତିଶଗଡ଼ ରାଜ୍ୟ ଚାମ୍ପା ଜାଞ୍ଜଗିର ଜିଲା ହସୌଦ ଥାନା ହରେଠୀକେଲା ଗ୍ରାମର ୫ ପରିବାରର ୧୪ଜଣ ୨ଦାଦନ ଦଲାଲଙ୍କ ପ୍ରଲୋଭନରେ ଇଟା ଗଢ଼ିବାକୁ ବରଗଡ଼ ସଦର ଥାନା ଅନ୍ତର୍ଗତ ଗୁଡ଼େଶିରା ନିକଟ ଏକ ଇଟାଭାଟିକୁ ଆସିଥିଲେ । ସେମାନଙ୍କ ମଧ୍ୟରେ ଶିବନାଥ(୪୬), ସ୍ତ୍ରୀ ଶ୍ୟାମବାଇ(୪୦), ବିନୋଦ(୨୨), ସ୍ତ୍ରୀ ରାଗିଣୀ(୧୯), ରାଜକୁମର(୫୨), ସ୍ତ୍ରୀ ଗଙ୍ଗାବାଇ(୪୮), ନରେଶ(୧୮), ବଡ଼ଭାଇ ପ୍ରକାଶ(୨୫), ପ୍ରକାଶଙ୍କ ସ୍ତ୍ରୀ ପୂଜା(୨୧), ଶିଶୁକନ୍ୟା ପିଙ୍କି(୧), ବିକ୍ରମ(୩୬), ସ୍ତ୍ରୀ କଞ୍ଚନ(୩୨), ଝିଅ ମଧୁ(୫), ପୁଅ ଲକ୍ଷ୍ମଣ(୨) ପ୍ରମୁଖ ରହିଥିଲେ। ତେବେ ପ୍ରତି ଏକ ହଜାର ଇଟା ଗଢ଼ିବା ବାବଦକୁ ୫୫୦ ଟଙ୍କା ଲେଖାଏଁ ଦିଆଯିବ ବୋଲି କହି ଇଟାଭାଟି ମାଲିକ ଓ ସମ୍ପୃକ୍ତ ଦଲାଲ ସେମାନଙ୍କୁ ଆଣିଥିଲେ ହେଁ ପରବର୍ତ୍ତୀ ସମୟରେ ସେହି ହାରରେ ଶ୍ରମିକମାନଙ୍କୁ ପ୍ରାପ୍ୟ ପ୍ରଦାନ କରି ନ ଥିଲେ । ପ୍ରାପ୍ୟ ମାଗିଲେ କୁଆଡ଼େ ଇଟାଭାଟି ମାଲିକ ରହିବା, ଖାଇବାରେ ବାଧା ସୃଷ୍ଟି କରି ମାନସିକ ନିର୍ଯାତନା ଦେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଏପରି କି ଶ୍ରମିକମାନେ ତାଙ୍କ ଘର ଫେରି ଯିବାନେଇ ଇଟାଭାଟି ମାଲିକଙ୍କ ନିକଟରେ କାକୁତିମିନତି ହେଲେ ମଧ ସେଠାରୁ ସେମାନଙ୍କୁ ଘରକୁ ଯିବା ପାଇଁ ମଧ୍ୟ ଛଡ଼ା ଯାଇ ନ ଥିଲା । ତେବେ କୌଶଳ କ୍ରମେ ବନ୍ଧା ପଡ଼ିଥିବା ଶ୍ରମିକଙ୍କ ମଧ୍ୟରୁ ଜଣେ ଖସି ଆସି ଘରକୁ ଯାଇଥିଲେ। ସେଠାରେ ଏକ ସ୍ୱେଚ୍ଛାସେବୀ ସଂଗଠନ ଜନ ଜାଗରଣ ମଜଦୁର ଅଧିକାର ମଞ୍ଚ ଓ ଜନ ଜାଗୃତି କେନ୍ଦ୍ରକୁ ଘଟଣା ସମ୍ପର୍କରେ କହିଥିଲେ। ପରେ ସମ୍ପୃକ୍ତ ସଂଗଠନର ସ୍ୱେଚ୍ଛାସେବୀ ବିମଳା ମହାନ୍ତି, ଖେମଲାଲ ଖଟାଜୀ, ମନୀଷା କୁଅଁର, ରାଜେଶ ଲହରା ପ୍ରମୁଖ ସେଠାକାର ପ୍ରଶାସନକୁ ଅବଗତ କରିବା ସହିତ ମଙ୍ଗଳବାର ବରଗଡ଼ ଆସି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟିଥିଲେ। ପ୍ରଶାସନ ପକ୍ଷରୁ ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଶ୍ରମିକମାନେ ସ୍ୱେଚ୍ଛାସେବୀଙ୍କ ଗହଣରେ ଘରକୁ ଫେରିଥିଲେ।

### ୧୪ରୁ କଣ୍ଟାମାଳରେ ଭାଗବତ ପାରାୟଣ, ପ୍ରବଚନ

ପଲସାଗୋରା,୧୨।୩(ଡି.ଏନ୍.ଏ.)- ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ରାମ ଚରିତ ମାନସ ଭକ୍ତବୃନ୍ଦଙ୍କ ଦ୍ୱାରା କଣ୍ଟାମାଳ ବ୍ଲକ ଦୁର୍ଗାପୂଜା ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଦ୍ୱାଦଶ ସ୍କନ୍ଦ ଭାଗବତ ପାରାୟଣ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ୧୦ ଦିନ ଧରି ହେବାକୁ ଥିବା ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ଫାଲ୍‌ଗୁନ ଶୁକ୍ଲପକ୍ଷ ଅଷ୍ଟମୀ ୧୪ତାରିଖରୁ ଆରମ୍ଭ ହୋଇ ୨୩ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟ ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ୧୪ତାରିଖ ସକାଳ ୭ଟାରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ୧୦ଟାରୁ ୨ଟା ପର୍ଯ୍ୟନ୍ତ ପାରାୟଣ ଏବଂ ସନ୍ଧ୍ୟା ସାଢେ ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଦ୍ୱାଦଶ ସ୍କନ୍ଦ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ପ୍ରବଚକ ଭାବେ ମାନସ କଳ୍ପତରୁ ପଣ୍ଡିତ, ଉମାକାନ୍ତ ମହାପାତ୍ର ପ୍ରବଚନ ଦେବା ନେଇ ସ୍ଥିରୀକୃତ ହୋଇଛି। ସେହିପରି ସୋନପୁର ଜିଲା ତେଲେଣ୍ଡାର ଗୋବର୍ଦ୍ଧନ ମିଶ୍ର, ଅଇଁଲାସାରିର ଶୁଭମ ପାଣିଗ୍ରାହୀ ପ୍ରମୁଖ ବ୍ୟାସ ଭାବେ ଯୋଗଦେବେ ବୋଲି ଆୟୋଜକ ପକ୍ଷରୁ ସମ୍ପାଦକ ଦାମୋଦର ସ୍ୱାଇଁ ପ୍ରକାଶ କରିଛନ୍ତି। ୧୦ ଦିନ ଧରି ହେବାକୁ ଥିବା ଏହି ପ୍ରବଚନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ କରିବାକୁ ଆୟୋଜକଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ: ଚାଳକ ଗିରଫ

ବୌଦ୍ଧ/ପୁରୁଣାକଟକ,୧୨।୩ (ସ୍ୱ.ପ୍ର./ଡି.ଏନ୍.ଏ.)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ୫୭ ଜାତୀୟ ରାଜପଥ ଆଡେଣିଗଡ଼ ଫାଣ୍ଡି ସମ୍ମୁଖରେ ମଙ୍ଗଳବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଘମାରୀ ଗ୍ରାମର ଶ୍ୟାମଘନ ନାଏକ (୬୫)। ମିଳିଥିବା ସୂଚନା ମୁତାବକ କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ଦେବାଶିଷ ନାୟକ(୧୯) ଏକ ବାଇକ୍ ଯୋଗେ ପୁରୁଣାକଟକର ଶରଧାପୁର ଗ୍ରାମକୁ ଆସୁଥିଲେ। ଆଡେଣିଗଡ଼ ଫାଣ୍ଡି ସମ୍ମୁଖରେ ଦେବାଶିଷ ବାଇକ୍‌ରୁ ଭାରସାମ୍ୟ ହରାଇ ରାସ୍ତାରେ ଶ୍ୟାମଘନଙ୍କୁ ଧକ୍କା ଦେଇଥିଲେ। ଫଳରେ ଶ୍ୟାମଘନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୁରୁଣାକଟକ ପୋଲିସ ଏକ ମାମଲା(ନଂ.୪୧/୧୯) ରୁଜୁ କରି ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରିବା ସହିତ ଚାଳକକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ୪ ଦିନ ହେଲା ଜଳ ଯୋଗାଣ ବନ୍ଦ

ପୁରୁଣାକଟକ ,୧୨।୩ (ଡି.ଏନ.ଏ.)

**ପାଣି ପାଇଁ ଲୋକେ ଡହଳବିକଳ**

ବୌଦ୍ଧ ଜିଲା ପୁରୁଣାକଟକରେ ୪ ଦିନ ହେଲା ଜଳଯୋଗାଣ ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ଓ ପରିମଳ ବିଭାଗ ପକ୍ଷରୁ ପୁରୁଣାକଟରେ ପାନୀୟଜଳ ଯୋଗାଇ ଦିଆଯାଉଛି। ହେଲେ ବିଭିନ୍ନ ସ୍ଥାନରେ ପାଇପ୍ ଯାଇଥିବା ବେଳେ ଏହା ମରାମତି କରା ନ ଯାଇ ଜଳଯୋଗାଣକୁ ବନ୍ଦ କରି ଦିଆଯାଇଛି। ପାଇପ୍ ପାଣି ଉପରେ ନିର୍ଭର କରୁଥିବା ପ୍ରାୟ ୩ ହଜାର ଲୋକ ପାଣି ପାଇଁ ଡହଳବିକଳ ହେଉଛନ୍ତି। ବର୍ତ୍ତମାନ ଦିନକୁ ଦିନ ତାପମାତ୍ର ବଢୁଥିବା ବେଳେ ପାନୀୟଜଳ ସମସ୍ୟା ନେଇ ଲୋକେ ଚିନ୍ତାରେ ପଡିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି କାଲସାଏଙ୍କୁ ପଚାରିବାରୁ ଖୁବ ଶୀଘ୍ର ପାଇପ୍ ମରାମତି କରି ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ।

# ଜଳାଶୟ ପୋତୁଛନ୍ତି କାରଖାନା କର୍ତ୍ତୃପକ୍ଷ

ବରଗଡ଼ ଅଫିସ,୧୨।୩



ଜିଲାପାଳଙ୍କୁ ଫେରାଦ ହୋଇଥିବା ଜନ ପ୍ରତିନିଧିମାନେ ।

■କାରଖାନା କର୍ତ୍ତୃପକ୍ଷଙ୍କ ସର୍ତ୍ତ ଖିଲାପ
■ଜିଲାପାଳଙ୍କୁ ଜନ ପ୍ରତିନିଧି ଫେରାଦ
■ପୁନରୁଦ୍ଧାର ପାଇଁ ନିବେଦନ

ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା ସିମେଣ୍ଟନଗର ନିକଟ ଏକ ଜଳାଶୟ ପିପିଲିପାଲି କଁଟାକୁ ମାଟି ପକାଇ ପୋତି ଦେଉଥିବା ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ସରପଞ୍ଚ ଶରଦ କୁମାର ଅଦାବର, ଜିଲା ପରିଷଦ ସଭ୍ୟ ଶଙ୍କର ଖାଲକୋ ପ୍ରମୁଖ ବରଗଡ଼ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଏପରି କି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି କାରଖାନା କର୍ତ୍ତୃପକ୍ଷଙ୍କ ବେଆଇନ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ। ପ୍ରକାଶ ଯେ, ଉକ୍ତ ଜଳାଶୟକୁ ପୂର୍ବରୁ ଲିଜ୍ ସୂତ୍ରରେ କାରଖାନାକୁ ଦିଆଯାଇଥିଲା। ଲିଜ୍ ପରେ କାରଖାନା କର୍ତ୍ତୃପକ୍ଷ ଉକ୍ତ ଜଳାଶୟର ରକ୍ଷଣାବେକ୍ଷଣ ସହିତ ବୋଲି ସର୍ତ୍ତ ରଖାଯାଇଥିଲା। କେବଳ ପାଣି ବ୍ୟବହାର କରିବେ ସେହିପରି ଜନ ସାଧାରଣ ସ୍ନାନ, ଚାଷ ଓ ନିତ୍ୟ ବ୍ୟବହାର୍ଯ୍ୟ କାମ ପାଇଁ ଜଳାଶୟ ପାଣି ବ୍ୟବହାର କରି ପାରିବେ ବୋଲି ସେହି ସର୍ତ୍ତରେ ଉଲ୍ଲେଖିତ ରହିଥିଲା। ମାତ୍ର କାରଖାନା କର୍ତ୍ତୃପକ୍ଷ ସର୍ତ୍ତ ଉଲ୍ଲଂଘନ କରି ଜଳାଶୟକୁ ପୋତି ଦେଉଥିବା ସ୍ଥାନୀୟ ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଫଳରେ ଜଳାଶୟର ପୁନରୁଦ୍ଧାର ସହିତ କାରଖାନା କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ନେବାକୁ ଜନପ୍ରତିନିଧି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ଗଞ୍ଜେଇ ଚାଲାଣ: ମହିଳା ଗିରଫ

ବୌଦ୍ଧ,୧୨।୩(ସ୍ୱ.ପ୍ର.)

ଗଞ୍ଜେଇ ଚାଲାଣ ଅଭିଯୋଗରେ ବୌଦ୍ଧ ଅବକାରୀ ବିଭାଗ ମଙ୍ଗଳବାର ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ପୁରୁଣାକଟକ ଥାନା ଅଧୀନ ଗାଡିମୁଣ୍ଡା ଗ୍ରାମର ଇନ୍ଦୁ ବେହେରା (୬୫)। ମିଳିଥିବା ସୂଚନା ମୁତାବକ, ଇନ୍ଦୁ କନ୍ଧମାଳ ଜିଲା ସୁଡୁକୁମ୍ପାରୁ ଗଞ୍ଜେଇ ଧରି ଏକ ସରକାରୀ ଯାତ୍ରୀବାହୀ ବସ୍‌ରେ ଅନୁଗୋଳ ଯାଉଥିବା ବୌଦ୍ଧ ଅବକାରୀ ବିଭାଗକୁ ଖବର ମିଳିଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଖବରପାଇ ବୌଦ୍ଧ ସହରର ବୁଟୁପାଲିଠାରେ ବସ୍‌କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଅଧିକାରୀମାନେ ଇନ୍ଦୁଙ୍କ ନିକଟରୁ ୫ କେଜି ୩୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲେ। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଇନ୍ଦୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଭାଜପାର ସଂକଳ୍ପ ଅଭିଯାନ

ଜାମଟିକ୍ରା, ୧୨।୩ (ଡି.ଏନ.ଏ)



ଭାଜପା ସଂକଳ୍ପ ଅଭିଯାନରେ ସାମିଲ ହୋଇଥିବା କର୍ମକର୍ତ୍ତା।

ଅତାବିରା ସାପ୍ତାହିକ ବଜାର ପ୍ରାଙ୍ଗଣରେ ସୋମବାର ଭାଜପା ପକ୍ଷରୁ ସଂକଳ୍ପ ଅଭିଯାନ ଆରମ୍ଭ ହୋଇଯାଇଛି । ଏଥିରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଶୋକ ପଣ୍ଡା, ଲୋକସଭା ପ୍ରଭାରୀ ସୀମାଞ୍ଚଳ ଖଟାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରବୀନ୍ଦ୍ର ନାୟକ, ପୂର୍ବତନ ଭଟଲି ବିଧାୟକ କୁମର ବେହେରା, ଉର୍ଦ୍ଦୁଲୁ ତାଣ୍ଡି, କେ. ସରସ୍ୱତୀ, କ୍ଷୀରେଶ୍ୱର ସ୍ୱାଇଁ, କୁଶ କୁମ୍ଭାର, ଅଭିଯାନ ପ୍ରଭାରୀ ବିପିନ ଭୋସାଗର ପ୍ରମୁଖ ଉପସ୍ଥିତ ରହି ଭାଜପା ସଂକଳ୍ପ ଅଭିଯାନକୁ ସଫଳ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

### ଶହୀଦ ସ୍ମୃତି ନାଇଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ମହୁଲପାଲି ଦଳ ଚାମ୍ପିୟନ

ପଦ୍ମପୁର,୧୨।୩ (ଡି.ଏନ.ଏ)





ଅତିଥିଙ୍କ ସହ ଖେଳାଳିମାନେ।

ପୁଲୱାମାରେ ଶହୀଦ ଯବାନଙ୍କ ସ୍ମୃତିରେ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ପ୍ରଥମ ଶହୀଦ ସ୍ମୃତି ନାଇଟ କ୍ରିକେଟ ପ୍ରତିଯୋଗୀତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ ସାହୁ ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ୪୦ଟି ଦଳ ଭାଗ ନେଇଥିବା ବେଳେ ମହୁଲପାଲି ଏବଂ ଭୁତମୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଭୁତମୁଣ୍ଡା ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪୫ ରନ୍ କରିଥିଲେ । ମହୁଲପାଲି ଦଳ ୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ୮ଟି ବଲ୍ ବାକି ଥାଇ ହାସଲ କରି ଚାମ୍ପିୟନ ହୋଇଥିଲା। ମହୁଲପାଲି ଦଳର ବିପ୍ଳବ ମ୍ୟାଚ ଅଫ୍ ଦି ଫାଇନାଲ, ମହୁଲପାଲି ଦଳର ପ୍ରଶାନ୍ତ ସାହୁ ବ୍ୟାଟ୍ସମ୍ୟାନ ଅଫ୍ ଦି ପ୍ରତିଯୋଗିତା, ମହୁଲପାଲି ଦଳର ରଜତ ପ୍ରତିଯୋଗିତାର ଶ୍ରେଷ୍ଠ ବୋଲର, ଭୁତମୁଣ୍ଡାର ସୋମୁ ଶ୍ରେଷ୍ଠ ଫିଲ୍ଡର, ମହୁଲପାଲି ଦଳର ପ୍ରଶାନ୍ତ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ସଭାପତି ପ୍ରମୋଦ ମେହେର, ଉପସଭାପତି ହିତେଶ ଅଗ୍ରୱାଲ, ସମ୍ପାଦକ କୁନାଲ ପାଣିଗ୍ରାହୀ, କୋଷାଧକ୍ଷ ନରେଶ ସୁନ୍ଦର ସାହୁ, ପ୍ରିତେଶ ବୋହିଦାର, ଅଶୋକ ମିଶ୍ର, ସୁନୀଲ ଅଗ୍ରୱାଲ, ନାରାୟଣ ପୁରୋହିତ, ଅଜନ ପଧାନ, ମନିସ ରଥ, ସୁବାସ ପାତ୍ର, ନାରାୟଣ ପୁରୋହିତ, ରସପାଲ ସିଂ, ଅରବିନ୍ଦ ପାଣିଗ୍ରାହୀ, ନବକିଶୋର କଣ୍ଟା, ଅଭିପ୍ରୀତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

### କେଉଟବେର୍ଣ୍ଣୀ ଗ୍ରାମ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ଭାଗଚାଷକୁ ନେଇ କରିଥିଲେ ହତ୍ୟା

ନାକଟିଦେଉଳ,୧୨।୩(ଡି.ଏନ୍.ଏ.)



ଅଭିଯୁକ୍ତ ମଟି ସାହୁ।

**ଅଭିଯୁକ୍ତ ଗିରଫ, ଟାଙ୍ଗିଆ ଜବତ**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସାଲେଭଟା ପଞ୍ଚାୟତ କେଉଟବେର୍ଣ୍ଣୀ ଗ୍ରାମରେ ଗତ ୭ ତାରିଖ ରାତିରେ ଘଟିଥିବା ବନମାଳୀ ରାଉତ ହତ୍ୟାକାଣ୍ଡ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଅଭିଯୁକ୍ତ ସେହି ଗ୍ରାମର ମଟି ସାହୁ (୨୮)ଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ୩୦୨ ଦଫାରେ ମାମଲା ରୁଜୁ କରାଯାଇ ମଙ୍ଗଳବାର ତାଙ୍କୁ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଇସ୍ମାଇଲ ଏକ୍କା ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଉଦ୍ଧବ ମାଝିଙ୍କ ଜମିରେ ଭାଗଚାଷକୁ କେନ୍ଦ୍ରକରି ମଟି ଏବଂ ବନମାଳୀଙ୍କ ପରିବାର ମଧ୍ୟରେ ଦୀର୍ଘ ୧୦ବର୍ଷରୁ ଅଧିକ ସମୟ ହେଲା ବିବାଦ ଲାଗି ରହିଥିଲା। ୨୦୦୮ରେ ବନମାଳୀ ମଟିଙ୍କ ବାପାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିଲା। ବନମାଳୀ ଅନେକ ଥର ମଟିଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଆସୁଥିଲେ। ଗତ ୭ ତାରିଖ ରାତି ପ୍ରାୟ ସାଢ଼େ ୭ଟାରେ ବନମାଳୀ ଗ୍ରାମ ନିକଟ ଏକ ଢାବାରୁ ସାଇକେଲ ଧରି ଚାଲିଚାଲି ଘରକୁ ଫେରୁଥିବା ବେଳେ ମଟିଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏହି ସମୟରେ ଗାଁ ସ୍କୁଲ ସାମନା ରାସ୍ତାରେ ମଟି ପହଞ୍ଚି ଆଖପାଖରେ କେହି ନ ଥିବାର ସୁଯୋଗ ନେଇ ଏକ ଟାଙ୍ଗିଆରେ ବନମାଳୀଙ୍କ ମୁଣ୍ଡକୁ ୩ରୁ ୪ ଥର ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ବନମାଳୀଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ବନମାଳୀଙ୍କ ପୁତୁରା ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୨୪/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ହତ୍ୟାକାଣ୍ଡର ୫ଦିନ ପରେ ପୋଲିସ ତଦନ୍ତ କରି ମଟିଙ୍କୁ ଗିରଫ କରିବା ସହ ହତ୍ୟା ରହସ୍ୟ ଉନ୍ମୋଚନ କରିଛି। ହତ୍ୟାକାଣ୍ଡ ପରେ ମଟି ଗାଁ ମୁଣ୍ଡରେ ଥିବା ଇନ୍ଦ୍ର ଧଳଙ୍କ ଧାନଖଳାରେ ରକ୍ତାକ୍ତ ଟାଙ୍ଗିଆକୁ ଲୁଚାଇ ଦେଇଥିଲେ। ପୋଲିସ ସେଠାରୁ ଉକ୍ତ ଟାଙ୍ଗିଆ ଜବତ କରିଛି।